# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ ୧୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 11/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 165 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ ୧୧/୨୦୨୫ | Bhubaneswar, Sunday, May 11/2025 | ପୃଷ୍ଠା-୧




ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଜମ୍ମୁର ଆବାସିକ କୋଠାଗୁଡ଼ିକ ଶୁକ୍ରବାର ରାତିରେ କ୍ଷତିଗ୍ରସ୍ତ ହୋଇଛି।

# ପାକିସ୍ତାନକୁ ସମର୍ଥନ ଜାରି ରହିବ: ଚାଇନା

**ଇସ୍‌ଲାମାବାଦ,୧୦।୫(ପି.ଟି.)**

ପାକିସ୍ତାନର ସାର୍ବଭୌମତ୍ୱ, କ୍ଷେତ୍ରୀୟ ଅଖଣ୍ଡତା ଓ ଜାତୀୟ ସ୍ୱାଧୀନତା ବଜାୟ ରଖିବାରେ ଇସ୍‌ଲାମାବାଦକୁ ସମର୍ଥନ ଦେବା ଜାରି ରହିବ ବୋଲି ଶନିବାର ରାତିରେ ଚାଇନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ପାକ୍ ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାରଙ୍କ ସହ ଫୋନ୍‌ରେ ଆଲୋଚନା ବେଳେ ତାଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିବା ସେଠାକାର ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଆଲୋଚନା ବେଳେ ଡାର୍ ସାମ୍ପ୍ରତିକ ସ୍ଥିତି ଓ ପରିବର୍ତ୍ତନଶୀଳ ଘଟଣାକ୍ରମ ଉପରେ ୱାଙ୍ଗ୍‌ଙ୍କୁ ଅବଗତ କରାଇଥିଲେ। ୱାଙ୍ଗ୍ ଚାଇନାର ସବୁଦିନିଆ ରଣନୈତିକ ସହଯୋଗୀ ପାକିସ୍ତାନକୁ ସମର୍ଥନ ଜାରି ରଖିବା ନେଇ ବେଜିଂର ଆଭିମୁଖ୍ୟକୁ ପୁଣି ଦୋହରାଇଛନ୍ତି ବୋଲି ଇସ୍‌ଲାମାବାଦ ସୂତ୍ରରୁ ପ୍ରକାଶ।

# ଜମ୍ମୁରୁ ଫେରିଲେ ୧୧୪ ଓଡ଼ିଆ ଛାତ୍ରୀଛାତ୍ର

**କଟକ,୧୦।୫(କାର୍ତ୍ତିକ ସାହୁ)**

ଜମ୍ମୁସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଓଡ଼ିଶାର ୧୧୪ଜଣ ଛାତ୍ରୀଛାତ୍ର ସୁରକ୍ଷିତ ଭାବେ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରେ ୩୫ଜଣ ଛାତ୍ରୀ ଅଛନ୍ତି। ସରକାରୀ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ଜମ୍ମୁରୁ ଦିଲ୍ଲୀ ଓ ପୁଣି ଦିଲ୍ଲୀରୁ ବିଭିନ୍ନ ଟ୍ରେନ୍ ଯୋଗେ ଆସି ଓଡ଼ିଶାର ନିଜ ଅଞ୍ଚଳର ଷ୍ଟେଶନରେ ଶନିବାର ଓହ୍ଲାଇଛନ୍ତି। ପ୍ରତ୍ୟେକ ରେଳଷ୍ଟେଶନରୁ ସେମାନଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ଦ୍ୱାରା

**ଟ୍ରେନ୍ ଭିତରେ ବନ୍ଦ ଥିଲା ଲାଇଟ୍**

ନିଆଯାଇ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇ ଦିଆଯାଇଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଜମ୍ମୁରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନେଇ ସରକାରଙ୍କୁ ଜଣାଇଥିଲେ। ଏ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆର୍‌ଟିଓମାନଙ୍କୁ ୮ ତାରିଖ ସନ୍ଧ୍ୟାରେ ☞ପୃଷ୍ଠା-୨




# ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

- ପରସ୍ପର ବିରୋଧରେ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ୨ ଦେଶ ରାଜି
- ସୀମାନ୍ତ ସହରରେ ସନ୍ଦିଗ୍ଧ ଡ୍ରୋନ୍, ଏଲଓସିରେ ଗୁଳି ବିନିମୟ
- ଅସ୍ତ୍ରବିରତି: ପାକ୍ ସରକାର ରାଜି, ମାନୁନାହିଁ ସେନା
- ୧୨ରେ ଡିଜିଏମ୍‌ଓ ସ୍ତରରେ ପୁଣି ଆଲୋଚନା

**ନୂଆଦିଲ୍ଲୀ/ଇସ୍‌ଲାମାବାଦ/ୱାଶିଂଟନ୍,୧୦।୫**

ପାକିସ୍ତାନୀ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣ ଓ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ନେଇ ୨ ଦେଶ ମୁହାଁମୁହିଁ ହୋଇଥିବାବେଳେ ଆମେରିକାର ହସ୍ତକ୍ଷେପକ୍ରମେ ଶନିବାର ଅପରାହ୍ଣ ୫ଟାରୁ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା। ଏହାର ୩ ଘଣ୍ଟା ପରେ ପାକିସ୍ତାନୀ ସେନା ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ ଭଳି ସୀମାନ୍ତ ରାଜ୍ୟଗୁଡ଼ିକୁ ପୁନର୍ବାର ଟାର୍ଗେଟ କରିଛି। ପାକ୍ ରେଞ୍ଜର୍ସ ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ରେଖାରେ ତୁହାକୁତୁହା ଗୁଳିଗୋଳା ବର୍ଷଣ କରୁଛନ୍ତି। ସେହିପରି ଉତ୍ତର ଓ ପଶ୍ଚିମ ଭାରତର ଅନେକ ସହର ଆକାଶରେ ପାକିସ୍ତାନୀ ଡ୍ରୋନ୍ ଚକ୍କର ମାରୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ସହରଗୁଡ଼ିକରେ ବ୍ଲାକ୍‌ଆଉଟ୍ ଘୋଷଣା କରାଯିବା ସହ ଯୁଦ୍ଧ ସାଇରନ୍ ବଜାଇ ଜନସାଧାରଣଙ୍କୁ ସତର୍କ କରାଯାଉଛି। ଗୋଟିଏ ପଟେ ଭାରତ ଓ ପାକିସ୍ତାନର ନିର୍ବାଚିତ ସରକାରଙ୍କ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିବାବେଳେ ଅନ୍ୟପଟେ ପାକିସ୍ତାନୀ ସେନା ଏହାକୁ ଅବଜ୍ଞା କରି ସୀମାପାର ଆକ୍ରମଣ ଜାରି ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନୀ ସେନା ଦେଶର ନିର୍ବାଚିତ ସରକାର ଉପରେ କର୍ତ୍ତୃତ୍ୱ ଜାହିର କରିବାର ଇତିହାସ ରହିଛି। ଅନେକ ସମୟରେ ସରକାରଙ୍କ ନୀତିଠାରୁ ଭିନ୍ନ ମତ ପୋଷଣ କରି ସଶସ୍ତ୍ର ବଳ ନିଜସ୍ୱ ରଣନୀତି ଆପଣାଇଥାଏ। ତେଣୁ ଜେନେରାଲ ଆସିମ୍ ମୁନୀରଙ୍କ ନେତୃତ୍ୱାଧୀନ ପାକିସ୍ତାନୀ ସେନା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ପୁଣିଥରେ ଭାରତ ବିରୋଧରେ ଦୁଃସାହସିକ ପଦକ୍ଷେପ ନେବା ଆରମ୍ଭ କରିଛି ବୋଲି ସଦ୍ୟ ଘଟଣାବଳୀକୁ ଦେଖି ପ୍ରତିରକ୍ଷା ବିଶେଷଜ୍ଞମାନେ କହୁଛନ୍ତି।

ଭାରତ ଓ ପାକିସ୍ତାନ ପରସ୍ପର ବିରୋଧରେ ୩ ଦିନ ଧରି ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପରେ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଶନିବାର ଅପରାହ୍ଣ ୫ଟାରୁ ଜଳ, ସ୍ଥଳ ଓ ଆକାଶମାର୍ଗରେ କେହି କାହା ଉପରେ ଯୁଦ୍ଧାସ୍ତ୍ର ପ୍ରୟୋଗ କରିବେ ନାହିଁ ବୋଲି ସହମତି ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ଏନେଇ ପ୍ରକାଶ କରିବା ପରେ ଉଭୟ ପକ୍ଷ ମଧ୍ୟ ସ୍ପଷ୍ଟ କରିଛନ୍ତି। ତେବେ ସିଜ୍‌ଫାୟାର ପାଇଁ ଭାରତ ଓ ପାକିସ୍ତାନ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ)ସ୍ତରରେ ଉଦ୍ୟମ ହୋଇଛି ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ନୂଆଦିଲ୍ଲୀ କହିଛି। ☞ପୃଷ୍ଠା-୨


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-18: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**12.05.2025**ରିଖ ସରକାରୀ ଛୁଟି ଦିନ ଥିବା ହେତୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0109/2526


# ୨୭ରେ କେରଳ ଛୁଇଁପାରେ ମୌସୁମୀ

**ନୂଆଦିଲ୍ଲୀ,୧୦।୫(ପି.ଟି.)**

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧ରେ କେରଳ ପହଞ୍ଚିଥିବାବେଳେ ଏଥର ଆଗୁଆ ଭାବେ ମେ' ୨୭ରେ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ପୂର୍ବାନୁମାନ ଅନୁଯାୟୀ, ମୌସୁମୀ କେରଳ ସ୍ପର୍ଶ କଲେ, ଏହା ୨୦୦୯ ପରେ ସଅଳ ପହଞ୍ଚିବାରେ ପ୍ରଥମ ଘଟଣା ହେବ। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ, ୨୦୦୯ ମେ' ୨୩ରେ ମୌସୁମୀ କେରଳ ସ୍ପର୍ଶ କରିଥିଲା। ଜୁଲାଇ ୮ ସୁଦ୍ଧା ମୌସୁମୀ ସାରା ଦେଶରେ ପ୍ରବେଶ କରିଥାଏ ଏବଂ ସେପ୍ଟେମ୍ବର ୧୭ରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଗତବର୍ଷ ମେ' ୩୦ରେ ମୌସୁମୀ କେରଳ ଛୁଇଁଥିଲା। ସେହିପରି ୨୦୨୩ରେ ଜୁନ୍ ୮, ୨୦୨୨ରେ ମେ' ୨୯, ୨୦୨୧ରେ ଜୁନ୍ ୩, ୨୦୨୦ରେ ଜୁନ୍ ୧, ୨୦୧୯ରେ ଜୁନ୍ ୮ ଏବଂ ୨୦୧୮ରେ ମେ' ୨୯ରେ ମୌସୁମୀ କେରଳ ପହଞ୍ଚିଥିଲା। ତେବେ ମୌସୁମୀ ପହଞ୍ଚିବା ତାରିଖ ସହ ଦେଶରେ ହେବାକୁ ଥିବା ମୋଟ ବୃଷ୍ଟିପାତ ପରିମାଣର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି ଆଇଏମ୍‌ଡିର



ଜଣେ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଏଲ୍ ନିନୋ ସ୍ଥିତି ସମ୍ଭାବନା ନ ଥିବାରୁ ବୃଷ୍ଟିପାତ ସ୍ୱାଭାବିକଠାରୁ ଅଧିକ ହେବ ବୋଲି ଗତ ମାସରେ ଆଇଏମ୍‌ଡି ପୂର୍ବାନୁମାନ କରିଥିଲା।

# ପାକିସ୍ତାନକୁ ଆଇଏମ୍‌ଏଫ୍‌ର ୧ ବିଲିୟନ ଡଲାର ଋଣ | ସମୟକୁ ନେଇ ପ୍ରଶ୍ନ

**ନ୍ୟୁୟର୍କ/ ଇସ୍‌ଲାମାବାଦ, ୧୦।୫ (ପି.ଟି.)**

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଶୁକ୍ରବାର ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ଏହି ସମୟରେ ଅନ୍ତର୍ଜାତୀୟ ଋଣପ୍ରଦାନକାରୀ ସଂସ୍ଥାର ଏଭଳି ନିଷ୍ପତ୍ତି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ଶନିବାର ପ୍ରାରମ୍ଭରେ ଶୁଣିବାକୁ ମିଳିଥିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି। ପରେ ପାକିସ୍ତାନ ତାହାକୁ ଉଲ୍ଲଂଘନ କରିଥିବା ଖବର ମିଳିଲା। ତେବେ ଏହି ଋଣ ପ୍ରଦାନ ସହ ଅସ୍ତ୍ରବିରତିର ସମ୍ପର୍କ ରହିଥିବା ନେଇ ଆଲୋଚନା ହେଲାଣି। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ତାଙ୍କ ଯୋଗୁ ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିବା ବେଳେ ଭାରତ କହିଛି ଯେ ତାହା ପାକିସ୍ତାନ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ମାଧ୍ୟମରେ ହୋଇଛି। କିନ୍ତୁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କ ଦେଶ ହସ୍ତକ୍ଷେପରେ ଏହା ସମ୍ଭବ ହୋଇଛି ବୋଲି କହିଛନ୍ତି ଏହା ମଧ୍ୟ ଶୁଣିବାକୁ ମିଳିଛି ଯେ, ୧ ବିଲିୟନ ଆମେରିକୀୟ ଡଲାର ଯାଚି ଆମେରିକା ଅସ୍ତ୍ରବିରତିରେ ରାଜି ହେବା ଲାଗି ପାକିସ୍ତାନ ଉପରେ ଚାପ ପକାଇଥିଲା। କାରଣ ୱାଶିଂଟନ ଟିପିରେ ବିନା ଅନୁମୋଦନରେ ଋଣ ମିଳି ନ ଥାଏ, ଯେହେତୁ ହ୍ୱାଇଟ୍ ହାଉସ ଏଥିଲାଗି ଶେଷ ସର୍ବକାରୀ ଭୂମିକା ନିର୍ବାହ କରିଥାଏ।

ପାକିସ୍ତାନର ଦୁର୍ବଳ ଆର୍ଥିକ ସ୍ଥିତି ଓ ତାହାକୁ ମିଳୁଥିବା ସହାୟତା ରାଷ୍ଟ୍ର ପ୍ରାୟୋଜିତ ସୀମାପାର ଆତଙ୍କବାଦରେ ବିନିଯୋଗ ହେଉଥିବାରୁ ଭାରତ ପୂର୍ବରୁ ବହୁବାର ଅନ୍ତର୍ଜାତୀୟ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇ ଆସିଛି। ଶୁକ୍ରବାର ଅନୁଷ୍ଠିତ ଆଇଏମ୍‌ଏଫ୍ ବୋର୍ଡ ବୈଠକରେ ପାକିସ୍ତାନକୁ ଏକ୍ସଟେଣ୍ଡେଡ୍ ଫଣ୍ଡ ଫ୍ୟାସିଲିଟି (ଇଏଫ୍‌ଏଫ୍) ଜରିଆରେ ଦିଆଯିବାକୁ ଥିବା ୨.୩ ବିଲିୟନ ଆମେରିକୀୟ ଡଲାର ଋଣ ଉପରେ ସମୀକ୍ଷା କରିବା ଲାଗି କହି ଭାରତ ପ୍ରତିବାଦ କରିଥିଲା। କିନ୍ତୁ ଆଇଏମ୍‌ଏଫ୍ ଏକ ବିବୃତିରେ ଜଣାଇଥିଲା ଯେ ପାକିସ୍ତାନର ୩୭ ମାସର ଇଏଫ୍‌ଏଫ୍‌କୁ ୨୫ ସେପ୍ଟେମ୍ବର ୨୦୨୪ରେ ମଞ୍ଜୁରୀ ମିଳିଥିଲା। ତାହା ପାକିସ୍ତାନର ନିରନ୍ତର ବିକାଶ ଦିଗରେ ଅଭିପ୍ରେତ ଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ମଞ୍ଜୁରୀ କରାଯାଇଛି ବୋଲି ମୁଦ୍ରାପାଣ୍ଠି ପକ୍ଷରୁ କୁହାଯାଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ସାମରିକ ଉତ୍ତେଜନା ପରିପ୍ରେକ୍ଷୀରେ ପାକିସ୍ତାନକୁ ଆଇଏମ୍‌ଏଫ୍‌ର ଋଣ ପ୍ରଦାନ ବିଶ୍ୱ ସମୁଦାୟକୁ ଏକ ଭୟଙ୍କର ବାର୍ତ୍ତା ଦେଉଛି ବୋଲି ଭାରତ କହିଛି। ଅନ୍ୟପକ୍ଷରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଆଇଏମ୍‌ଏଫ୍‌ର ଋଣ ପ୍ରଦାନରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପାକିସ୍ତାନର ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସୁଥିବା ବେଳେ ଭାରତ ଷଡ଼ଯନ୍ତ୍ର କରି ଆଇଏମ୍‌ଏଫ୍ ଋଣ ରୋକିବା ଲାଗି କରିଥିବା ପ୍ରୟାସ ବିଫଳ ହୋଇଛି ବୋଲି ଶରିଫ୍ କହିଛନ୍ତି। ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ** ଟ୍ରମ୍ପଙ୍କ ସିଦ୍ଧାନ୍ତ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୧୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଚଣ୍ଡିପାଠ, ସ୍ଥାନ: ଶ୍ରୀ ନୃସିଂହନାଥଙ୍କ ମନ୍ଦିର ପରିସର, ପାରିବାସୁଦେଇପୁର, ସମୟ: ସକାଳ ୯ଟା।
- ଇଟିକିଲି ମିଟିକିଲିର ୩୦ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଆଦର୍ଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ, ପାଣ୍ଡରା ଛକ, ସମୟ: ଅପରାହ୍ନ ୪ଟା।

## କଟକ

- ବୁଦ୍ଧ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ମାଣିଆବନ୍ଧ ବୁଦ୍ଧ ପର୍ଯ୍ୟଟନ କ୍ଷେତ୍ର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଶ୍ରୀ ଲକ୍ଷ୍ମୀନୃସିଂହ ଦେବଙ୍କ ଜନ୍ମଉତ୍ସବ, ସ୍ଥାନ: ଜିପୁର, ଅଳଗୁମ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶନିଶ୍ଚର ଦେବ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କୋଦବେରେଣୀ, ସମୟ: ସକାଳ ୬ଟା।
- ଦଧିବାମନ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବେଗୁନିଆ, ସମୟ: ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଗୋପେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୁସୁନୁଦାସପୁର, ଔପଦା, ସମୟ: ଦିବସବ୍ୟାପୀ।
- ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ପ୍ରତୀକ ଅନଶନ, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ ସମ୍ମୁଖ, ବାଲେଶ୍ୱର, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୟାପଡ଼ା ଭଗବତୀ ମଣ୍ଡପ ପ୍ରାଙ୍ଗଣ, ହଳଦୀପଦା, ସମୟ: ସକାଳ ୮ଟା।
- ମାତୃତ୍ୱ ଦିବସ, ସ୍ଥାନ: କାଳିପଦା ବଜାର, ବାଲିଆପାଳ, ସମୟ: ଅପରାହ୍ନ ୫ଟା।
- ଅଧିବକ୍ତା ସମ୍ମିଳନୀ, ସ୍ଥାନ: ରୟାଲ କୁଇନ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ୧୯ତମ ବିଶ୍ୱ ଶାନ୍ତି ମହାଯଜ୍ଞ କର୍ମାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ସକାଳ ୬ଟା୩୦।
- ଭାରତୀୟ ଯବାନଙ୍କୁ ସମର୍ଥନ ଜଣାଇ ବ୍ଲକସ୍ତରୀୟ ବାଇକ୍ ରାଲି, ସ୍ଥାନ: ଧର୍ମଶାଳା ବ୍ଲକଠାରୁ କାଏମା ପର୍ଯ୍ୟନ୍ତ, ସମୟ: ସକାଳ ୮ଟା।
- ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାରତର ବୀର ସୈନିକମାନଙ୍କୁ ଉତ୍ସାହିତ କରିବାକୁ ଜନ ଶୋଭାଯାତ୍ରା, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ: ସକାଳ ସାଢ଼େ୭ଟା।
- ଭାରତର ସୈନିକମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ବାଇକ ରାଲି, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର। ସମୟ: ସକାଳ ୮ଟା।

## ନୟାଗଡ଼

- ଚନ୍ଦନଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଦ୍ୱାଦଶ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଦ୍ୱାଦଶ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଦ୍ୱାଦଶ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଭାରତୀୟ ସୈନ୍ୟବାହିନୀର ମନୋବଳ ବଢ଼ାଇବା ପାଇଁ ବାଇକ୍ ଶୋଭାଯାତ୍ରା, ସ୍ଥାନ:ନୟାଗଡର ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ, ସମୟ:ସକାଳ ୮ଟା।
- ଚାଚେରୀ ଭୋଗଖିଆ ଆରମ୍ଭ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ସାଢ଼େ ୧ଟା।

## ରାୟଗଡ଼ା

- ଯୋଦ୍ଧାଙ୍କ ମନୋବଳ ବୃଦ୍ଧି ନିମନ୍ତେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦ ।
- ବୀର ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ଶୋଭାଯାତ୍ରା, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାନ୍ଧୀ ପ୍ରମୋଦ ଉଦ୍ୟାନ, ସମୟ: ସକାଳ ୮ ଟା।
- ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗୁଡାରି ନୂତନ ବସ୍‌ଷ୍ଟାଣ୍ଡ, ମୁନିଗୁଡା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା ଠାକୁରାଣୀଙ୍କ ଘଟ ପର୍ବ ବିସର୍ଜନ, ସ୍ଥାନ– ଗୁଡାରି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ଆଦିବାସୀ ସମ୍ମିଳନୀ, ସ୍ଥାନ: ରାୟଗଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସମୟ: ସକାଳ ୯ ଟା।
- ମିଡିଆ କ୍ଲବର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ : ଗୁଣପୁର ନିମନ୍ତ୍ରଣ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା ୩୦ ।
- ଲଦାଖରୁ ଫେରିଥିବା ମିଥୁନ ସାହୁ, ଅବଦୁଲଘଷ ଖାନଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ, ସ୍ଥାନ: ଟିକିରି, ସମୟ: ପୂର୍ବାହ୍ନ ୧୧ଟା ୧୦।
- ଷୋହଳ ପ୍ରହର ଓ ନାମଯଜ୍ଞ ନିମନ୍ତେ କଳସଯାତ୍ରା, ସ୍ଥାନ: ବଗିଚା ସାହି, ମୁନିଗୁଡା, ସମୟ ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୭ଟା।
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ମ୍ୟୁନିସିପାଲିଟି ଅଫିସ୍, ସମୟ: ସକାଳ ୭ଟା ୩୦।

## କୋରାପୁଟ

- ଭାରତୀୟ ସୈନିକଙ୍କ ପାଇଁ ରାଲି, ସ୍ଥାନ: ଦଶମନ୍ତପୁର ବ୍ଲକରୁ ଖମ୍ବେଶ୍ୱରୀ ପୀଠ, ସମୟ: ସକାଳ ୭ଟା ୩୦।
- ବାଇକ୍ ଶୋଭାଯାତ୍ରା, ସ୍ଥାନ: ବାରିଣିପୁଟ, ଜୟପୁର, ସମୟ: ସକାଳ ୮ଟା।
- ସେନା ବାହିନୀର ସମର୍ଥନରେ ବାଇକ୍ ରାଲି, ସ୍ଥାନ: ଦଶହରା ପଡିଆ, ସୁନାବେଡା–୧, ସମୟ: ସକାଳ ୮ଟା।
- ସୈନିକଙ୍କୁ ଉତ୍ସାହିତ କରିବା ନେଇ ବାଇକ୍ ଶୋଭାଯାତ୍ରା, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସେନାକୁ ଉତ୍ସାହିତ କରିବାକୁ ବାଇକ୍ ରାଲି, ସ୍ଥାନ: ଆରଟିଓ ପଡିଆ, କୋରାପୁଟ, ସମୟ: ସକାଳ ୮ଟା।
- କମ୍ୟୁନିଟୀ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: କାରଡିଗୁଡା, ସମୟ:ସକାଳ ୮ଟା ୩୦।
- ଇଗ୍ନୋ ଅଧିଗ୍ରହଣ ଉତ୍ସବ, ସ୍ଥାନ: କୋଟସ୍ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଯବାନଙ୍କୁ ଉତ୍ସାହିତ କରିବା ପାଇଁ ବାଇକ୍ ରାଲି, ସ୍ଥାନ: ବାଲିମେଳା ଗୋପବନ୍ଧୁ ଛକରୁ ପାୱାର ହାଉସ୍ ଛକ, ସମୟ: ସକାଳ ୭ ଟା୩୦।
- ଭାରତର ବୀର ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ଶୋଭାଯାତ୍ରା, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନଠାରୁ ଏମ୍.ଭି– ୭ , ସମୟ: ସକାଳ ୮ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ନିଃଶୁଳ୍କ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଫୁଟବଲ ପଡିଆ, ସମୟ : ସକାଳ ୮ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସମ୍ମିଳନୀ କକ୍ଷ, ସମୟ : ସକାଳ ୯ଟା ।

## ବଲାଙ୍ଗୀର

- ସ୍ରୋତସ୍ୱତୀ ପକ୍ଷରୁ ସାରସ୍ୱତ କାର୍ଯ୍ୟକ୍ରମ 'ନିର୍ଲିପ୍ତ ନିଦାଘ',ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ହରିଶଙ୍କର ମହୋତ୍ସବ ୨୦୨୫ର ଚତୁର୍ଥ ଦିବସ ସ୍ଥାନ: ହରିଶଙ୍କର ପୀଠ, ହରିଶଙ୍କର, ଖପ୍ରାଖୋଲ ସମୟ: ସନ୍ଧ୍ୟା ୭ଟା ।

## ରାଉରକେଲା

- କଳ୍ପତରୁ ଆଶ୍ରମରେ ନାମଯଜ୍ଞ ଉଦ୍‌ଯାପନ ଉତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୮ଟା ୩୦।
- ସ୍ମାର୍ଟ ୱାଟର ଷ୍ଟେଶନ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ମାତୃଦିବସ ଉପଲକ୍ଷେ ଦହିପଣା ବଣ୍ଟନ, ସ୍ଥାନ: ଛେଣ୍ଡ ଦୈନିକ ବଜାର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଖାଳ ଦିବସ ପାଳନ, ସ୍ଥାନ: ଜଗଦା ସାଂସ୍କୃତିକ ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ସାଇବାବା ମନ୍ଦିର ପ୍ରତିଷ୍ଠା ଦିବସ ପାଇଁ ବୈଠକ, ସ୍ଥାନ: ଶକ୍ତିନଗର, ସମୟ: ଅପରାହ୍ନ ୫ଟା।
- ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ମଦର୍ସ ଡେ, ସ୍ଥାନ: ଭଞ୍ଜ ଭବନ, ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରା ପାଇଁ ଭଜନ ସମାରୋହ, ସ୍ଥାନ: ସେକ୍ଟର –୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ସାହିତ୍ୟରେ ସନ୍ଥକବି ଭୀମଭୋଇ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର– –୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।
- ବହୁଭାଷୀ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ରାତ୍ରି ୭ଟା।

## ସୁନ୍ଦରଗଡ଼

- ଭାରତୀୟ ସେନା ବାହିନୀଙ୍କ ସମର୍ଥନରେ ବାଇକ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସୁନ୍ଦରଗଡ଼,ସମୟ:ସକାଳ ୮ଟା।

## ବରଗଡ଼

- ବୈଶାଖ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଲ, ସମୟ:ସକାଳ ୭ଟା।
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼,ସମୟ:ସକାଳ ୮ଟା।
- ଭାରତୀୟ ସେନାର ସମର୍ଥନରେ ବାଇକ୍ ରାଲି, ସ୍ଥାନ:ସିନେମା ଛକ, ଅତାବିରା, ସମୟ: ସକାଳ ୮ଟା।
- ବୀର ଯବାନଙ୍କ ଉଦ୍ଦେଶ୍ୟରେ ଆଦିମାତାଙ୍କ ପୂଜାର୍ଚ୍ଚନା, ସ୍ଥାନ:ହନୁମାନ ମନ୍ଦିର, ଅତାବିରା, ସମୟ:ସକାଳ ୮ଟା ୩୦।
- ମଦର୍ସ ଡେ ପାଳନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ଅପରାହ୍ନ ୪ଟା।
- ରାଜ ପୋଲି କ୍ଲିନିକ ଏଣ୍ଡ ଡାଇଗ୍ନୋଷ୍ଟିକ ସେଣ୍ଟରର ଉଦ୍‌ଘାଟନୀ,ସ୍ଥାନ: ପୁରୁଣା ଜୀରାବ୍ରିଜ, ୱାର୍ଡ଼ ନଂ–୧, ବରଗଡ଼,ସମୟ: ସନ୍ଧ୍ୟା ୬ଟା।
- ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ,ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଲ,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବୀର ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ସକାଳ ୮ଟା।
- ମହାବିଷ୍ଣୁ ଯଜ୍ଞ ଓ ଜଗଦାନନ୍ଦ ଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ବାଲାଜୀ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ, ସହର, ସମୟ: ଭୋର୍ ୪ଟା।
- ଭାରତୀୟ ସୈନିକମାନଙ୍କୁ ସାହସ ଦେବା ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଆହ୍ୱାନକ୍ରମେ ବାଇକ ରାଲି, ସ୍ଥାନ:ସବ୍ କଲେକ୍ଟର ଅଫିସରୁ ଆରମ୍ଭ, ସମୟ: ସକାଳ ୭ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ଦେବଗଡ ସହର ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହ ମା' କନକ ଦୁର୍ଗା ମନ୍ଦିର ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ଦେଉଳମୁଣ୍ଡାଠାରେ ଭାଗବତ ସପ୍ତାହ ପାରାୟଣ ଆରମ୍ଭ, ସ୍ଥାନ: ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା୩୦।
- ସୁବର୍ଣ୍ଣପୁରରେ ଭାରତୀୟ ସଶସ୍ତ୍ର ବଳର ମନୋବଳ ବଢାଇବା ପାଇଁ ସାଇକେଲ ରାଲି, ସ୍ଥାନ: ରୟାଲ ପଡିଆରୁ ଟାଉନ ହଲ, ସମୟ: ସକାଳ ୮ଟା।
- ବିନିକା ସହରରେ ଭାରତୀୟ ସେନାବାହିନୀର ମନୋବଳ ବଢାଇବା ପାଇଁ ପଦଯାତ୍ରା, ସ୍ଥାନ: ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ସକାଳ ୮ଟା।
- ତରଭା ବ୍ଲକ ମରାଡୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ଅହରାତ୍ର।
- ସୁବର୍ଣ୍ଣପୁର ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ଅହରାତ୍ର।

## ନୂଆପଡ଼ା

- ମା' ସମଲେଶ୍ୱରୀଙ୍କ ନୂତନ ମନ୍ଦିରରେ ମା'ଙ୍କ ପିତଳ କୁମ୍ଭ, ତ୍ରିଶୂଳ, ଧ୍ୱଜା ଆରୋହଣ, ଗର୍ଭଗୃହରେ ଛତର ଅବସ୍ଥାପନ, ସ୍ଥାନ: ବିଜୟଗଡ ରାଜା କୋମନା, ସମୟ: ଅପରାହ୍ନ ୩ଟା।
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସଭା, ସ୍ଥାନ: ମନ୍ଦିର ପରିସର କୋମନା, ସମୟ: ସନ୍ଧ୍ୟା ୬ଟା ୩୦।
- ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନାଗଡ, ସମୟ: ରାତ୍ର ୧୦ଟା।

## ଝାରସୁଗୁଡ଼ା

- ରାଇଡ ଫର ପ୍ରାଇଡ କାର୍ଯ୍ୟକ୍ରମ ଅବସରରେ ବାଇକ ରାଲି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ:ସକାଳ ୮ଟା।
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ:ସାହାପଡ଼ା ହନୁମାନ ମନ୍ଦିର, ସମୟ:ସକାଳ ୮ଟା।
- ଆନ୍ତଃ ଜିଲା ହକି ଟୁର୍ନାମେଣ୍ଟ, ସ୍ଥାନ:ଜିଲା ହକି ଷ୍ଟାଡିୟମ, ଏଚ୍. କଣ୍ଟାପାଲି, ସମୟ: ଅପରାହ୍ନ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଶୁଭଚନ୍ଦ୍ର ପ୍ରଭାବରେ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଅର୍ଥ ଲାଭ ସହ ଶାରୀରିକ ସୁସ୍ଥତା କାମ କରିବା ସକାଶେ ଉତ୍ସାହିତ କରିପାରେ। ପ୍ରତ୍ୟେକ ପରିସ୍ଥିତିରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଧନାଧିପ ଦ୍ୱାଦଶସ୍ଥ ଯୋଗୁ ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବାଣିଜ୍ୟ ଓ ପରିବହନ ମନ୍ଦ ହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଶୁକ୍ର କ୍ଷେତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଭାବୁଥିବେ ଗୋଟିଏ କଥା, କିନ୍ତୁ କଲାବେଳକୁ ଆଉ ଗୋଟିଏ କଥା। ଫଳରେ ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଓ ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ରାଶିରେ ବଳହୀନ ମଙ୍ଗଳଙ୍କ ଯୋଗୁ ଦ୍ୱନ୍ଦ୍ୱରେ ପଡି କୌଣସି ସିଦ୍ଧାନ୍ତ ନେଇପାରିବେ ନାହିଁ। ପରୋକ୍ଷ ଭାବରେ ଭଲ ସମ୍ପର୍କ ନ ଥିବା ଏବଂ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କର ସକ୍ରିୟତା ବୃଦ୍ଧି ପାଇବ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ ଓ ଆନୁଷ୍ଠାନିକ କାମରୁ ଖୁସି ରହିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** ଚତୁର୍ଥ ସ୍ଥାନ ଗୁରୁ ଦୃଷ୍ଟ ହେତୁ ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରଶଂସିତ ହେବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇପାରିବେ। ତଥାପି କେତୁଜନିତ ସାମୟିକ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ଶୁଭକାର୍ଯ୍ୟ ସକାଶେ ଗୃହସଜ୍ଜାରେ ମନୋନିବେଶ କରିପାରନ୍ତି। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯିବାର ସୂଚନା ରହିଛି।

**ତୁଳା** ଅଷ୍ଟମରେ ଗୁରୁ ଥିବାରୁ ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ବନ୍ଧୁଙ୍କୁ ମନ କଥା କହିପାରିବେନି। ପାରିବାରିକ ଅଶାନ୍ତି ଓ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**ବିଛା** ରାଶ୍ୟାଧିପତିଙ୍କ ଦୁର୍ବଳତାଜନିତ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଚିନ୍ତା କରି ମନ ଭାରାକ୍ରାନ୍ତ ରହିବ। ବନ୍ଧୁଙ୍କ ମାଧ୍ୟମରେ କରଜ କରି ଆବଶ୍ୟକତା ଚଳାଇନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ସାହିତ୍ୟ ଓ ସାମ୍ବାଦିକତାରେ ଉନ୍ନତି ସହ ସାମାଜିକ ସ୍ତରରେ ଆଦୃତି ଲାଭ କରିବେ।

**ଧନୁ** ବୁଧ ଦୃଷ୍ଟିରେ ଚନ୍ଦ୍ରଥିବାରୁ କଠୋର କଥା କହିବାକୁ କେନ୍ଦ୍ରକରି ପରିବାରରେ କଳହ ଦେଖାଦେଇପାରେ। ଅଫିସ୍‌ରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ସାଙ୍ଗକୁ ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ, ମାତ୍ର ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ସପ୍ତମସ୍ଥ ମଙ୍ଗଳ ଯୋଗୁ ଆଜି ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** ଭାଗ୍ୟ ସ୍ଥାନରେ ଚନ୍ଦ୍ର ଥିବାରୁ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ସାମୟିକ ଚିନ୍ତିତ ରହିପାରନ୍ତି।

**ମୀନ** ପାପଗ୍ରସ୍ତ ରାଶିରେ ଅବସ୍ଥାନ କରିଥିବାରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁମିଳନରୁ ସାମୟିକ ଖୁସି ରହିବେ।

ଆଜି ମେ' ୧୧ ତାରିଖ, ବିଶ୍ୱ ମାତୃ ଦିବସ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ, ବୈଶାଖ ଶୁକ୍ଳପକ୍ଷର ନୃସିଂହ ଚତୁର୍ଦ୍ଦଶୀ ରବିବାର, ସର୍ବସମ୍ମତ ନୃସିଂହ ଜନ୍ମ, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୬ ଗତେ ଘ.୦୯।୩୪ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୪।୩୩ ଗତେ ଘ.୦୬।୦୯ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଷ ମାସରେ , କୁକୁର ହାଣ୍ଡିରେ ପେଯ।**

ସାଧାରଣତଃ ପୌଷ ମାସରେ ଧାନ ଅମଳ ହୋଇଥାଏ। ଧାନ ପ୍ରମୁଖ ଶସ୍ୟ ହୋଇଥିବାବେଳେ ଏହି ମାସରେ ଅତି ଦୀନହୀନ ଦରିଦ୍ର ବ୍ୟକ୍ତି ଧାନ ପାଇ ସୁଖୀ ହେବା ସହ ସୁଖରେ କାଳାତିପାତ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋତ, ପୋଡ଼, ପକା, ଏ ତିନିହେଁ ଏକା।**

ମଣିଷ ମୃତ୍ୟୁବରଣ କଲେ ଶବ ସଂସ୍କାର କରାଯାଇଥାଏ। ଶବକୁ ପୋତିବା, ପୋଡ଼ିବା ବା ପାଣିରେ ଫୋପାଡ଼ିବା ଏକା କଥା। ପନ୍ଥା ଭିନ୍ନ ହେଲେ ବି ଉଦ୍ଦେଶ୍ୟ ଏକା ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପାକ୍ ସେନାର ...

ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ଜମ୍ମୁ–କଶ୍ମୀରର ପହଲଗାମସ୍ଥିତ ବୈସରନ୍ ଉପତ୍ୟକାରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ୧୪ ଦିନର ବ୍ୟବଧାନ ପରେ ଅର୍ଥାତ୍ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତ ପାକିସ୍ତାନକୁ ଶକ୍ତିଶାଳୀ ଜବାବ ଦେଇଥିଲା। ସ୍ଥଳସେନା, ବାୟୁସେନା ଓ ନୌସେନାର ମିଳିତ ଉଦ୍ୟମରେ ପାକିସ୍ତାନ ଏବଂ ପାକ୍–ଅଧିକୃତ କଶ୍ମୀର (ପିଓକେ)ର ୯ଟି ସ୍ଥାନରେ ମିଶାଇଲ ମାଡ଼ କରାଯାଇ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦିଆଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଶତାଧିକ ଆତଙ୍କବାଦୀ ନିହତ ହୋଇଥିବାବେଳେ ପାକିସ୍ତାନ ସେମାନଙ୍କୁ ଶହୀଦ ଆଖ୍ୟାଦେଇ ଭାରତ ଉପରେ ଆକ୍ରମଣ ଉଦ୍ୟମ ଜାରି ରଖିଥିଲା। ଭାରତୀୟ ସଶସ୍ତ୍ର ବଳ ମଧ୍ୟ ଜଳ, ସ୍ଥଳ ଓ ଆକାଶରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାକୁ ପଛାଇ ନ ଥିଲା। ଗୁରୁବାର ପାକିସ୍ତାନ ଭାରତର ୧୫ ସହରକୁ ଟାର୍ଗେଟ କରିଥିବାବେଳେ ଶୁକ୍ରବାର ୨୬ ସହରକୁ ଆକ୍ରମଣ ଉଦ୍ୟମ କରିଥିଲା। କିନ୍ତୁ ଭାରତୀୟ ସୁରକ୍ଷା ବଳ ସେସବୁ ଉଦ୍ୟମକୁ ପ୍ରତିହତ କରିବା ସହ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଇଥିଲା। ଏପରି କି ଶନିବାର ଭୋର ସମୟରେ ଭାରତ ପକ୍ଷରୁ ପାକିସ୍ତାନର ୮ଟି ସାମରିକ ପ୍ରତିଷ୍ଠାନ ଉପରେ ମିଶାଇଲ ମାଡ଼ କରାଯାଇଥିଲା। ଇତିମଧ୍ୟରେ ଭାରତ–ପାକିସ୍ତାନ ସମ୍ପୂର୍ଣ୍ଣ ଯୁଦ୍ଧ ଆଡ଼କୁ ମୁହାଁଉଥିବା ଦେଖି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଉତ୍ତେଜନା ହ୍ରାସ ପାଇଁ ପରାମର୍ଶ ଦେଇଥିଲେ। ଟ୍ରମ୍ପ ଯଥାଶୀଘ୍ର ସମ୍ଭବ ଉତ୍ତେଜନା ହ୍ରାସ ହେବା ରାଷ୍ଟ୍ରପତି ଦେଖିବାକୁ ଚାହାନ୍ତି ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କରୋଲିନ୍ ଲେଭିଟ୍ କହିଥିଲେ। ୱାଶିଂଟନ୍ ପକ୍ଷରୁ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ସହ ଟ୍ରମ୍ପ ପ୍ରଶାସନ ଯୋଗସୂତ୍ର ସ୍ଥାପନ କରି ସଂଘର୍ଷର ବିରାମ ଘଟାଇବାକୁ ଉଦ୍ୟମ କରିଥିଲା। ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଧ୍ୟ ଦୁଇଦେଶର ନେତାଙ୍କ ସହ ନିରନ୍ତର ସମ୍ପର୍କରେ ରହିଥିଲେ। ରାତିସାରା ଘମାଘୋଟ ଲଢ଼େଇ ହୋଇଥିବାବେଳେ ଶନିବାର ଅପରାହ୍ନରେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଲେଖିଥିଲେ, ଭାରତ ଓ ପାକିସ୍ତାନ ତତ୍କାଳ ସମ୍ପୂର୍ଣ୍ଣ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି। ଆମେରିକା ମଧ୍ୟସ୍ଥତାରେ ରାତିସାରା ଆଲୋଚନା ହେବା ପରେ ସେ ଏହି ବିଷୟ ଘୋଷଣା କରିଥିବା ଟ୍ରମ୍ପ ଉଲ୍ଲେଖ କରିଥିଲେ। ଏଥିସହ ସେ ଉଭୟ ଭାରତ ଓ ପାକିସ୍ତାନକୁ ଅଭିନନ୍ଦନ ଜଣାଇଥିଲେ। ଏହା ପୂର୍ବରୁ ରୁବିଓ ଜୟଶଙ୍କର ଓ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର ଏବଂ ସେନାମୁଖ୍ୟ ଜେନେରାଲ ଆସିମ୍ ମୁନିରଙ୍କ ସହ ଆଲୋଚନା କରିଥିଲେ। ରୁବିଓ ୪୮ ଘଣ୍ଟା ଧରି ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ମିଶି ଭାରତ ଓ ପାକିସ୍ତାନର ଶୀର୍ଷ ନେତୃତ୍ୱଙ୍କ ସଙ୍ଗେ ଆଲୋଚନା କରିଥିବା ଏକ୍ସ'ରେ ସୂଚନା ଦେଇଥିଲେ। ଏନେଇ ଜୟଶଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ଭାରତ ଓ ପାକିସ୍ତାନ ଗୁଳିଗୋଳା ବର୍ଷଣ ଏବଂ ସାମରିକ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଭାରତ ସବୁବେଳେ ଆତଙ୍କବାଦ ବିରୋଧରେ ଲଢ଼େଇକୁ ଗୁରୁତ୍ୱ ଦେଇଆସିଛି ଏବଂ ଭବିଷ୍ୟତରେ ମଧ୍ୟ ଜାରି ରଖିବ। ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି କହିଛନ୍ତି, ଶନିବାର ୫ଟାରୁ ଏହା ପ୍ରଭାବୀ ହେବ। ତେବେ ଦୁଇଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଏହା ନିଷ୍କର୍ଷ। ପାକିସ୍ତାନ ଡିଜିଏମ୍‌ଓ ଭାରତର ଡିଜିଏମ୍‌ଓଙ୍କୁ ଅପରାହ୍ନ ୩ଟା ୩୫ରେ ଫୋନ୍ କରିଥିଲେ। ଆଲୋଚନା ପରେ ସହମତି ପ୍ରକାଶ ପାଇଛି। ଉଭୟ ପକ୍ଷଙ୍କୁ ଏହି ବୁଝାମଣା ମାନିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେ' ୧୨ରେ ପୁନର୍ବାର ଦୁଇ ଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ ଆଲୋଚନା ହେବ। ତେବେ ଏଥିରେ କୌଣସି ତୃତୀୟ ପକ୍ଷଙ୍କ ଭୂମିକା ନ ଥିବା ମିସ୍ରି କହିଛନ୍ତି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଏବଂ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ବିଗତ ୧୮ ଦିନର ସମ୍ପୂର୍ଣ୍ଣ ଘଟଣାକ୍ରମ ଉପରେ ଆଲୋଚନା କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

### ସମୟକୁ ନେଇ ...

ଦୁଇ ଦେଶ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିକୁ ଶନିବାର ପାକିସ୍ତାନ ଆଗେ ଉଲ୍ଲଂଘନ କରିବା ତା' ନିଜ ଉପରେ ସଂଯମ ନାହିଁ ବୋଲି କୁହାଗଲାଣି। ଆଲୋଚନା ହେଲାଣି ରଣ ପାଇଯିବା ପରେ ଭାରତ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ପାକିସ୍ତାନ ପୁଣି ଅଣ୍ଟା ଭିଡ଼ିଲା। ଏକ ତଥ୍ୟରୁ ଜଣାପଡ଼ିଛି ୨୦୨୪ରେ ପାକିସ୍ତାନ ତା' ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୨.୬ ପ୍ରତିଶତ ବା ୧୦.୧ ବିଲିୟନ ଆମେରିକୀୟ ଡଲାର ସାମରିକ ବଜେଟ ପାଇଁ ଖର୍ଚ୍ଚ କରିଛି। ଉଲ୍ଲେଖଯୋଗ୍ୟ ଯେ ଭାରତର ସାମରିକ ବଜେଟ ୨୦୨୪ରେ ୮୬.୧ ବିଲିୟନ ଡଲାର ଥିଲା। ଦେଖିବାକୁ ଗଲେ ପାକିସ୍ତାନର ବାହ୍ୟରଣ ପରିମାଣ ୧୩୦ ବିଲିୟନ ଆମେରିକୀୟ ଡଲାର ଉପରେ ରହିଛି। ଏହା ମଧ୍ୟ ଆଲୋଚନା ହେଉଛି ଯେ, ପାକିସ୍ତାନର ରଣ ପରିମାଣ ବିରାଟ ଆକାର ଥିବା ବେଳେ ଆଇଏମ୍‌ଏଫ୍ ପୁଣି ତାକୁ ସହଯୋଗ କରିବାକୁ ଆଗେଇ ଆସିବା ପଛରେ ଆମେରିକାର ସମ୍ପୂର୍ଣ୍ଣ ହାତ ରହିଛି। ଆମେରିକାର ଯୁଦ୍ଧାସ୍ତ୍ର ନିର୍ମାଣ ଶିଳ୍ପ ବଡ଼ ଥିବାରୁ ସେ ସଂକ୍ରାନ୍ତ ସାମଗ୍ରୀ ଅନ୍ୟ ଦେଶକୁ ବିକି ଲାଭ ଉଠାଇବା ଲକ୍ଷ୍ୟ ରଖିଥାଏ। ଚର୍ଚ୍ଚା ହେଉଛି ପାକିସ୍ତାନକୁ ଆଇଏମ୍‌ଏଫ୍ ପକ୍ଷରୁ ଦିଆଯାଇଥିବା ୧ ବିଲିୟନ ଆମେରିକୀୟ ଡଲାର ରଣର ବହୁଳ ଅଂଶ ଆମେରିକାରୁ ଯୁଦ୍ଧାସ୍ତ୍ର କିଣିବାରେ ବିନିଯୋଗ ହୋଇପାରେ। ପାକିସ୍ତାନର ବିଶିଷ୍ଟ ଅର୍ଥନୀତିଜ୍ଞ କେଇସର ବେଙ୍ଗାଲି କହିଛନ୍ତି ଯେ ତାଙ୍କ ଦେଶ ରଣ ପରିଶୋଧ କରିବା ଲାଗି ରଣ ନେଇ ଏବେ ଗରିବ। ଯେତେବେଳେ ନିଜ ଦେଶର ଅର୍ଥନୀତିଜ୍ଞ ଏଭଳି ମତ ଦେଉଛନ୍ତି ସେତେବେଳେ ପାକିସ୍ତାନର ଅର୍ଥନୀତି ନୀତି କେତେ ସୁଦୃଢ଼ ଅଛି ସହଜରେ ଅନୁମେୟ।

### ଜମ୍ମୁରୁ ଫେରିଲେ ...

ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇ ବିହିତ ପଦକ୍ଷେପ ନିଆଯାଇଥିଲା। ଜମ୍ମୁ–କଶ୍ମୀରରୁ ଫେରୁଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ୍‌ରେ ଆସିଥିବା ଓଡ଼ିଆ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ବାଲେଶ୍ୱରରେ ୩ଜଣ, ଭଦ୍ରକରେ ୪ଜଣ, ଯାଜପୁର–କେନ୍ଦୁଝର ରୋଡ୍‌ରେ ୫ଜଣ, କଟକରେ ୫ଜଣ, ଭୁବନେଶ୍ୱରରେ ୧୮ଜଣ ଏବଂ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍‌ରେ ଆସି ଝାରସୁଗୁଡ଼ାରେ ୮ଜଣଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସେମାନଙ୍କ ଘରେ ପହଞ୍ଚାଇ ଦିଆଯାଇଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ୍ ତେଜସ୍ ରାଜଧାନୀ ଏକ୍ସପ୍ରେସ୍, ନୀଳାଚଳ ଏକ୍ସପ୍ରେସ, ପୁରୁଷୋତ୍ତମ ଏକ୍ସପ୍ରେସ୍ ଯୋଗେ ଅନ୍ୟମାନେ ଓଡ଼ିଶା ଫେରିଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କଟକରେ ଓହ୍ଲାଇଥିବା ୫ଜଣଙ୍କ ମଧ୍ୟରେ ଜଣେ ଛାତ୍ର ଓ ୪ଜଣ ଛାତ୍ରୀ ଅଛନ୍ତି। କଟକ ଜଗତପୁର ଅଞ୍ଚଳର ଛାତ୍ରୀ ସୌମ୍ୟା ସରିତା ମହାରଣା ଓ ପ୍ରୀତି ପ୍ରଜ୍ଞା ବେହେରାଙ୍କ କହିବାନୁସାରେ, ସେମାନେ ଜମ୍ମୁରୁ ଟ୍ରେନ୍ ଯୋଗେ ଦିଲ୍ଲୀ ଆସୁଥିବା ବେଳେ ଟ୍ରେନ୍ ଭିତର ଲାଇଟ୍ ବନ୍ଦ କରାଯାଇଥିଲା। ଜମ୍ମୁରେ ଗୁଳି ଫୁଟିବା ଶବ୍ଦ ଶୁଣି ଭୟଭୀତ ଅବସ୍ଥାରେ ଥିବା ବେଳେ ଏଭଳି ଟ୍ରେନ ଯାତ୍ରାରେ ଆମେ ଜୀବନ ରକ୍ଷା ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲୁ। ତେବେ ଦିଲ୍ଲୀରେ ନିରାପଦରେ ପହଞ୍ଚିବା ପରେ ସମସ୍ତେ ଆଶ୍ୱସ୍ତ ହୋଇଥିଲୁ।

# 'ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା ରହିଛି, ରହିଥିବ'

## ରଚନା ଉତ୍ସବ ୨୦୨୫

ବଲାଙ୍ଗୀର,୧୦।୫(ବୀରେନ୍ଦ୍ର କୁମାର ଝାଙ୍କର)



ରଚନା ଉତ୍ସବରେ କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀଙ୍କ କବିତା ସଂକଳନକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସାମାଜିକ, ସାଂସ୍କୃତିକ ଏବଂ ସାହିତ୍ୟିକ ଅନୁଷ୍ଠାନ 'ରଚନା'ର ବାର୍ଷିକ ଉତ୍ସବ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇଟି ଆଲୋଚନାଚକ୍ର ଏବଂ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। 'ରଚନା' ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ସମ୍ପାଦକ ଭାଗିରଥି ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇ ସଭା ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକା ଗାୟତ୍ରୀ ସରାଫ ଯୋଗଦାନ କରିଥିଲେ। 'ସାହିତ୍ୟର ସାମାଜିକ ପ୍ରତିବଦ୍ଧତା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ପ୍ରାବନ୍ଧିକ ଏବଂ ଶିକ୍ଷାବିତ୍ ଅଭିରାମ ବିଶ୍ୱାଳ ଯୋଗଦାନ କରିଥିଲେ। ସେ କହିଥିଲେ, ସାହିତ୍ୟର କଳାତ୍ମକ ଏବଂ ସତ୍ୟନିଷ୍ଠ ଦୁଇ ବିଭବ ରହିଛି। ଉଭୟର ଆବେଦନ ଅଲଗା। ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା କମିଯାଉଛି ବୋଲି ଅନେକ ସମୟରେ କୁହାଯାଉଛି। ତେବେ ଏହା ଠିକ୍ ନୁହେଁ। ସବୁ ସମୟରେ ସାହିତ୍ୟର ସାମାଜିକ ପ୍ରତିବଦ୍ଧତା ରହିଥିଲା, ଏବେ ବି ରହିଛି ଓ ଆଗକୁ ମଧ ରହିଥିବ ବୋଲି କହିଥିଲେ।

ଏହି ଅବସରରେ କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀଙ୍କ 'ଅମାବାସ୍ୟା ଆକାଶର ଜହ୍ନ', କବି ରତ୍ନମୟ ତ୍ରିପାଠୀଙ୍କ 'କହିଥିଲ ବୋଲି' ଏବଂ କବି ଡା. ଜ୍ୟୋତି ସାହୁଙ୍କ 'ଅନବଦ୍ୟ'ସଙ୍କଳନ ଉନ୍ମୋଚିତ ହୋଇଥିଲା। ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ମଧ୍ୟାହ୍ନରେ 'ଆଧୁନିକତା ପରିପ୍ରେକ୍ଷୀରେ ଆମ ସଂସ୍କୃତି ଓ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚକ ଭାବେ ଲୋକ ସଂସ୍କୃତି ଗବେଷକ ଅଧ୍ୟାପକ ମୋହନ ସାହୁ, ସାହିତ୍ୟିକା ଡା. ମଞ୍ଜୁବାଳା ପଣ୍ଡା, ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଡ. ସଦାଶିବ ମଲ୍ଲିକ ଯୋଗଦାନ କରି ଆମ ସଂସ୍କୃତିର ବିଭିନ୍ନ ଦିଗ ଏବଂ ଆଗାମୀ ଆହ୍ୱାନ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରକୁ ରଚନା ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ପରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କବିତା ସହ ପ୍ରୀତି ପାଳିବାର ରୀତି ଉପରେ ସାମାନ୍ୟ କଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ନବୀନ ବିଶ୍ୱବନ୍ଧୁ, କବି ବନ୍ଦନା ପଟ୍ଟନାୟକ ଆଲୋଚନା କରିଥିଲେ। କବି ଡ. ପ୍ରହ୍ଲାଦ ଶତପଥୀ କବିତା ଓ କବିର ସମ୍ପର୍କ ଏବଂ ସାମ୍ପ୍ରତିକ ପରିବେଶରେ କବିତାର ଆବେଦନ ଉପରେ କହିଥିଲେ। ବହୁଭାଷୀ କବିତା ପାଠୋତ୍ସବରେ କବି ସସ୍ମିତା ନେପାକ, କବି ସବିତା ମହରା ଓ କବି ମଧୁସୂଦନ ନେଗୀ ସଂଯୋଜନା କରିଥିଲେ। ଏଥିରେ ବହୁ କବିୟତ୍ରୀ ଓ କବି ଯୋଗ ଦେଇ କବିତା ପାଠ କରିଥିଲେ। ଶେଷରେ ମୃଗେଷ ବୈଷ୍ଣବ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଅନ୍ୟ ଜିଲ୍ଲାର କବି, ସାହିତ୍ୟିକ ଏବଂ ସାହିତ୍ୟ ପ୍ରେମୀ ଯୋଗଦାନ କରିଥିଲେ।

# ୧୫ଦିନ ହେଲା ଜଳଯୋଗାଣ ପ୍ରକଳ୍ପ ଅଚଳ

ଲାଠୋର,୧୦।୫(ଭୁବନେଶ୍ୱର ବାରିକ)



ଅଚଳ ହୋଇ ପଡ଼ିଥିବା ଜଳ ଯୋଗାଣ ପ୍ରକଳ୍ପ।

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଗତ ୧୫ଦିନ ହେଲା ଅଚଳ ହୋଇପଡିଛି। ଫଳରେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଦୁଇୱାର୍ଡ ବିଶିଷ୍ଟ ଉକ୍ତ ଗ୍ରାମର ଲୋକ ସଂଖ୍ୟା ଏକ ହଜାରରୁ ଊର୍ଦ୍ଧ୍ୱ । ଗ୍ରାମରେ ୪ଟି ନଳକୂପ ରହିଛି। ନିରନ୍ତର ଓ ସ୍ୱଚ୍ଛ ପାନୀୟ ଜଳ ସୁବିଧା ପାଇଁ ଗ୍ରାମରେ ଏକ ଜଳ ଯୋଗାଣ ପ୍ରକଳ୍ପ ରହିଛି। ଓଭରହେଡ ଟାଙ୍କିରୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ହେଲେ ଗତ ୧୫ ଦିନ ହେବ ମୋଟର ପୋଡ଼ି ଯାଇଥିବା ଯୋଗୁ ଜଳ ଯୋଗାଣ ବନ୍ଦ ରହିଛି । ପ୍ରଚଣ୍ଡ ରୌଦ୍ରତାପ ହେତୁ ପାନୀୟ ଜଳର ଆବଶ୍ୟକତା ବଢ଼ିଥିବା ବେଳେ ପ୍ରକଳ୍ପ ଅଚଳ ହେବା ପରିସ୍ଥିତିକୁ ସଙ୍ଗୀନ କରୁଛି। ଲୋକେ ରେଳ ଫାଟକ ନିକଟରେ ଥିବା ନଳକୂପ ଓ ଚାଷୀଙ୍କ ଜମିରେ ଖୋଳା ଯାଇଥିବା ଗଭୀର ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏଥିପାଇଁ ମହିଳାମାନଙ୍କୁ ଏକରୁ ୨ କିମି ଯିବାକୁ ପଡୁଛି । ପଞ୍ଚାୟତ ପକ୍ଷରୁ ଦିନେ ଦୁଇ ଦିନ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କଲା ପରେ ଏବେ ଦିଆଯାଉ ନଥିବା ଲୋକ ଅଭିଯୋଗ କରୁଛନ୍ତି। ଏ ନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ରବିବାର ପ୍ରକଳ୍ପରେ ମୋଟର ଲଗାଇ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି ।




ବଲାଙ୍ଗୀର ବସ୍‌ଷ୍ଟାଣ୍ଡ ନିକଟରେ ଖେଳାଳିଙ୍କୁ ସ୍ୱାଗତ କରାଯାଉଛି।

# ବଲାଙ୍ଗୀର ଜିଲ୍ଲା ମହିଳା କ୍ରିକେଟ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗୀର,୧୦।୫(ବୀରେନ୍ଦ୍ର କୁମାର ଝାଙ୍କର): କଟକରେ ଚାଲିଥିବା ଆନ୍ତଃ ଜିଲ୍ଲା ମହିଳା ଟି-୨୦ କ୍ରିକେଟରେ ବଲାଙ୍ଗୀର ଜିଲ୍ଲା ମହିଳା ଦଳ ଓ କଟକ ଜିଲ୍ଲା ଦଳ ମଧ୍ୟରେ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ ରନର୍ସ ଅପ୍ ହୋଇ ଟ୍ରଫି ସହ ୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ। ଉକ୍ତ ଟିମ୍ ଶନିବାର ସକାଳେ ବଲାଙ୍ଗୀରରେ ପହଞ୍ଚିବା ପରେ ବଲାଙ୍ଗୀର କ୍ରୀଡା ସଂସଦର କାର୍ଯ୍ୟକର୍ତ୍ତା କୋଚ୍ ଅରୁଣ ନାୟକ, ଟିମ୍ ମ୍ୟାନେଜର ଇନ୍ଦିରା ନନ୍ଦିନୀ ନାଥ, ଅଧିନାୟିକା ମାଧୁରୀ ମେହେଟ୍ଟା, ସରିତା ମେହେର ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କ୍ରୀଡା ସଂସଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ-ସମ୍ପାଦକ ଶତ୍ରୁଘ୍ନ ସିଂ ଓ କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଉପସ୍ଥିତ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# 'ଛାତ୍ର ଜୀବନରୁ ସେବା ପ୍ରତି ସମର୍ପିତ ହେବାକୁ ପରାମର୍ଶ'




ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ସଭାରେ ମଞ୍ଚାସୀନ ଅତିଥି।

## ବଲାଙ୍ଗୀରରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ

ବଲାଙ୍ଗୀର,୧୦।୫(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ପିଏମଶ୍ରୀ ପୃଥ୍ୱୀରାଜ ହାଇସ୍କୁଲ ଠାରେ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଜୁନିୟର ରେଡକ୍ରସ ବଲାଙ୍ଗୀର ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଗୁରୁବାର ପାଳିତ ହୋଇଥିଲା। ରେଡକ୍ରସର ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ଯୋଗଦେଇ ରେଡକ୍ରସ ସେବା କାର୍ଯ୍ୟ ଏବଂ ଏହାର ବିଶ୍ୱବ୍ୟାପୀ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ଉପସ୍ଥିତ ରହି ପରାମର୍ଶଦାତା ତଥା ଜୁନିୟରମାନଙ୍କୁ ସେବା ମନୋଭାବ ଏବଂ ତ୍ୟାଗପୂତ ଜୀବନ ଉପରେ କହିଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ବାଗ ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ବିକାଶ ରଞ୍ଜନ ସାହୁ ଯୋଗଦାନ କରି ହେନେରୀଙ୍କ ମହାନ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅବଦାନ ସମ୍ପର୍କରେ ମତ ରଖିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଧାନ ଶିକ୍ଷୟିତ୍ରୀ ସେଠୀ ରେଡକ୍ରସ ଭଳି ସେବାସଂସ୍ଥାରେ ଛାତ୍ରାବସ୍ଥାରୁ ଯୋଗଦାନ କରି ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ଉପରେ କାର୍ଯ୍ୟ କରିବା ଏବଂ ଛାତ୍ର ଜୀବନରୁ ସେବା ପ୍ରତି ସମର୍ପିତ ହେବାକୁ କହିଥିଲେ। କାର୍ଯ୍ୟକ୍ରମକୁ ସାଧନକର୍ମୀ ରବୀନ୍ଦ୍ର ଠେଠୁଆଲ ସଂଯୋଜନା କରିଥିଲେ। ସାଧନକର୍ମୀ ତଥା ଟିଟିଲାଗଡ ଉପଖଣ୍ଡ ସଂଯୋଜକ ହେମନ୍ତ ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କୁମୁଣ୍ଡେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଲୋଇସିଂହା,୧୦।୫(ସୁଶାନ୍ତ ବାରିକ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା କୁମୁଣ୍ଡେ ଗ୍ରାମର ଦଳିତବସ୍ତିରେ ଗତ ୮ ତାରିଖରୁ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଗତ ଗୁରୁବାର ସକାଳେ ନିକଟସ୍ଥ ସୁକତେଲ ନଦୀରୁ ପଡ଼ାର ମହିଳାପୁରୁଷ ପୂର୍ଣ୍ଣ କଳସ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କଲା ପରେ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଦିବସରେ ରାଜପାଲି, ରିନବଚନ, ଗମ୍ଭାରୀପାଲି, ବ୍ରାହ୍ମଣୀପାଲି , କଂସରା ଓ କୁମୁଣ୍ଡେ ସଙ୍କୀର୍ତ୍ତନ ଦଳ ଯୋଗ ଦେଇ ନଗର ପରିକ୍ରମା କରିଥିଲେ। ସେହିପରି ଜଡ଼ାମୁଣ୍ଡା,କାଳିଝରାନ, ଯୋଗୀସର୍ଡା, ବୁଦୁଲା, ରୁଗୁଡ଼ିପାଲି, କୁର୍ଲୁପାଲି, ରମ୍ଭାସିଣ୍ଡଲ , ମାଟିକୋଡ଼ ଆଦି ଗ୍ରାମର ସଙ୍କୀର୍ତ୍ତନ୍ୟ ଦଳ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ପୂଜାରେ ବୃନ୍ଦାବନ କୁଆଁର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଡ଼ା ଓ ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ଧାନ ବିକ୍ରୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଖପ୍ରାଖୋଲ,୧୦।୫(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁରେ କୃଷି ଓ କୃଷକ ସଶକ୍ତକରଣ ବିଭାଗ ତରଫରୁ ପ୍ରାଥମିକ କୃଷି ସମବାୟ ସମିତି ପାଇଁ ଧାନ ବିକ୍ରୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ଲାଗି ଶୁକ୍ରବାର ଶିଳାନ୍ୟାସ କରାଯାଇଛି । ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ନଡ଼ିଆ ଭାଙ୍ଗି ଶିଳାନ୍ୟାସ କରିଥିଲେ। ୫୩ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ବରାଦରେ ଚାଷୀଙ୍କ ଧାନ ବିକ୍ରୟ ତଥା ଭିତ୍ତିଭୂମି ବିକାଶ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। ଏହି ଅବସରରେ ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପ୍ୟାକ୍ସ ସଭାପତି ନକୁଳ ବେହେରା, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭାଇଁସାଲ, ଉମାକାନ୍ତ ପ୍ରଧାନ, ବିକାଶ ବେହେରା, ଉପେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଶିଳାନ୍ୟାସ ଉତ୍ସବ ଅବସରରେ ଉପ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

# କୂଅରେ ପଡ଼ି ଶିଶୁପୁତ୍ର ମୃତ

ପାଟଣାଗଡ଼,୧୦।୫(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଲଉମ୍ବା ଥାନା ଅନ୍ତର୍ଗତ ଚିଟକାମାଳ ଗାଁରେ ଶନିବାର ସକାଳେ କୂଅରେ ପଡି ୨ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ଉକ୍ତ ଗ୍ରାମର ଅନ୍ତର୍ଯ୍ୟାମୀ ପୋଢଙ୍କ ପୁଅ ପ୍ରିୟାଂଶୁ। ସୂଚନା ଅନୁସାରେ ସକାଳୁ ପରିବାର ବର୍ଗ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ଘରକୁ ପତ୍ର ଆଣି ସମସ୍ତେ ଏକାଠି ବାନ୍ଧୁଥିଲେ। ଏହି ସମୟରେ ପ୍ରିୟାଂଶୁ ସେଠାରେ ଖେଳୁଥିଲା। ଖେଳୁଥିବା ସମୟରେ ସେ ଘରପଛ ପଟକୁ ଚାଲି ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ପୁଅକୁ ଖୋଜିବା ବେଳେ ପ୍ରିୟାଂଶୁ ଘରପଛ ପାଖ କୂଅରେ ପଡିଯାଇଥିବା ଦେଖିବାକୁ ପାଇଥିଲେ। କୂଅରୁ ଉଦ୍ଧାର କରି ତାଙ୍କୁ ପାଟଣାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଖବର ପାଇ ଲଉମ୍ବା ପୋଲିସ ଡାକ୍ତରଖାନାରେ ପହଞ୍ଚି ଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସଆଇ କମଳଲୋଚନ ମାଝୀ କହିଛନ୍ତି।

# ଲୋକ ଅଦାଲତ: ୨୧୦ ମାମଲାର ଫଇସଲା

ଟିଟିଲାଗଡ଼,୧୦।୫(ଶରତ ମିଶ୍ର / ସନ୍ତୋଷ ପଟ୍ଟନାୟକ)

ତାଲୁକ ଆଇନ ସେବା ସମିତି ଟିଟିଲାଗଡ଼ ପକ୍ଷରୁ ଶନିବାର ସ୍ଥାନୀୟ କୋର୍ଟ ପରିସରରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଦାଲତରେ ମୋଟ ୮୭୭ ମାମଲା ବିଚାର ପାଇଁ ଆସିଥିଲା। ସେଥିରୁ ୨୧୦ଟି ମାମଲାର ଫଇସଲା ହୋଇଛି। ଏନେଇ ମୋଟ ୩୨ ଲକ୍ଷ ୧ ହଜାର ୩୮୦ ଟଙ୍କା ଆଦାୟ ହୋଇଛି। ରାଷ୍ଟ୍ରୀୟ ଲୋକ ଅଦାଲତରେ ଏକ ରାସ୍ତା ଦୁର୍ଘଟଣାଜନିତ ମୃତ୍ୟୁ ମାମଲାର ତ୍ୱରିତ ଫଇସଲା ହୋଇଥିବା ବେଳେ ପୀଡିତଙ୍କ ପରିବାର ୧୩ ଲକ୍ଷ ଟଙ୍କାର ସହାୟତା ପାଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରା ଏବଂ ସେସନ ଜଜ୍ ସନ୍ଦୀପ କୁମାର ପଟ୍ଟନାୟକ, ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ସବଜଜ୍ କୃଷ୍ଣଚନ୍ଦ୍ର ନାୟକ, ଆଇନଜୀବୀ ମମତାଜ ଖାନ, ଏସଡ଼ିଜେଏମ ସୁମିତ ପାଣିଗ୍ରାହୀ ଏବଂ ଆଇନଜୀବୀ ଜୟନ୍ତ ପଣ୍ଡାଙ୍କୁ ନେଇ ଗଠିତ ତିନୋଟି ଖଣ୍ଡପୀଠରେ ମାମଲାଗୁଡିକର ଫଇସଲା ହୋଇଥିଲା। ସମସ୍ତ କୋର୍ଟ କର୍ମଚାରୀ ସହାୟତା କରିଥିଲେ।

## ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ତୃତୀୟ ଦିବସ

# ନାଚ, ଗୀତରେ ଦୁଲୁକିଲା ମଞ୍ଚ



ହରିଶଙ୍କର ମହୋତ୍ସବ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ।



କୃଷି ବିଭାଗର ପ୍ରଦର୍ଶନୀ।

## ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ମୁଖ୍ୟ ଆକର୍ଷଣ

ଖପ୍ରାଖୋଲ,୧୦।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ଶନିବାର ଥିଲା ତୃତୀୟ ଦିବସ । ଏହି ଉପଲକ୍ଷେ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ବେଲପଡ଼ା ବ୍ଲକ ଅଧ୍ୟକ୍ଷା ତିନା କୁମ୍ଭାର, ଦେବୋତ୍ତର କମିଟି ସଦସ୍ୟ ବିପ୍ର ବିଶି, ଇନ୍ଦୁଭୂଷଣ ଠାକୁର ଯୋଗ ଦେଇଥିଲେ । ପାଟଣାଗଡ ଉପ ଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଡ. ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ଭୁବନେଶ୍ୱରର ଅଶୋକ ଘୋଷାଲ ଓ ସାଥୀଙ୍କ ଓଡ଼ିଶୀ ନୃତ୍ୟ, ସୁରସଙ୍ଗୀତ ପାଟଣାଗଡ, ଟାଙ୍ଗୁରୁପଦର୍ ଗାଁର ରାମଲୀଳା ମଞ୍ଚସ୍ଥ ହୋଇଥିଲା । ଦ୍ୱିତୀୟ ମଞ୍ଚରେ କଳାଜୀବୀ ବରଗଡ଼, ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ କଲଚର୍ ସମ୍ବଲପୁରର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରୁକୁସୁନା ଓ ସାଥୀଙ୍କ ମେଲୋଡି ପରିବେଷିତ ହୋଇଥିଲା। ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା। ଏହି ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ ପ୍ରଜ୍ଞାପନ ମେଢ଼ ବେଶ ଆକର୍ଷଣୀୟ ହୋଇଥିଲା। କୃଷି ବିଭାଗ ଦ୍ୱାରା ପ୍ରଦର୍ଶିତ ସମନ୍ୱିତ କୃଷି ଓ ଜୈବିକ କୃଷି ସମ୍ପର୍କିତ ପ୍ରଦର୍ଶନୀ ଦର୍ଶକଙ୍କ ମନ ମୋହିଥିଲା।

# ସରକାରୀ ସ୍କୁଲ ମାଟ୍ରିକ୍ ପରୀକ୍ଷାଫଳ ନୈରାଶ୍ୟଜନକ

**ସୋନପୁର,୧୦।୫(ମୃତ୍ୟୁଞ୍ଜୟ ଶତପଥୀ)**



ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

■ ୨୮ ଏ-୧ ଗ୍ରେଡ୍‌ଧାରୀଙ୍କ ମଧ୍ୟରୁ ୨ ଜଣ ସରକାରୀ ବିଦ୍ୟାଳୟର

■ ୧୨୮ ଉଚ୍ଚ ବିଦ୍ୟାଳୟର ୮୦୭୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ୨୦୨୫ର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସୁବର୍ଣ୍ଣପୁର ଜିଲାର ପାସ୍ ହାର ୯୬.୨୨ ପ୍ରତିଶତ ରହିଛି। ଯାହାକି ଗତ ବର୍ଷଠାରୁ କମ୍। ଏହା ରାଜ୍ୟରେ ୨୦ତମ ସ୍ଥାନରେ ରହିଛି। ଚଳିତ ବର୍ଷ ଜିଲାର ମୋଟ ୧୨୮ଟି ଉଚ୍ଚ ବିଦ୍ୟାଳୟର ୮୦୭୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ମୋଟ ୭୭୬୮ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଜିଲାର ୨୮ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ବେସରକାରୀ ଶିକ୍ଷାନୁଷ୍ଠାନ ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ସର୍ବାଧିକ ୨୫ଜଣ ଓ ବିନିକା ସରସ୍ୱତୀ ବିଦ୍ୟା ମନ୍ଦିରର ଜଣେ ଛାତ୍ରୀ ଏ-୧ ଗ୍ରେଡ୍ ପାଇଛନ୍ତି। ଜିଲାର ମୋଟ ୧୨୪ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଡୁଙ୍ଗୁରିପାଲି ବ୍ଲକର ଗଧାପାଲି ଜଗନ୍ନାଥ ହାଇସ୍କୁଲରୁ ଜଣେ ଛାତ୍ର ଓ ରାମପୁର ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ଏ-୧ ଗ୍ରେଡ୍ ତାଲିକାରେ ସ୍ଥାନ ପାଇଛନ୍ତି। ଜିଲାର ୨ଟି ବେସରକାରୀ ବିଦ୍ୟାଳୟରେ ୨୬ଜଣ ଏ-୧ ଗ୍ରେଡ୍ ପାଇଥିଲା ବେଳେ ୧୨୪ ସରକାରୀ ବିଦ୍ୟାଳୟରେ ମାତ୍ର ୨ଜଣ ଏ-୧ ଗ୍ରେଡ୍ ପାଇବା ଚିନ୍ତାର କାରଣ ପାଲଟିଛି।

ଜିଲାର ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ ନୂତନ କରି ଅନୁଦାନ ପାଉଥିବା ବିଦ୍ୟାଳୟ ଗୁଡିକର ଫଳାଫଳ(ଏ-୧ ଗ୍ରେଡ୍) ନୈରାଶ୍ୟଜନକ ରହିଛି। ଜିଲାରେ ଏ-୧ ଗ୍ରେଡ୍ ସଂଖ୍ୟା ବଢାଇବା ପାଇଁ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ବ୍ଲକସ୍ତରରେ ହାଇ ଏଚିଭର ଓରିଏଣ୍ଟେସନ କାର୍ଯ୍ୟକ୍ରମ କରା ଯାଇଥିଲା। ଜିଲାସ୍ତରରେ ୧୯୪ ଛାତ୍ରୀଛାତ୍ରଙ୍କୁ ନେଇ ହାଇ ଏଚିଭର ଓରିଏଣ୍ଟେସନ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ତେବେ ସରକାରୀ ବିଦ୍ୟାଳୟଗୁଡିକ ଏ-୧ ଗ୍ରେଡ୍ ବଢାଇବାରେ ଫେଲ ମାରିଛନ୍ତି। ପ୍ରତିବର୍ଷ ନିର୍ଦ୍ଦିଷ୍ଟ କୋଟେଟି ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ର ହିଁ ୧-ଏ ଗ୍ରେଡ୍ ପାଉଥିବା ବେଳେ ଜିଲାର ପ୍ରତିଷ୍ଠିତ ତଥା ନାମକରା ବିଦ୍ୟାଳୟ ଗୁଡିକର ଏ-୧ ଗ୍ରେଡ୍ ସଂଖ୍ୟା ଶୂନ ରହୁଛି। ୫-ଟି ସ୍କୁଲର ରଙ୍ଗ ମରା ଶ୍ରେଣୀ ଗୃହ, ବିଜ୍ଞାନାଗାର, ଇ ଲାଇବ୍ରେରୀ ଓ ସ୍ମାର୍ଟ କ୍ଲାସ ରୁମ୍ ଦ୍ୱାରା ପରୀକ୍ଷା ଫଳରେ ସୁଧାର ଆସିନି। ପିଏମ୍‌ଶ୍ରୀ ଯୋଜନାରେ ମିଳୁଥିବା କୋଟି କୋଟି ଟଙ୍କାର ଅନୁଦାନ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିନି। ଯାହା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଠପଢା ତଥା ଜିଲାରେ ଶିକ୍ଷା ବ୍ୟବସ୍ଥା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ଜିଲାରେ ଗତ ମାଟ୍ରିକ୍ ପରୀକ୍ଷା ପାଇଁ ୧୨୮ଟି ବିଦ୍ୟାଳୟର ୮୨୧୬ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ଏଥିରୁ ୧୪୩ ଜଣ ଅନୁପସ୍ଥିତ ରହିଥିଲେ। ସେଥିରୁ ମାତ୍ର ୨୮ଜଣ ଏ-୧ ଗ୍ରେଡ୍‌ରେ, ୧୩୪ଜଣ ଏ-୨ ଗ୍ରେଡ୍‌ରେ, ୪୩୫ଜଣ ବି-୧ରେ, ୧୦୬୩ଜଣ ବି-୨ରେ, ୨୧୩୧ଜଣ ସି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୀରମହାରାଜପୁର, ଉଲୁଣ୍ଡା, ତରଭା ବ୍ଲକର ବିଦ୍ୟାଳୟରୁ ଏଥର କେହି ଏ-୧ ଗ୍ରେଡ୍ ପାଇନାହାନ୍ତି। ରାଜ୍ୟ ସରକାର ସୁବର୍ଣ୍ଣପୁର ଜିଲାର ୧୨୪ଟି ସରକାରୀ ବିଦ୍ୟାଳୟର ୧୦୪୯ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ଦରମା ଆକାରରେ ମାସିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସେହି ଅନୁଯାୟୀ ଜିଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇପାରୁନି। ଜିଲାରେ ଦିନକୁ ଦିନ ସରକାରୀ ବିଦ୍ୟାଳୟଗୁଡିକରେ ପରୀକ୍ଷା ଫଳ ସନ୍ତୋଷଜନକ ନଥିବାରୁ ଅଭିଭାବକମାନେ ସରକାରୀ ବିଦ୍ୟାଳୟ ପ୍ରତି ମୁହଁ ଫେରାଉ ଥିବା ଅଭିଯୋଗ ହେଉଛି। ଏନେଇ ପ୍ରଶାସନ ଓ ଶିକ୍ଷା ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରିଣୀ ମିନାରାଣୀ ମଙ୍ଗଳ କୁହନ୍ତି, ଜିଲାରେ ଏ-୧ ଗ୍ରେଡ୍ ସଂଖ୍ୟା ବଢାଇବା ପାଇଁ ପରୀକ୍ଷା ପୂର୍ବରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆ ଯାଇଥିଲା। କିନ୍ତୁ ଆଶାନୁରୂପ ଫଳ ମିଳିନି। ବିଭାଗ ପକ୍ଷରୁ ଏ ସମ୍ପର୍କରେ ସମୀକ୍ଷା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ବୀରମହାରାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ


ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀ।

**ବୀରମହାରାଜପୁର,୧୦।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସିଭିଲ କୋର୍ଟ ଏବଂ ଏସଡିଜେଏମ କୋର୍ଟରେ ଶନିବାର ସକାଳ ୮ଟାରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସିଭିଲ କୋର୍ଟର ଗୋଟିଏ ମାମଲା ସମାଧାନ ହୋଇଥିବା ବେଳେ ୧ ଲକ୍ଷ ୬୧ହଜାର ୨୦ଟଙ୍କା ଜରିମାନ ଆଦାୟ କରାଯାଇଥିଲା । ଏହି ବସରରେ ବୀରମହାରାଜପୁର ସବ୍‌ଜଜ ତଥା ବରିଷ୍ଠ ଦେୱାନି ସିଭିଲ ଜଜ ସରୋଜିନୀ ସାହୁ, ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା, ଯୁଧିଷ୍ଠିର ସାହୁ ଓ ଅନ୍ୟାନ୍ୟ ଓକିଲ ଓ ବିଭିନ୍ନ ବ୍ୟାଙ୍କର ମ୍ୟାନେଜର ଏବଂ ବିଭିନ୍ନ ସଂସ୍ଥାର ଅଧିକାରୀ ଯୋଗଦେଇଥିଲେ। ସେହିଭଳି ଏସ୍‌ଡିଜେଏମ କୋର୍ଟର ପରସରରେ ଏସ୍‌ଡିଜେଏମ ପୁନମ ସେଟଙ୍କ ଅଦାଲତରେ ୨୦ମାମଲାର ସମାଧାନ ହେବା ସହିତ ୬୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅନେକ ଆଇନଜୀବୀଙ୍କ ସହିତ ବିଭାଗୀୟ କର୍ମଚାରୀ ସଞ୍ଜିବ କୁମାର ବାରିକ, ମନସ୍ୱିନୀ ମେହେର, ସୁଜିତ କୁମାର ପ୍ରଧାନ, ପ୍ରତିଭା ସାହୁ, ଟିକେଶ୍ୱର ଥନାପତି, ମଞ୍ଜୁ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

## ବାଦୀକଟାରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ଯଜ୍ଞ

**ବାଉଁଶୁଣୀ,୧୦।୫(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତ ବାଦିକଟା ଗ୍ରାମରେ ଶନିବାର ସକାଳ ସାଢେ ୯ଟାରେ ହରିହରାତ୍ମକ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟା ସମୟରେ ବାଦିକଟା ଗ୍ରାମ ପୋଖରୀ ଘାଟରେ ପୂଜାର୍ଚ୍ଚନା କରିବା ପରେ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଠାକୁରାଣୀ ପୀଠରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଯଜ୍ଞ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ହୋମ ସହ ନାମଯଜ୍ଞ, ଅନ୍ନଯଜ୍ଞ, ସୂର୍ଯ୍ୟପୂଜା ଆଦି ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଡାଲଖାଇ ସୁରେ ଫୁଲର କହଁର ପୁସ୍ତକ ଉନ୍ମୋଚିତ

**ବୀରମହାରାଜପୁର,୧୦।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସ ସମାଧି ପୀଠ ବାଘପାଲିଠାରେ କବୟିତ୍ରୀ ସନ୍ଧ୍ୟାରାଣୀ ମେଣ୍ଡିଲିଙ୍କ ପୁସ୍ତକ ଡାଲଖାଇ ସୁରେ ଫୁଲର କହଁର ଶନିବାର ସକାଳ ୯ଟାରେ ଉନ୍ମୋଚିତ ହୋଇଯାଇଛି। ସିଦ୍ଧଯୋଗୀ ଚନ୍ଦ୍ରମଣି ମଠ ବିକାଶ ଟ୍ରଷ୍ଟ ବାଘପାଲି ସହ ସମ୍ପାଦକ ସମାରୁ ବଗର୍ତ୍ତୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷକ ଜିତେନ୍ଦ୍ର ପରଡିଆ, ସମ୍ମାନିତ ଅତିଥି ଶିକ୍ଷକ ମକୁନ୍ଦ ଧରୁଆ, ଶିକ୍ଷୟିତ୍ରୀ କଲ୍ୟାଣୀ ଭୋଇ, ନାଗାର୍ଜ୍ଜୁନ ପାଢ଼ୀ, ପୁସ୍ତକ ସମୀକ୍ଷକ ଶିକ୍ଷକ ତ୍ରିପୁରାରୀ ମହାକୁର ଯୋଗଦାନ କରିଥିଲେ । ଡାଲଖାଇ ସୁରେ ଫୁଲର କହଁର ପୁସ୍ତକ ଉପରେ ଆଲୋଚନା କରି ସେ କହିଥିଲେ, ଏହି ପୁସ୍ତକରେ ପାଠକ ମାନଙ୍କୁ ଆକୃଷ୍ଟ କଲାଭଳି କବିତା ମାନ ରହିଛି। ପଦ୍ମଲୋଚନ ପଧାନ ମଞ୍ଚ ପରିଚାଳନା କରିଥିବା ବେଳେ କବୟିତ୍ରୀ ସନ୍ଧ୍ୟାରାଣୀ ମେଣ୍ଡିଲି ଧନ୍ୟବାଦ ଅର୍ପଣ କରୁଥିଲେ। ମାଗୁଣି ଦନାୟକ, ଗୌର ବାରିକ, ଶତ୍ରୁଘ୍ନ ଭୁଲ୍ତା, ପରଦେଶୀ ବିଶି, ସତ ବଗର୍ତ୍ତୀ, ମେଘୁ ପଧାନ, ପୁରନ୍ଦର ଥାଟି, ମନୋଜ ଦନାୟକ, ଧିରେନ ପଣ୍ଡା, ପଦ୍ମନାଭ ପଧାନ, ଉମେଶ ବଗର୍ତ୍ତୀ, ଗୋପାଳକୃଷ୍ଣ ପାଢ଼ୀ, ପ୍ରଦ୍ୟୁମ୍ନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।


ସନ୍ଧ୍ୟାରାଣୀ ମେଣ୍ଡିଲିଙ୍କ ପୁସ୍ତକ ଡାଲଖାଇ ସୁରେ ଫୁଲର କହଁରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ସଂକ୍ଷେପରେ

## ରବିଋତୁ ଧାନକ୍ରୟ ତାଲିମ ଶିବିର

**ବୀରମହାରାଜପୁର,୧୦।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଶୁକ୍ରବାର ରବିଋତୁର ଧାନକ୍ରୟ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିଥିଭାବେ ଏସିଏସଓ ଲଳିତମୋହନ ପଟ୍ଟନାୟକ, ଏଆରସିଏସ୍ ଗିରୀଶ ଚନ୍ଦ୍ର ପୁରୋହିତ ଯୋଗଦେଇ ମଞ୍ଚାସୀନ ହୋଇଥିଲେ। ତାଲିମଦାତାଭାବେ ପ୍ରୋଗ୍ରାମର ରାମ ଶଙ୍କର ଦାସ ଯୋଗଦେଇ ରବି ଋତୁରେ କିପରି ଧାନକ୍ରୟ କରାଯିବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଏହିଶିବିରକୁ ଯୋଗାଣ ନିରୀକ୍ଷକ, ସମସ୍ତ ପାକ୍ସ ସମ୍ପାଦକ, ଏସ୍‌ଏଚ୍‌ଜି ମହିଳା, ଡିଓ, ଯୋଗେଦେଇଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା।

## ୧୨୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବାଉଁଶୁଣୀ,୧୦।୫(ଦେବାଶିଷ ନେପାକ)**

ଗଞ୍ଜେଇ ଚାଲାଣ ସୂଚନା ପାଇ ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ପକ୍ଷରୁ ଶୁକ୍ରବାର ବାଦୀକଟା-ମନକାମନା ରାସ୍ତାରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ୧୨୦ କେଜିଗଞ୍ଜେଇ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଖଜାପଦର ଗ୍ରାମର ଉମେଶ ଅମାତ। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଆଇଗଟ କର୍ମଯୋଗୀ ପୋର୍ଟାଲ ପ୍ରଶିକ୍ଷଣ ଶିବିର

**ବୀରମହାରାଜପୁର,୧୦।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଶୁକ୍ରବାର ଦିନିକିଆ ଆଇଗଟ କର୍ମଚାରୀ ପୋର୍ଟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଇଗଟ ପୋର୍ଟାଲ ଦ୍ୱାରା ବ୍ଲକରେ ଯେତ କର୍ମଚାରୀ ଏଚ୍‌ଆର୍‌ଏସଏସ ଦ୍ୱାରା ବିଲ କରୁଛନ୍ତି ସମସ୍ତେ ଏହି ପୋର୍ଟାଲ ଦ୍ୱାରା ପରୀକ୍ଷଣ ନେବାକୁ ପଡିବ। ଯେଉଁମାନେ କୃତକାର୍ଯ୍ୟ ହେବେ ସେମାନଙ୍କ ଚାକିରି ସେବା ପୁସ୍ତକ ଓ ଗୁପ୍ତ ଚରିତ୍ର ପଞ୍ଜିକା ସେତିକି ଉନ୍ନତମାନର ରହିବ ବୋଲି କହିଥିଲେ। ମାଷ୍ଟର ଟ୍ରେନରଭାବେ ବ୍ଲକ କମ୍ପ୍ୟୁଟର ପୋଗ୍ରାମର ସଞ୍ଜୟ ବେହେରା ଏଆଇ ଓ ଯୋଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ଶୁଭନାଥ ମାଝୀ, ସେକ୍ସନ ଅଫିସର, ଜଗଜିତ ନାଏକ, କୋଷାଧ୍ୟକ୍ଷ ବିଶ୍ୱନାଥ ଶତପଥୀ ବକ୍ତବ୍ୟ ରଖିଥିଲେ। ଏହି ପ୍ରଶିକ୍ଷଣରେ ବ୍ଲକର ସମସ୍ତ ପିଇଓ, ଏଡିଓ ଓ ଅନ୍ୟାନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ପରୀକ୍ଷାରେ ଯେଉଁମାନେ କୃତକାର୍ଯ୍ୟ ହୋଇଥିଲେ ସେହି କର୍ମଚାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।



ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍, ବରିଷ୍ଠ ଆଇନଜୀବୀ ଓ ଅନ୍ୟମାନେ।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୋନପୁର,୧୦।୫(ମୃତ୍ୟୁଞ୍ଜୟ ଶତପଥୀ)**

**୪୯୩ ମାମଲା ଫଇସଲା, ୫୦.୮୨ ଲକ୍ଷ ଜରିମାନା ଆଦାୟ**

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ ରଶ୍ମି ମୋହନ ଅଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲା ଜଜ ଦିଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମିଜିଷ୍ଟ୍ରେଟ୍ ବିଶ୍ୱବିଶ୍ରୁତ କର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ବରିଷ୍ଠ ସିଭିଲ ଜଜ୍ ଅମିତାଭ ପଣ୍ଡା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦେସ୍ନା ପଟ୍ଟନାୟକ, ଜେଏମ୍‌ଏଫସି ପ୍ରଣତି ରଥ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଆଇନଜୀବୀ ମଧୁସୂଦନ ପଧାନ, ପ୍ରତାପ କୁମାର ପୁରୋହିତ, ଦେବ କିଶୋର ମିଶ୍ର, ଶ୍ରୀକାନ୍ତ ଦାଶ, ଶିବ ନାରାୟଣ ମହାପାତ୍ର, ସ୍ୱାଧୀନ ମେହେର, ଓଁକାର ପ୍ରସାଦ ପଧାନ ଓ ଚିନ୍ମୟ ମିଶ୍ର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ରିକୋଭରି, ଜଳ ବିବାଦ, ବିଦ୍ୟୁତ୍ ଜନିତ ମାମଲା ଓ ମୋଟର ଯାନ ଦୁର୍ଘଟଣା ଭଳି ୨୩୧୮ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୧୬୪ଟିର ଫଇସଲା କରାଯାଇ ମୋଟ ୧୮ଲକ୍ଷ ୪୮ହଜାର ୨୭ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ରାଜସ୍ୱ, ଖାଉଟି, ବୈବାହିକ, ଅପରାଧ ରଫାଯୋଗ୍ୟ ଓ ଚେକ୍ ବାଉନ୍ସ ଭଳି ୫୫୫ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୩୨୯ଟି ମାମଲାର ଫଇସଲା କରାଯାଇ ୩୨ଲକ୍ଷ ୩୪ହଜାର ୬୭୭ଟଙ୍କା ଜରିମାନା ଆଦାୟ କରା ଯାଇଥିଲା। ଲୋକ ଅଦାଲତରେ ସର୍ବମୋଟ ୨୮୭୩ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୪୯୩ଟି ମାମଲାର ଫଇସଲା କରାଯାଇ ୫୦ଲକ୍ଷ ୮୨ହଜାର ୭୦୪ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜ୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରିଶଙ୍କର ପାଣିଗ୍ରାହୀ, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ, ବେଣୁଧର ମଲ୍ଲିକ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟ ପୁରସ୍କୃତ

**ବୀରମହାରାଜପୁର,୧୦।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲାସ୍ତରୀୟ କ୍ୟାମ୍ପୋରୀଭାବେ ପୁରସ୍କୃତ ହୋଇଛି। ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଓଡିଶା ଶାଖା ତରଫରୁ ଏହି ପୁରସ୍କାର ଦିଆଯାଇଛି। ଶୁକ୍ରବାର ଓଡ଼ିଶା ରାଜଭବନର ଅଭିଷେକ ହଲରେ ଅନୁଷ୍ଠିତ ରାଜ୍ୟ ପୁରସ୍କାର ଉତ୍ସବରେ ସୁବର୍ଣ୍ଣପୁର ଜିଲା ତରଫରୁ ଆୟୋଜକ ହାଇସ୍କୁଲ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ଓ ଜିଲା ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ, ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କଠାରୁ ଟ୍ରଫି ଓ ମାନପାତ୍ର ଗ୍ରହଣ କରିଛନ୍ତି। ଉକ୍ତ ଉତ୍ସବରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭାରତ ସ୍କାଉଟ ଓ ଗାଇଡ଼ ଓଡିଶା ଶାଖା ରାଜ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବର ୧୭ତାରିଖଠାରୁ ୧୯ତାରିଖ ପର୍ଯ୍ୟନ୍ତ ଏହି କ୍ୟାମ୍ପୋରୀ ବାଳକ ଉଚ୍ଚ ବିଦ୍ୟାଳୟ ଆବାହକତ୍ୱରେ ବୀରମହାରାଜପୁର ମିନିଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା।



ରାଜ୍ୟପାଳ ହରିବାବୁ କମ୍ଭମପାଟି ଜିଲାସ୍ତରୀୟ କ୍ୟାମ୍ପୋରୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ବୌଦ୍ଧ, ହରଭଙ୍ଗାରେ ୧୧୮୬ ମାମଲା ଫଇସଲା


ବୌଦ୍ଧ: ପରିବାର ଅଦାଲତ ପରିସରରେ ଜିଲାଜଜ୍ ଓ ଅନ୍ୟମାନେ।


ହରଭଙ୍ଗା: ଲୋକ ଅଦାଲତରେ ବିଚାରପତି ମାମଲା ଫଇସଲା କରୁଛନ୍ତି।

**ବୌଦ୍ଧ/ହରଭଙ୍ଗା,୮।୫ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)**

ରାଷ୍ଟ୍ରୀୟ ଲୋକ ଅଦାଲତ

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ନ୍ୟାୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଲୋକ ଅଦାଲତରେ ୧୧୨୭ଟି ବିଚାରାଧୀନ ମୋଟର ଦୁର୍ଘଟଣା, ପାରିବାରିକ, ଦେୱାନୀ, ଫୌଜଦାରୀ, ଗ୍ରାହକ ବିବାଦ ମାମଲା ସମେତ ୧୭ଟି ପ୍ରାକ୍ ମକଦ୍ଦମା ଫଇସଲା କରି ୮୪ ଲକ୍ଷ ୩୦ ହଜାର ୯୨୯ଟଙ୍କା ଆଦାୟ ହୋଇଥିଲା। ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଅଖିଳ କୁମାର ପଶ୍ଚିମକବାଟ, ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ ପତି, ସିଜେଏମ୍ ନିରଞ୍ଜନ ପାତ୍ର, ସବଜଜ୍ ଶିତିକଣ୍ଠ ପ୍ରଧାନ, ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ଆଇନ ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର, ଏସ୍‌ଡିଜେଏମ୍ ସୁଶ୍ରୀ ସଙ୍ଗୀତା ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନନ୍ଦା ସାହୁ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସୁସ୍ମିତା ପ୍ରିୟଦର୍ଶିନୀ, ଦ୍ୱିତୀୟ ଶ୍ରେଣୀ ବିଭାଗୀୟ ଦଣ୍ଡାଧୀଶ ନିରାଲି ସାମନ୍ତରାୟ ଯୋଗଦେଇ ମାମଲାଗୁଡିକ ଫଇସଲା କରିଥିଲେ। ସେହିପରି ହରଭଙ୍ଗା ତାଲୁକ ଆଇନସେବା କମିଟି ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୪୨ଟି ମାମଲା ଫଇସଲା ହୋଇଥିବା ବେଳେ ୫ଲକ୍ଷ ୮୨ ହଜାର ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ସରକାରୀ ଓକିଲ ଅଜିତ ପରିଡାଙ୍କ ସମେତ ସମସ୍ତ ଆଇନଜୀବୀ,ବ୍ୟାଙ୍କ କର୍ତ୍ତୃପକ୍ଷ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

# ଅପରାଧରେ ଲାଗୁନି ବିରାମ

ରାଉରକେଲା,୧୦।୫(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲାରେ ଦିନକୁ ଦିନ ଶିଶୁ ଉତ୍ପୀଡ଼ନ ଓ ବଳାତ୍କାର ମାମଲା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ଏହି ମାମଲା ଗତ ୪ବର୍ଷ ମଧ୍ୟରେ ବଢ଼ିଛି। କଡ଼ା ଆଇନ କାନୁନ ସତ୍ତ୍ୱେ ଏଭଳି ଅପରାଧ ବୃଦ୍ଧି ଚିନ୍ତାର କାରଣ ସାଜିଛି। ସେହିପରି ରାଉରକେଲା ସ୍ପେଶାଲ ପୋକ୍‌ସୋ କୋର୍ଟରେ ଏପରି ଅପରାଧର ଶତ ପ୍ରତିଶତ ଦଣ୍ଡାଦେଶ ଶୁଣାଣି ହେଉଛି। ଜିଲାରେ ପୋକ୍‌ସୋ ଆଇନ ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ଚାଲିଛି। ଅନୁରୂପ ଭାବେ ପୋଲିସ ନିକଟରେ ବହୁ ମାମଲା ପହଞ୍ଚୁଥିବା ବେଳେ ସେଗୁଡ଼ିକ ଅନ୍ଧାରରେ ରହିଯାଉଛି। କେବଳ ଶିଶୁ କଲ୍ୟାଣ ସମିତିର ଦୃଷ୍ଟି ଆକର୍ଷଣ କରାଯାଉଥିବା ଆଲୋଚନା ହେଉଛି।

ସୁନ୍ଦରଗଡ଼ ଜିଲା ବିଶ୍ରା ଅଞ୍ଚଳରେ ୨୦୨୩ ଡିସେମ୍ବର ମାସରେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ବଳାତ୍କାରୀଙ୍କ ସମେତ ଜଣେ ଚିକିତ୍ସକ ଏବଂ ନର୍ସିଂହୋମ୍ ମାଲିକ ଗିରଫ ହୋଇଥିଲେ। କୁତ୍ରା ଅଞ୍ଚଳରେ ୨୦୨୪ରେ ଏକ ମିଶନ ସ୍କୁଲରେ ନାବାଳକଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ ହୋଇଥିଲା। ଯାହାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ସେହିପରି ରାଉରକେଲାରେ ୨୦୨୪ରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଅଭିଯୋଗରେ ରଘୁନାଥପାଲୀ ପୋଲିସ ୭ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅପରପକ୍ଷେ ଏଭଳି ଘଟଣା ଘଟୁଥିଲେ ମଧ୍ୟ ଥାନାରେ ଅନେକ ଅଭିଯୋଗ ହୋଇପାରୁନାହିଁ।

- ସୁନ୍ଦରଗଡ଼ ଜିଲାରେ ଶିଶୁ ଉତ୍ପୀଡ଼ନ ଉଦ୍‌ବେଗଜନକ
- ୪ ବର୍ଷରେ ବଢ଼ିଛି ପୀଡ଼ିତଙ୍କ ସଂଖ୍ୟା

ସଖି ୱାନ୍ ଷ୍ଟପ୍ ସେଣ୍ଟରରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୦ରେ ଶିଶୁ ଉତ୍ପୀଡ଼ନ ଓ ବଳାତ୍କାର ଅଭିଯୋଗରେ ଯଥାକ୍ରମେ ୬ ଓ ୧୪ଟି ମାମଲା ରୁଜୁ ହୋଇଛି। ସେହିପରି ୨୦୨୧ରେ ଯଥାକ୍ରମେ ୨ ଓ ୧୭, ୨୦୨୨ରେ ୭ ଓ ୨୪, ୨୦୨୩ରେ ୧୨ ଓ ୨୭ ଏବଂ ୨୦୨୪ରେ ୧୩ ଓ ୩୧ଟି ମାମଲା ହୋଇଛି। ଉକ୍ତ ମାମଲାରେ ପୀଡ଼ିତାମାନେ ସଖି ୱାନ୍ ଷ୍ଟପ୍ ସେଣ୍ଟର ହେପାଜତରେ ରହିଛନ୍ତି। ସେମାନଙ୍କ ନ୍ୟାୟିକ ବିଚାର ଜାରି ରହିଛି।

ଏ ସଂକ୍ରାନ୍ତରେ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟ ବାଳମୁକୁନ୍ଦ ଶୁକ୍ଳା କୁହନ୍ତି, ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ଥାନା ତଥା ପ୍ରତ୍ୟକ୍ଷ ଭାବେ ଶିଶୁ କଲ୍ୟାଣ ସମିତି ନିକଟକୁ ଏପରି ଅଭିଯୋଗ ଆସୁଛି। ୨୦୨୧ରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ୫୦ ପ୍ରତିଶତ ମାମଲା ହୋଇଛି। ସେଥିମଧ୍ୟରୁ ଅର୍ଦ୍ଧେକ ସ୍ଥାନୀୟ ଥାନାମାନଙ୍କରେ ଅଭିଯୋଗ ଓ ତଦନ୍ତ ପରେ ମାମଲା ରୁଜୁ କରାଯାଇଛି। ଅନେକ ସମିତି ନିକଟରୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଶିଶୁ ଉତ୍ପୀଡନ ଅଭିଯୋଗ ଆସୁଛି। ଜିଲାର ପ୍ରତ୍ୟେକ ଥାନାରୁ ଏହି ଅଭିଯୋଗ ଆସିଲେ ତୁରନ୍ତ ସମିତିକୁ ଅବଗତ କରାଯାଉଛି। ପରେ ସମିତି ସଦସ୍ୟମାନେ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହ ପୀଡ଼ିତ ବା ପୀଡ଼ିତାଙ୍କ ବୟାନ ଲିପିବଦ୍ଧ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ତେବେ ଜିଲାରେ ଦିନକୁ ଦିନ ଏପରି ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ଯାହାର ବିରାମ ଲାଗିବା କଷ୍ଟକର ହୋଇଛି। ସାମାଜିକ ସ୍ତରରେ ସଚେତନତା ଓ କଡ଼ା ଆଇନ ଏହାକୁ କିଛି ମାତ୍ରାରେ ରୋକିପାରିବ ବୋଲି ଆଶା କରାଯାଉଛି ବୋଲି ଶୁକ୍ଳା କହିଥିଲେ।

# ମା'ର ସ୍ନେହ, ମମତା ମୂଲ୍ୟବାନ

ରାଉରକେଲା,୧୦।୫(ବିପ୍ଲବ ରଞ୍ଜନ ଦାଶ)

**ଆଜି ମାତୃ ଦିବସ**



ମା' ଶିବାନୀଙ୍କ ସହ ରୋଜା ରାଣା।

ମା'ଠାରୁ ବଡ ଦୁନିଆଁରେ କେହି ନାହିଁ। ମା' ଶବ୍ଦ ଅତି ମଧୁର। ମା'ର ମମତା ଓ ସ୍ନେହର ପଟାନ୍ତର ନାହିଁ। ମା'କୁ ପୃଥିବୀଠାରୁ ମଧ୍ୟ ବଡ ବୋଲି କୁହାଯାଏ। ଏଣୁ ମା'ମାନଙ୍କ ଅନାବିଳ ସ୍ନେହ ଏବଂ ମମତାଭରା ସ୍ମୃତି ମନେ ପକାଇବା ପାଇଁ ପ୍ରତିବର୍ଷ ମେ ମାସ ୧୧ ତାରିଖକୁ ମାତୃ ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯାଇଆସୁଛି। ଏହି ମାତୃ ଦିବସ ଉପଲକ୍ଷେ ରାଉରକେଲାର ଜଣେ ମହିଳା ନିଜ ଝିଅ ପାଇଁ ଥିବା ଅନାବିଳ ସ୍ନେହ, ମମତାକୁ ପ୍ରତିପାଦନ କରିଛନ୍ତି।

କୋଏଲ ନଗର ବାସିନ୍ଦା ହେଉଛନ୍ତି ଶିବାନୀ ରାଣା। ଶିବାନୀଙ୍କ ଏକମାତ୍ର ଝିଅ ରୋଜାଙ୍କୁ ୪ବର୍ଷ ହୋଇଥିବା ବେଳେ ତାଙ୍କ ବାପା ଅଶୋକଙ୍କ ଅକାଳ ବିୟୋଗ ହେଲା। ଫଳରେ ଝିଅର ସମସ୍ତ ବୋଝ ଶିବାନୀଙ୍କ ଉପରେ ପଡ଼ିଲା। ଶିବାନୀ ନିଜ ଝିଅର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ଦିନରାତି ଏକ କରିଦିଅନ୍ତି। ସେ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା ସହ ଝିଅ ରୋଜାଙ୍କ ପାଠପଢ଼ାରେ ଖର୍ଚ୍ଚ କରନ୍ତି। ରୋଜା ହମିରପୁର ସେଣ୍ଟ ଯୋଶେଫ ସ୍କୁଲରେ ହାଇସ୍କୁଲ ଏବଂ ରାଉରକେଲା କଲେଜରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରନ୍ତି। ପିଲାଟି ଦିନରୁ ରୋଜା ନୃତ୍ୟ ପ୍ରତି ବିଶେଷ ରୁଚି ଥିବା ଜାଣି ଶିବାନୀ ତାଙ୍କୁ ନୃତ୍ୟଶିକ୍ଷା ପ୍ରଦାନ କରିବା ସହ ରାଉରକେଲାର ବିଭିନ୍ନ ମଞ୍ଚରେ ନୃତ୍ୟ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରନ୍ତି। ମା'ଙ୍କ ପ୍ରେରଣାରେ ରୋଜା ନୃତ୍ୟ ପରିବେଷଣ କରି ଏକ ଚର୍ଚ୍ଚିତ ଚେହେରା ପାଲଟିଯାଆନ୍ତି। ଏବେ ରୋଜା ବଲିଉଡ୍‌ର ସ୍ୱନାମଧନ୍ୟ କଳାକାରମାନଙ୍କ ସହ କାମ କରି ରାଉରକେଲାର ଟେକ ରଖିଛନ୍ତି। ଏହି ସଫଳତା ପଛରେ ମା' ଶିବାନୀଙ୍କ ଅକ୍ଳାନ୍ତ ପରିଶ୍ରମ, ସ୍ନେହ ଓ ମମତାକୁ ଶ୍ରେୟ ଦିଅନ୍ତି ରୋଜା। ଅନ୍ୟପଟେ ଶିବାନୀ ତାଙ୍କ ଝିଅକୁ ଦେଶର ଏକ ପ୍ରସିଦ୍ଧ ନୃତ୍ୟ ନିର୍ଦ୍ଦେଶିକା ଭାବେ ଦେଖିବାକୁ ଚାହାଁନ୍ତି ବୋଲି ପ୍ରକାଶ କରିଛନ୍ତି।

# ରାଜସ୍ୱ, ସ୍ଥାୟୀ ଇସ୍ପାତ ନିର୍ମାଣରେ ଉଲ୍ଲେଖନୀୟ ଯୋଗଦାନ

**ଆର୍‌ଏସ୍‌ପି ସାମଗ୍ରୀ ପୁନରୁଦ୍ଧାର ବିଭାଗ**

ରାଉରକେଲା,୧୦।୫(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମ୍‌ଆର୍‌ଡି) ୨୦୨୪-୨୫ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ରାଜସ୍ୱ ସୃଷ୍ଟି ସହ ଦୀର୍ଘସ୍ଥାୟୀ ପଦକ୍ଷେପ ନେବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ସବୁଜ ଇସ୍ପାତ ନିର୍ମାଣରେ ବିଶେଷ ସହଯୋଗୀ ହୋଇଛି। ଦକ୍ଷ ନିଷ୍କାସନ ଏବଂ ପୁନଃଚକ୍ରଣ କାର୍ଯ୍ୟ ମାଧ୍ୟମରେ ଏମ୍‌ଆର୍‌ଡି ବିଭାଗ ମହତ୍ୱପୂର୍ଣ୍ଣ ସହଯୋଗ ଦେବା ସହିତ ସମ୍ବଳର ସୁବିନିଯୋଗରେ ମଧ୍ୟ ବିଶେଷ ଭୂମିକା ତୁଲାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍‌ଆର୍‌ଡି ବିଭାଗ ବାହ୍ୟ ଏଜେନ୍ସିଗୁଡ଼ିକୁ ପ୍ରାୟ ୮.୬ ଲକ୍ଷ ଟନ୍ ବିଓଏଫ୍ ବର୍ଜ୍ୟ ସ୍ଲାଗ ସଫଳତାର ସହିତ ନିଷ୍କାସନ କରିଛି। ଏହି ପଦକ୍ଷେପ ନା କେବଳ ଉପ ଉତ୍ପାଦ ଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁନିଶ୍ଚିତ କରିଛି ବରଂ ପ୍ରାୟ ୩୦କୋଟି ଟଙ୍କାର ରାଜସ୍ୱ ମଧ୍ୟ ହାସଲ ହୋଇଛି। ଏହି ନିଷ୍କାସନ ପ୍ରକ୍ରିୟା ପରିବେଶଗତ ଭାର ହ୍ରାସ କରିବାରେ ସହାୟକ ହେବା ସହ କାରଖାନାର ସ୍ଥାୟିତ୍ୱ ପ୍ରୟାସରେ ଅବଦାନ ଦେଇଛି। ଅନୁମୋଦିତ ଏଜେନ୍ସିଗୁଡ଼ିକୁ ଏମ୍‌ଆର୍‌ଡି ବିଭାଗ ପ୍ରାୟ ୨,୩୦୦ ଟନ୍ ବ୍ୟବହୃତ/ଆଗ୍ରାହ୍ୟ ବର୍ଜ୍ୟ ରିଫ୍ରାକ୍ଟୋରୀ ଇଟା ଚାଲାଣ କରିଥିଲେ। ଯାହା ବର୍ଜ୍ୟହ୍ରାସ ପ୍ରୟାସରେ ଆଉ ଏକ ଉଲ୍ଲେଖନୀୟ ସଫଳତା ବୋଲି କୁହାଯାଇଛି। ଏହାଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷରେ ୧.୨୨କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ଅର୍ଜନ କରାଯାଇପାରିଛି। ରାଜସ୍ୱ ଅର୍ଜନ ବ୍ୟତୀତ ଏମ୍‌ଆର୍‌ଡି ବିଭାଗ, ଏସ୍‌ଏମ୍‌ଏସ୍-୧ ଏବଂ ୨ ବିଭାଗକୁ ମୂଲ୍ୟବାନ ସ୍କ୍ରାପ୍ ସାମଗ୍ରୀ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଦକ୍ଷ ଏବଂ କମ୍ ଖର୍ଚ୍ଚରେ ଇସ୍ପାତ ଉତ୍ପାଦନକୁ ପ୍ରୋତ୍ସାହିତ କରିଛି। ଏହି ପ୍ରୟାସଗୁଡ଼ିକ ଆର୍‌ଏସ୍‌ପିର ସ୍ଥାୟୀ ଇସ୍ପାତ ନିର୍ମାଣ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି। ଏମ୍‌ଆର୍‌ଡି ବିଭାଗର ଏଭଳି ରଣନୈତିକ ପଦକ୍ଷେପ ଗୁଡ଼ିକ ନା କେବଳ ପରିବେଶଗତ ପରିଚାଳନା ପ୍ରତି ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ବରଂ କାର୍ଯ୍ୟଦକ୍ଷତା ଓ ଆର୍ଥିକ ମୂଲ୍ୟର ଏକ ପ୍ରମୁଖ ବାହକ ଭାବେ ସମ୍ବଳର ପୁନରୁଦ୍ଧାର ସାମର୍ଥ୍ୟକୁ ବୃଦ୍ଧି କରିଛି।



ଆରଏସ୍‌ପି ସାମଗ୍ରୀ ପୁନରୁଦ୍ଧାର ବିଭାଗ।




ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

# ଉଜୁଡ଼ା ପରିବାରକୁ ସଜାଡ଼ିଲା 'ଶ୍ରୀମତୀ କମ୍ ନୁହନ୍ତି'

ରାଉରକେଲା,୧୦।୫(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ଚାଲିଥିବା ବହୁଭାଷୀ ନାଟ୍ୟ ମହୋତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ ନାଟକ 'ଶ୍ରୀମତୀ କମ୍ ନୁହନ୍ତି' ମଞ୍ଚସ୍ଥ ହୋଇଛି। ନାଟକର ବିଷୟବସ୍ତୁରେ ଗଙ୍ଗାବତରଣରେ ଧରାପୃଷ୍ଠରେ ପାପ-ତାପ ହୋଇଥିଲା। ସେହିପରି ଗୋପୀନାଥ ବାବୁଙ୍କ ଅସଜଡ଼ା ଘରକୁ ସଜାଡ଼ିବାକୁ ଆବିର୍ଭାବ ହେଲା ଗଙ୍ଗା ନାମ୍ନୀ ଚାକରାଣୀର। କିନ୍ତୁ ଗୋପୀନାଥଙ୍କ ଶ୍ରୀମତୀ କଲ୍ୟାଣୀ ଦେବୀ କିଛି କମ୍ ନୁହଁନ୍ତି। ସେ ଜଣେ ନାରୀ ନେତ୍ରୀ। ଯେ ବାହାରେ ଭିତରେ, କଥାରେ କଥାରେ କେତେ ଯେ ଝଡ଼ଝଞ୍ଜା ସୃଷ୍ଟି କରିପାରନ୍ତି, ବୋମା ବର୍ଷେଇ ପାରନ୍ତି, ତାହା ନ ଦେଖିଲେ ଜଣେ ବିଶ୍ୱାସ କରିପାରିବନି। ସେ ଗଙ୍ଗାକୁ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ସ୍ୱାର୍ଥପର ଦୁନିଆରେ ଏଭଳି ନିଃସ୍ୱାର୍ଥପର ମଣିଷକୁ ସେ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ଶେଷରେ କିନ୍ତୁ ଗଙ୍ଗାର ପବିତ୍ରତା ବିଜୟୀ ହୋଇଛି। ଶ୍ରୀମତୀ ନିଜର ଭୁଲ୍ ବୁଝିପାରିଛନ୍ତି। ନାଟକରେ ବିଶ୍ୱଜିତ, ବିଜୟ, ଦୀପକ, ଅଭିଜିତ, ବାସୁଦେବ, ଦେବସ୍ମିତା ଓ ମାମା ପ୍ରମୁଖ ଅଭିନୟ କରିଛନ୍ତି। ଚିନ୍ତାମଣି ଜେନା ନାଟକର ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ପଞ୍ଚାନନ ପାତ୍ର। ରାଉରକେଲାର ପରିଚୟ ଅନୁଷ୍ଠାନ ନାଟକ ପ୍ରସ୍ତୁତ କରିଥିଲା। ବହୁଭାଷୀ ନାଟ୍ୟ ମହୋତ୍ସବର ତୃତୀୟ ଦିବସରେ ଆର୍‌ଏସ୍‌ପିର ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି, ଏସ୍‌ବିଆଇର ସହାୟକ ମହାପ୍ରବନ୍ଧକ ରଶ୍ମିରଞ୍ଜନ ନାୟକ, ସାମାଜିକ କର୍ମୀ ରାଜଲକ୍ଷ୍ମୀ ପାତ୍ର, ବରିଷ୍ଠ କଳାକାର ବିଜୟ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବଲାଙ୍ଗୀର ବସ୍ତିରେ ମାଗଣା ହାଟ

ରାଉରକେଲା,୧୦।୫(ଦିନେଶ ମିଶ୍ର)

ରାଉରକେଲାର ଅନ୍ୱେଷା ସଙ୍ଗଠନ ପକ୍ଷରୁ ସେକ୍ଟର-୩ସ୍ଥିତ ବଲାଙ୍ଗୀର ବସ୍ତିରେ ଶନିବାର ୧୧୨ତମ ମାଗଣା ହାଟ ପ୍ରତିଷ୍ଠାତା ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ହାଟରେ ଖରାଦିନକୁ ଦୃଷ୍ଟିରେ ରଖି ଛତା, ବିଭିନ୍ନ ସୂତା ପୋଷାକ, ଘରୋଇ ବ୍ୟବହାର ସାମଗ୍ରୀ ସାଙ୍ଗକୁ ଶିଶୁମାନଙ୍କ ପାଇଁ ପ୍ଲାଷ୍ଟିକ ଖେଳନା ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ବସ୍ତିର ପ୍ରାୟ ୧୭୦ରୁ ଊର୍ଦ୍ଧ୍ୱ ଗରିବ ଲୋକ ଉକ୍ତ ହାଟରୁ ଉପକୃତ ହୋଇଥିଲେ। ସେମାନେ ମାଗଣାରେ ବିଭିନ୍ନ ଘରୋଇ ଆସବାପତ୍ରଠାରୁ ଆରମ୍ଭ କରି ମନପସନ୍ଦ ପୋଷାକ ପାଇଥିଲେ। ରାକେଶ ସିଂ, ସମ୍ପାଦିକା ରଶ୍ମିତା ପଣ୍ଡା, ରୋବର୍ଟ ହାଇଫିଲ, ସଞ୍ଜୀବ ନାୟକ, ଶୁଭଶ୍ରୀ ସ୍ୱାଇଁ, ଦିବାକର ଦାସ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

# ତୃନମ୍ ବାଟିକା ଉଦ୍‌ଘାଟିତ



ତୃନମ୍ ବାଟିକାକୁ ଉଦ୍‌ଘାଟନ କରାଯାଉଛି।

ରାଉରକେଲା,୧୦।୫(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କାଲସାଇନିଂ ପ୍ଲାଣ୍ଟ-୨ ବିଭାଗରେ ଏକ ମନୋରଞ୍ଜନ ଉଦ୍ୟାନ ତୃନମ୍ ବାଟିକା ବିକଶିତ ହୋଇଛି। ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ୍ ଟି. ପି. ଶିବଶଙ୍କର ନିଜସ୍ୱ ସମ୍ବଳରେ ବିକଶିତ ଏହି ଉଦ୍ୟାନକୁ ବିଭାଗୀୟ ସିଜିଏମ୍ ଏମ୍. ଜି. ଶ୍ରୀକାନ୍ତ ଓ ସିପି-୨ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆର. କେ. ଧରୁଆଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ରିଫ୍ରାକ୍ଟୋରୀ, ଇନ୍‌ଷ୍ଟ୍ରୁମେଣ୍ଟେଶନ, ଏସ୍‌ଏମ୍‌ଏସ୍-୨, ସୁରକ୍ଷା ଏବଂ ସିଭିଲ ଇଞ୍ଜିନିୟରିଂ ସେବା ବିଭାଗ ସମେତ କାରଖାନାର ବିଭିନ୍ନ ସହଯୋଗୀ ବିଭାଗର ପ୍ରତିନିଧି ଯୋଗ ଦେଇଥିଲେ। ଶିବଶଙ୍କର ନିଜ ଅଭିଭାଷଣରେ ଏପରି ଅଭିନବ ପ୍ରୟାସର ପ୍ରଶଂସା କରିବା ସହିତ କାଲସାଇନିଂ ପ୍ଲାଣ୍ଟରେ ଚୂନ ଧୂଳିକୁ ଦମନ କରିବାର ମହତ୍ୱପୂର୍ଣ୍ଣ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା କେବଳ ଏକ ବୈଧାନିକ ଆବଶ୍ୟକତା ନୁହେଁ ବରଂ ଓଡ଼ିଶାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିରୀକ୍ଷିତ ଏକ ପ୍ରମୁଖ ପରିବେଶ ସୂଚକ ଅଟେ। ଏହି ତୃନମ ବାଟିକାର ସ୍ୱରୂପ ସିପି-୨ ବିଭାଗରେ ପ୍ରଦୂଷଣ ସ୍ତରର ଏକ ସୂଚକାଙ୍କ ହେବ ବୋଲି ସେ କହିଥିଲେ।

# ୨୧ରେ ମାନବିକ ମୂଲ୍ୟବୋଧଭିତ୍ତିକ ଆଲୋଚନାଚକ୍ର

ରାଉରକେଲା,୫।୧୦(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମୀନାକ୍ଷୀ ଧର ଫାଉଣ୍ଡେଶନର ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭା ଆସନ୍ତା ୨୧ ତାରିଖରେ ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଡ. ସୁମନ ଦତ୍ତ ସଭାପତିତ୍ୱ କରିଥିଲେ। ଆବାହକ ନଳିନୀକାନ୍ତ ଧରଙ୍କ ଆବାହକତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିବେକାନନ୍ଦ ଦାସ, ଇଂ. ଅଶୋକ କୁମାର ପଟ୍ଟନାୟକ, ସ୍ମିତା ମିଶ୍ର ଓ ସୁନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ମୀନାକ୍ଷୀ ଧରଙ୍କ ଅବର୍ତ୍ତମାନରେ ତାଙ୍କ ସ୍ମୃତି ଚାରଣ ପାଇଁ ପ୍ରତ୍ୟେକ ବର୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ ପ୍ରତିଯୋଗିତା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା ଆଦି କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ୨ଟି ବିଭାଗରେ ବିଭକ୍ତ କରାଯାଇଛି। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କନିଷ୍ଠ ଏବଂ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ବିଭାଗରେ ଅନ୍ତର୍ଭୁକ୍ତ କରି ଇଂରାଜୀ ଭାଷାରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯିବ। ସେକ୍ଟର-୧୪ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଆସନ୍ତା ୧୭ ତାରିଖ ଅପରାହ୍ନ ୪ଟା ବେଳେ ଏହି ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀଙ୍କୁ ୨୧ ତାରିଖରେ ହେବାକୁ ଥିବା ସ୍ମୃତିଚାରଣ ସଭାରେ ପୁରସ୍କୃତ କରାଯିବ। 'ମାନବିକ ମୂଲ୍ୟବୋଧଭିତ୍ତିକ ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଏକମାତ୍ର ବିକଳ୍ପ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।



ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ଉପରେ ସୂଚନା ଦେଉଛନ୍ତି।

# ନିର୍ମାଣ ଅବଧି ସରିଛି, କାମ ଅସମ୍ପୂର୍ଣ୍ଣ

ରାଉରକେଲା,୧୦।୫(ବିପ୍ଲବ ରଞ୍ଜନ ଦାଶ)

ରାଜ୍ୟ ସରକାର ସହରରୁ ଗ୍ରାମାଞ୍ଚଳ ଯାଏ ଲୋକମାନଙ୍କୁ ଟ୍ୟାପ୍ ମାଧ୍ୟମରେ ନିରବଚ୍ଛିନ୍ନ ଭାବେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଜଳପ୍ରକଳ୍ପ କରିଛନ୍ତି। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଜଳ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର ସତ୍ତ୍ୱେ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଏବେ ରାଉରକେଲା ସହରରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଫଳରେ ଲୋକେ ବିଶେଷ କରି ଖରାଦିନେ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ରାଉରକେଲା ସହରର ୨୨ଟି ଜୋନ୍‌କୁ ପାନୀୟ ଜଳ ଯୋଗାଇବାକୁ ରାଉରକେଲା ଜଳ ନିଗମ ବିଭାଗକୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୨୯କୋଟି ୬୪ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ଡ୍ରିଙ୍କ୍‌ସ ଫର୍ ଟ୍ୟାପ୍ ଯୋଜନାରେ ୬କୋଟି ୫୮ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ଇତିମଧ୍ୟରେ ରାଉରକେଲା ଜଳ ନିଗମ ବିଭାଗ ପକ୍ଷରୁ ପ୍ରଥମ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହୋଇସାରିଥିବା ବେଳେ ଜଳ ବିଶୋଧନ ପ୍ଲାଣ୍ଟ, ଫିଲ୍ଟର ହାଉସ ସମେତ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ସେହିପରି ଡ୍ରିଙ୍କ୍‌ସ ଫର୍ ଟ୍ୟାପ୍ ଯୋଜନାରେ ପ୍ରକଳ୍ପର ଫିଜିକାଲ ୱାର୍କ ଏଯାଏ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଡିଏଫ୍‌ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଗତ ତା ୩୦।୪।୨୩ରିଖରେ ଆରମ୍ଭ ହୋଇଥିବା ବେଳେ ତା ୨୮।୯।୨୩ରିଖ ସୁଦ୍ଧା ଶେଷ କରିବାକୁ ଅବଧି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଦୀର୍ଘମାସ ପରେ ବି ଏହି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଏ ନେଇ ରାଉରକେଲା ଜଳ ନିଗମ ବିଭାଗ ମୁଖ୍ୟ ପରିଚାଳକ ଅଲେଖ ଦଲେଇଙ୍କୁ ପଚାରିବାରୁ ସେ କହିଲେ, ଉଭୟ ପ୍ରକଳ୍ପ ମହାନଗର ନିଗମବାସୀଙ୍କ ପାନୀୟ ଜନିତ ହିତ ସାଧନ ପାଇଁ ହେଉଛି। ନିର୍ମାଣ କାର୍ଯ୍ୟ ଠିକ୍ ଓ ଉତ୍କୃଷ୍ଟମାନର ହେବା ସହ ଯେଭଳି ଦୀର୍ଘସ୍ଥାୟୀ ରହିବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ପ୍ରକଳ୍ପ କାର୍ଯ୍ୟ ଯତ୍ନଶୀଳ ଭାବେ କରାଯାଉଛି। ଏହାସହ ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଖୁବ୍ ଶୀଘ୍ର ଶେଷ ହେବ ବୋଲି ଦଲେଇ କହିଥିଲେ।



ରାଉରକେଲା ସହରରେ ନିର୍ମାଣାଧୀନ ପାଣିଟାଙ୍କି।

# ୩୬୬ ମାମଲା ଫଇସଲା, ୩. ୭୭ କୋଟି ଆଦାୟ

ରାଉରକେଲା,୧୦।୫(ସଙ୍ଗୀତା ଜେନା)

**ପାନପୋଷରେ ରାଷ୍ଟ୍ରୀୟ ଲୋକ ଅଦାଲତ**



ଲୋକ ଅଦାଲତରେ ଉପସ୍ଥିତ ଆଇନ ସେବା ସଦସ୍ୟ।

ପାନପୋଷ ତାଲୁକ ଆଇନ ସେବା କମିଟି ପକ୍ଷରୁ ବିରଜାପାଲୀସ୍ଥିତ ନୂତନ କୋର୍ଟ ପରିସରରେ ଶନିବାର ସକାଳ ସାଢ଼େ ୮ଟାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ପ୍ରଥମ ଅତିରିକ୍ତ ଜିଲା ଜଜ୍ ମୁକ୍ତି ରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୩୬୬ଟି ମାମଲା ଫଇସଲା ହୋଇ ୩କୋଟି ୭୭ଲକ୍ଷ ୫୯ ହଜାର ୯୪୭ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମୋଟର ଦୁର୍ଘଟଣାଜନିତ ମାମଲା ପାଇଁ ଅତିରିକ୍ତ ଜିଲା ଜଜ୍ ଶତପଥୀ, ଆଇନଜୀବୀ ବି. ସି. ନାୟକ, ସାମାଜିକ କର୍ମୀ ନୀନାରାଣୀ ଜେନାଙ୍କୁ ନେଇ ଏକ ବେଞ୍ଚ ହୋଇଥିଲା। ସେହିପରି ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମନୋଜ କୁମାର, ଆଇନଜୀବୀ ବସନ୍ତ ପାତ୍ର, ସାମାଜିକ କର୍ମୀ ସ୍ନେହଲତା ପଟ୍ଟନାୟକଙ୍କୁ ନେଇ ଏକ ବେଞ୍ଚ ହୋଇଥିଲା। ସମୁଦାୟ ୨୦ଟି ମାମଲା ଫଇସଲା ହୋଇ ୧ କୋଟି ୪୩ ଲକ୍ଷ ୨୨ହଜାର ୫ଶହ ଟଙ୍କା କ୍ଷତିପୂରଣ ଆଦାୟ ହୋଇଥିଲା। ଚେକ୍ ବାଉନ୍ସ ୩୪ଟି ମାମଲାରେ ୧ କୋଟି ୭୪ଲକ୍ଷ ୧୨ ହଜାର ୭ଟଙ୍କା, ମନି ରିକଭରି ୨୪୩ଟି ମାମଲାରେ ୧୧କୋଟି ୬ଲକ୍ଷ ୮୨ହଜାର ୬୭୦ ଟଙ୍କା ଆଦାୟ ସହ ୧୮ଟି ପାରିବାରିକ ମାମଲା ଫଇସଲା ହୋଇଥିଲା। ସେହିପରି ୫ଟି ଆପରାଧିକ ମାମଲାର ଆପୋଷ ସମାଧାନ କରାଯାଇଥିଲା। ପରିବାର ଅଦାଲତ ବିଚାରପତି ଲିଲି ସେନାପତି, ସିନିୟର ସିଭିଲ ଜଜ୍ ଅଭିଜିତ ପୁରୋହିତ, ଏସ୍‌ଡିଜେଏମ୍ ପରବିନ୍ ମଣ୍ଡଳ, ସିଭିଲ ଜଜ୍ ଚରଣ ଜେନା, ଗ୍ରାମାଞ୍ଚଳ ଜେଏମ୍‌ଏଫ୍‌ସି ଶର୍ମିଷ୍ଠା ପାଢ଼ୀ, କେରୋନିକା ଘୋଷ, ଅତିରିକ୍ତ ସିଭିଲ ଜଜ୍ ସ୍ପନ୍ଦନ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ବି. ଏନ୍. ପରିହାରୀ, ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ମନୋଜ ପଟ୍ଟନାୟକ, ପାଣ୍ଡବ ପାତ୍ର, ଏ. ବି. ଷଡଙ୍ଗୀ, ଏସ୍. ହୋତା ପ୍ରମୁଖ ଲୋକ ଅଦାଲତ ପରିଚାଳନା କରିଥିଲେ।

### ଶହୀଦଙ୍କ ଶାନ୍ତି ପାଇଁ ଦୀପ ପ୍ରଜ୍ୱଳନ

ଲଇକେରା,(ରଞ୍ଜନ କୁମାର ମେହେର): ଝାରସୁଗୁଡ଼ା ଜିଲା ଲଇକେରାର ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣଠାରେ ଶନିବାର ସନ୍ଧ୍ୟା ୭ଟାରେ ଭାରତର ବିଜୟ ତଥା ଶହୀଦଙ୍କ ଆତ୍ମାର ଶାନ୍ତି ପାଇଁ ଦୀପ ପ୍ରଜ୍ୱଳନ କରାଯାଇଛି। ସାମାଜିକ କର୍ମୀ ମନୋଜ ବେହେରା ଓ ଲଇକେରା ସରପଞ୍ଚ ପ୍ରିୟମ୍ବଦା ବେହେରାଙ୍କ ଆହ୍ୱାନକ୍ରମେ ଲଇକେରା ଗ୍ରାମର ଶତାଧିକ ମହିଳା ଦୀପ ଜାଳିଥିଲେ। ଯେଉଁମାନେ ପହଲଗାମ୍‌ଠାରେ ମୃତ୍ୟୁବରଣ କରିଛନ୍ତି ଏବଂ ବର୍ତ୍ତମାନ ଚାଲିଥିବା ଯୁଦ୍ଧରେ ଶହୀଦ ହୋଇଛନ୍ତି ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଶୁଖିଯାଇଛି ଇବ୍ ନଦୀ: ପାଣି ପାଇଁ ଡହଳବିକଳ ଲୋକେ

ଝାରସୁଗୁଡ଼ା,୧୦।୫(ଆଶିଷ ରଞ୍ଜନ ଦାଶ)

ଶୁଖିଗଲାଣି ମହାନଦୀର ଶାଖା ନଦୀ ଇବ୍ । ପ୍ରାୟ ୧ମାସ ହେଲାଣି ଇବ୍ ନଦୀରେ ଜଳ ପ୍ରବାହ ବନ୍ଦ ହେବା ସହ ଏହା ସମ୍ପୂର୍ଣ୍ଣ ଭାବରେ ଶୁଖିଯାଇ ମରୁଭୂମି ସଦୃଶ ଦେଖାଗଲାଣି। ଆଖି ପାଇବା ଯାଏ ଦେଖାଯାଉଛି କେବଳ ବାଲି ହିଁ ବାଲି। ଖରା ଆରମ୍ଭରୁ ଇବ୍ ନଦୀ ଶୁଖିଯିବାରୁ ଝାରସୁଗୁଡ଼ା ଜିଲାର ହଜାର ହଜାର ଚାଷୀ ଏବଂ ମତ୍ସ୍ୟଜୀବୀ ନିଜର ଜୀବିକା ହରାଇଛନ୍ତି। ଏଥିସହ ନଦୀକୂଳିଆ ଲୋକେ ଟୋପାଏ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଛତିଶଗଡ଼ ରାଜ୍ୟର ଯଶପୁର ଜିଲାରୁ ବାହାରି ସୁନ୍ଦରଗଡ଼ ଦେଇ ଇବ୍ ନଦୀ ଝାରସୁଗୁଡ଼ାରେ ପ୍ରବେଶ କରିଛି । ବର୍ଷ ତମାମ ଇବ୍ ନଦୀରେ ପାଣି ଭର୍ତ୍ତି ହୋଇ ରହୁଥିବାରୁ ନଦୀକୂଳିଆ ଗ୍ରାମବାସୀ ଚାଷବାସ କରିବା ସହ ମାଛ ମାରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। କିଛି ବର୍ଷ ହେଲାଣି ଇବ୍ ନଦୀରେ ପାଣି ରହୁ ନ ଥିବାରୁ ଝାରସୁଗୁଡା ବ୍ଲକ୍, ଝାରସୁଗୁଡା ପୌର ପରିଷଦ ଏବଂ ବ୍ରଜରାଜନଗର ପୌର ପରିଷଦର ଅନେକ ହଜାର ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ହେଲେ ଚଳିତ ବର୍ଷ ମାର୍ଚ୍ଚ ଆରମ୍ଭରୁ ଇବ୍ ନଦୀ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଫଳରେ ଚାଷୀମାନେ ରବି ଫସଲ କରିପାରୁନହାନ୍ତି। ନଦୀକୂଳିଆ ଗାଁଗୁଡ଼ିକରେ ଚାଷୀମାନେ କାଁ ଭାଁ ପନିପରିବା ଚାଷ କରିଥିଲେ ହେଁ ପାଣି ଅଭାବରୁ ସବୁ ଫସଲ ନଷ୍ଟହେବାକୁ ଲାଗିଲାଣି। ସେହିପରି ନଦୀ ଶୁଖିବା ଯୋଗୁ ମତ୍ସ୍ୟଜୀବୀମାନେ ମଧ୍ୟ ନିଜର ଜୀବିକା ହରାଇଛନ୍ତି । ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ନଦୀ ମଝିରେ ଶୁଖିଲା ବାଲି ଉପରେ ପଡି ରହିଥିବାବେଳେ ଆଣ୍ଠୁଏ ପାଣିରେ ମାଛ ଖୋଜୁଛନ୍ତି ମତ୍ସ୍ୟଜୀବୀ। ପରିସ୍ଥିତି ଏମିତି ହେଲାଣି ଯେ, ଇବ୍ ନଦୀ ଉପରେ ନିର୍ଭର କରୁଥିବା ଚାଷୀ ଏବଂ ମତ୍ସ୍ୟଜୀବୀ ଦିନ ମଜୁରି କରୁଛନ୍ତି।

ଅନ୍ୟପଟେ ଗ୍ରୀଷ୍ମ ଆରମ୍ଭରୁ ମରୁଭୂମି ପାଲଟିଗଲାଣି ଇବ୍ ନଦୀ। ନଦୀ ମଝିରେ ଗୋରୁ ଚରୁଥିବାବେଳେ ଲୋକଙ୍କ ପାଦଚଲା ରାସ୍ତା ପାଲଟିଛି ଏହି ନଦୀ। ଖରାଦିନେ ମଧ୍ୟ ଇବ୍ ନଦୀରେ ପାଣି ଗଚ୍ଛିତ ରଖିବା ପାଇଁ ନଦୀର ଦୁଇ ବିପରୀତ କୂଳରେ ଥିବା ଗଣ୍ଡଘୋରା ଗ୍ରାମରୁ ବୁଡ଼ିପଦର ଗ୍ରାମ ଯାଏ ପ୍ରଥମେ ଓରିଏଣ୍ଟ ପେପର ମିଲ୍ ଓ ପରେ ଏମ୍‌ସିଏଲ୍ ପକ୍ଷରୁ ଏକ ବିରାଟ ବାଲିବନ୍ଧ ବନ୍ଧାଯାଉଥିଲା। ଫଳରେ ଇବ୍ ନଦୀରେ ପାଣି ଭର୍ତ୍ତି ରହିବା ସହ ସ୍ଥାନୀୟ ଚାଷୀ ଓ ମତ୍ସ୍ୟଜୀବୀମାନେ ଉପକୃତ ହେଉଥିଲେ। ତେବେ ଗତ ୨ ବର୍ଷ ହେଲାଣି ଏହି ବାଲିବନ୍ଧ ଠିକ୍ ଭାବରେ ବନ୍ଧାଯାଉ ନାହିଁ। ଏଥିପାଇଁ ଇବ୍ ନଦୀରେ ଟୋପାଏ ପାଣି ରହୁନାହିଁ। ଇବ୍ ନଦୀ ଶୁଖିଯାଇଥିବାରୁ ଚଳିତ ବର୍ଷ ଭୀଷଣ ଜଳ ସଙ୍କଟର ସମ୍ମୁଖୀନ ହେବାର ଆଶଙ୍କା ଦେଖାଦେଇଛି।


ଶୁଖିଯାଇଥିବା ଇବ୍ ନଦୀ।

### ଜୀବିକା ହରାଉଛନ୍ତି ଚାଷୀ, ମତ୍ସ୍ୟଜୀବୀ

ଝାରସୁଗୁଡ଼ା ଜିଲା ପରିବେଶ କମିଟିର ଆଜୀବନ ସଦସ୍ୟ ତଥା ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ କହିଛନ୍ତି, ପାଣି ସଙ୍କଟ ଦୂରକରିବା ପାଇଁ ଡିସେମ୍ବରରୁ ହିଁ ବାଲିବନ୍ଧ ତିଆରି କରାଯିବା କଥା। କିନ୍ତୁ ପାଣି ଚାଲିଗଲା ଗଲା ପରେ ମାର୍ଚ୍ଚରେ ବନ୍ଧ ବାନ୍ଧିଲେ ଏହା କିଛି କାମକୁ ଆସୁନାହିଁ। ଏଣୁ ଖରାଦିନେ ଜଳ ଗଚ୍ଛିତ ରଖିବାର ବ୍ୟବସ୍ଥା କରାଯାଉ ବୋଲି ସେ କହିଛନ୍ତି। ଏମ୍‌ସିଏଲ୍‌ର ଜିଏମ୍ ଅବଧ କୁମାର ପାଣ୍ଡେଙ୍କୁ ଏ ବିଷୟରେ ପଚରାଯିବାରୁ ସେ କହିଲେ, ଆମେ ଡିସେମ୍ବରରୁ ଏହି ବନ୍ଧ ବାନ୍ଧୁଥିଲୁ। ଏ ବର୍ଷ ଟିକେ ଡେରି ହୋଇଯିବାରୁ ପାଣି ସଙ୍କଟ ଦେଖାଯାଇଛି, ଆସନ୍ତା ବର୍ଷରୁ ଇବ୍ ନଦୀର ଜଳସ୍ରୋତକୁ ଡିସେମ୍ବର ମାସରୁ ହିଁ ବନ୍ଧକୁ ବାନ୍ଧି ରଖାଯିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏହାସହ ଜିଲା ପ୍ରଶାସନ ମଧ୍ୟ ଇବ୍ ନଦୀରେ ପାଣି ଗଚ୍ଛିତ ରଖିବାରେ ସାହାଯ୍ୟକଲେ ବହୁ ଲୋକଙ୍କ ଜୀବନ ଜୀବିକାରେ ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି।

## କନ୍ୟାଭ୍ରୂଣ ହତ୍ୟା ନିଷେଧ ପାଇଁ ବୈଠକ


ବୈଠକରେ ଆଲୋଚନା କରାଯାଉଛି।

ଝାରସୁଗୁଡ଼ା,୧୦।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ କନ୍ୟାଭ୍ରୂଣ ହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନକୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନାର ବୈଠକ ଗୃହରେ ହୋଇଥିବା ଉପଦେଷ୍ଟା ମଣ୍ଡଳୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡାକ୍ତର ରାଧାରମଣ ବିର୍ତିଆ, ଡା. ପି. ସି. ଦଳାଇ ଡିପିଏମ୍ ଦୀପକ କୁମାର ମହାନ୍ତି, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ୍, ସହକାରୀ ଆଇନ ପରିଚାଳକ ସୋମଦତ୍ତ ପୁରୋହିତ, ସିଏଚ୍‌ସି ଓ ପିଏଚ୍‌ସିର ମେଡିକାଲ ଅଫିସର, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଜିଲାର କୌଣସି ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍‌ରେ ଲିଙ୍ଗ ନିରୂପଣ କରାଯାଉଥିଲେ ସମ୍ପୃକ୍ତ କ୍ଲିନିକ୍ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଲିଙ୍ଗ ନିରୂପଣ କରାଯାଉଥିବା କ୍ଲିନିକ୍ ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କ ନାମ ଗୁପ୍ତ ରଖାଯିବା ସହ ୨୫ ହଜାର ଟଙ୍କା ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି କନ୍ୟାଭ୍ରୂଣ ହତ୍ୟା ନିଷେଧ ପାଇଁ ବ୍ୟାପକ ଭାବରେ ସଚେତନତା ସୃଷ୍ଟି ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ସୀମାନ୍ତ ଛତିଶଗଡ଼ ରାଜ୍ୟ ଅନ୍ତର୍ଗତ ସମ୍ପୃକ୍ତ ଜିଲାର ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କ ସହ ବେଆଇନ ଲିଙ୍ଗ ନିରୂପଣ ସମ୍ପର୍କରେ ଆଲୋଚନା କରାଯିବା ସହ ଏ ଦିଗରେ ମିଳିତ ଭାବରେ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବାକୁ ଆଲୋଚନା କରାଯାଇଥିଲା। ପରେ ଜିଲା ସ୍ତରୀୟ ମାସିକ ଆନ୍ତଃ ବିଭାଗୀୟ କନ୍‌ଭରଜେନ୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଏବଂ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

## ମହିଳାଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ

ଦେବଗଡ,୧୦।୫(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅନ୍ତର୍ଗତ ବସାଲଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଶନିବାର ପିଡିଏସ ଚାଉଳ ନେଇ ଘରକୁ ଫେରୁଥିବା ବେଳେ ଅଧା ରାସ୍ତାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ବିଛାଖଣି ଗ୍ରାମର ବୁଧେଇ ବେହେରା। ଦେବଗଡ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ବୁଧେଇ ଶନିବାର ସକାଳ ପ୍ରାୟ ୮ ଟାରେ ଘରୁ ବାହାରି ବସାଲଇ ପଞ୍ଚାୟତ କାର୍ଯ୍ୟାଳୟକୁ ଚାଉଳ ନେବାକୁ ଆସିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ନେଇ ଘରକୁ ଫେରୁଥିବା ବେଳେ ଅଧା ରାସ୍ତାରେ ସେ ହଠାତ ଅଚେତ ହୋଇ ତଳେ ପଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ତାଙ୍କ ପୁଅ କପିଳେଶ୍ୱର ବେହେରା ଘଟଣାସ୍ଥଳରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଂଶୁଘାତ କାରଣରୁ ମହିଳାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ଜଣାପଡିଛି।



ଦେବଗଡ଼ ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ ପ୍ରତିଯୋଗୀ।

# ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ

ଦେବଗଡ,୧୦।୫(ଶଶାଙ୍କ ଶେଖର ଝାଙ୍କର)

ଫାଓ (ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା) ଏବଂ ଦେବଗଡ଼ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଜୁନ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଶନିବାର ଶୁଭାରମ୍ଭ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଧରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିବିରରେ ଅଂଶଗ୍ରହଣ କରୁଥିବା ୮ବର୍ଷରୁ ୧୫ ବର୍ଷ ବୟସର ବାଳିକା ଓ ବାଳକ ଫୁଟବଲ ଖେଳାଳି ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫାଓ ପ୍ରଦତ୍ତ ଜର୍ସୀ ବିତରଣ କରାଯାଇଥିଲା। ଶେଷରେ ଜିଲା କ୍ରୀଡା ସଂସଦର ଉପସଭାପତି ସତ୍ୟ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ପ୍ରଦୀପ ବେହେରା, କବାଡି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ, କୋଷାଧକ୍ଷ ପ୍ରଭାତ ପ୍ରଧାନ, ବିରଞ୍ଚି ନାରାୟଣ ଦାଶ, ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଦୀପ କୁମାର ଅମାନ୍ତ, ସୁଧିର କୁମାର ଦାସ, ଡିଲେଶ୍ୱର ସ୍ୱାଇଁ, ଅରୁଣ କୁମାର ପ୍ରଧାନ, ଲୁଥାର ଟପ୍ପୋ,ଇଂ. ଭୁବନେଶ୍ୱର ପ୍ରଧାନ, କିଶୋର ରାୟ, ସ୍ଥାନୀୟ ପ୍ରଶିକ୍ଷକ ସୌରଭ ନାୟକ, କିଶୋର ବେହେରା, ରାଜୀବ କିସାନ, ରମଣୀ ରଞ୍ଜନ ଆଚାର୍ଯ୍ୟ ଓ ବୁଲି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଗଡ଼ ଜିଲା ଦୌରାଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୧୦।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଓ ଦୌରାଜଜ ଗୌତମ ଶର୍ମାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଜିଲା ଓକିଲ ସଂଘ ପକ୍ଷରୁ ତାଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା ଓକିଲ ସଂଘ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲା ଓ ଦୌରାଜଜ ଶର୍ମାଙ୍କ ସମେତ ଫ୍ୟାମିଲୀ ଜଜ ଅନୁପ କୁମାର ଚନ୍ଦନ ଓ ଅତିରିକ୍ତ ଜିଲାଜଜ ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଓକିଲ ସଂଘ ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଜୟ ଭଗବାନ ଅଗ୍ରୱାଲ, ଦିଲିପ କୁମାର ଗୁରୁ, ମନୋଜ କୁମାର ପାଢୀ ଓ ରଞ୍ଜନ କୁମାର ସାହୁ ବିଦାୟୀ ଜିଲା ଜଜ ଶର୍ମାଙ୍କ ଦକ୍ଷ ଓ ନିରପେକ୍ଷ ବିଚାର କାର୍ଯ୍ୟଶୈଳୀର ପ୍ରଶଂସା କରିଥିଲେ। ଏହି ଅବସରରେ ବିଦାୟୀ ଜିଲା ଜଜ ଶର୍ମା ଦେବଗଡର ଓକିଲ ମାନଙ୍କ ସହିତ ତାଙ୍କର ବ୍ୟବହାର ଓ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିବାସହ ଏଠାକାର ପ୍ରାକୃତିକ ପରିବେଶ ଓ ବିଭାଗୀୟ କାର୍ଯ୍ୟ ସର୍ବଦା ମନେ ପଡିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘ ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକଙ୍କ ସଂଯୋଜନାରେ ସଂଘ ପକ୍ଷରୁ ବିଦାୟୀ ଜିଲାଜଜ ଶର୍ମାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସିଜେଏମ ପ୍ରଶାନ୍ତ କୁମାର ବେହେରାଙ୍କ ସହିତ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅପୂର୍ବା ଚୌଧୁରୀ, ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର, ମହିଳା ଅଦାଲତ ତଥା ସହକାରୀ ଦୌରାଜଜ ସାନ୍ତାଶ୍ରୀ ମହାନ୍ତି,ଏସଡିଜେଏମ ଧନଞ୍ଜୟ ନାୟକ ଓ ଜେଏମଏଫସି ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ପୂର୍ବତନ ସଭାପତି ପ୍ରମଥେଶ ଗୁରୁ, ବରିଷ୍ଠ ଓକିଲ ଆଶୁତୋଷ ଶର୍ମା, ଅଭିମନ୍ୟୁ ରଣା, ମାଧବଚନ୍ଦ୍ର ମହାପାତ୍ର, ସୁଧାଂଶୁ ଅମାତ୍ୟ, ତାପସ ମହାପାତ୍ର, ରାଜୀବ ଲୋଚନ ପ୍ରଧାନ, ପ୍ରମୋଦ କୁମାର ନନ୍ଦ, ଜୟନ୍ତ କୁମାର ମହାନ୍ତି, ନାରାୟଣ ପ୍ରସାଦ ଗୁରୁ, ଅବନୀକାନ୍ତ ଖଡିରତ୍ନ, କେଶବ ଚନ୍ଦ୍ର ସାହୁ ଓ ବିକାଶ ପ୍ରଧାନଙ୍କ ସମେତ ସଂଘର ପ୍ରାୟ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ଦେବଗଡ,୧୦।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ଅଞ୍ଚଳର ଭୁକାବେଡା ଗ୍ରାମରେ ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା କାକୁଡିଆ ଗ୍ରାମର ଜଣେ ଯୁବକଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଲ୍ଲୀପ କୁଅଁର (୩୫)। ସୂଚନା ଅନୁଯାୟୀ, ରିଆମାଳ ଥାନା ଅନ୍ତର୍ଗତ କାକୁଡିଆ ଗ୍ରାମର ଦିଲ୍ଲୀପ ଶୁକ୍ରବାର ତାଙ୍କର ସମ୍ପର୍କୀୟ ରିଆମାଳ ଥାନା ଖଳିନାଳି ଗ୍ରାମର ଘନ ନାୟକଙ୍କ ସହିତ ଏକ ବାଇକ (ନଂ.ଓଡି୨୮ବି-୩୬୩୪) ଯୋଗେ ଦେବଗଡକୁ ଆସୁଥିବା ବେଳେ ଅନ୍ୟ ଏକ ବାଇକ ସେମାନଙ୍କୁ ଭୁକାବେଡା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଉଭୟ ଦିଲ୍ଲୀପ ଓ ଘନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଚିକିତ୍ସାଧିନ ଅବସ୍ଥାରେ ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିଲା। ଆହତ ହୋଇଥିବା ଘନ ଚିକିତ୍ସାଧିନ ଥିବା ଜଣାପଡିଛି। ଏନେଇ ମୃତ ଦିଲ୍ଲୀପଙ୍କ ପିତା ଧନୁର୍ଜୟ କୁଅଁର ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡ଼ା,୧୦।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗଡ଼ା ସହରସ୍ଥିତ କାଳୀମନ୍ଦିର ପରିସରରେ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୪ତମ ଜୟନ୍ତୀ ଶୁକ୍ରବାର ରାତି ୮ଟାରେ ପାଳିତ ହୋଇଯାଇଛି। ଝାରସୁଗୁଡ଼ା ରବୀନ୍ଦ୍ର ଜୟନ୍ତୀ କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ରବୀନ୍ଦ୍ରନାଥ ଟାଗୋରଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ଏଥିସହ ୫୦ ଜଣ କଳାକାରଙ୍କ ଦ୍ୱାରା ନାଚ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ଆଶିଷ ସିହ୍ନା, ଉତ୍ପଳ ଘୋଷ, ସ୍ୱପନ ରକ୍ଷିତ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସଭାପତି ତାପସ ରାୟ ଚୌଧୁରୀ, ଗୌରୀ ଭଟ୍ଟାଚାର୍ଯ୍ୟ, ପାମ୍ପ ମୁଖାର୍ଜୀ, ଚନ୍ଦନ ଦୁବେ, କୋନିକା ମୁଖାର୍ଜୀଙ୍କ ସହ ରବୀନ୍ଦ୍ର କମିଟି ସମସ୍ତ କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିଲେ। ପହଲଗାମ୍‌ରେ ପ୍ରାଣ ହରାଇଥିବା ଭାରତୀୟଙ୍କ ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।



ରବୀନ୍ଦ୍ରନାଥ ଟାଗୋରଙ୍କ ଗୀତରେ ଛାତ୍ରୀମାନେ ନୃତ୍ୟ କରୁଛନ୍ତି।

# ୧୦ଦିନ ପରେ ବି ପୋଲିସ ହାତ ଖାଲି

ଦେବଗଡ,୧୦।୫(ଶଶାଙ୍କ ଶେଖର ଝାଙ୍କର)

### ବନ୍ୟଜନ୍ତୁ ଶିକାରୀ ସୁରେଶ ଶବର ହତ୍ୟା ଘଟଣା

ଏପ୍ରିଲ ୩୦ ତାରିଖ ରାତିରେ ବାରକୋଟ ଥାନା ଅନ୍ତର୍ଗତ ମର୍ହା ଗ୍ରାମରେ ଘଟିଥିବା ବହୁ ଚର୍ଚ୍ଚିତ ବନ୍ୟଜନ୍ତୁ ଶିକାରୀ ସୁରେଶ ଶବର(୫୯) ହତ୍ୟା ଘଟଣାର ଇତିମଧ୍ୟରେ ୧୦ଦିନ ବିତିଯାଇଛି। ମାତ୍ର ଏବେ ବି ପୋଲିସର ହାତ ଖାଲି ରହିଥିବାରୁ ପୋଲିସର ତଦନ୍ତ ପ୍ରକ୍ରିୟା ଓ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ମର୍ହା ଗ୍ରାମର ଜନ୍ତୁ ଶିକାରୀ ସୁରେଶ ଗତ ୩୦ ତାରିଖ ରାତି ପ୍ରାୟ ୮ଟାରେ ଘରୋଇ କାମ ପାଇଁ ଶ୍ରମିକ ଯୋଗାଡ କରିବାକୁ ପ୍ରାୟ ୨ କି.ମି. ଦୂରବର୍ତ୍ତୀ ଔତଳ ଗ୍ରାମକୁ ଯାଇଥିଲେ। ମାତ୍ର ସକାଳ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଗାଁ ଠାରୁ କିଛି ଦୂରରେ ଥିବା ଏକ ନାଳରେ ଚାବି ଲାଗିଥିବା ଅବସ୍ଥାରେ ସୁରେଶଙ୍କ ବାଇକ ପଡିଥିବା ଦେଖିବାକୁ ମିଳିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ପୂର୍ବରୁ ସୁରେଶଙ୍କ ବିରୋଧରେ ବନ୍ୟଜନ୍ତୁ ଶିକାର ସମେତ ଏକାଧିକ ମାମଲା ରହିଥିବାରୁ ତାଙ୍କୁ ପୋଲିସ ଡାକି ନେଇଥିବା ଆଶଙ୍କାରେ ସୁରେଶଙ୍କ ସ୍ତ୍ରୀ, ପୁଅ ଏବଂ ଭଉଣୀ ଏହା ପରଦିନ ଅର୍ଥାତ ମେ ୧ ତାରିଖ ପୂର୍ବାହ୍ନରେ ବାରକୋଟ ଥାନାକୁ ଯାଇ ପଚାରିଥିଲେ। ମାତ୍ର ପୋଲିସ ସୁରେଶଙ୍କୁ ଡାକି ନ ଥିବା ସ୍ପଷ୍ଟ କରିବାସହ ସୁରେଶଙ୍କ ନିଖୋଜ ସମ୍ପର୍କରେ ସୁରେଶଙ୍କ ଫାଇଲ ଫଟୋ ସହିତ ଲିଖିତ ଏତଲା ଦେବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ମର୍ହା ଗ୍ରାମର କେତେକ ଶିଶୁ ନିକଟସ୍ଥ ପୋଖରୀ ରାସ୍ତାରେ ରକ୍ତ ପଡିଥିବା ଏବଂ ଡ୍ରେନରେ ସୁରେଶଙ୍କ କ୍ଷତାକ୍ତ ମୃତଦେହ ପଡିଥିବା ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ସୁରେଶଙ୍କ ସ୍ତ୍ରୀ, ପୁଅ ଏବଂ ଭଉଣୀ ପୋଲିସ ଟିମ ସହିତ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପୋଲିସ ଘଟଣାର ତଦନ୍ତ କରିଥିଲା। ତଦନ୍ତ ସମୟରେ ସୁରେଶଙ୍କ ତଣ୍ଟି କଟାଯାଇଥିବା ଓ ମୁଣ୍ଡରେ ମଧ୍ୟ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାପଡିଥିଲା। ହତ୍ୟା ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ହତ୍ୟାକାରୀ ସୁରେଶଙ୍କ ବାଇକଟିକୁ ଅନ୍ୟତ୍ର ଫିଙ୍ଗି ଦେଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ଗ୍ରାମର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ସୁରେଶଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ୨ ତାରିଖ ଦିନ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ଅଧିକ ତଦନ୍ତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। ମାତ୍ର ଏହି ଘଟଣାର ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀକୁ ଧରିବାରେ ସଫଳ ହୋଇ ନ ଥିବାରୁ ସୁରେଶଙ୍କ ପରିବାର ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରି ହତ୍ୟାକାରୀକୁ ଗିରଫ କରିବାକୁ ଦାବି ହେଉଛି। ଏନେଇ ବାରକୋଟ ଥାନା ଆଇଆଇସି ମମତା ପାଣିଗ୍ରାହୀଙ୍କୁ ତାଙ୍କ ମୋବାଇଲ ନମ୍ବର ୭୯୭୮୯୫୪୭୮୧ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ପାରିନାହିଁ।

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା

ନୃସିଂହ ଜନ୍ମ, ଚତୁର୍ଦ୍ଦଶୀ ଉପବାସ



# ଡୋଭାଲଙ୍କ ସିଦ୍ଧାନ୍ତ



ଆକାର ପଟେଲ

ଭାରତର ଡିଫେନ୍ସ ପ୍ଲାନିଂ କମିଟି (ପ୍ରତିରକ୍ଷା ଯୋଜନା କମିଟି) ୧୯ ଏପ୍ରିଲ ୨୦୧୮ରେ ଗଠନ ହୋଇଥିଲା। ଏହାର ଅଧ୍ୟକ୍ଷ ଥିଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଏଥିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍, ତିନି ବାହିନୀର ମୁଖ୍ୟ ତଥା ଅର୍ଥ ବିଭାଗର ସଚିବମାନେ ସଦସ୍ୟ ଥିଲେ। ପ୍ରାଥମିକତା ଭିତ୍ତିରେ ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ଦିଗକୁ ଦେଖିବା, ଅତ୍ୟାବଶ୍ୟକ ବୈଦେଶିକ ନୀତି, ପରିଚାଳନାଗତ ନିର୍ଦ୍ଦେଶ ଓ ତତ୍‌ସହ ଜଡ଼ିତ ଆବଶ୍ୟକତା, ଉପଯୋଗୀ ରଣନୀତି ଏବଂ ସୁରକ୍ଷା ସମ୍ପର୍କିତ ସିଦ୍ଧାନ୍ତ, ପ୍ରତିରକ୍ଷା ସ୍ଥିତି ତଥା ଭିତ୍ତିଭୂମିର ବିକାଶ, ଜାତୀୟ ସୁରକ୍ଷା ରଣନୀତି, ରଣନୀତିକ ପ୍ରତିରକ୍ଷା ଦୃଷ୍ଟିକୋଣ ଓ ନୀତି, ଅନ୍ତର୍ଜାତୀୟ ପ୍ରତିରକ୍ଷା କାର୍ଯ୍ୟକଳାପ ରଣନୀତି ଭଳି ଅନେକ ଦାୟିତ୍ୱ ଏହା ଉପରେ ନ୍ୟସ୍ତ କରାଯାଇଥିଲା। ଏହାର ପ୍ରଥମ ବୈଠକ ୩ ମେ ୨୦୧୮ରେ ହୋଇଥିଲା ଏବଂ ତା'ପରେ ଆଉ କୌଣସି ବୈଠକ ହୋଇଥିବା ଜଣାଯାଏ ନାହିଁ। ଜାତୀୟ ସୁରକ୍ଷା ନୀତି ଅଭାବରୁ ଭାରତ ସମ୍ଭବତଃ ତଥାକଥିତ ଡୋଭାଲ ସିଦ୍ଧାନ୍ତ ଉପରେ ନିର୍ଭରଶୀଳ। ଭିଡିଓରେ ଉପଲବ୍ଧ ଏହି ନୀତି ଲିଖିତ ଭାବେ ସାମ୍ନାକୁ ଆସି ନ ପାରେ। ଫେବୃଆରୀ ୨୦୧୪ରେ, ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତି ପାଇବା ପୂର୍ବରୁ, ଡୋଭାଲ ଥାଞ୍ଜାଭୁରସ୍ଥିତ ଶାସ୍ତ୍ର ବିଶ୍ୱବିଦ୍ୟାଳୟରେ କହିଥିଲେ, ''ଆତଙ୍କବାଦ ଏକ ଅନ୍ତର୍ଜାତୀୟ ବିଷୟ ହୋଇଥିବାରୁ ଏବଂ ପାକିସ୍ତାନ ଏହାକୁ ପ୍ରୋତ୍ସାହିତ କରିବା ଯୋଗୁ ଭାରତ ପ୍ରତି ଏହା ଏକ ରଣନୀତିକ ବିପଦ। ଆତଙ୍କବାଦକୁ କେବଳ ଏକ ବିଚାର ଓ ଶବ୍ଦ ଭାବେ ଦେଖାଯିବାରୁ ଏହା ବିରୋଧରେ ଲଢ଼େଇ ହୋଇପାରିଲା ନାହିଁ। ପ୍ରକୃତ ଶତ୍ରୁକୁ ପରାସ୍ତ କରାଯାଇପାରିଥିଲେ ଆତଙ୍କବାଦ ସହ ଲଢ଼େଇ ହୋଇପାରିଥାନ୍ତା କିମ୍ବା ସେମାନଙ୍କ ଶକ୍ତି ହ୍ରାସ ହୋଇଥାନ୍ତା। ଏଣୁ ଏହି କ୍ଷେତ୍ରରେ ଭାରତକୁ ଶତ୍ରୁ ଭାବେ ପାକିସ୍ତାନର ନାମ ନେବାକୁ ପଡ଼ିଥିଲା।'' ଡୋଭାଲ ପ୍ରଶ୍ନ କରିଥିଲେ, ତୁମେ ପାକିସ୍ତାନକୁ ଶତ୍ରୁ ଭାବେ ଚିହ୍ନଟ କରି କିଭଳି ନିୟନ୍ତ୍ରଣ କରିବ। ଏବଂ ସେ ସମ୍ପର୍କରେ ବୁଝାଇଦେଇଥିଲେ।

ସୀମାପାର ଆତଙ୍କବାଦ ବା ଉଗ୍ରବାଦରେ ପାକିସ୍ତାନର କ୍ଷମତା ଏବଂ ଆଣବିକ ଯୁଦ୍ଧର ଧମକ ଯୋଗୁ ଭାରତର ସେନା ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ଅକ୍ଷମତା ପ୍ରକାଶ କରିବା ହିଁ ଜାତୀୟ ସୁରକ୍ଷା ରଣନୀତି ପ୍ରତି ସମସ୍ୟା ଥିଲା। ତେବେ ଆମେ ଏହାକୁ କିଭଳି ନିୟନ୍ତ୍ରଣ କରିବା? ସେ କହିଥିଲେ, ''ଏହା ସହଜ। ତୁମେ ଜାଣ, ଆମେ ତିନୋଟି ଉପାୟରେ ଶତ୍ରୁର ମୁକାବିଲା କରୁ। ଗୋଟିଏ ହେଉଛି ରକ୍ଷାତ୍ମକ ପଦ୍ଧତି। ଯଦି କେହି ଭାରତକୁ ପ୍ରବେଶ କରିବାକୁ ଆସେ ଆମେ ତାକୁ ଜଗୁଆଳି ଦ୍ୱାରା ରୋକିବୁ। ଅନ୍ୟଟି ହେଉଛି ରକ୍ଷାତ୍ମକ–ଆକ୍ରମଣ, ଅର୍ଥାତ୍ ନିଜକୁ ରକ୍ଷା କରିବା ଲାଗି ଆକ୍ରମଣ କରିବା ଏବଂ ଯେଉଁଠାରୁ ଆକ୍ରମଣ ହେଉଛି ଆମେ ସେଠାରେ ପହଞ୍ଚିବା। ତୃତୀୟଟି ହେଉଛି, ସିଧାସଳଖ ଆକ୍ରମଣ।'' ସେ କହିଥିଲେ, ମନମୋହନ ସିଂଙ୍କ ସରକାରରେ ଆମେ କେବଳ ରକ୍ଷାତ୍ମକ ଉପାୟରେ କାମ କରିଥିଲୁ। ସେ ମଧ୍ୟ ସୁପାରିସ କରିଥିଲେ, ପାରମ୍ପରିକ ଯୁଦ୍ଧ ବଦଳରେ ଭାରତ ପାକିସ୍ତାନ ଉପରେ ବିଭିନ୍ନ ବାଟରେ ଆକ୍ରମଣ କରୁ। ତାଙ୍କ ମତରେ, ''ପାକିସ୍ତାନକୁ ଅନେକ ଉପାୟରେ ବିପଦରେ ପକାଇବା ଲାଗି କାମ କରିପାରିବା, ଯାହା ଅର୍ଥ ବ୍ୟବସ୍ଥା, ଆଭ୍ୟନ୍ତରୀଣ ସୁରକ୍ଷା, ରାଜନୈତିକ ହୋଇପାରେ। ଅନ୍ତର୍ଜାତୀୟ ସ୍ତରରେ ଅଲଗା କରି ମଧ୍ୟ ଏହା କରାଯାଇପାରିବ। ମୁଁ ସବିଶେଷ ବର୍ଣ୍ଣନା କରୁନାହିଁ କିନ୍ତୁ ରକ୍ଷାତ୍ମକ ପଦ୍ଧତିକୁ ତୁମେ ପରିବର୍ତ୍ତନ କର।'' ଏହା ସହ ସେ ସୂଚାଇ ଦେଇଥିଲେ, ''ଆଣବିକ ସ୍ତରରେ ଯୁଦ୍ଧ ପହଞ୍ଚିବା ଉପରେ କୌଣସି ନିୟନ୍ତ୍ରଣ ନ ଥିବାରୁ ଆକ୍ରମଣ ପଦ୍ଧତିର ବାଟ ବନ୍ଦ ହୋଇଯାଇଥିଲା। ତାଙ୍କ ମତରେ ରକ୍ଷାତ୍ମକ ପଦ୍ଧତି ଅର୍ଥହୀନ। ପାକିସ୍ତାନ ପ୍ରତି ଥିବା ବିପଦ ଭାରତ ତୁଳନାରେ ଅନେକ ଗୁଣ ଅଧିକ। ଭାରତ ରକ୍ଷାତ୍ମକ ଉପାୟରୁ ତାହାର ଗତି ରକ୍ଷାତ୍ମକ–ଆକ୍ରମଣକୁ ବଦଳାଇଛି ବୋଲି ଯେତେବେଳେ ପାକିସ୍ତାନ ଜାଣିବ, ସେତେବେଳେ ଏହାର କ୍ଷତି ସହିବାକୁ ସେମାନେ ଅସମର୍ଥ ବୋଲି ଅନୁଭବ କରିପାରିବେ। ବେଲୁଚିସ୍ତାନ ହରାଇପାରନ୍ତି। ଏଠି ଆଣବିକ ଯୁଦ୍ଧ ହେବ ନାହିଁ କି ସୈନ୍ୟ ଲଢ଼ିବେ ନାହିଁ। କ୍ଷତି କରିବାର ତୁମେ ଯଦି ଉପାୟ ଜାଣିଛ, ତେବେ ଆମେ ତା'ଠାରୁ ଅଧିକ ଜାଣିଛୁ।''

ଡୋଭାଲ ଆହୁରି ମଧ୍ୟ କହିଥିଲେ, ''ଆମର ସମସ୍ୟା ହେଉଛି ଆମେ ସବୁବେଳେ ରକ୍ଷାତ୍ମକ ପଦ୍ଧତି ଅବଲମ୍ବନ କରିଆସୁଛୁ। ଯଦି ଆମେ ସ୍ୱ ରକ୍ଷା ପାଇଁ ଆକ୍ରମଣ ବାଟ ଧରିଥାଆନ୍ତୁ, ତେବେ ମୃତାହତଙ୍କ ସଂଖ୍ୟା ହ୍ରାସ କରିପାରିଥାନ୍ତୁ।'' ଏହା ଥିଲା ଡୋଭାଲଙ୍କ ସିଦ୍ଧାନ୍ତ, ଯାହା ଆତଙ୍କବାଦ ଯୋଗୁ ଭାରତ ପ୍ରତି ସୃଷ୍ଟି ହୋଇଥିବା ରଣନୀତିକ ବିପଦକୁ ସାମ୍ନାକୁ ଆଣିଥିଲା। ଏହି ଅଲିଖିତ ସିଦ୍ଧାନ୍ତ ସରକାରଙ୍କ ଦ୍ୱାରା ଗ୍ରହଣୀୟ ହେଲା କି ନାହିଁ ତାହା ଅସ୍ପଷ୍ଟ ରହିଛି। କିନ୍ତୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ଡୋଭାଲଙ୍କ ଦଶନ୍ଧିର ପ୍ରଭାବ ପଡ଼ିଛି। ଭାରତ ୨୦୨୦ରେ ଅପରପକ୍ଷର ଆହ୍ୱାନର ସମ୍ମୁଖୀନ ହୋଇଥିଲା। ଏହି ସ୍ଥିତିରେ ପୂର୍ବତନ ସେନାଧ୍ୟକ୍ଷ ପ୍ରକାଶ ମେନନ୍ ଦର୍ଶାଇଥିଲେ ଯେ, ଅନେକ ଦଶନ୍ଧି ଧରି ସେନା ପ୍ରତି ଭାରତର ରାଜନୈତିକ ମାର୍ଗଦର୍ଶନ ପାକିସ୍ତାନ କୈନ୍ଦ୍ରିକ (ବିପଦ ଭାବେ) ଥିଲା। କିନ୍ତୁ ଏବେ ଚାଇନାର ବିପଦ ଆମ ଦ୍ୱାରଦେଶରେ ପହଞ୍ଚିଛି। ତେବେ ଉପା ଅମଳରେ 'ରକ୍ଷା ମନ୍ତ୍ରୀସ୍ ଡାଇରେକ୍ଟିଭ୍‌ସ' ବା ରକ୍ଷାମନ୍ତ୍ରୀଙ୍କ ଔପଚାରିକ ନିର୍ଦ୍ଦେଶ (ଯାହା ଯୁଦ୍ଧ ଆଶଙ୍କାରେ ସୈନ୍ୟବାହିନୀଗୁଡ଼ିକ କେତେ ପରିମାଣର ଅସ୍ତ୍ରଶସ୍ତ୍ର ରଖିବା ଉଚିତ) ଡକ୍ୟୁମେଣ୍ଟରେ ପୂର୍ବତନ ଜେନେରାଲ ମେନନ୍ କହିଥିଲେ, ''ଲଗାତର ଏକ ସୁସଙ୍ଗତ ବା ସ୍ପଷ୍ଟ ଜାତୀୟ ସୁରକ୍ଷା ରଣନୀତି ସହ ନେତୃତ୍ୱ ଅଭାବ ଲାଗି ରହିଛି। ଏନ୍‌ଏସ୍‌ଏ ନେତୃତ୍ୱରେ ଗଠିତ ପ୍ରତିରକ୍ଷା ଯୋଜନା କମିଟିକୁ ଏହି ଦାୟିତ୍ୱ ଦୁଇ ବର୍ଷ ପୂର୍ବେ ଦିଆଯାଇଥିଲା। ଅଦ୍ୟାବଧି କିଛି ବି ପଦକ୍ଷେପ ନିଆଯାଇନାହିଁ।

ପହଲଗାମ୍ ଆକ୍ରମଣ ପରେ ଏବେ ପୁନର୍ବାର ପାଶ୍ଚାତ୍ୟ ଯୁଦ୍ଧ ଭଳି ସ୍ଥିତି ଉପୁଜିଛି। ଚାଇନା ସହ ସଂଘର୍ଷ ଘଟିବାର ପାଞ୍ଚବର୍ଷ ଏବଂ ପ୍ରତିରକ୍ଷା ଯୋଜନା କମିଟି ଗଠନ ହେବାର ସାତବର୍ଷ ବିତିଗଲାଣି। ସମ୍ଭବତଃ ଏବକାର ଘଟଣାଗୁଡ଼ିକ ସରକାରଙ୍କୁ ଜାତୀୟ ସୁରକ୍ଷା ନୀତି ଲାଗୁ କରିବାକୁ ଉତ୍ସାହିତ କରିବ ଏବଂ ଏହି ଆଧାରରେ ଆମ ଉପରେ ପାରମ୍ପରିକ କିମ୍ବା ଆତଙ୍କବାଦ ଆକ୍ରମଣ ହେଲେ ଆମେ ପଦକ୍ଷେପ ନେବାକୁ ଅଗ୍ରସର ହୋଇପାରିବା।

Email:aakar.patel@gmail.com

# ମହାକାଶ ଯାତ୍ରା ଓ ପ୍ରଳୟର ଧାରା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

''ଯେତେ ଯାହା ଅସୁବିଧା ସତ୍ତ୍ୱେ ମନୁଷ୍ୟ ପୃଥିବୀର ମାଧ୍ୟକର୍ଷଣକୁ ଅତିକ୍ରମ କରୁ ଏବଂ ଅନ୍ତତଃ ସୌରମଣ୍ଡଳୀୟ ମହାକାଶରେ ନିଜ ପାଇଁ ସ୍ଥାନ ସଂରକ୍ଷଣ କରୁ। ପୃଥିବୀର ସବୁ ପ୍ରକାର ବିପଦ ତା' ପ୍ରତି ରହିଛି... ଆମେ ମହାକାଶକୁ ସ୍ଥାନାନ୍ତରିତ ହେବାରେ ସୁଫଳ ସମ୍ପର୍କରେ ଅନେକ କିଛି କହିସାରିଛୁ। ତେବେ ସବୁ ବିଷୟ କହି ହେବ ନାହିଁ, ଏପରି କି କଳ୍ପନା କରିହେବ ନାହିଁ।''–( କନ୍‌ଷ୍ଟାଣ୍ଟିନ ସିଓଲଭିସ୍କି, 'ଦା ଏମ୍ସ ଅଫ୍ ଆଷ୍ଟ୍ରୋନଟିକ୍ସ, ୧୯୨୯)। ଏହି ଉଦ୍ଧୃତିରେ ସେ ତାଙ୍କ ପୂର୍ବ ପ୍ରଦତ୍ତ ମହାକାଶ ଯାତ୍ରା କଥନକୁ ଦୃଢ଼ କରିଛନ୍ତି। କନ୍‌ଷ୍ଟାଣ୍ଟିନ(୧୮୫୭–୧୯୩୫) ଜଣେ ରୁଷୀୟ ରକେଟ–ବିଜ୍ଞାନୀ। ମହାକାଶ ଯାତ୍ରା ସମ୍ବନ୍ଧରେ ସେ ଜଣେ ଅଗ୍ରଣୀ ଗବେଷକ । ତାଙ୍କ ପ୍ରଣୀତ ରକେଟ ସମୀକରଣ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। କୋରୋଲେଭ ଓ ଗ୍ଲୁସ୍କୋ ପରି ସୋଭିଏଟ ରକେଟ ଯନ୍ତ୍ରୀ ତାଙ୍କୁ ଅନୁସରଣ କରି ପରବର୍ତ୍ତୀ କାଳରେ ସୋଭିଏଟ ମହାକାଶ କାର୍ଯ୍ୟସୂଚୀକୁ ଆଗେଇ ନେଇଥିଲେ।

ତେବେ ଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ କନ୍‌ଷ୍ଟାଣ୍ଟିନ ପୃଥିବୀର ମାନବ ସମାଜର ଅସ୍ତିତ୍ୱ ନେଇ ଯେଉଁ ଆଶଙ୍କା ପ୍ରକଟ କରିଥିଲେ, ତାହା ତାଙ୍କ ଦୂରଦୃଷ୍ଟିର ପରିଚାୟକ। ପ୍ରଶ୍ନ ଉଠୁଛି, ବାସ୍ତବରେ ମାନବ ସମାଜ ଧରାପୃଷ୍ଠରୁ ନିଶ୍ଚିହ୍ନ ହେବ କି? କେତୋଟି ସମ୍ଭାବ୍ୟ କାରଣ ହେଉଛି– ଜଳବାୟୁ ପରିବର୍ତ୍ତନ, ପ୍ରଚଣ୍ଡ ଆଣବିକ ବିସ୍ଫୋରଣ, ଜୀବାଣୁ ବୋମାର ପ୍ରୟୋଗ, ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଓ ଜୈବିକ ଯୁଦ୍ଧର ଅପରିଣାମଦର୍ଶୀ, ପାରସ୍ପରିକ ଆକ୍ରମଣ, ସନ୍ତାନ ପ୍ରସବ ପାଇଁ ଅନିଚ୍ଛା, ନାରୀର ଉତ୍ପାଦିକତାରେ ହ୍ରାସ, ଅନ୍ତରୀକ୍ଷରୁ ଗ୍ରହାଣୁର ପୃଥିବୀ ଉପରେ ପ୍ରଚଣ୍ଡ ଆଘାତ, ଭୟଙ୍କର ଅଗ୍ନିତ୍ପାତ, ଜୈବଜଗତର ବିପର୍ଯ୍ୟସ୍ତ ଭାରସାମ୍ୟ ଇତ୍ୟାଦି। ଉକ୍ତ କାରଣଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ କାରକର ପ୍ରାଦୁର୍ଭାବ ଆମ ପ୍ରତି ମହା ବିପତ୍ତି। ଏହା ଇଂରାଜୀରେ ଓମ୍ନିସାଇଡ ଭାବେ ପରିଚିତ।

ଏମିତି ବିପର୍ଯ୍ୟୟର ଆମେ ସମ୍ମୁଖୀନ ହେଲେ, ହୁଏତ ସମ୍ପୂର୍ଣ୍ଣ ପ୍ରଳୟ ନ ଘଟି ଖଣ୍ଡପ୍ରଳୟ ପୃଥିବୀରେ ଦେଖାଦେଇପାରେ। ତେବେ ଖଣ୍ଡପ୍ରଳୟ ହେବା ସ୍ଥିତିରେ ପୁଣି ସ୍ୱାଭାବିକ ପରିସ୍ଥିତି ଫେରିବା ପାଇଁ ଯେଉଁ ସମ୍ଭାବନା ଅଛି, ଏହି ସମ୍ବନ୍ଧରେ ଗବେଷକମାନେ କମ୍ପ୍ୟୁଟର ମଡେଲିଂ ସାହାଯ୍ୟରେ ଅନୁସନ୍ଧାନ କରିଛନ୍ତି। ସେମାନେ ନିମ୍ନତମ ଜୀବନକ୍ଷମ ଜନସଂଖ୍ୟା (ମିନିମମ୍ ଭାଇଏବଲ ପପୁଲେଶନ ବା ଏମ୍‌ଭିପି) ଦ୍ୱାରା ଏହା ପ୍ରକାଶ କରିଛନ୍ତି। ସଂକ୍ଷେପରେ ଏହା ହେଉଛି ୫୦/୫୦୦ ନିୟମ। ଅର୍ଥାତ୍ ନିଜ ଘନିଷ୍ଠ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଜନନ ନ ଘଟିବାକୁ ଜନସଂଖ୍ୟା ସର୍ବନିମ୍ନ ପଚାଶ ହେବା ଆବଶ୍ୟକ ଏବଂ ଜିନୀୟ ମନ୍ଥର ପରିବର୍ତ୍ତନ (ଜେନେଟିକ ଡ୍ରିଫ୍ଟ)କୁ ହ୍ରାସ କରିବାକୁ ଏହି ସଂଖ୍ୟା ୫୦୦ ହେବାକୁ ପଡ଼ିବ। ତେବେ ଧରାଯାଉ ଉପରୋକ୍ତ ଉଭୟଙ୍କର ବିଲୋପକ ଯୋଗୁ କମ୍ପ୍ୟୁଟର ମଡେଲ ଦ୍ୱାରା ପ୍ରସ୍ତୁତ ୫୦/୫୦୦ ସର୍ତ୍ତଟି ଉଲ୍ଲଂଘନ ହୁଏ, ତେବେ ମାନବ ଜାତିର ଚିହ୍ନବର୍ତ୍ତ ଲୋପ ପାଇଯିବ। ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଗ୍ରହରେ ବସତି ସ୍ଥାପନର ଆବଶ୍ୟକତା ରହିଛି ବୋଲି ବହୁ ଦୂରଦ୍ରଷ୍ଟା ବୈଜ୍ଞାନିକ ସତର୍କବାଣୀ ଶୁଣାଇଛନ୍ତି। ପ୍ରକାଶଥାଉ କି ଉପର ବର୍ଣ୍ଣିତ ସମସ୍ତ କାରଣ ମାନବକୃତ ନୁହେଁ। ଏଥିରୁ କେତେକ ପ୍ରାକୃତିକ କାରକ ରହିଛି, ଯାହା ମଣିଷର ନିୟନ୍ତ୍ରଣ ବାହାରେ; ଯାହାକି ପୃଥିବୀକୁ ବାସ ଅନୁପଯୋଗୀ କରିଦେବ।

ତେଣୁ ୱାରେନ ଏଲିସ କହିଛନ୍ତି, ''ମଣିଷ ମହାକାଶ ଯାତ୍ରା କରିବା ପଛରେ ଏକମାତ୍ର ଓ ସବୁଠାରୁ ସରଳ କାରଣ ହେଉଛି, ଯଦି ତୁମ ଜାତି (ସ୍ପେସିସ୍)କୁ ବଞ୍ଚାଇବାକୁ ଚାହୁଁଛ, ତେବେ ଗୋଟିଏ ସ୍ଥାନରେ(ପୃଥିବୀରେ) ବାନ୍ଧି ହୋଇ ନ ରହି ଏକାଧିକ ସ୍ଥାନ(ଗ୍ରହ)ରେ ସ୍ୱାମୀ–ସ୍ତ୍ରୀ ଯାଇ ରହ। ଏହା ହେଉଛି ସିଧାସିଧା କଥା।'' – ୱାରେନ ଏଲିସ, 'ଅନ୍ ସ୍ପେସ୍ ଟ୍ରାଭେଲ ୱାଇରଡ୍'। ତେବେ ମହାକାଶ ଯାତ୍ରା ପାଇଁ ଅନେକ ପ୍ରତିବନ୍ଧକ ରହିଛି। ପୃଥିବୀର ମାଧ୍ୟାକର୍ଷଣ ସମେତ ବାୟୁଶୂନ୍ୟତା, ବିକିରଣ, ମାଇକ୍ରୋଗ୍ରାଭିଟି, ଓଜନହୀନତା, ପ୍ରତିକୂଳ ପରିବେଶ ଇତ୍ୟାଦି ଯାତ୍ରୀମାନଙ୍କ ଉପରେ କୁପ୍ରଭାବ ବିଚାର୍ଯ୍ୟ। ତତ୍ ସହ ମହାକାଶ ଯାନ ଉତ୍‌କ୍ଷେପଣ କରିବା ଅପେକ୍ଷା ମାନବବାହୀ ମହାକାଶଯାନ ଅତ୍ୟଧିକ ବ୍ୟୟସାପେକ୍ଷ।

ଏ ବାବଦରେ ଅତ୍ୟଧିକ ବ୍ୟୟଭାର ବହନ କରିବାକୁ ଅଳ୍ପ କେତୋଟି ରାଷ୍ଟ୍ର ଆର୍ଥିକ ପୃଷ୍ଠପୋଷକତା କରିଛନ୍ତି। ଆମେରିକା, ରୁଷିଆ ଅଗ୍ରଗଣ୍ୟ। ତେବେ ସମ୍ପ୍ରତି ୟୁନାଇଟେଡ ଷ୍ଟେଟସ୍ କଂଗ୍ରେସ ଦ୍ୱାରା ପ୍ରଣୀତ ଫେଡେରାଲ ବଜେଟ ମାଧ୍ୟମରେ ନାସା ଦୁର୍ମୂଲ୍ୟ



ମହାକାଶୀୟ ଗବେଷଣା ଜାରି ରଖିଛି। ପନ୍ଦରଟି ଦେଶକୁ ନେଇ ଗଠିତ ୟୁରୋପିଆନ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ୧୯୭୫ରେ ମହାକାଶ ଅଭିଯାନରେ ହାତ ଦେଇଛି। ଭାରତ, ଜାପାନ, ଚାଇନା ଏବଂ ଅନ୍ୟ କେତେକ ଦେଶ ଏହାର ଉପାଦେୟତାକୁ ହୃଦୟଙ୍ଗମ କରି ପଦକ୍ଷେପମାନ ଇତ୍ୟବସରରେ ଗ୍ରହଣ କରିଛନ୍ତି।

କିନ୍ତୁ ଆମକୁ ଚକିତ କରେ ଯେ ବ୍ୟକ୍ତିଗତ ସ୍ତରରେ ମଧ୍ୟ କିଛି ଉଦ୍‌ଯୋଗୀଙ୍କ ଏହା ଦୃଷ୍ଟିଆକର୍ଷଣ କରିଛି। ୨୦୨୧ ପାଇଁ ଟାଇମ୍ ମାଗାଜିନ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ୧୯୭୧ରେ ଜନ୍ମିତ ଏବଂ ଦକ୍ଷିଣ ଆଫ୍ରିକା, କାନାଡା, ୟୁଏସ୍‌ଏର ସମ୍ପ୍ରତି ନାଗରିକତ୍ୱ ଗ୍ରହଣ କରିଥିବା ଏଲନ ମସ୍କଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ମନୋନୀତ କରିଛି। ବିଶ୍ୱର ଏହି ସର୍ବଶ୍ରେଷ୍ଠ ଧନୀ ଜଣକ ନିଜର ଘରଟି ମଧ୍ୟ ବିକ୍ରି କରିଥିବାରୁ ସମ୍ପ୍ରତି ଏକପ୍ରକାର ବାସହୀନ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ସେ ନିଜ ବିପୁଳ ଧନରାଶି ମହାକାଶ କ୍ଷେତ୍ରରେ ଉପଯୋଗ କରିଛନ୍ତି। ତାଙ୍କ ପ୍ରତିଷ୍ଠିତ ସ୍ପେସ୍–ଏକ୍ସ ଇନ୍‌ସ୍ପିରେଶନ–୪ ନାମକ ଅଭିଯାନରେ ପ୍ରଥମ ଥର ପାଇଁ ସାଧାରଣ ବ୍ୟକ୍ତିଙ୍କୁ ମହାକାଶ ଭ୍ରମଣର ଅଭିଜ୍ଞତା ଦେଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରିଟେନ୍‌ର ରିଚାର୍ଡ ବ୍ରାନସନଙ୍କ ଭର୍ଜିନ ଗାଲାକ୍ଟିଟ, ଆମାଜନର ଜେଫ୍ ବୋ ଜେସ୍‌ଙ୍କ ବ୍ଲୁ ଓରିଜନ୍‌ର ନ୍ୟୁ ସେଫର୍ଡ ରକେଟରେ ୨୦ ଜୁଲାଇ ୨୦୨୧ରେ ଅନ୍ତରୀକ୍ଷ ଭ୍ରମଣ ଉଲ୍ଲେଖନୀୟ।

ଏମାନେ ସମସ୍ତେ ଅର୍ବୁଦପତି। ଏମାନଙ୍କ ଲକ୍ଷ୍ୟ ହେଉଛି କେବଳ ଆନନ୍ଦଦାୟକ ମହାକାଶ ପର୍ଯ୍ୟଟନ ନୁହେଁ। ପୃଥିବୀବାସୀ ଯେମିତି ମହାକାଶର ପରିବେଶ ସହ ପରିଚିତ ହେବେ, ତାହାର ପରିକଳ୍ପନା। ତେଣୁ ୮୨ ବର୍ଷୀୟା ବେଲି ଫଙ୍କଙ୍କଠାରୁ ଆରମ୍ଭ କରି ୧୮ ବର୍ଷ ବୟସ୍କ ଅଲିଭର ଡାଏମେନ ଯାତ୍ରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଭବିଷ୍ୟତରେ ସର୍ବସାଧାରଣ ଅନ୍ତରୀକ୍ଷର ବାତାବରଣକୁ ଆପଣେଇବାରେ ଏହାର ସହାୟକ ଭୂମିକା ରହିବ। ତେବେ ଏହା ସମ୍ଭବ ହୋଇଛି ସେମାନଙ୍କ ଅଚଳାଚଳ ସମ୍ପତ୍ତି ଯୋଗୁ। ତେଣୁ ବହୁ ବର୍ଷ ପୂର୍ବେ ବିଚକ୍ଷଣ ସମାଜଶାସ୍ତ୍ରୀ ଚାଣକ୍ୟ ଲେଖିଥିଲେ: ''ଧନିକଃ ଶ୍ରୋତ୍ରିୟୋ ରାଜା ନଦୀ ବୈଦ୍ୟସ୍ତୁ ପଞ୍ଚମଃ ପଞ୍ଚ ଯତ୍ର ନ ବିଦ୍ୟନ୍ତେ, ନ ତତ୍ର ଦିବସେ ବସତେ।'' ଯେଉଁଠାରେ ଶେଠ, ବେଦପାଠୀ ବିଦ୍ୱାନ, ରାଜା, ବୈଦ୍ୟ ଏବଂ ନଦୀ ନାହିଁ, ଏହି ପାଞ୍ଚଟି ସ୍ଥାନରେ ଗୋଟିଏ ଦିନ ମଧ୍ୟ ରହିବା ଠିକ୍ ନୁହେଁ। ଶେଠର ଅର୍ଥ ଏଠାରେ ଘରୋଇ କମ୍ପାନୀ ମାଲିକ।

ପ୍ରିୟ ପାଠକେ! ଆମ ପାଇଁ ଏହି ଯୋଜନା ହଠାତ୍ ଆବଶ୍ୟକ ନ ପଡ଼ିପାରେ। କିନ୍ତୁ ଭବିଷ୍ୟତରେ ଯଦି ଦୈବାତ ପ୍ରଳୟ ଏହି ଧରାଧାମରେ ଦେଖାଦେବ, ସେତେବେଳେ ସମସ୍ତେ ମହାକାଶ କଲୋନି ବାସିନ୍ଦା (ଜନବସତି) ବା ଗ୍ରହାନ୍ତରୀ ହେବାକୁ ଆତୁର ହେବେ। ସେତେବେଳେ ଏହା ସେମାନଙ୍କ ପାଇଁ ହେବ ରକ୍ଷା କବଚ, ଯେଉଁ ସମୟରେ ଲୋକେ ପ୍ରାଣ ବିକଳରେ ଉଚ୍ଚାରଣ କରିବେ: ଯଃ ପଳାୟତି, ସଃ ଜୀବତି। ଅର୍ଥାତ୍ ଆପେ ବଞ୍ଚିଲେ ବାପର ନା। ତେବେ ଯେତେ ତରବର ହେଲେ ସୁଦ୍ଧା ୱାରେନ ଏଲିସ୍‌ଙ୍କ ଭାଷାରେ ପତ୍ନୀଙ୍କୁ ସାଥିରେ ନେବା ପାଇଁ ଭୁଲିବେ ନାହିଁ! ଆଦାମ ଏକା ରହିଲେ କ'ଣ ହେବ, ଯଦି ପାଖରେ ଇଭ୍ ନ ଥାଏ?

ମୋ: ୯୦୭୮୭୪୩୮୪୩

# ସଙ୍କଟରେ ସଂସ୍କୃତି



ଅନନ୍ତ ଚରଣ ସ୍ୱାଇଁ

'ଦିନେ ନାହିଁ କାଲେ ନାହିଁ, ଗହ୍ମା ପୂନେଇଁ ଦିନ ମାଇଁ ମାଇଁ' ଏ କଥାଟି ଆମ ପାଇଁ ଆଜି ସମ୍ପୂର୍ଣ୍ଣ ସତ୍ୟ। ବର୍ଷ ତମାମ ଭୁଲି ଯାଉଛେ ଆମ ଭାଷା, ଆମ ସଂସ୍କୃତି, ଆମ ପରମ୍ପରା, ଆମ ଇତିହାସ ଓ ଆମ ଐତିହ୍ୟ। ଦେଖାଯାଏ ବିଭିନ୍ନ କାର୍ଯ୍ୟକ୍ରମରେ ଏସବୁ ଆମ ମନରେ ଉଜ୍ଜୀବିତ ହୋଇଉଠେ। ଗୋଟିଏ ଦିନ କିମ୍ବା ଗୋଟିଏ ପକ୍ଷ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଲେ, ଅବିଲୁପ୍ତପ୍ରାୟ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର ଓ ସୁରକ୍ଷା ହୋଇପାରିବ ନାହିଁ।

ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ଏବଂ ସଂସ୍କୃତିର ପୁନରୁତ୍ଥାନ ଓ ସୁରକ୍ଷା ପାଇଁ ବିଭିନ୍ନ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ ପ୍ରମୁଖ ମହାନ୍ ବ୍ୟକ୍ତିତ୍ୱଙ୍କ ନେତୃତ୍ୱରେ ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ପାଇଁ ଆନ୍ଦୋଳନ ଜୋର ଧରିଥିଲା। ଫଳସ୍ୱରୂପ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। କେବଳ ଅତୀତର ସ୍ମୃତିଚାରଣ ନୁହେଁ; ସଙ୍କଟରେ ଥିବା ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଓ ବିକାଶ ପାଇଁ ଆମକୁ ପଦକ୍ଷେପ ନେବାକୁ ପଡ଼ିବ।

ପାଶ୍ଚାତ୍ୟ ସଂସ୍କୃତି ଓ ଆଧୁନିକତାର ପ୍ରଭାବରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା କ୍ରମଶଃ ଲୋପ ପାଇବାରେ ଲାଗିଛି। ଆଜିର ଯୁବପିଢ଼ି ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଅଧିକ ଆକର୍ଷିତ ହେଉଛି। ଭୁଲିଯାଉଛନ୍ତି ଆମ ପ୍ରାଚୀନ ପରମ୍ପରା, ଆମ କଳା, ଆମ ସାହିତ୍ୟ, ଆମ ପର୍ବପର୍ବାଣି, ଆମ ଖାଦ୍ୟପେୟ, ଆମ ଲୋକ ସଂଗୀତ, ଲୋକ ନୃତ୍ୟ, ଚିତ୍ରକଳା ଇତ୍ୟାଦି ଇତ୍ୟାଦି।

ପର୍ବପର୍ବାଣି ଉପରେ ଆଧୁନିକତାର ପ୍ରଭାବ ଦେବ ଦେବୀଙ୍କ ବିସର୍ଜନ ଶୋଭାଯାତ୍ରାରୁ ଜାଣିହେବ। ପୂର୍ବେ, ପର୍ବ ପର୍ବାଣିରେ ପାରମ୍ପରିକ ପୋଷାକ, ଭୋଜନ, ଭଜନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଏବେକାର ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଭସାଣି ବେଳେ ପାରମ୍ପରିକ ନୃତ୍ୟ ପରିବର୍ତ୍ତେ ଆଧୁନିକ ସିନେମା ଗୀତ ସହ ତାଳ ଦେଇ ଅଶ୍ଳୀଳ ନୃତ୍ୟ ପରିବେଷଣ ଏକ ନିୟମିତ ଧାରାରେ ପଡ଼ିଗଲାଣି। ଆଧୁନିକତାର ପ୍ରବେଶ ଫଳରେ ଆଧ୍ୟାତ୍ମିକତା ହ୍ରାସ ପାଉଛି। ବିଶୃଙ୍ଖଳା ବୃଦ୍ଧି ସହ ପରିବେଶ ହେଉଛି ବିଷାକ୍ତ।

ସେହିପରି ବିବାହ ପରି ଏକ ମାଙ୍ଗଳିକ କାର୍ଯ୍ୟକ୍ରମରେ ବିବାହ ପୂର୍ବରୁ ହଳଦୀ ବା ମେହେନ୍ଦି ଉତ୍ସବ, ନୃତ୍ୟ, ସଙ୍ଗୀତର ଆୟୋଜନ ଓ ପ୍ରାକ୍ ବିବାହ ଫଟୋ ଶୁଟିଂ, ବିବାହ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ପାଲଟି ଗଲାଣି। ଏସବୁ ପ୍ରଥା ଆମ ସମାଜରେ ପ୍ରଚଳିତ ଥିବା ପରି ମନେହୁଏ ନାହିଁ। ହୁଏତ ଅଳ୍ପ କେତେକ ସମ୍ପ୍ରଦାୟରେ ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଥାଇପାରେ। ଏସବୁ ପ୍ରଥାକୁ ଅନୁସରଣ କରିବାରେ ସେପରି କିଛି ପ୍ରତିବନ୍ଧକ ନାହିଁ। ଏହାର ବ୍ୟାପକ ପ୍ରସାର ଦ୍ୱାରା ଆମ ମୌଳିକ ପ୍ରଥାର ଅବକ୍ଷୟ ହେବାରେ



ଲାଗିଛି। କିଛି ଦିନ ପରେ ହୁଏତ ବିବାହ ସମ୍ବନ୍ଧିତ ସମସ୍ତ ପାରମ୍ପରିକ ରୀତି ନୀତି ଲୋପ ପାଇଯିବ।

ପୁରୁଣା ଦିନର ପାଲା, ଦାସକାଠିଆ ଆସର, ଚକୁଳିଆ ପଣ୍ଡା ଗାଁ ବୁଲା, ରଜଦୋଳି ଗୀତ, କୁମାର ପୂର୍ଣ୍ଣିମାର ପୁଚି ଖେଳ, ଭାଲୁକୁଣି ଓଷା, ମଣ୍ଡା, ଚକୁଳି, ଆରିଷା, ଏଣ୍ଡୁରି ପିଠା ଏବଂ ଆହୁରି ଅନେକ ପାରମ୍ପରିକ ପ୍ରଥା ଆଜି ବିଲୁପ୍ତପ୍ରାୟ।

ଭାଷା ଓ ସଂସ୍କୃତିର ସମ୍ପର୍କ ନିବିଡ଼। ଭାଷା ବିନା ସଂସ୍କୃତିର ଅସ୍ତିତ୍ୱ ନ ଥାଏ। ଓଡ଼ିଆ ଭାଷାର ଗୁରୁତ୍ୱ ଦିନକୁ ଦିନ କମିବାରେ ଲାଗିଛି। ଓଡ଼ିଆ ପଢ଼ିବାକୁ ଆଗ୍ରହ କମି ଯାଉଛି। ଓଡ଼ିଆରେ ଦୁଇଧାଡ଼ି ଲେଖିବା ତ ଦୂରର କଥା ଅନେକ ପିଲା ଓଡ଼ିଆ ଠିକ ଭାବରେ କହିପାରୁ ନାହାନ୍ତି।ଏବେ ବି ଅନେକ ପରିବାରରେ ଓଡ଼ିଆରେ କଥା ହେବା ପାଇଁ ପସନ୍ଦ କରୁ ନାହାନ୍ତି। ଓଡ଼ିଆରେ ଶିକ୍ଷାଦାନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଗୁଣାତ୍ମକ ମାନ ହ୍ରାସ ପାଉଛି। ଓଡ଼ିଆ ଶବ୍ଦ ବା ଓଡ଼ିଆ ବାକ୍ୟ ଆଉ ଓଡ଼ିଆ ଲିପିରେ ଲେଖା ଯାଉନାହିଁ। ଓଡ଼ିଆ ବାକ୍ୟ, ଇଂଲିଶ ଲିପିରେ ଲେଖାଯାଉଛି। ଏହି ପ୍ରକ୍ରିୟା ଜାରି ରହିଲେ, ହୁଏତ କିଛି ବର୍ଷ ମଧ୍ୟରେ ଓଡ଼ିଆ ଲିପି ବା ଅକ୍ଷର ସମ୍ପୂର୍ଣ୍ଣ ଲୋପ ପାଇଯିବ।

ନିକଟରେ ଜଣେ ଜଗନ୍ନାଥ ସଂସ୍କୃତି ପ୍ରବଚକ କହିଲେ, ଟେଲିଫୋନରେ ହେଲୋ କହିବା ପରିବର୍ତ୍ତେ ଜୟ ଜଗନ୍ନାଥ କହି ସମ୍ବୋଧନ ଆରମ୍ଭ କଲେ ଏହା ଆମ ଭାଷା ଓ ସଂସ୍କୃତି ପ୍ରତି ହେବ ଯଥେଷ୍ଟ ସମ୍ମାନ।

ଓଡ଼ିଆ ଭାଷାକୁ ବଞ୍ଚାଇରଖିବାକୁ ଅତୀତରେ ଓଡ଼ିଆମାନେ ହିଁ ଚେଷ୍ଟା କରିଥିଲେ। ସେମାନଙ୍କ ତ୍ୟାଗ ,ନିଷ୍ଠା, ଆନନ୍ଦୋଳନର ଫଳ ସ୍ୱରୂପ ଓଡ଼ିଶା ହୋଇଥିଲା ସ୍ୱତନ୍ତ୍ର ପ୍ରଦେଶ, ଓଡ଼ିଆ ଭାଷାକୁ ମିଳିଥିଲା ସ୍ୱତନ୍ତ୍ର ଭାଷାର ମାନ୍ୟତା। ଓଡ଼ିଶାକୁ ସ୍ୱାତନ୍ତ୍ର୍ୟ ଆଣିଦେବାରେ ଥିଲା ସମସ୍ତ ଓଡ଼ିଆଙ୍କ ଆନ୍ତରିକ ଇଚ୍ଛା। କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଯେଉଁ ଓଡ଼ିଆମାନେ ଦିନେ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ସାରା ଜୀବନ ଚେଷ୍ଟା କରିଥିଲେ ଆଜି ସେହି ଓଡ଼ିଆମାନଙ୍କ ଦାୟାଦମାନେ ଓଡ଼ିଆ କହିବା, ଓଡ଼ିଆ ପଢ଼ିବା,ଓଡ଼ିଆ ଲେଖିବା, ନିଜ ପିଲା ପିଲିଙ୍କୁ ଓଡ଼ିଆ ଶିକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ହଜିଯାଉଛି ଓଡ଼ିଆ ସଂସ୍କୃତି, ଭୁଲି ଯାଉଛନ୍ତି ଓଡ଼ିଆ ଭାଷା, ସେହି ଓଡ଼ିଆମାନେ ହିଁ ଓଡ଼ିଆ ଅସ୍ତିତ୍ୱର ମୂଳ ଉତ୍ପାଟନ ପାଇଁ ଦାୟୀ। ଦୋଷ ଦେବା କାହାକୁ?

କିଛି କ୍ଷଣ ପାଇଁ ଅତୀତର ରୋମନ୍ଥନ କରି ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ସ୍ମରଣ କରିବା, ଓଡ଼ିଆ ଜାତିର ଉନ୍ନତି ଓ ଓଡ଼ିଆ ଭାଷାକୁ ଅଧିକ ବଳିଷ୍ଠ ଓ ଆଦୃତ କରିବାର ସଂକଳ୍ପ ନେଇଗଲେ ଲୋପପାଉଥିବା ଆମ ସଂସ୍କୃତି, ଆମ ଐତିହ୍ୟ ଓ ଆମ ଭାଷାର ପୁନରୁଦ୍ଧାର ହୋଇପାରିବ ନାହିଁ ଏଥିପାଇଁ ଦରକାର ସାମୂହିକ ପ୍ରଚେଷ୍ଟା, ଆନ୍ତରିକତା, ଓଡ଼ିଆ କହିବା, କୁହାଇବା, ଓଡ଼ିଆ ଲେଖିବା, ଓଡ଼ିଆ ପଢ଼ିବା, ଅନ୍ୟ ଭାଷା ପରି ନିଜ ପିଲାମାନଙ୍କୁ ଓଡ଼ିଆ ପଢ଼େଇବାର ସଂକଳ୍ପ। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ଓ ଦଳଗତ ନିର୍ବିଶେଷରେ ସମସ୍ତେ ମିଳିତ ଭାବେ ଚେଷ୍ଟାକଲେ ଉତ୍କଳର ପୂର୍ବ ଐତିହ୍ୟ ଫେରିଆସିବ। ସଙ୍କଟାପନ୍ନ ସଂସ୍କୃତିର ପୁନରୁଦ୍ଧାର ହୋଇ ଓଡ଼ିଶା ଏକ ଉନ୍ନତ ରାଜ୍ୟରେ ପରିଣତ ହୋଇପାରିବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା,
ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

ଅହମଦାବାଦର ଜିତ୍ ଜ୍ୟୋଷୀ ଓ ଓମ୍ ଠାକୁର ସହରର ବିଭିନ୍ନ ପାର୍କରେ ମିନି ଲାଇବ୍ରେରି ଖୋଲୁଛନ୍ତି। ଜିତ୍ ଜ୍ୟୋଷୀଙ୍କ ବୟସ ୨୦ ଓ ସେ ଏବେ ବି.କମ୍ ପଢୁଛନ୍ତି। ୧୯ ବର୍ଷୀୟ ଓମ୍ ଜଣେ ବିବିଏର ଛାତ୍ର। ସହରର ପାର୍କଗୁଡ଼ିକ ସେମାନେ ପଠନ କେନ୍ଦ୍ର କରିଦେଇଛନ୍ତି। ପାର୍କକୁ ଯେଉଁମାନେ ଯାଉଛନ୍ତି ସେମାନେ ସେଠାରେ ବହି ପଢ଼ିବା ସହ ବ୍ୟାୟାମ କରୁଛନ୍ତି। ପାର୍କଗୁଡ଼ିକର ମିନି ଲାଇବ୍ରେରିରୁ ଲୋକେ ମାଗଣାରେ ବହି ନେଇ ପଢୁଛନ୍ତି। ପାର୍କ ଲାଇବ୍ରେରି ସରକାରୀ ଅନୁମତିରେ ଖୋଲୁଛନ୍ତି। ପରେ ପାର୍କରେ ଛୋଟ ଛୋଟ ବକ୍ସ କରି ସେଥିରେ ବହି ରଖାଯାଉଛି ଓ ପ୍ରତ୍ୟେକଟି ପାର୍କ ନିକଟରେ ରହୁଥିବା ଦୁଇଜଣ ସ୍ୱେଚ୍ଛାସେବୀ ଏହାର ଦେଖାରଖା କରୁଛନ୍ତି। ସେମାନେ 'ୟୋର ରିଡିଂ ସର୍କଲ' ଅଭିଯାନ ମାଧ୍ୟମରେ ଏଭଳି ସଫଳତା ପାଇପାରିଛନ୍ତି। ସେମାନେ ବହି ସଂଗ୍ରହ କରି ତାହାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ପ୍ରଥମେ ସେପ୍ଟେମ୍ବର ୨୦୨୩ରେ 'ୟୋର ରିଡିଂ ସର୍କଲ' ଅଭିଯାନରେ ଅହମଦାବାଦର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିପାଇଁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଖୋଲିଥିଲେ ଓ ଲାଇବ୍ରେରି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଥମ ମିନି ଲାଇବ୍ରେରି ପରିମଲ ଗାର୍ଡେନରେ ଖୋଲିଥିଲେ। ଗୁଜରାଟର ବିଭିନ୍ନ ସ୍କୁଲରେ ଲାଇବ୍ରେରି ଖୋଲିବାକୁ ସେମାନେ ଯୋଜନା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୭୬

- ଭାରତ ଇରାକ୍‌ରୁ ୩୦ ଲକ୍ଷ ଟନ୍ ଅବିଶୋଧିତ ତୈଳ ଆମଦାନୀ କରିବ ବୋଲି ଚୁକ୍ତିବଦ୍ଧ ହୋଇଛି।
- କ୍ଷୁଦ୍ରଶିଳ୍ପ ଗବେଷଣା ଓ ଉନ୍ନୟନ ପରିଷଦ ଦେଶର ଅନୁନ୍ନତ ଅଞ୍ଚଳରେ ପ୍ରତିଷ୍ଠିତ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବା ନେଇ ୫ଟି ଯୋଜନା ପ୍ରସ୍ତୁତ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 3 | | | 7 | | 9 | 6 |
| | | | | | 4 | 5 | | |
| | 4 | | | | 6 | | | 1 |
| | | 4 | | | | | 8 | 7 |
| 8 | 5 | | | | | | | 9 |
| 2 | 7 | | | | | | | |
| | | | | | 9 | | | |
| | | 9 | 6 | 4 | 3 | | | |
| 3 | | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 3 | 6 | 9 | 2 | 4 | 1 | 7 |
| 2 | 4 | 6 | 1 | 3 | 7 | 8 | 5 | 9 |
| 9 | 7 | 1 | 8 | 4 | 5 | 6 | 3 | 2 |
| 5 | 9 | 2 | 4 | 7 | 3 | 1 | 8 | 6 |
| 3 | 8 | 7 | 2 | 6 | 1 | 9 | 4 | 5 |
| 6 | 1 | 4 | 9 | 5 | 8 | 2 | 7 | 3 |
| 4 | 3 | 8 | 5 | 2 | 9 | 7 | 6 | 1 |
| 7 | 6 | 9 | 3 | 1 | 4 | 5 | 2 | 8 |
| 1 | 2 | 5 | 7 | 8 | 6 | 3 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଝିଣ୍ଟିକା ମାରି ବଣି ପୋଷା ଚାଲିଛି

ମହାଶୟ,

କେଉଁଠୁ ଆରମ୍ଭ କରିବି ଭାବିଛି, ଖଡ଼ି ଛୁଆଁଠାରୁ ଆରମ୍ଭ କରିବି। ଖଡ଼ିଛୁଆଁ ନୀତି ଆଜି ବଦଳିଛି। ଖଡ଼ିଛୁଆଁ କେବଳ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୀମିତ ଥିଲା। ଏବେ ମନ୍ତ୍ରୀ ନେତାଙ୍କ ମାଧ୍ୟମରେ ଓ ପୋଲିସ ଛାଉଣୀରେ ଖଡ଼ିଛୁଆଁ ଚାଲିଛି। ଖଡ଼ିଛୁଆଁ ପାଇଁ ସମୟ ସ୍ଥିରୀକୃତ ଥିଲେ ମଧ୍ୟ ଦିନ ଠିକ୍ ନ ଥିଲା। ଏବେ କୋଟି କୋଟି ଟଙ୍କା ଖର୍ଚ୍ଚରେ ଚାଲିଛି। ଏହି ଖଡ଼ିଛୁଆଁ ପର୍ବ ସେହିପରି ବିଭାଗଗୁଡ଼ିକରେ କର୍ମଚାରୀ ଆବଶ୍ୟକ ଥିଲେ ଉପଯୁକ୍ତ ପରୀକ୍ଷା କରି ବିଭାଗର ଅଧିକାରୀ କର୍ମଚାରୀ ଚୟନ କରି ନିଯୁକ୍ତି କରୁଥିଲେ। ଏବେ କିନ୍ତୁ ଚାଲିଛି ନିଯୁକ୍ତି ମେଳା ପୋଲିସଙ୍କ ସଜାଗ ଭିତରେ। ଝିଣ୍ଟିକା ମାରି ବଣି ପୋଷିଲା ପରି ଲୋକମାନଙ୍କୁ ଦରଦାମ ବୃଦ୍ଧିରେ ଶୋଷଣ କରି କରାଯାଉଛି ନୂଆ ନୂଆ ଯୋଜନା। ପ୍ରତ୍ୟକ୍ଷଭାବେ ଦରବୃଦ୍ଧିରେ ଲୋକଙ୍କୁ ମାରି, ମନଭୁଲା ଯୋଜନାମାନ କରି ପରୋକ୍ଷ ଭାବେ ଋଣକରି ଜନତାଙ୍କୁ ଶୋଷଣ ଚାଲିଛି। ଏହା କେବଳ ଅଳ୍ପ ବିଷ(ସ୍ଲୋ ପଏଜନ) ଭାବେ ମରିବା କଥା। ଏଇ ହେଲା ସରକାରଙ୍କ ଲୋକ ଉପକାର କଥା।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E–mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E–mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ–ବିହଗର ବେହାଗ
ଅଳକ–ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ଦେଶ ବିଶେଷକରି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୀମା ସଂଘର୍ଷ ଘଟି ଭୂରାଜନୈତିକ ତଥା ସାମରିକ ଉତ୍ତେଜନା ବଢ଼ିବାରେ ଲାଗିଛି। ୨୦୨୨ ଫେବୃଆରୀରୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରୁ ଇସ୍ରାଏଲ-ଗାଜା ସଂଘର୍ଷ ସ୍ଥିତିକୁ ସଙ୍ଗିନ କରିଦେଇଛି। ଏଭଳି ସମୟରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇ ପରସ୍ପର ବିରୋଧରେ ଡ୍ରୋନ୍‌ଠାରୁ ନେଇ ମିଶାଇଲ ପର୍ଯ୍ୟନ୍ତ ବ୍ୟବହାର କରିଛନ୍ତି। ଦେଖିବାକୁ ଗଲେ ଯୁଦ୍ଧରେ କେହି ବିଜୟୀ ହୋଇ ନ ଥାଆନ୍ତି। ଉଭୟ ପକ୍ଷର କ୍ଷତି ସାଧିତ ହୋଇଥାଏ। କିନ୍ତୁ ଲାଭାନ୍ୱିତ ହୋଇଥାନ୍ତି ଅସ୍ତ୍ର ବ୍ୟବସାୟ କରୁଥିବା କମ୍ପାନୀ ଓ ରାଷ୍ଟ୍ରଗୁଡ଼ିକ। ତେଣୁ ଅସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ସମୂହ ଅନେକ ସମୟରେ ଯୁଦ୍ଧ ସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରିଥାନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଭାରତ-ପାକିସ୍ତାନ ମଧ୍ୟରେ ୧୮ ଦିନ ଧରି ସାମରିକ ଉତ୍ତେଜନା ଲାଗିରହିଥିବାବେଳେ ଶନିବାର ଅପରାହ୍ନ ୫ଟାରୁ ଦୁଇଦେଶ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଆଗକୁ ସ୍ଥିତି କେଉଁ ଆଡ଼କୁ ମୁହାଁଇବ ତାହା ସମୟ କହିବ। କିନ୍ତୁ ଇତିମଧ୍ୟରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବଢ଼ିଥିବା ସାମରିକ ଉତ୍ତେଜନା ଯୁଦ୍ଧାସ୍ତ୍ର ଶିଳ୍ପ ଓ କାରବାର ସମ୍ପର୍କିତ ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

# ଯୁଦ୍ଧାସ୍ତ୍ର ବେପାର





ପୃଥ୍ୱୀ-୨ ମିଶାଇଲ

## ୨.୪୪୩ ଟ୍ରିଲିୟନ୍ ଡଲାରର ପ୍ରତିରକ୍ଷା ଶିଳ୍ପ

ବିଶ୍ୱର ସମସ୍ତ ସାର୍ବଭୌମ ରାଷ୍ଟ୍ରର ନିଜସ୍ୱ ପ୍ରତିରକ୍ଷା ଅଧିକାର ରହିଛି। ଶତ୍ରୁଦେଶ ଆକ୍ରମଣ କଲେ ଏକ ରାଷ୍ଟ୍ର ଆତ୍ମରକ୍ଷା କରିବା ସହ ପ୍ରତିପକ୍ଷକୁ ଜବାବ ଦେବା ପାଇଁ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଏଥିପାଇଁ ଆଧୁନିକ ଯୁଗରେ ଆର୍ମ ଇଣ୍ଡଷ୍ଟ୍ରି ବା ପ୍ରତିରକ୍ଷା ଶିଳ୍ପ ବା ସାମରିକ ଶିଳ୍ପ ଫୁଲିବାରେ ଲାଗିଛି। ଅସ୍ତ୍ରଶସ୍ତ୍ରଠାରୁ ନେଇ ଡ୍ରୋନ୍, ଯୁଦ୍ଧ ଉପକରଣ, ମିଶାଇଲ୍ ସିଷ୍ଟମ୍, ଯୋଗାଯୋଗ ବ୍ୟବସ୍ଥା, ଏୟାର ଡିଫେନ୍ସ ସିଷ୍ଟମ୍, ମିଶାଇଲ, ଲଜିଷ୍ଟିକାଲ ସପୋର୍ଟ ଆଦି ଏଥିରେ ଅନ୍ତର୍ଭୁକ୍ତ। ଅନେକ ଶିଳ୍ପ ଉନ୍ନତ ରାଷ୍ଟ୍ରର ସରକାର ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ନିଜସ୍ୱ ନୀତି ପ୍ରଣୟନ କରିଥାନ୍ତି। ଏହି ନୀତି ବଳରେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ସାମରିକ ଉପକରଣ କ୍ରୟଠାରୁ ନେଇ ଅସ୍ତ୍ର ପ୍ରୟୋଗ ପର୍ଯ୍ୟନ୍ତ ସବୁକିଛି ଧାର୍ଯ୍ୟ କରନ୍ତି। ୨୦୨୪ରେ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ପକ୍ଷରୁ କରାଯାଇଥିବା ଏକ ଆକଳନ ଅନୁସାରେ ବିଶ୍ୱ ପ୍ରତିରକ୍ଷା ଶିଳ୍ପର ଆକାର ହେଉଛି ୨.୪୪୩ ଟ୍ରିଲିୟନ୍ ଆମେରିକୀୟ ଡଲାର। ୨୦୨୩ରେ ବିଶ୍ୱର ସବୁଠୁ ବଡ଼ ୧୦୦ ଅସ୍ତ୍ର ନିର୍ମାଣକାରୀ କମ୍ପାନୀ ୬୩୨ ବିଲିୟନ୍ ଡଲାର ରାଜସ୍ୱ ଆୟ କରିଥିଲେ।

**ବୈଶ୍ୱିକ ଅସ୍ତ୍ର ବଜାର ଉପରେ ଆମେରିକାର ଆଧିପତ୍ୟ:** ବିଶ୍ୱର ପ୍ରାୟ ଅଧା ଯୁଦ୍ଧାସ୍ତ୍ର ଆମେରିକୀୟ କମ୍ପାନୀଗୁଡ଼ିକ ନିର୍ମାଣ କରି ବିଭିନ୍ନ ଦେଶକୁ ରପ୍ତାନି କରିଥାନ୍ତି।

**୨ୟରେ ଚାଇନା, ୩ୟରେ ରୁଷିଆ:** ଯୁଦ୍ଧାସ୍ତ୍ର କାରବାର କ୍ଷେତ୍ରରେ ଚାଇନା ଦ୍ୱିତୀୟ ସ୍ଥାନରେ ଥିବାବେଳେ ରୁଷିଆ ୩ୟ ସ୍ଥାନରେ ରହିଛି। ଏପରିକି ଘରୋଇ ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ମଧ୍ୟ ୨ ଦେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମେରିକା ବିରୋଧୀ ଏହି ରାଷ୍ଟ୍ରଦ୍ୱୟ ଅସ୍ତ୍ର ରପ୍ତାନି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହୋଇଥାଏ।

**ୟୁରୋପ:** ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ଅସ୍ତ୍ରନିର୍ମାତାଙ୍କ ଏକ ବୃହତ୍ ବଜାର ରହିଛି। ବିଶେଷକରି ଏରୋସ୍ପେସ୍ ଓ ନାଭାଲ ସିଷ୍ଟମ୍ ନିର୍ମାଣରେ ୟୁରୋପୀୟ କମ୍ପାନୀଗୁଡ଼ିକର ବିଶେଷତ୍ୱ ରହିଛି।

## ବିଶ୍ୱର ୧୦ ବଡ଼ ଅସ୍ତ୍ର ନିର୍ମାତା

| କମ୍ପାନୀ | ଦେଶ | ବାର୍ଷିକ କାରବାର (ଡଲାରରେ) | ପ୍ରମୁଖ ଯୁଦ୍ଧାସ୍ତ୍ର |
|---|---|---|---|
| ୧. ଲକ୍‌ହିଡ୍ ମାର୍ଟିନ୍ | ଆମେରିକା | ୬୦ ବିଲିୟନ୍ | ଏଫ୍-୩୫ ଫାଇଟର ଜେଟ୍, ଥାଡ୍ ମିଶାଇଲ, ବ୍ଲାକ୍ ହକ୍ |
| ୨. ରେଥେଓନ୍ ଟେକ୍ନୋଲୋଜି | ଆମେରିକା | ୪୦ ବିଲିୟନ | ପାଟ୍ରିଅଟ୍ ମିଶାଇଲ, ରାଡାର, ଆଭିଓନିକ୍ସ |
| ୩. ନରଥ୍ରୋପ୍ ଗନ୍‌ମ୍ୟାନ୍ | ଆମେରିକା | ୩୬ ବିଲିୟନ୍ | ବି-୨୧ ବମ୍ବର, ଡ୍ରୋନ୍, ମିଶାଇଲ୍ ଡିଫେନ୍ସ ମିଶାଇଲ |
| ୪. ବୋଇଂ ଡିଫେନ୍ସ | ଆମେରିକା | ୩୦ ବିଲିୟନ୍ | ଆପାଚେ, ଚିନୁକ୍, କେସି-୪୬, ସାଟେଲାଇଟ୍ |
| ୫. ଜେନେରାଲ ଡାଇନାମିକ୍ସ | ଆମେରିକା | ୨୫ ବିଲିୟନ୍ | ଆବ୍ରାହମ୍ ଟ୍ୟାଙ୍କ, ଭର୍ଜିନିଆ ସବ୍‌ମାରାଇନ୍ସ |
| ୬. ବିଏଇ ସିଷ୍ଟମ୍ସ | ଆମେରିକା | ୨୩ ବିଲିୟନ୍ | ୟୁରୋଫାଇଟର ଟାଇଫୁନ୍, ନାଭାଲ ଶିପ୍ |
| ୭. ଏଭିଆଇସି ଆଭିଏଶନ୍ ଇଣ୍ଡଷ୍ଟ୍ରି | ଚାଇନା | ୨୦ ବିଲିୟନ୍ | ଫାଇଟର ଜେଟ୍ (ଜେ-ସିରିଜ୍), ହେଲିକପ୍ଟର |
| ୮. ନୋରିନ୍‌କୋ ଚାଇନା | ଚାଇନା | ୧୭ ବିଲିୟନ୍ | ଆର୍ମୋର୍ଡ ଭେହିକିଲ୍ସ, ଆର୍ଟିଲିଆରି |
| ୯. ଲିଓନାର୍ଡୋ ଏସ୍‌ପିଏ | ଇଟାଲୀ | ୧୪ ବିଲିୟନ୍ | ଏଡବ୍ଲ୍ୟୁ ହେଲିକପ୍ଟର, ୟୁରୋଫାଇଟର, ଇଲେକ୍ଟ୍ରୋନିକ୍ସ |
| ୧୦. ଥାଲେସ୍ ଗ୍ରୁପ୍ | ଫ୍ରାନ୍ସ | ୧୧ ବିଲିୟନ୍ | ରାଡାର, ଅପ୍‌ଟ୍ରୋନିକ୍ସ, ମିଶାଇଲ |

## ଭାରତ, ପାକିସ୍ତାନ ସାମରିକ କ୍ଷମତା

ଏପ୍ରିଲ ୨୨ ତାରିଖରେ ପହଲଗାମ୍‌ରେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତ ପକ୍ଷରୁ ଗତ ୬ ତାରିଖ ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀଙ୍କ ୯ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହାପରଠାରୁ ୨ ଦେଶ ମଧ୍ୟରେ ସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପାକିସ୍ତାନ ପକ୍ଷରୁ ଭାରତର ସୀମାବର୍ତ୍ତୀ ଅଞ୍ଚଳକୁ ଟାର୍ଗେଟ କରାଯାଇ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯାଇଥିଲା, ଯାହାକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ନଷ୍ଟ କରିଥିଲା। ସେହିପରି ଭାରତ ମଧ୍ୟ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଧ୍ୱଂସ କରିବା ସହ ୫ଟି ଏୟାର ବେସ୍ ଏବଂ ୩ଟି ଅନ୍ୟ ସାମରିକ ଠିକଣା ଉପରେ ଆକ୍ରମଣ କରିଥିଲା।

| ସାମରିକ କ୍ଷମତା | ଭାରତ | ପାକିସ୍ତାନ |
|---|---|---|
| ମୋଟ ସୈନ୍ୟ କର୍ମଚାରୀ | ୫୧,୩୭, ୫୫୦ | ୧୭,୦୪,୦୦୦ |
| ସାମରିକ ବାହିନୀର ସକ୍ରିୟ କର୍ମଚାରୀ | ୧୪,୫୫,୫୫୦ | ୬.୫ ଲକ୍ଷ |
| ଯୁଦ୍ଧ କର୍ମଚାରୀ | ୪୨,୪୧,୫୦୦ | ୯,୬୪,୦୦୦ |
| ନୌସେନା କର୍ମଚାରି | ୧,୪୨,୨୫୨ | ୧,୨୪,୮୦୦ |
| ଟ୍ୟାଙ୍କ | ୪,୨୦୧ | ୨,୬୨୭ |
| କମ୍ବାଟ ଟ୍ୟାଙ୍କ | ୩,୧୫୧ | ୧,୮୩୯ |
| କମ୍ବାଟ ହେଲିକପ୍ଟର | ୩୯ | ୪୩ |
| ଅର୍ଦ୍ଧସାମରିକ ବାହିନୀ | ୨୫,୨୭,୦୦୦ | ୫,୦୦,୦୦୦ |
| **ବାୟୁସେନା** ଏୟାରକ୍ରାଫ୍ଟ | ୨,୨୨୯ | ୧,୩୯୯ |
| ଫାଇଟର ଜେଟ | ୫୧୩ | ୩୨୮ |
| ଏଇରାଲ ଟ୍ୟାଙ୍କର | ୬ | ୪ |
| ହେଲିକପ୍ଟର | ୮୯୯ | ୩୭୩ |

## ତୁଳନାତ୍ମକ ଚିତ୍ର

ଗ୍ଲୋବାର ଫାୟାର ପାୱରର ସାମରିକ ଶକ୍ତି ର୍ୟାଙ୍କିଂ ଅନୁଯାୟୀ, ଭାରତ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ସାମରିକ ଶକ୍ତି ହୋଇଥିବାବେଳେ ପାକିସ୍ତାନ ହେଉଛି ଦ୍ୱାଦଶ ଶକ୍ତିଶାଳୀ ସାମରିକ ଶକ୍ତି। ଭାରତ ସାମରିକ କ୍ଷେତ୍ରରେ ସର୍ବାଧିକ ଖର୍ଚ୍ଚ କରୁଥିବା ବିଶ୍ୱର ପଞ୍ଚମ ଦେଶ। ୨୦୨୪ରେ ଭାରତ ନିଜର ସାମରିକ ଶକ୍ତି ପାଇଁ ୮୬.୧ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୩%। ସେହିପରି ପାକିସ୍ତାନ ନିଜର ସାମରିକ ଶକ୍ତି ପାଇଁ ଗତବର୍ଷ ୧୦.୨ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୭%। ମିଲିଟାରୀ ୱାଚ୍ ମାଗାଜିନ ଅନୁଯାୟୀ, ଭାରତ ଟାୟାର-୨ ମିଲିଟାରୀ ପାୱାର ହୋଇଥିବାବେଳେ ପାକିସ୍ତାନ ହେଉଛି ଟାୟାର-୩ ମିଲିଟାରୀ ପାୱାର। ଷ୍ଟକ୍‌ହୋମ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ)ର ରିପୋର୍ଟ ଅନୁଯାୟୀ, ୨୦୨୦ରୁ ୨୦୨୪ ମଧ୍ୟରେ ୟୁକ୍ରେନ ପରେ ଭାରତ ହେଉଛି ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଆମଦାନକାରୀ ଦେଶ। ସେହିପରି ୨୦୧୫-୧୯ରୁ ୨୦୨୦-୨୪ ମଧ୍ୟରେ ପାକିସ୍ତାନର ଅସ୍ତ୍ରଶସ୍ତ୍ର ଆମଦାନୀ ୬୧% ବୃଦ୍ଧି ପାଇଛି। ୧୯୯୦ ପରଠାରୁ ଚାଇନା ପାକିସ୍ତାନକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ଯୋଗାଇଛି। ୨୦୨୦-୨୪ ମଧ୍ୟରେ ପାକିସ୍ତାନର ୮୧% ଅସ୍ତ୍ରଶସ୍ତ୍ର ଆମଦାନୀ ଚାଇନାଠାରୁ ହୋଇଛି। ପାକିସ୍ତାନର ୧୦% ଅସ୍ତ୍ରଶସ୍ତ୍ର ଆମଦାନୀ ନେଦରଲାଣ୍ଡଠାରୁ ଏବଂ ୬% ତୁର୍କୀଠାରୁ ହୋଇଛି। ସେହିପରି ଏହା ମଧ୍ୟରେ ରୁଷିଆ ସବୁଠାରୁ ଅଧିକ ଅସ୍ତ୍ରଶସ୍ତ୍ର ଭାରତକୁ ଯୋଗାଇଛି। ଭାରତର ୮୧% ଅସ୍ତ୍ରଶସ୍ତ୍ର ଆମଦାନୀ ରୁଷିଆଠାରୁ ହୋଇଛି। ସେହିପରି ଏହି ଅବଧିରେ ଭାରତର ୩୩% ଅସ୍ତ୍ରଶସ୍ତ୍ର ଆମଦାନୀ ଫ୍ରାନ୍ସଠାରୁ, ୧୮% ଇସ୍ରାଏଲଠାରୁ ହୋଇଛି।





| ସାମରିକା କ୍ଷମତା (ନୌସେନା) | ଭାରତ | ପାକିସ୍ତାନ |
|---|---|---|
| ବୁଡ଼ା ଜାହାଜ | ୧୮ | ୮ |
| ଏୟାରକ୍ରାଫ୍ଟ କ୍ୟାରିୟର | ୨ (ଆଇଏନ୍‌ଏସ୍ ବିକ୍ରମାଦିତ୍ୟ, ଆଇଏନ୍‌ଏସ୍ ବିକ୍ରାନ୍ତ) | ୦ |
| ଏୟାର ଡିଫେନ୍ସ ସିଷ୍ଟମ | ଏସ୍-୪୦୦ (ସୁଦର୍ଶନ ଚକ୍ର), ବରାକ-୮ (ଏମ୍‌ଆର୍‌ଏସ୍‌ଏମ୍), ଆକାଶ | ଏଚ୍‌କ୍ୟୁ-୯/ପି, ଏଲ୍‌ୱାଇ-୮୦, ଏଲ୍‌ୱାଇ-୮୦ଇଭି |
| ଅଣୁ ଅସ୍ତ୍ର | ୧୮୦ | ୧୭୦ |
| ନ୍ୟୁକ୍ଲିଆର ମିଶାଇଲ | କେ-୪, କେ-୧୫ , ଅଗ୍ନି-୫. ଅଗ୍ନି-୪, ଅଗ୍ନି-୩ , ଅଗ୍ନି-୨, ଅଗ୍ନି-୧, ପୃଥ୍ୱୀ-୨, ପ୍ରହାର, ନିର୍ଭୟ | ଏଚଏଟିଏଫ୍ ୧-୮ , ଶାହିନ ୩, ଆବାବିଲ |



ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ମେନ୍ଧାର ସେକ୍ଟର ବେହରା ଗ୍ରାମରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ଏକ ଘର କ୍ଷତିଗ୍ରସ୍ତ ହୋଇଛି।

## ଅପରେଶନ ସିନ୍ଦୂରରେ ଅଜହରଙ୍କ ସମ୍ପର୍କୀୟ ସମେତ ୫ ଶୀର୍ଷ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ,୧୦।୫

ଭାରତୀୟ ସେନା ସିନ୍ଦୂର ଜରିଆରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ୯ଟି ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଏଥିରେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଆଜହରଙ୍କ ଭାଇ ତଥା ୧୯୯୯ର କାନ୍ଦାହାର ବିମାନ ଅପହରଣର ମାଷ୍ଟରମାଇଣ୍ଡ ରୌଫ୍ ଅଜହରଙ୍କ ସମେତ ୫ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ନିହତ ହୋଇଥିବା ଶନିବାର ଭାରତୀୟ ଏଜେନ୍ସି ସ୍ପଷ୍ଟ କରିଛନ୍ତି। ଏହି ଆତଙ୍କବାଦୀମାନଙ୍କ ଶେଷକୃତ୍ୟରେ ପାକିସ୍ତାନୀ ସେନାର ବରିଷ୍ଠ ଅଧିକାରୀ, ପୋଲିସ ଅଫିସର ଓ ରାଜନେତା ଯୋଗଦେଇଥିଲେ, ଯାହା ଆତଙ୍କବାଦୀ ସଂଗଠନ ସହ ପାକ୍ ସରକାରଙ୍କ ଗୋପନ ବୁଝାମଣା ଥିବାର ଖୋଲା ପ୍ରମାଣ।

୭ ତାରିଖ ରାତିରେ ଭାରତୀୟ ସେନାର ଆକ୍ରମଣ ବେଳେ ଜେଇଏମ୍‌ର ବାହାବଲପୁର ମୁଖ୍ୟାଳୟରେ ଉପସ୍ଥିତ ଥିବା ମାସୁଦ୍ ଅଜହରଙ୍କ ଭିଣୋଇ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମହମ୍ମଦ ୟୁସୁଫ ଅଜହର ନିହତ ହୋଇଥିଲେ। ସେହିପରି ଜେଇଏମ୍ ଆତଙ୍କବାଦୀଙ୍କ ତାଲିମ କେନ୍ଦ୍ର ବାହାବଲପୁରର ମର୍କଜ ସୁଭାନ ଆଲ୍ଲା ଦାୟିତ୍ୱରେ ଥିବା ମାସୁଦଙ୍କ ଅନ୍ୟଜଣେ ଭିଣୋଇ ହାଫିଜ ମୁହମ୍ମଦ ଜମିଲ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଥିଲେ। ମୁରିଦ୍‌କେରେ ମର୍କଜ ତାଇବା ଦାୟିତ୍ୱରେ ଥିବା ଲଶ୍କର-ଇ-ତୋଇବା ଆତଙ୍କବାଦୀ ମୁଦାସର ଖାଦିଆନ୍ ଖାସ୍ ଓରଫ ଅବୁ ଜୁନ୍ଦଲ ଆକ୍ରମଣରେ ପ୍ରାଣ ହରାଇଥିଲେ। ଲଶ୍କର ଆତଙ୍କବାଦୀ ଖଲିଦ ଓରଫ ଅବୁ ଆକାଶ ଜମ୍ମୁ-କଶ୍ମୀରର ଏକାଧିକ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ। ଫୈସଲାବାଦରେ ତାଙ୍କ ଶେଷକୃତ୍ୟ ବେଳେ ପାକ୍ ସେନା ଅଧିକାରୀ ଓ ସ୍ଥାନୀୟ ଡେପୁଟି କମିଶନର ଉପସ୍ଥିତ ଥିଲେ। ପିଓକେରେ ଜେଇଏମ୍‌ର ଅପରେଶନାଲ କମାଣ୍ଡରଙ୍କ ପୁଅ ମହମ୍ମଦ ହାସନ ଖାନ୍ ମଧ୍ୟ ଅପରେଶନ ସିନ୍ଦୂରରେ ନିହତ ହୋଇଥିଲେ।



ରୌଫ୍ ଅଜହର

# ଆତଙ୍କବାଦୀ କାର୍ଯ୍ୟ ଭାରତ ବିରୋଧୀ ଯୁଦ୍ଧ

ନୂଆଦିଲ୍ଲୀ,୧୦।୫(ପି.ଟି.)

ଭାରତ ମାଟିରେ ଭବିଷ୍ୟତରେ କୌଣସି ଆତଙ୍କବାଦୀ କାର୍ଯ୍ୟକୁ ଦେଶ ବିରୋଧରେ 'ଯୁଦ୍ଧର କାର୍ଯ୍ୟ' ଭାବେ ବିବେଚନା କରାଯିବ ଏବଂ ତଦନୁଯାୟୀ ଜବାବ ଦିଆଯିବ ବୋଲି ଶନିବାର କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଏହି ଦେଶକୁ କେନ୍ଦ୍ର ସରକାର ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହି ନିଷ୍ପତ୍ତି ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଆତଙ୍କବାଦ ଘଟଣା ବିରୋଧରେ ଏକ ଅନ୍ତିମ ରେଖା ଟାଣିବାକୁ ଚାହିଁଛନ୍ତି। ପାକିସ୍ତାନ ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଯଦି ପୁଣିଥରେ ଭାରତକୁ ଟାର୍ଗେଟ କରନ୍ତି, ତେବେ ପହଲଗାମ୍ ପରବର୍ତ୍ତୀ ଅନୁରୂପ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଦିଆଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଶୀର୍ଷ ସୁରକ୍ଷା ଅଧିକାରୀମାନଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଭାରତୀୟ ସଶସ୍ତ୍ର ବଳର ମୁଖ୍ୟମାନେ ଯୋଗଦେଇଥିଲେ। ବୈଠକରେ ବ୍ୟାପକ ବିଚାରବିମର୍ଶ ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଗତମାସ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଆକ୍ରମଣ ଘଟାଇଥିଲା। ଏହି ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ପାକିସ୍ତାନୀ ଆତଙ୍କବାଦୀମାନେ ଉପତ୍ୟକାରେ ଅନେକ ସମୟରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ହିଂସାକାଣ୍ଡ ଘଟାଇ ଆସିଛନ୍ତି। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ପାକିସ୍ତାନ ସମ୍ପୃକ୍ତ ଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ଦୃଢ଼ ଜବାବ ଦିଆଯାଇଆସୁଛି। ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଥିଲା। ଏହାପରେ ପାକିସ୍ତାନ ଭାରତର ଉତ୍ତର ଓ ପଶ୍ଚିମସୀମାରେ ଥିବା କେତେକ ସାମରିକ ସ୍ଥଳ ଓ ଆବାସିକ ଅଞ୍ଚଳକୁ ଟାର୍ଗେଟ କରି ଏକାଧିକ ଆକ୍ରମଣ ଉଦ୍ୟମ କରିଥିଲା, ଯାହାର ଠିକଣା ଜବାବ ଭାରତୀୟ ସେନା ଦେଇଛି।

### ଇସ୍‌ଲାମାବାଦକୁ ନୂଆଦିଲ୍ଲୀର କଡ଼ା ଚେତାବନୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଏନ୍ଏସ୍ଏ ଅଜିତ ଡୋଭାଲ, ସିଡିଏସ୍ ଜେନେରାଲ ଅନିଲ ଚୌହାନ ଓ ୩ ବାହିନୀର ମୁଖ୍ୟ ଯୋଗ ଦେଇଛନ୍ତି।

## ପାକିସ୍ତାନର ଶେଲ୍ ମାଡ଼ରେ କଶ୍ମୀର ଅଫିସରଙ୍କ ସମେତ ୬ ମୃତ

ଜମ୍ମୁ,୧୦।୫

ପାକିସ୍ତାନୀ ସେନାର ମୋର୍ଟାର ଶେଲ୍ ଏବଂ ଡ୍ରୋନ୍ ଆକ୍ରମଣରେ ଶନିବାର ଜମ୍ମୁ-କଶ୍ମୀର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ, ସେନାର ଜୁନିୟର କମିଶନ୍‌ଡ ଅଫିସର (ଜେସିଓ)ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଉକ୍ତ ଆକ୍ରମଣ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଯୁଏଭିର ଭଗ୍ନାବଶେଷ ପଡ଼ିଥିବା ଅଞ୍ଚଳଠାରୁ ଲୋକଙ୍କୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

ସୀମାରେ ଶୁକ୍ରବାର ରାତି ସାରା ଗୁଳିଗୋଳା ବର୍ଷଣ ଜାରି ରହିଥିବାରୁ ଲୋକେ ଉଜାଗର ରହିଥିଲେ। ଶନିବାର ଭୋର ୫ଟା ବେଳେ ଜମ୍ମୁ ଓ ଅନ୍ୟ ବୃହତ୍ ସହରରେ ଏୟାର ରେଡ୍ ସାଇରନ୍ ସହ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ଶତ୍ରୁପକ୍ଷର ସମସ୍ତ ଡ୍ରୋନ୍ ଓ କ୍ଷେପଣାସ୍ତ୍ରକୁ ଭାରତୀୟ ସେନା ପ୍ରତିହତ କରିଥିବା ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ପାକିସ୍ତାନର ଶେଲ୍ ମାଡ଼ରେ ରାଜୌରୀର ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପା ଓ ତାଙ୍କ କାର୍ଯ୍ୟାଳୟର ୨ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସରକାରୀ ମେଡିକାଲ କଲେଜକୁ ନିଆଯାଇଥିବାବେଳେ ସେଠାରେ ଥାପାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ପୁଞ୍ଚ୍‌ର କ୍ରିଷ୍ଣା ଘାଟି ସେକ୍ଟର ନିକଟରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ସୁବେଦାର ମେଜର ପୱନ କୁମାରଙ୍କ ମୃତ୍ୟୁ ଘଟିଛି। ରାଜୌରୀ ସହର ଶିଳ୍ପାଞ୍ଚଳରେ ଶେଲ୍ ମାଡ଼ ଯୋଗୁ ଐଶା ନୁର (୨) ଏବଂ ମହମ୍ମଦ ଶୋଏବ୍(୩୫)ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଞ୍ଚ୍‌ର କଙ୍ଘ୍ରା-ଗଲହୁଟା ଗ୍ରାମରେ ମୋର୍ଟାର ଶେଲ୍ ଆକ୍ରମଣରେ ରଶିଦା ବି (୫୫) ପ୍ରାଣ ହରାଇଛନ୍ତି।



ପାକିସ୍ତାନର ଶେଲ୍ ମାଡ଼ରେ ପ୍ରାଣ ହରାଇଥିବା ରାଜୌରୀ ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପାଙ୍କ ବାସଭବନରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପହଞ୍ଚି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଉଛନ୍ତି।

## ସର୍ବଦଳୀୟ ବୈଠକ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଡାକିବାକୁ ଶନିବାର କଂଗ୍ରେସ ପ୍ରସ୍ତାବ ଦେଇଛି। ସରକାର ସବୁ ଦଳଙ୍କୁ ବିଶ୍ୱାସକୁ ନିଅନ୍ତୁ। ଏଥିସହିତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଗତ ୧୮ ଦିନ ମଧ୍ୟରେ ଘଟିଥିବା ଘଟଣା ସମ୍ପର୍କରେ ଆଲୋଚନା କରାଯିବାକୁ ବିରୋଧୀ ଦଳ ଦାବି କରିଛି। ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଅପରାହ୍ନରେ କହିବାର କିଛି ସମୟ ପରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଏହା ଘୋଷଣା କରିଥିଲେ।

## ପାକିସ୍ତାନର ୮ ସାମରିକ ସ୍ଥଳରେ ଭାରତର ଆକ୍ରମଣ

ନୂଆଦିଲ୍ଲୀ,୧୦।୫

ପାକିସ୍ତାନୀ ସେନା ଭାରତର ସାମରିକ ଭିତ୍ତିଭୂମି ସମେତ ଆବାସିକ ଅଞ୍ଚଳରେ ଆକ୍ରମଣ କରିବା ପରେ ଭାରତୀୟ ବାୟୁସେନା ଶନିବାର ଏହାର ଦୃଢ଼ ଜବାବ ଦେଇଛି। ପାକିସ୍ତାନର ରାଡାର ୟୁନିଟ୍, ଅସ୍ତ୍ର ଭଣ୍ଡାର ସମେତ ୮ଟି ସାମରିକ ସ୍ଥଳକୁ ଟାର୍ଗେଟ କରି ବାୟୁସେନା ଆକ୍ରମଣ କରିଛି। ରଫିକି, ମୁରିଦ୍ ଚକଲାଲା, ରହିମ ୟାର୍ ଖାନ୍, ସୁକ୍କୁର, ଚୁନିଆନ୍, ପସରୁର ଏବଂ ସିଆଲକୋଟ୍‌ରେ ଥିବା ମିଲିଟାରି ଟାର୍ଗେଟ୍‌କୁ ଆକ୍ରମଣ କରାଯାଇଥିଲା। ଶୁକ୍ରବାର ରାତିରେ ପଞ୍ଜାବରେ ଥିବା ଏୟାରବେସ୍‌କୁ ପାକିସ୍ତାନୀ ସେନା ମିଶାଇଲ୍ ଆକ୍ରମଣ କରିଥିଲା। ଜମ୍ମୁ-କଶ୍ମୀରର ୩ ଏୟାରବେସ୍‌ରେ ଥିବା ମେଡିକାଲ ସେଣ୍ଟର ଏବଂ ସ୍କୁଲ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନର ସିଆଲକୋଟ ଜିଲାର ଲୁନିଠାରେ ଥିବା ଏକ ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଇଥିବା ବିଏସ୍ଏଫ୍ କହିଛି। ଶୁକ୍ରବାର ରାତିରେ ପାକିସ୍ତାନୀ ସେନା ଜମ୍ମୁ ସେକ୍ଟରର ବିଏସ୍ଏଫ୍ ପୋଷ୍ଟକୁ ଟାର୍ଗେଟକରି ଗୁଳିବର୍ଷା କରୁଥିବାବେଳେ ଲଞ୍ଚପ୍ୟାଡ୍‌କୁ ଧ୍ୱଂସ କରାଯାଇଛି।

## ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହୃତ

ଚଣ୍ଡିଗଡ଼, ୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହେବା ପରେ ଶନିବାର ସନ୍ଧ୍ୟାରୁ ପଞ୍ଜାବ କର୍ତ୍ତୃପକ୍ଷ ରାଜ୍ୟରୁ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଛନ୍ତି। ସଙ୍ଗରୁର, ରୁପନଗର ଏବଂ ଫଜିଲକା ଜିଲା ପ୍ରଶାସନ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଥିବାବେଳେ ଜଲନ୍ଧର, କପୁରଥାଲା ଏବଂ ପଟିଆଲା ଜିଲା କର୍ତ୍ତୃପକ୍ଷ କଟକଣା ନିର୍ଦ୍ଦେଶନାମାଗୁଡ଼ିକୁ ବାତିଲ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ନେଇ ଶନିବାର ସନ୍ଧ୍ୟାରୁ ବ୍ଲାକ୍‌ଆଉଟ୍ ପାଇଁ ବିଭିନ୍ନ ଜିଲା କର୍ତ୍ତୃପକ୍ଷ ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ଅସ୍ତ୍ରବିରତି ନିଷ୍ପତ୍ତି ପରେ ଏହି କଟକଣାକୁ ପ୍ରତ୍ୟାହାର କରାଗଲା ବୋଲି ପଟିଆଲ ଡେପୁଟି କମିଶନର କହିଛନ୍ତି।

## ନାଗରିକ ସୁରକ୍ଷା ସାଇରନ୍ ଶବ୍ଦ ବ୍ୟବହାର କରନାହିଁ

ନୂଆଦିଲ୍ଲୀ,୧୦।୫

### ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ କେନ୍ଦ୍ରର ପରାମର୍ଶ

ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ନିଜର କାର୍ଯ୍ୟକ୍ରମ ପ୍ରସାରଣ ବେଳେ ନାଗରିକ ସୁରକ୍ଷା ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାର ଏକ ଆଡଭାଇଜରି ଜାରି କରିଛନ୍ତି। କେବଳ ସମୂହ ସଚେତନତା ଅଭିଯାନ ପାଇଁ ଏହି ଶବ୍ଦ ବ୍ୟବହାର ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଶନିବାର କହିଛନ୍ତି। ନାଗରିକ ପ୍ରତିରକ୍ଷା ଆଇନ, ୧୯୬୮ର ଧାରା ୩(୧) (ଡବ୍ଲ୍ୟୁ)(୦)ରେ ପ୍ରଦତ୍ତ କ୍ଷମତା ଅନୁଯାୟୀ, ସମସ୍ତ ମିଡିଆ ଚ୍ୟାନେଲକୁ ସେମାନଙ୍କ କାର୍ଯ୍ୟକ୍ରମରେ ସିଭିଲ୍ ଡିଫେନ୍ସ ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବା ପାଇଁ ଅନୁରୋଧ କରାଯାଉଛି ବୋଲି ଲିଖିତ ଆଡଭାଇଜରିରେ କୁହାଯାଇଛି। ଏଭଳି ସାଇରନ୍ ସବୁବେଳେ ବ୍ୟବହାର କରାଗଲେ ଆକାଶମାର୍ଗରୁ ଆକ୍ରମଣ ବେଳର ସାଇରନ୍ ପ୍ରତି ନାଗରିକଙ୍କ ସମ୍ବେଦନଶୀଳତା ହ୍ରାସ ପାଇବ ଏବଂ ପ୍ରକୃତ ଏୟାରରେଡ୍ ବେଳେ ସେମାନେ ଏହି ସାଇରନ୍‌କୁ ଏକ ନିୟମିତ ଘଟଣା ଭାବି ଭୁଲ୍ ବୁଝିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

## ନବଜାତକଙ୍କ ନାମ 'ସିନ୍ଦୂର' ରଖୁଛନ୍ତି ରାଜସ୍ଥାନୀ ମା'

ଜୟପୁର, ୧୦।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଲୋକମାନେ ନିଜ ନିଜ ଦେଶପ୍ରେମକୁ ବିଭିନ୍ନ ଉପାୟରେ ପ୍ରକାଶ କରିଛନ୍ତି। ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ 'ଅପରେଶନ ସିନ୍ଦୂର'ରେ ଅନୁପ୍ରାଣିତ ହୋଇ ରାଜସ୍ଥାନର ଅନେକ ମା' ସେମାନଙ୍କ ନବଜାତକଙ୍କ ନାମକୁ ସିନ୍ଦୂର ରଖୁଛନ୍ତି। ଝୁନ୍‌ଝୁନ୍ ଜିଲା ନୱଲଗଡ଼ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ୩ ଜଣ ନବଜାତକଙ୍କ ନାମ ସିନ୍ଦୂର ରଖାଯାଇଛି। ସ୍ଥାନୀୟ ଝାଝର ଗ୍ରାମର ଜଣେ ମହିଳା ସୀମା କହିଛନ୍ତି, ଅପରେଶନ ସିନ୍ଦୂର ମାଧ୍ୟମରେ ପହଲଗାମ୍ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ମିଳିଥିଲା। ତେଣୁ ସେ ତାଙ୍କ ନବଜାତ ଶିଶୁପୁତ୍ରର ନାମ ସିନ୍ଦୂର ରଖିଛନ୍ତି। ଏହି ନାମ ସର୍ବଦା ତାଙ୍କ ପୁଅକୁ ଦେଶକୁ ଭଲ ପାଇବା ପାଇଁ ପ୍ରେରଣା ଯୋଗାଇବ। ଉକ୍ତ ଶିଶୁର ଜେଜେମା' କହିଛନ୍ତି, ସେ ତାଙ୍କ ନାତିକୁ ସେନାକୁ ପଠାଇବେ, ଯାହାଫଳରେ ସେ ଦେଶର ସେବା କରିପାରିବ। ସେହିପରି ଗ୍ରାମର ଅନ୍ୟଜଣେ ମହିଳା ସଞ୍ଜୁ କହିଛନ୍ତି, ୪ ଦିନ ତଳେ ଜନ୍ମ ହୋଇଥିବା ତାଙ୍କ ପୁଅର ନାମ ସେ ସିନ୍ଦୂର ରଖିଛନ୍ତି। ପହଲଗାମ୍ ଆକ୍ରମଣରେ ଅନେକ ମା' ଏବଂ ଭଉଣୀ ସେମାନଙ୍କ ସିନ୍ଦୂର ହରାଇଥିଲେ। ଏହି ନାମରେ ଅପରେଶନ କରି ଭାରତୀୟ ସେନା ଆତଙ୍କବାଦକୁ ଦୃଢ଼ ଜବାବ ଦେଇଥିବା ସେ କହିଛନ୍ତି। ସେହିପରି କାସୈରୁ ଗ୍ରାମର କାଞ୍ଚନ କହିଛନ୍ତି, ସେ ତାଙ୍କ ନବଜାତ ଶିଶୁକନ୍ୟାର ନାମ ସିନ୍ଦୂର ରଖିଛନ୍ତି। ଏପରି କରି ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ସେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ନୱଲଗଡ଼ ହସ୍ପିଟାଲର ଡାକ୍ତର ଜିତେନ୍ଦ୍ର ଚୌଧୁରୀ କହିଛନ୍ତି, ଆତଙ୍କବାଦ ବିରୋଧରେ 'ଅପରେଶନ ସିନ୍ଦୂର'କୁ ନେଇ ଘୋଷଣା କରାଯିବା ପରେ ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ଜନ୍ମ ହୋଇଥିବା ୩ ନବଜାତକଙ୍କ ନାମକୁ ସେମାନଙ୍କ ଅଭିଭାବକ ସିନ୍ଦୂର ରଖିଛନ୍ତି। ସମ୍ପ୍ରତି ଲୋକଙ୍କ ମଧ୍ୟରେ ଥିବା ଗଭୀର ଦେଶପ୍ରେମ ଭାବନାକୁ ଏହା ଦର୍ଶାଉଛି ବୋଲି ସେ କହିଛନ୍ତି।





ଶୁକ୍ରବାର ରାତିରେ ପାକିସ୍ତାନର ଗୁଳିଗୋଳା ମାଡ଼ରେ ଜମ୍ମୁ ଉପକଣ୍ଠ ବଣ୍ଟଲାବ ଗ୍ରାମର ଏକ ଘର ଧ୍ୱସ୍ତ ହୋଇଯାଇଛି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ରେହାରି ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ଆବାସିକ କୋଠାଗୁଡ଼ିକ ନିକଟରେ ଉପସ୍ଥିତ ଲୋକେ।



ଭାରତ-ପାକିସ୍ତାନ ମଧ୍ୟରେ ଶୁକ୍ରବାର ରାତିରେ ଗୁଳିଗୋଳା ବର୍ଷଣ ଜୋର୍‌ଦାର ହୋଇଥିବାବେଳେ ରାଜସ୍ଥାନର ଜୈସାଲମର ଅଞ୍ଚଳରେ ପଡ଼ିଥିବା ସନ୍ଦିଗ୍ଧ ଯୁଦ୍ଧ ସାମଗ୍ରୀକୁ ଜଣେ ସୁରକ୍ଷା କର୍ମୀ ଶନିବାର ଯାଞ୍ଚ କରୁଛନ୍ତି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣକୁ ଶୁକ୍ରବାର ରାତିରେ ଭାରତର ସଶସ୍ତ୍ର ବଳ ବିଫଳ କରିଦେବା ପରେ ଘଟିଥିବା ବିସ୍ଫୋରଣ ଯୋଗୁ ପଞ୍ଜାବର ଗୁରୁଦାସପୁର ନିକଟ ରାଜୁବେଲା ଛିଛରନ ଗ୍ରାମର ଏକ କୃଷି କ୍ଷେତରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି।



ପାକିସ୍ତାନର ଗୁଳିଗୋଳା ବର୍ଷଣରେ ଶୁକ୍ରବାର ରାତିରେ ଜମ୍ମୁ-କଶ୍ମୀରର ରାଜୌରୀର ଏକ ଘର ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।



ଗୁଜରାଟର କଚ୍ଛ ଅଞ୍ଚଳରୁ ସୁରକ୍ଷା କର୍ମୀମାନେ ଜବତ କରିଥିବା ସନ୍ଦିଗ୍ଧ ଯୁଦ୍ଧ ଅସ୍ତ୍ର ଭଗ୍ନାବଶେଷକୁ ଶନିବାର ଜବତ କରାଯାଇଛି।



ଭାରତର ଏସ୍-୪୦୦ ଦ୍ୱାରା ଶୁକ୍ରବାର ରାତିରେ ପାକିସ୍ତାନୀ ଡ୍ରୋନ୍ ଧ୍ୱସ୍ତ ହୋଇଥିବାବେଳେ ସେଥିରେ ଥିବା ବିସ୍ଫୋରକ ସାମଗ୍ରୀ ଅମୃତସର ଉପକଣ୍ଠ ଜନବସତିରେ ପଡ଼ିଛି।



ପାକିସ୍ତାନର ସିଆଲକୋଟ୍‌ସ୍ଥିତ ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ଶୁକ୍ରବାର ରାତିରେ ବିଏସ୍‌ଏଫ୍ ପକ୍ଷରୁ ଧ୍ୱଂସ କରିଦିଆଯାଇଛି।



ଶୁକ୍ରବାର ରାତିରେ ପାକିସ୍ତାନୀ ସେନାର ମୋର୍ଟାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ମେଣ୍ଢର ସେକ୍ଟର ଅନ୍ତର୍ଗତ ବେହରା ଗ୍ରାମର ଏକ ଘରଛାତ।



ପାକିସ୍ତାନର ଗୁଳିଗୋଳା ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ଜାକିର ହୁସେନ ନିହତ ହୋଇଥିବାବେଳେ ମୃତଦେହ ନିକଟରେ ତାଙ୍କ ଆତ୍ମୀୟସ୍ୱଜନ।

## ଦେଶ ସୁରକ୍ଷାରେ ନିୟୋଜିତ ପୁଅବୋହୂଙ୍କ ପାଇଁ ପ୍ରାର୍ଥନା କରୁଛୁ



ଅପରେଶନ 'ସିନ୍ଦୂର'କୁ ନେଇ ଭାରତୀୟ ସେନା ସଶସ୍ତ୍ର ଭାବେ ସୀମା ସୁରକ୍ଷାରେ ନିୟୋଜିତ ରହିଛନ୍ତି। ଗୋଳାବାରୁଦର ବର୍ଷାକୁ ଖାତିର ନ କରି ଦେଶମାତୃକାର ସେବାରେ ନିୟୋଜିତ ରହିଥିବା ପୁଅବୋହୂଙ୍କ ପାଇଁ ଏବେ ସାଇବାବାଙ୍କ ଶରଣରେ ପ୍ରାର୍ଥନା କରୁଛନ୍ତି ବୋଲି କହିଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ପାଲବଣି ଅଞ୍ଚଳର ବିଜୁଳି ମିଶ୍ର। ରାଜସ୍ଥାନର ବିକାନେର୍ ସୀମାରେ ନିୟୋଜିତ ପୁଅ ରବୀନ୍ଦ୍ର ନାଥ ମିଶ୍ର ଓ ବୋହୂ ଅଞ୍ଜୁ ମିଶ୍ରଙ୍କ ଦୀର୍ଘାୟୁ ପାଇଁ ସେ ପୂଜାର୍ଚ୍ଚନା କରୁଛନ୍ତି। ପୁଅ ସୈନିକ ଭାବେ ଦେଶ ସୁରକ୍ଷାରେ ରହିଥିବା ବେଳେ ବୋହୂ ସ୍ୱାସ୍ଥ୍ୟସେବାରେ ନର୍ସିଂ ଅଫିସର ଭାବେ ରହି ସେବା ଯୋଗାଉଛନ୍ତି। ପୁଅ ବୋହୂଙ୍କ ମଙ୍ଗଳ କାମନା ପାଇଁ ସାଇବାବାଙ୍କ ପାଖରେ ପୂଜାପାଠ କରୁଛନ୍ତି। ଦେଶ ସେବାରେ ନିୟୋଜିତ ସମସ୍ତ ସୈନିକ ବିଜୟୀ ହୁଅନ୍ତୁ। କେବଳ ତାଙ୍କ ପୁଅ ନୁହେଁ, ଦେଶର ସମସ୍ତ ମା'ଙ୍କ ପୁଅ ବିଜୟୀ ହୋଇ ଆସିବାକୁ ଠାକୁରଙ୍କ ନିକଟରେ ସେ ପ୍ରାର୍ଥନା କରୁଛନ୍ତି। ବିଜୟର ଟିକା ପିନ୍ଧାଇବା ପାଇଁ ସମସ୍ତ ମା' ପ୍ରସ୍ତୁତ ହୋଇ ରହିଛନ୍ତି। ଭାରତମାତାର ସୁରକ୍ଷାକରି ପୁଅ ବିଜୟୀ ହେଲେ ପ୍ରତ୍ୟେକ ମା' ପାଇଁ ଗର୍ବର ବିଷୟ ବୋଲି ବିଜୁଳି କହିଛନ୍ତି।

**– ବିଜୁଳି ମିଶ୍ର, ସୈନିକଙ୍କ ମା', ବାରିପଦା**

## ଅଖଣ୍ଡ ଦୀପ ଜାଳୁଛୁ



ଦେଶର ସୁରକ୍ଷା ପାଇଁ ତାଙ୍କର ଏକମାତ୍ର ପୁଅ ସୀମାରେ ପାକିସ୍ତାନ ସେନା ଓ ଆତଙ୍କବାଦୀଙ୍କ ସହ ଲଢ଼େଇ କରୁଥିଲା। ଏହା ତାଙ୍କ ପାଇଁ ଗର୍ବର ବିଷୟ। ଯୁଦ୍ଧରେ ବିଜୟ ପାଇଁ ପରିବାର ପକ୍ଷରୁ ଅଖଣ୍ଡ ଦୀପ ଜାଳିବା ସହ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ବୋଲି କହିଛନ୍ତି ଭାରତୀୟ ସେନାରେ କାର୍ଯ୍ୟରତ ଥିବା ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବୋଡ଼କ ମହାଜୀବୀ ଗ୍ରାମର ଗୌରାଙ୍ଗ ପ୍ରଧାନ(୩୫)ଙ୍କ ବାପା ଭାଗୀରଥି ପ୍ରଧାନ। ପୁଅ ପଞ୍ଜାବ ସୀମାରେ ନିୟୋଜିତ ଅଛନ୍ତି। ସେ ସବୁବେଳେ ଟିଭି ସାମ୍ନାରେ ବସି ରହି ଯୁଦ୍ଧର ସ୍ଥିତି ସମ୍ବନ୍ଧୀୟ ଖବର ଦେଖନ୍ତି। ଏପରିକି ଖାଇବା ବେଳେ ମଧ୍ୟ ଟିଭି ସାମ୍ନାରେ ବସି ଖାଆନ୍ତି। ରାତିରେ ନିଦ ଭାଙ୍ଗିଲେ ବି ଯୁଦ୍ଧର ସ୍ଥିତି କ'ଣ ଅଛି ଜାଣିବାକୁ ଟିଭି ଖୋଲି ବସନ୍ତି। ଅସ୍ତ୍ର ବିରତି ହେବା ଶୁଣି ଟିକେ ଖୁସି ଲାଗିଲା। ହେଲେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ ଆଶଂକା ବଢାଇଛି। ତେବେ ଦେଶମାତୃକାର ସୁରକ୍ଷା ପାଇଁ ପ୍ରାର୍ଥନା କରୁଛୁ।

**–ଭାଗୀରଥି ପ୍ରଧାନ, ସେନାରେ କାର୍ଯ୍ୟରତ ଗୌରାଙ୍ଗ ପ୍ରଧାନଙ୍କ ବାପା**

## ପୁଅ ଦେଶ ସେବା କରୁଥିବାରୁ ଆମେ ଗର୍ବିତ

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ଗ୍ରାମର ସତ୍ୟନାରାୟଣ ସିଂହ ଏବଂ ଶାନ୍ତିଲତା ସିଂହଙ୍କ ବଡ଼ ପୁଅ ସତ୍ୟବ୍ରତ ସିଂହ(୩୪) ସେନାରେ କାର୍ଯ୍ୟରତ ଅଛନ୍ତି। ସେ ୨୦୧୩ରୁ ଇଣ୍ଡିଆନ ଆର୍ମିରେ ଯୋଗଦେଇଥିଲେ। ପ୍ରଥମେ ମଧ୍ୟପ୍ରଦେଶ ପରେ ଦିଲ୍ଲୀ, ଆସାମ, ରାଜସ୍ଥାନରେ ନିୟୋଜିତ ହେବା ପରେ ବର୍ତ୍ତମାନ ପଞ୍ଜାବର ଚଣ୍ଡିଗଡ଼ରେ କାର୍ଯ୍ୟରତ ଅଛନ୍ତି। ତେବେ ବର୍ତ୍ତମାନ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିକୁ ଲକ୍ଷ୍ୟ କରି ଦିନ ରାତି ୨୪ ଘଣ୍ଟା ସଜାଗ ଅଛନ୍ତି ସତ୍ୟବ୍ରତ। ଶୁକ୍ରବାର ଅପରାହ୍ନ ୪ଟା ସମୟରେ ସତ୍ୟବ୍ରତଙ୍କ ସହିତ ତାଙ୍କ ମା'ବାପା ମାତ୍ର ୫ ମିନିଟ୍ କଥା ହୋଇଥିଲେ। ବର୍ତ୍ତମାନ ଚଣ୍ଡିଗଡ଼ରେ ବ୍ଲାକ୍ ଆଉଟ ଘୋଷଣା



ଏବଂ ଆକାଶମାର୍ଗରୁ ପାକିସ୍ତାନର କେତେକ ଡ୍ରୋନ୍‌କୁ ଭାରତୀୟ ସେନା ଖସାଇଥିବା କଥା ଯବାନ କହିଥିଲେ। ତେବେ ପୁଅ ଭାରତୀୟ ସେନାରେ ଯୋଗଦେଇ ଦେଶ ସେବା କରୁଥିବାରୁ ନିଜକୁ ଗର୍ବିତ ମନେକରୁଥିବା ସତ୍ୟବ୍ରତଙ୍କ ମା' ବାପା କହିଛନ୍ତି। ଏଥିସହ ଦେଶ ପାଇଁ ଯୁଦ୍ଧ କରୁଥିବା ଅନ୍ୟ ସୈନିକ ତଥା ପୁଅଙ୍କ ପାଇଁ ମଙ୍ଗଳକାମନା କରୁଛୁ ବୋଲି ସତ୍ୟବ୍ରତଙ୍କ ମା' ବାପା କହିଥିଲେ। ଦେଶ ପାଇଁ ଯୁଦ୍ଧ କରି ଭଲରେ ପୁଅ ଘରକୁ ଫେରୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ବୋଲି ମା' ଶାନ୍ତିଲତା କହିଛନ୍ତି।

**– ଶାନ୍ତିଲତା ସିଂହ ଓ ସତ୍ୟନାରାୟଣ ସିଂହ, ସୈନିକଙ୍କ ମା'ବାପା, ମୋରଡ଼ା**

## ଘରେ ରୋଷେଇ ହେଉଛି, ଆମେ ଖାଇପାରୁନାହୁଁ

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ୍ ଗୁମ୍ମାଗଡ଼ ଗ୍ରାମର କୁଞ୍ଜ ବିହାରୀ କହଁର ପହଲଗାମ୍‌ରେ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଅଛନ୍ତି। ଏନେଇ ତାଙ୍କ ପତ୍ନୀ କହିଛନ୍ତି, ସ୍ୱାମୀ କଶ୍ମୀରର ପହଲଗାମ୍‌ରେ କାର୍ଯ୍ୟରତ ଅଛନ୍ତି। ଆଗରୁ ଫୋନରେ କଥା ହେଉଥିଲେ। ଏବେ ଆଉ ସମ୍ଭବ ହେଉନାହିଁ। ଦିନକୁ ୨ ମିନିଟ୍‌ରୁ କମ୍ ସମୟ କଥା ହେଉଛନ୍ତି। କଥା ହେବା ପାଇଁ ସୁଯୋଗ ଦିଆଯାଉନାହିଁ। ଆମେ ଫୋନ କଲେ ଉତ୍ତର ମିଳୁନାହିଁ। ସେପଟୁ କେତେବେଳେ କେମିତି ଫୋନ



କୁଞ୍ଜ ବିହାରୀ କହଁର

କରୁଛନ୍ତି। ଗତ ଶୁକ୍ରବାର ରାତିରେ ତାଙ୍କ କ୍ୟାମ୍ପ ଉପରେ ପାକିସ୍ତାନ ହମଲା କରିଛି। ସୌଭାଗ୍ୟ ବଶତଃ ତାଙ୍କର କିଛି ହୋଇନାହିଁ। ପୁଅ ନବମରେ ଏବଂ ଝିଅ ପ୍ରଥମରେ ପଢ଼ୁଛନ୍ତି। ସେମାନେ ଖାଲି ବାପାଙ୍କ କଥା ପଚାରୁଛନ୍ତି। ଆମେ ଭୟଭୀତ ଅବସ୍ଥାରେ ରହୁଛୁ। ଘରେ ରୋଷେଇ ହେଉଛି, କିନ୍ତୁ ଆମେ ଖାଇ ପାରୁନାହୁଁ। ଭଗବାନଙ୍କ ପାଖରେ ପ୍ରାର୍ଥନା ଯୁଦ୍ଧ ବନ୍ଦ ହେଉ, ସେ ଭଲରେ ଘରକୁ ଫେରି ଆସନ୍ତୁ।

**– କୁମୁଦିନୀ ଦେହୁରୀ, ଫୁଲବାଣୀ**

## ଦେଶ ମାତୃକା ପାଇଁ ଲଢ଼ିବାକୁ ଶପଥ ନେଇଛି



ମୋର ଏକମାତ୍ର ପୁଅ ସୁରଜ କୁମାର ରାଉତ କଶ୍ମୀରରେ ସୀମା ସୁରକ୍ଷା ବଳ ଯବାନ ଭାବେ କାର୍ଯ୍ୟରତ। ଯୁଦ୍ଧ କଥା ଶୁଣିବା ପରେ ସବୁଦିନ ତାଠାରୁ ସୀମା ପରିସ୍ଥିତି କଥା ବୁଝୁଛି। ଯାହାବି ହେଉ ଦେଶ ମାତୃକା ପାଇଁ ଲଢ଼ିବାକୁ ଶପଥ ନେଇଛି। ଆଉ ଅଧିକ କିଛି ଭାବୁନାହିଁ। ଗ୍ରାମଦେବତୀ ମା' କୁଳେଇଶୁଣୀ ଓ ଭାଗବତ ଗୋସେଇଁଙ୍କ ପାଖରେ ପ୍ରାର୍ଥନା କରୁଛି। ବିଜୟୀ ହୋଇ ଭଲରେ ଘରକୁ ଫେରୁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ଅଥଙ୍ଗାର ଯବାନ ସୁରଜ କୁମାର ରାଉତଙ୍କ ମା' ପ୍ରମିଳା ରାଉତ।

**– ପ୍ରମିଳା ରାଉତ, ସୀମା ସୁରକ୍ଷା ବଳ ଯବାନଙ୍କ ମା'**

## ଘରେ ହନୁମାନ ଚାଳିଶା ପାଠ ଚାଲିଛି



ସ୍ୱାମୀ ରମାକାନ୍ତ ସର୍ବଭାରତୀୟ ସେନାରେ କାର୍ଯ୍ୟକରି ଜମ୍ମୁ-କଶ୍ମୀର ଅଞ୍ଚଳରେ ପୋଷ୍ଟିଂ ହୋଇଛନ୍ତି। ଜାଣିବାକୁ ପାଇଲି ସୀମାରେ ରହିଛନ୍ତି। ଛୁଟିରେ ଘରକୁ ଆସିଥିଲେ। ଫୋନ ପାଇ ଚାକିରିକୁ ଚାଲିଗଲେ। ଶାଶୁ ସବୁବେଳେ କାନ୍ଦୁଛନ୍ତି। ଘରେ ହନୁମାନ ଚାଳିଶା ପାଠ ଚାଲିଛି। ଦେଶ ପାଇଁ ଲଢୁଥିବାରୁ ମନରେ ସାହସ ଆସୁଛି। ଦେଶବାସୀ ଯବାନଙ୍କ ପଛରେ ରହିଥିବାରୁ କୌଣସି ଦୁଃଖ ଆସୁନାହିଁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗାଁର ଯବାନ ରମାକାନ୍ତଙ୍କ ସ୍ତ୍ରୀ ବୈଜୟନ୍ତୀ ସୁର।

**– ବୈଜୟନ୍ତୀ ସୁର, କନ୍ଦରପୁର**

## ପୁଅର ମଙ୍ଗଳ ସହ ଭାରତର ବିଜୟ କାମନା କରୁଛୁ

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତ ବାଘୁଆ ଗ୍ରାମର ଅକ୍ଷୟ କୁମାର ଦାଶ ଜମ୍ମୁସ୍ଥିତ ପ୍ରତିରକ୍ଷା ବିଭାଗର ଗୋଳାବାରୁଦ ଡିପୋରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ମା'ଙ୍କ ଦେହ ଅସୁସ୍ଥ ଥିବାରୁ ଗତ ୩ ତାରିଖଠାରୁ ୧ମାସ ପର୍ଯ୍ୟନ୍ତ ଛୁଟିରେ ଆସିଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଦୃଷ୍ଟିରୁ ଏବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ପରିବାର ଭୟରେ ରହିଛନ୍ତି। ମା' ଅନ୍ନପୂର୍ଣ୍ଣା ଓ ବାପା କ୍ଷେତ୍ରମୋହନ ଦାଶ ପୁଅର ମଙ୍ଗଳ କାମନା କରିବା ସହ ଭାରତର ବିଜୟ କାମନା କରିଛନ୍ତି। ସେହିପରି ବାଘୁଆ ଗ୍ରାମର ପ୍ରକାଶ କୁମାର ବିଶ୍ୱାଳ ଭାରତୀୟ ସ୍ଥଳସେନା ବିଭାଗରେ ରାଜସ୍ଥାନଠାରେ ଜଣେ ସୈନିକ ଭାବେ କାର୍ଯ୍ୟରତ। ଘରକୁ ଛୁଟିରେ ଆସିବାର ଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ତାଙ୍କର ଛୁଟି ବାତିଲ ହୋଇଯାଇଛି। ଘରେ ଅସୁସ୍ଥ ବାପା ରମେଶ ଚନ୍ଦ୍ର ବିଶ୍ୱାଳ ଓ ମା' ମନୋରମା ବିଶ୍ୱାଳ ଓ ତାଙ୍କ ପରିବାର ଭୟଭିତରେ ଥିଲେ ମଧ୍ୟ ପୁଅର ମଙ୍ଗଳ କାମନା କରିଛନ୍ତି।

**– ଅକ୍ଷୟ କୁମାର ଦାଶଙ୍କ ମା'ବାପା**

## ଆଶ୍ୱାସନା ପାଉଛନ୍ତି ପରିବାର ଲୋକେ

ଦେଶମାତୃକା ପାଇଁ ଲଢେଇ କରିବାର ସଂକଳ୍ପ ନେଇ ଯୁଦ୍ଧ କ୍ଷେତ୍ରକୁ ବାହାରି ଯାଇଛନ୍ତି। ସେମାନଙ୍କ ଦୈନନ୍ଦିନର ଖବର ପାଇବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି ସେମାନଙ୍କ ପରିବାର ଲୋକେ। କିଛି ଗଣମାଧ୍ୟମର ଖବର ଅତିରଞ୍ଜିତ ହୋଇଥିବାରୁ ବେଳେବେଳେ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡୁଥିବା ଚୌଦ୍ୱାର ତଳବଜାର ବେହେରା ସାହିର ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା ବେହେରା ପ୍ରକାଶ କରିଛନ୍ତି। ସଞ୍ଜୟ ୧୯୯୭ରେ ସେଣ୍ଟ୍ରାଲ ରିଜର୍ଭ



ପୋଲିସରେ ଯବାନ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ସଞ୍ଜୟ ଶ୍ରୀନଗରର କୁପୱାରାରେ ପୋଷ୍ଟିଙ୍ଗ ଥିଲେ ମଧ୍ୟ ଯୁଦ୍ଧପାଇଁ ବର୍ତ୍ତମାନ ଡଗ୍‌ସ୍କ୍ୱାଡ୍ ଟିମ୍ ଲିଡର ଭାବେ ଶ୍ରୀନଗରର ଗୁର୍‌ଗାଁଓରେ କାର୍ଯ୍ୟରତ। ତାଙ୍କର ୨ପୁତ୍ରରୁ ବରୁଣ ଯୁକ୍ତ ୩ରେ ପାଠ ପଢୁଥିବା ବେଳେ ଅରୁଣ ଦଶମ ପାଠ ପଢୁଛନ୍ତି। ବାପାଙ୍କ ପାଇଁ ୨ପୁତ୍ର ଯେତିକି ଗର୍ବିତ ସେତିକି ଚିନ୍ତିତ ମଧ୍ୟ। ସ୍ତ୍ରୀ ସୁରେଖା ଓ ସାନ ଭାଇ ମଙ୍ଗରାଜଙ୍କ କହିବାନୁଯାୟୀ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସବୁଦିନ ପ୍ରାୟ ଦିନକୁ ୨ଥର ପରିବାର ସହିତ ସଞ୍ଜୟ ଯୋଗାଯୋଗରେ ଅଛନ୍ତି। ଶନିବାର ସକାଳେ ମଧ୍ୟ ସ୍ତ୍ରୀଙ୍କ ସହିତ ଫୋନରେ କଥା ହୋଇଥିବା ବେଳେ କଥାଛଳରେ ତାଙ୍କ ରେଜିମେଣ୍ଟର କିଛି ଯବାନ ଆହତ ହୋଇଥିବା କଥା ଶୁଣି ସୁରେଖା ଓ ତାଙ୍କ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ପାକିସ୍ତାନ -ଭାରତ ଆକ୍ରମଣରେ ଅଧିକ ପ୍ରତିହିଂସା ପରାୟଣ ହୋଇଥିବା ସେ ପ୍ରକାଶ କରିଥିଲେ। ହେଲେ ସୁରେଖା ସଞ୍ଜୟଙ୍କ ମନୋବଳ ବଢାଇବା ପାଇଁ ଆଶ୍ୱାସନା ଦେବା ସହିତ ଘରର ସମସ୍ତ ସଦସ୍ୟ ଠାକୁରଙ୍କୁ ପ୍ରାର୍ଥନା କରିବା ସହିତ ସଞ୍ଜୟଙ୍କ ପାଇଁ ବିଭିନ୍ନ ମନ୍ଦିରରେ ମାନସିକ ରଖିଥିବା କହିଥିଲେ। ଯୁଦ୍ଧ ପାଇଁ ପରିବାରବର୍ଗଙ୍କ ମାନସିକ ସ୍ଥିତି ଭଲ ନ ଥିବା ଓ ଯେତେଶୀଘ୍ର ପାକିସ୍ତାନକୁ କଡାଜବାବ ଦେଇ ଗତ ଫେବୃୟାରୀରୁ ଘର ଛାଡି ଯାଇଥିବା ସଞ୍ଜୟ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଭଲରେ ଘରକୁ ଫେରି ଆସିବାକୁ ଅପେକ୍ଷା କରିଥିବା ସେ ପ୍ରକାଶ କରିଛନ୍ତି।

**– ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା**

## ୨ଭାଇଙ୍କ ପାଇଁ ପରିବାର ଗର୍ବିତ



ନିଲାଞ୍ଚଳ ପ୍ରଧାନ



ରଞ୍ଜନ କୁମାର ପ୍ରଧାନ

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୨ କାଳୀ ମନ୍ଦିର ପଡ଼ାର ସ୍ୱର୍ଗତ ଖୁନୁ ପ୍ରଧାନ ଓ କବି ପ୍ରଧାନଙ୍କ ବଡ଼ପୁଅ ରଞ୍ଜନ ଏବଂ ସାନପୁଅ ନିଲାଞ୍ଚଳ ଭାରତୀୟ ସେନାବାହିନୀରେ କାର୍ଯ୍ୟରତ। ସେମାନେ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେବେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉଭୟ ଭାଇଙ୍କ ସମେତ ଦେଶର ସଫଳତା ପାଇଁ ଘରେ ଗତ ୮ଦିନ ହେଲା ପୂଜାପାଠ ଚାଲିଥିଲା। ଯୁଦ୍ଧ ସ୍ଥିତିକୁ ନେଇ ପରିବାର ଲୋକେ ଆଦୌ ବିଚଳିତ ନୁହଁନ୍ତି, ବରଂ ବହୁତ ଗର୍ବ ଅନୁଭବ କରୁଛନ୍ତି ବୋଲି ମଝିଆ ଭାଇ ସିଲୁ କହିଛନ୍ତି।

୨୦୧୩ ମସିହାରୁ ସେ ସେନାବାହିନୀରେ ଯୋଗଦେଇଥିବା ନିଲାଞ୍ଚଳ ଶ୍ରୀନଗର କୁପୁକୁଡ଼ା ଏଏମସି(ଆର୍ମି ମେଡ଼ିକାଲ କ୍ରୋପ୍)ରେ କାର୍ଯ୍ୟରତ ଅଛନ୍ତି। ଏଠାରେ ତାଙ୍କ ସ୍ତ୍ରୀ ସୁନୀତା ଏବଂ ଶିଶୁପୁତ୍ର ନିଶାନ୍(୩ବର୍ଷ) ଅଛନ୍ତି। ଗତ ଡିସେମ୍ବର ମାସରେ ଧନୁଯାତ୍ରା ଚାଲିଥିବାବେଳେ ଦେଢ଼ମାସର ଛୁଟି ନେଇ ସେ ଘରକୁ ଆସିଥିଲେ। ପୁଣି ଆସିବା ପାଇଁ ସେ ଛୁଟି ମାଗିଥିଲେ ଏବଂ ଶନିବାର(୧୦।୫।୨୦୨୫) ଘରକୁ ଆସିବାର ଥିଲା। ମାତ୍ର ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ତାଙ୍କ ଛୁଟି ବାତିଲ୍ ହୋଇ ଯାଇଥିଲା। ଗତ ୪ଦିନ ତଳେ ସୀମାବର୍ତ୍ତୀ ଅଞ୍ଚଳରେ ଉଡୁଥିବା ପାକିସ୍ତାନ ଖଣ୍ଡାକୁ ଓଲଟାଇ ଦେଇଥିଲୁ ଏବଂ ଯୁଦ୍ଧକ୍ଷେତ୍ରରେ ପାକିସ୍ତାନ ବହୁତ ପଛରେ ଅଛି ବୋଲି ବୋଲି ଶୁକ୍ରବାର ଫୋନ୍‌ଯୋଗେ ସାନଭାଇ ନିଲାଞ୍ଚଳ ତାଙ୍କୁ କହିଥିଲେ ବୋଲି ସିଲୁ ପ୍ରକାଶ କରିଛନ୍ତି।

ସେହିପରି ବଡ଼ଭାଇ ରଞ୍ଜନ ୨୦୧୭ ମସିହାରୁ ସଶସ୍ତ୍ର ସୀମାବଳ(ଏସଏସବି)ରେ ଯୋଗ ଦେଇଛନ୍ତି। ଉତ୍ତର ପ୍ରଦେଶର ଗୋରେଖପୁରରେ ସେ ପ୍ରଥମେ ଅବସ୍ଥାପିତ ଥିଲେ। ଏବେ ବିହାରର ମୁଜାଫରନଗରରେ କାର୍ଯ୍ୟରତ ଅଛନ୍ତି। ଡାକରା ଆସିଲେ ଯୁଦ୍ଧକ୍ଷେତ୍ରକୁ ଯିବା ଲାଗି ପ୍ରସ୍ତୁତ ବୋଲି ରଞ୍ଜନ ତାଙ୍କୁ କହିଥିବା ସିଲୁ କହିଛନ୍ତି। ରଞ୍ଜନଙ୍କ ସ୍ତ୍ରୀ ରେଶ୍ମା ଓ ଶିଶୁପୁତ୍ର ଆୟୁଷ୍ମାନ(୫ବର୍ଷ) ଏଠାରେ ଅଛନ୍ତି। ତେବେ ଦୁଇ ଭାଇଙ୍କ ପାଇଁ ବହୁତ ଗର୍ବ ଅନୁଭବ କରିଥାଉ। ତେବେ ଯୁଦ୍ଧ ବନ୍ଦ ହେବା ଖବର ପାଇଁ ଖୁସି ଲାଗୁଛି ବୋଲି ସିଲୁ କହିଛନ୍ତି।

## ସେନାରେ ୩ ଭାଇ

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ଗୋଟିଏ ପରିବାରର ୩ ଭାଇ ସେନାରେ କାର୍ଯ୍ୟରତ ଅଛନ୍ତି। ଗ୍ରାମର ବାଉରୀ ବନ୍ଧୁ ଗୌଡ଼ଙ୍କ ୩ ପୁଅ ଯଥା ପ୍ରେମାନନ୍ଦ, ପ୍ରମୋଦ ଓ ନିତ୍ୟାନନ୍ଦ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ଏଭଳି ସ୍ଥିତିରେ ଭଗବାନ୍ ହିଁ ଭରସା ବୋଲି କହିଛନ୍ତି ତାଙ୍କ ପରିବାର। ସେହିପରି ସେହି ଗ୍ରାମର ଗଣପତି ତରାଇଙ୍କ ୪ ପୁଅ ମଧ୍ୟରୁ ୨ ପୁଅ ଶିବାନନ୍ଦ ଓ ବିଶ୍ୱନାଥ ମଧ୍ୟ ସେନାରେ କାର୍ଯ୍ୟରତ ଅଛନ୍ତି। ଉକ୍ତ ପରିବାର ମଧ୍ୟ ଏହି ଯୁଦ୍ଧ ଖବର ଶୁଣି ମର୍ମାହତ। ପିଲାମାନଙ୍କ ତଥା ଦେଶର ମଙ୍ଗଳ ପାଇଁ ପ୍ରତ୍ୟେକ ଦିନ ଠାକୁରଙ୍କୁ ଡାକୁଥିବା ସେ କହିଛନ୍ତି। ଗଞ୍ଜାମ ଅଞ୍ଚଳର ସୀମାନ୍ତ ଅଞ୍ଚଳରେ ସେନାରେ ଥିବା ନାରାୟଣ ତରାଇଙ୍କ ପୁଅ ବିପିନ ତରାଇଙ୍କ ସହ ଫୋନରେ ଯୋଗାଯୋଗ କରିବାରୁ ସେ କେଉଁଠି ଅଛନ୍ତି ସେନେଇ କୌଣସି ସୂଚନା ଦେବାକୁ ତାଙ୍କ କମାଣ୍ଡର ବାରଣ କରିଛନ୍ତି। ତେବେ ଯୁଦ୍ଧ ବିରତି ଘୋଷଣା ହୋଇଥିଲେ ବି ଭୟ ମନରୁ ଯାଇନି ବୋଲି ସେ କହିଛନ୍ତି।

## ଅନ୍ୟାନ୍ୟ ଖବର

# ଆତଙ୍କବାଦର କୌଣସି ଧର୍ମ ନାହିଁ: ରାଜ୍ୟପାଳ

### ଆଜି ପରାକ୍ରମ ଶୋଭାଯାତ୍ରାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୦।୫(ସୁନିତ୍ ମିଶ୍ର)**

ଆତଙ୍କବାଦର କୌଣସି ଧର୍ମ ନାହିଁ କି ହିଂସାର କିଛି ଶାସ୍ତ୍ର ନ ଥାଏ ବୋଲି ରାଜ୍ୟପାଳ ହରିବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପହଲଗାମ୍‌ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣାକ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଗୋଷ୍ଠୀର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ରାଜ୍ୟପାଳ କହିଛନ୍ତି, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ପ୍ରହାର। ସଶସ୍ତ୍ର ବାହିନୀ 'ଅପରେଶନ ସିନ୍ଦୂର' ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଠିକ୍ ଆକ୍ରମଣ କରାଯାଇଛି। ଆମର ସାହସୀ ସୈନିକମାନେ ସାର୍ବଭୌମତ୍ୱକୁ ରକ୍ଷା କରିବାକୁ ଯାଇ ଆଗଧାଡ଼ିରେ ଛିଡ଼ାହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ସମସ୍ତେ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ାହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି, ଆତଙ୍କବାଦ ମାନବତା ବିରୋଧରେ ଏକ ଯୁଦ୍ଧ। ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼େ, ସେତେବେଳେ ସମସ୍ତେ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହ ଅବଦୁଲ ହମିଦ୍‌ଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ସେ ଆହ୍ୱାନ ଜଣାଇଛନ୍ତି। ଅନ୍ୟପଟେ ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମକୁ ସମ୍ମାନ ଜଣାଇବା ଲାଗି ରବିବାର ମୁଖ୍ୟମନ୍ତ୍ରୀ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିବେ। ଏହି ପରାକ୍ରମ ଶୋଭାଯାତ୍ରା କଳିଙ୍ଗ ଷ୍ଟାଡିୟମଠାରୁ ବାହାରିବ ବୋଲି ସୂଚନା ଦିଆଯାଇଛି।

# ଜିଲାପାଳ, ଆର୍‌ଡିସି, ଆଇପିଏସ୍ ଅଫିସରଙ୍କ ଛୁଟି ବାତିଲ

**ଭୁବନେଶ୍ୱର,୧୦।୫(ସୁନିତ୍ ମିଶ୍ର)**

ଦେଶରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ରାଜ୍ୟର ସବୁ ଜିଲାପାଳ, ଆର୍‌ଡିସିଙ୍କ ଛୁଟି ବାତିଲ କରିଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସବୁ ଜିଲାପାଳ ଏବଂ ଆର୍‌ଡିସିଙ୍କୁ ଚିଠି ମଧ୍ୟ କରାଯାଇଛି। ଯୁଦ୍ଧ ବନ୍ଦ ନେଇ ଏକ ପ୍ରକାର ଘୋଷଣା ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଜିଲାପାଳ, ଆର୍‌ଡିସିମାନଙ୍କ ଲାଗି ଜାରି ଚିଠିକୁ ପରିବର୍ତ୍ତନ କରାଯାଇ ନାହିଁ। ଚିଠିରେ ଉଲ୍ଲେଖ ରହିଛି, ଦେଶରେ ଯୁଦ୍ଧ ହେବା ଭଳି ପରିସ୍ଥିତି ଉପୁଜିଥିବାରୁ ଜିଲାପାଳ, ଆର୍‌ଡିସିମାନଙ୍କ ଛୁଟି ଯାହା ଅନୁମୋଦିତ ହୋଇଥିଲା ତାହା ବାତିଲ କରିଦିଆଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ ଆସି କାର୍ଯ୍ୟରେ ଯୋଗଦେବା ଲାଗି କୁହାଯାଇଛି। ଆର୍‌ଡିସିମାନଙ୍କୁ ଏସବୁ ଭଲରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୃହ ବିଭାଗ ପକ୍ଷରୁ ଆଉ ଏକ ଚିଠି ଜାରିକରି ଆଇପିଏସ୍ ଅଫିସରମାନଙ୍କ ଛୁଟିକୁ ମଧ୍ୟ ବାତିଲ କରିଦିଆଯାଇଛି। ଦେଶରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆଇପିଏସ୍ ଅଫିସରମାନଙ୍କୁ କୌଣସି ଛୁଟି ମିଳିବ ନାହିଁ। କୌଣସି ଆଇପିଏସ୍ ଅଫିସର ମୁଖ୍ୟାଳୟ ଛାଡ଼ି ନ ଯିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଭାରତୀୟ ଯବାନଙ୍କ ପାଇଁ ବିଜେଡିର ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର,୧୦।୫(ସୁନିତ୍ ମିଶ୍ର)**

ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ଏହାପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯଦିଓ ବର୍ତ୍ତମାନ ସ୍ଥିତିରେ ଯୁଦ୍ଧ ବନ୍ଦ ନେଇ ଉଭୟ ଦେଶ ମଧ୍ୟରେ ସହମତି ପ୍ରକାଶ ପାଇସାରିଛି, ହେଲେ ଆଉ ଥରେ ଏନେଇ ଆସନ୍ତା ୧୨ ତାରିଖରେ ଘୋଷଣା ହେବ ବୋଲି ମଧ୍ୟ ଏମ୍‌ଇଏ ପକ୍ଷରୁ କୁହାଯାଇଛି। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ନେଇ ବିଜେଡି ପକ୍ଷରୁ ଶନିବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବିଶାଳ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପାକିସ୍ତାନ ବିରୋଧରେ ବିଜେଡି ନେତା ଓ କର୍ମୀମାନେ ସ୍ଲୋଗାନ ଦେଇଥିଲେ। ଭାରତୀୟ ଯବାନମାନଙ୍କ ମନୋବଳ ବଢ଼ାଇବା ଲାଗି ମାଷ୍ଟରକ୍ୟାଣ୍ଟିନଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଦିବ୍ୟଶଙ୍କର ମିଶ୍ର, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।




# ୧,୯୨,୦୦୩ ମାମଲା ଫଇସଲା

### ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

### ୧୩୦,୮୦,୨୮,୧୨୬ ଟଙ୍କା ଆଦାୟ

**କଟକ,୧୦।୫(କାର୍ତ୍ତିକ ସାହୁ)**

ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ସୂଚୀ ଅନୁଯାୟୀ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ସମସ୍ତ ଜିଲାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୩୦ ଜିଲା କୋର୍ଟ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, କଟକସ୍ଥିତ ଖାଉଟି ବିବାଦ ସମାଧାନ ଆୟୋଗ ଏବଂ ଭୁବନେଶ୍ୱରସ୍ଥିତ ଶିଳ୍ପ ଟ୍ରିବ୍ୟୁନାଲରେ ଲୋକ ଅଦାଲତ ସମାପନ ହୋଇଛି। ସାରା ରାଜ୍ୟରେ ମୋଟ ୧,୯୨,୦୦୩ଟି ମାମଲାର ଆପୋସ ଫଇସଲା ହୋଇଛି। ଏଥିସହ ୧୩୦ କୋଟି ୮୦ ଲକ୍ଷ ୨୮ ହଜାର ୧୨୬ ଟଙ୍କା କ୍ଷତିପୂରଣ ଓ ଅନ୍ୟାନ୍ୟ ବାବଦକୁ ଆଦାୟ ହୋଇଛି।

ସୂଚନାନୁସାରେ, ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ୧୫,୯୮୭ ମାମଲା, ରାଜସ୍ୱ ମାମଲା ୧,୬୯,୩୮୨ ଏବଂ ପ୍ରାକ ମକଦ୍ଦମାସ୍ତରୀୟ ବିବାଦ ୬,୬୩୪ଟିରେ ଆପୋସ ସମାଧାନ କରାଯାଇଛି। ତନ୍ମଧ୍ୟରେ ଫୌଜଦାରି ୨୬୬, ଏନ୍‌ଆଇ ଆକ୍ଟରେ ୯୮୧, ଅର୍ଥ ଆଦାୟ ୪୫୨, ମୋଟର ଯାନ ଦୁର୍ଘଟଣା କ୍ଷତିପୂରଣ ଦାବି ୫୯୭, ଶ୍ରମ ବିବାଦ ୨୦, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୧, ବୈବାହିକ/ପାରିବାରିକ ବିବାଦ ୪୭୫, ଜମି ଅଧିଗ୍ରହଣ ୮, ରାଜସ୍ୱ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ମାମଲା ୧,୬୯,୩୮୨, କ୍ୱାସି ବିଚାର ବିଭାଗୀୟ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ଆଇପିଆର/ଖାଉଟି ଓ ଅନ୍ୟାନ୍ୟ ମାମଲା ୧୬, ଅନ୍ୟାନ୍ୟ ଦେୱାନୀ ୧୫୧୮, ଅନ୍ୟାନ୍ୟ ଫୌଜଦାରି ୧୧,୬୩୨, ଋଣ ଆଦାୟ ଟ୍ରିବ୍ୟୁନାଲ ୬ ଓ ରାଜ୍ୟ ଖାଉଟି ବିବାଦ ଆୟୋଗରେ ୫ଟି ମାମଲା ଫଇସଲା ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ୍-ଇନ୍-ଚିଫ୍ ଜଷ୍ଟିସ ହରିଶ ଟଣ୍ଡନ, ହାଇକୋର୍ଟର ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ



ବିଚାରପତି ଅଭିଯୋଗର ଶୁଣାଣି କରୁଛନ୍ତି।

**ସୁନ୍ଦରଗଡ,୧୦।୫(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଜିଲା ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୩୦୯୫ଟି ମାମଲା ମଧ୍ୟରୁ ୨୨୫୦ଟି ମାମଲାର ବିଚାର କରାଯାଇ ମୋଟ ୮,୦୮,୩୫୨୬୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଖାରାଣୀ ରଥ ଓ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ଡକ୍ଟର ରୀନେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରି ଲିଟିଗେସନ ସମ୍ବନ୍ଧୀୟ ୯୮୦୭ଟି ମଧ୍ୟରୁ ୨୭୭ ବ୍ୟାଙ୍କ ଋଣ, ଆଦାୟ ମାମଲା, ୧୧ଟି ସାର୍ବଜନୀନ ଉପଯୋଗୀତା ସେବା(ସ୍ଥାୟୀ ଲୋକ ଅଦାଲତ)ମାମଲା, ୨୧୫ଟି ଆରଟିଓ, ୭୫ଟି ବିଏସଏନଏଲ ଓ ୧୨୭ଟି ଟିପିଡବ୍ଲ୍ୟୁଓଡିଏଲର ଫଇସଲା କରାଯାଇଛି। ଏଥିରେ ମୋଟ ୧୬୨୨୮୯୭୨ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୩୨୮୮ ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ମାମଲା ୨୦ଟି, ଏନ ଆଗଟି ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୪୩ଟି, ବ୍ୟାଙ୍କ ଋଣ ଆଦାୟ୨୬ଟି, ମୋଟର ଯାନ ଦୁର୍ଘଟଣା ଜନିତ ୨୫, ବୈବାହିକ ସମ୍ବନ୍ଧୀୟ ୨୧, ରାଜସ୍ୱ ମାମଲା ୫୭୩, ଜମି ଅଧିଗ୍ରହଣ ମାମଲା ୧, ଅନ୍ୟାନ୍ୟ ଦେୱାନୀ ମାମଲା ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୮୦୮ଟି ସମେତ ମୋଟ ୧୫୪୫ମାମଲା ଫଇସଲା ହୋଇଛି। ଏଥିରେ ମୋଟ ୬୩୯୦୬୩୦୮.୯୬ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଏଥିରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଡକ୍ଟର ରାଧାକାନ୍ତ ମିଶ୍ର, ଅତିରିକ୍ତ ଜିଲା ଦୌରାଜଜ ଚିନ୍ମୟ ଗୋଚ୍ଛାୟତ, ସିନିୟର ସିଭିଲ ଜଜ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ସିନିୟର ସିଭିଲ ଜଜ (ମହିଳା କୋର୍ଟ) ଶ୍ରଦ୍ଧା ମାନ୍ଦୋଦିଆ, ଏସଡ଼ିଜେଏମ ସୁକନ୍ୟା ଶତପଥୀ, ଜେଏମଏଫଏସି (ରୁରାଲ)ପ୍ରତିଭା ଦାଶ, ଜେଏମ ଏଫସି ଦିପ୍ତିମୟୀ ଏବଂ ଜେଏମ ଏଫସି ରୋଜାଲିନ ଦାଶଙ୍କ ସହିତ ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଭାରତୀୟ ସେନାର ବୀରତ୍ୱକୁ ସମର୍ଥନ ଜଣାଇ ଶୋଭାଯାତ୍ରା ପ୍ରସ୍ତୁତି ବୈଠକ


କୁଆଁରମୁଣ୍ଡା ବ୍ଲକରେ ଭାରତୀୟ ସେନାର ବୀରତ୍ୱକୁ ସମ୍ମାନ ଜଣାଇ ଅନୁଷ୍ଠିତ ହେବାକୁ ଥିବା ଶୋଭାଯାତ୍ରାର ପ୍ରାକ ପ୍ରସ୍ତୁତି ବୈଠକ।

**କୁଆଁରମୁଣ୍ଡା,୧୦।୫(ମହେନ୍ଦ୍ର କୁମାର ସାହୁ)**

ଅପରେସନ ସିନ୍ଦୁରରେ ଆତଙ୍କବାଦୀ ମୂଳୋତ୍ପାଟନ ନେଇ ଭାରତୀୟ ସେନା ବାହିନୀ ଯେଉଁଭଳି ଆକ୍ରମଣ କରିଛି ତାହାକୁ ସାଧାରଣ ନାଗରିକ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଏହି ଉଦ୍ଦେଶ୍ୟରେ ଭାରତୀୟ ସେନାର ବୀରତ୍ୱ ଓ ପରାକାଷ୍ଠାକୁ ପୂର୍ଣ୍ଣ ସମର୍ଥନ ଓ ସମ୍ମାନ ଜଣାଇ ମଙ୍ଗଳବାର କୁଆଁରମୁଣ୍ଡା ବ୍ଲକ ପରିସରରୁ ଏକ ବିଶାଳ ଶୋଭାଯାତ୍ରା ବାହାରିବ ବୋଲି ଶନିବାର ସନ୍ଧ୍ୟାରେ କୁଆଁରମୁଣ୍ଡା ଏବିଡିଓ ପ୍ରଶାନ୍ତ କୁମାର ଜେନାଙ୍କ ଆବାହକତ୍ୱରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ତହସିଲର ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ସଞ୍ଜୀବ ପ୍ରତାପ ସିଂଦେଓ, ଶୈଳେଶ ତିୱାରୀ, ସରପଞ୍ଚ ରାଜେଶ ହାସଦା, ନରେଶ ସୁରିନ, ଶଙ୍କର ପୁଝାରୀ, ଅବଦୁଲ ସଲାମ, ଅଞ୍ଜୟ ସାହୁ, ସୁବାସ ତ୍ରିପାଠୀ, ଗୁରୁଚରଣ ସାହୁ, ଶିବ ନାରାୟଣ ସାହୁ, ତ୍ରିଲୋଚନ ପରିଡ଼ା ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମଙ୍ଗଳବାର ଶୋଭାଯାତ୍ରା କୁଆଁରମୁଣ୍ଡା ବ୍ଲକ ପରିସରରୁ ବାହାରି ବଜରଙ୍ଗ ଛକ, ତହସିଲ ଛକ, ଇଏମଆରଏସ ଛକ ହୋଇ ଯମୁନାନାକି ପର୍ଯ୍ୟନ୍ତ ଯାଇ ଭାରତ ମାତା ଓ ଜୟ ଯବାନ ଜୟ କିସାନ ସ୍ଲୋଗାନ ସହ ଦେଶାତ୍ମବୋଧ ସଙ୍ଗୀତ ଗାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିରେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳର ଜନସାଧାରଣ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିବା ପାଇଁ ନାଗରିକ କମିଟି ନିବେଦନ କରିଛି।

# ନବନିଯୁକ୍ତ ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା



ନବ ନିଯୁକ୍ତ ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ରାଉରକେଲା,୧୦।୫(ଦିନେଶ ମିଶ୍ର)**

ରଘୁନାଥପାଲି ବିଜେଡି ପକ୍ଷରୁ ସେକ୍ଟର-୩ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ନବନିଯୁକ୍ତ ବିଜେଡି ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କୁ ସ୍ୱାଗତ କରିବା ସହ ସଭାପତିଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ଦଳରେ ନବନିଯୁକ୍ତି କର୍ମକର୍ତ୍ତାଙ୍କ ଉଦ୍ୟମରେ ସାଂଗଠନିକ ପ୍ରକ୍ରିୟା ସମ୍ଭବ ହେବ ବୋଲି ସଭାପତି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ରଘୁନାଥପାଲି ବିଜେଡି ପକ୍ଷରୁ ନୂତନ ସଭାପତି ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳର ବରିଷ୍ଠ ସଦସ୍ୟ ଆର୍ତ୍ତତ୍ରାଣ ମହାରଣା, ବଂଶୀଧର ପରିଡ଼ା, ବାବାଜି ସ୍ୱାଇଁ, ଚୌଧୁରୀ ବିଜୟ ପଟ୍ଟନାୟକ, ସିଦ୍ଧେଶ୍ୱର ବଳ, ଜ୍ୟୋତି ରଞ୍ଜନ ମହାନ୍ତି, ସତ୍ୟାନନ୍ଦ ବେହେରା, ଅକ୍ଷୟ ରାଉତ, ଅରୁଣ ମହାପାତ୍ର, ଶିଶିର ସାହୁ, ଜୟନ୍ତୀ ଦାସ, ଇନ୍ଦିରା ନାୟକ, ଗୀତାଞ୍ଜଳି ସାମଲ, ସୁଭଦ୍ରା ନାୟକ, ଭାଗ୍ୟବତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧମୁଣ୍ଡାରେ ସାଂସ୍କୃତିକ ସନ୍ଧ୍ୟା

**ବନ୍ଧମୁଣ୍ଡା,୧୦।୫(ସୁବ୍ରତ ଦେ)**

ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ବଙ୍ଗଭାରତୀ ଠାରେ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୪ତମ ଜନ୍ମଦିବସ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଅବସରରେ ସଙ୍ଗଠନର ସଦସ୍ୟମାନେ ଜମ୍ମୁର ପହଲଗାମ୍‌ରେ ଶହୀଦ ହୋଇଥିବା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ରବୀନ୍ଦ୍ର ଗୀତିର ଉପସ୍ଥାପନା, କବିତା ପାଠ ଏବଂ ଟାଗୋରଙ୍କ ଜୀବନୀ ଏବଂ ସାହିତ୍ୟ ଉପରେ ସୂଚନା ଦିଆଯାଇଥିଲା। ସଙ୍ଗଠନ ସଦସ୍ୟମାନେ ରବୀନ୍ଦ୍ର ସଙ୍ଗୀତ ପରିବେଷଣ କରିଥିଲେ। ପରେ ଆୟୋଜିତ ରବୀନ୍ଦ୍ର ନୃତ୍ୟ ଏବଂ ରବୀନ୍ଦ୍ର କବିତା ପାଠ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଲୋକେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସୁଭାଷ ଚନ୍ଦ୍ର ଘୋଷ, ସ୍ୱଜଳ ଭଟ୍ଟାଚାର୍ଯ୍ୟ, ଉଜ୍ଜ୍ୱଳ ଭଟ୍ଟାଚାର୍ଯ୍ୟ, ଶିଶିର ଚନ୍ଦ୍ର ମାନ୍ନା, ସଞ୍ଜୟ ଚୌଧୁରୀ, ପ୍ରଦୀପ ବାର, ସୁଜିତ ବାନାର୍ଜୀ, ବିକାଶ ଚକ୍ରବର୍ତ୍ତୀ, କୋଏଲ ସାହା, ମମତା ଭଟ୍ଟାଚାର୍ଯ୍ୟ, ଏସ୍. ଘୋଷାଲ ଉପସ୍ଥିତ ଥିଲେ।

# ମଞ୍ଜୁ ଦେବୀଙ୍କୁ କଳିଙ୍ଗ ଗୌରବ ସମ୍ମାନ

**ରାଉରକେଲା,୧୦।୫(ଦିନେଶ ମିଶ୍ର)**

ରାଉରକେଲା ଗୃହସ୍ଥୀ ମସଲାର ନିର୍ଦ୍ଦେଶିକା ମଞ୍ଜୁ ଦେବୀ ବାଗେଡିଆଙ୍କୁ କଳିଙ୍ଗ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଟିଭି ଚ୍ୟାନେଲର ୧୫ତମ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ମଞ୍ଜୁ ଦେବୀଙ୍କୁ ଏହି ସମ୍ମାନ ମିଳିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଅଧିବାସ ସରିଲା, ଆଜିଠୁ ଅଷ୍ଟପ୍ରହର ନାମଯଜ୍ଞ


କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁମାନେ।

**ସୋନପୁର,୧୦।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ବଡବଜାର ସ୍ଥିତ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ମହୋତ୍ସବ ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳେ ଶତାଧିକ ମହିଳା ମହାନଦୀର ତେନ୍ତୁଳିଘାଟରୁ କଳସ ପୂର୍ଣ୍ଣ ଜଳକୁ ଏକ ଶୋଭାଯାତ୍ରାରେ ନେଇ ନାମଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ ଓ ଅଞ୍ଚଳବାସୀ ସାମିଲ ଥିଲେ। ପୂଜାକାର୍ଯ୍ୟ ପରେ ଅଧିବାସ ସମ୍ପନ୍ନ ହୋଇଥିଲା। ରବିବାର ନୃସିଂହ ଚତୁର୍ଦ୍ଦଶୀରେ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହେବ। ଶ୍ରୀଶ୍ରୀ ନୃସିଂହ ନାମଯଜ୍ଞ କମିଟି ପକ୍ଷରୁ ଏହି ମହୋତ୍ସବ ଆୟୋଜିତ ହେଉଛି। ମୁଖ୍ୟ ଆଚାର୍ଯ୍ୟ ସରୋଜ କର ଓ ଆନନ୍ଦ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଓ ନାମଯଜ୍ଞ ସମ୍ପାଦିତ ହେବ। ରାଜେସ୍ୱା ନାଏକ ଓ ନାଗାର୍ଜୁନ ପାଣ୍ଡେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ୧୨ ତାରିଖ ଅପରାହ୍ନରେ ନାମଯଜ୍ଞର ମହୋତ୍ସବର ପୂର୍ଣ୍ଣାହୁତି ହେବ। ପରେ ଶତାଧିକ ମହିଳା ପୁରୁଷ ସଂକୀର୍ତ୍ତନ୍ୟ ଦଳ ସହିତ ନଗର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାତିରେ ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ ଓ ସୁବର୍ଣ୍ଣପୁର ଜିଲାର ଭିନ୍ନ ଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ୍ୟ ଦଳକୁ ନେଇ ବୈଠକୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ନାମଯଜ୍ଞ କମିଟିର ସଭାପତି ଗୌରିଶଙ୍କର ମହାପାତ୍ର, ଉପସଭାପତି ବୃଷଭ ବୁଡେକ, ମୁନା ବାରିକ, ସମ୍ପାଦକ ପବିତ୍ର କୁମାର ସାହୁ, ସହସମ୍ପାଦକ ରାଜେନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଯୋଗୀନ୍ଦ୍ର ମିଶ୍ର, ଆନନ୍ଦ ମିଶ୍ର, ଗିରିଧାରୀ ତରିଆ, ସୀତାରାମ ମହାପାତ୍ର, ବୈଦ୍ୟନାଥ ସାହୁ, ସଦାନନ୍ଦ ମିଶ୍ର, ଆଇନ ପରାମର୍ଶଦାତା ନନ୍ଦ କିଶୋର ତ୍ରିପାଠୀ, ଜଗଦୀଶ ପ୍ରସାଦ ମିଶ୍ର, ପ୍ରତାପ ମହାପାତ୍ର ଓ ଗୋପିନାଥ ମହାଲିକ ପ୍ରମୁଖ ନାମଯଜ୍ଞ ଆୟୋଜନରେ ସହଯୋଗ କରୁଛନ୍ତି।

## ରାମାୟଣ ଗାନ ସପ୍ତାହ, ଗାୟକ ସମ୍ବର୍ଦ୍ଧିତ

**ଝାରବନ୍ଧ, ୧୦।୫(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ୍ ଜଟେଶିରା ଗ୍ରାମରେ ସାତଖଣ୍ଡ ରାମାୟଣ ଗାନ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ପୁରନ୍ଦର ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ସପ୍ତାହ ଉତ୍ସବରେ ଟାରଜନ ପ୍ରଧାନ ରଶ୍ମିତା ପ୍ରଧାନ ଓ ହେମସାଗର ପ୍ରଧାନ ଲକ୍ଷ୍ମୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ପଣ୍ଡିତ ଅନିରୁଦ୍ଧ ଦାସ ପୂଜାକାର୍ଯ୍ୟ କରିଥିଲେ। କଳସ ଶୋଭାଯାତ୍ରାରେ ସ୍ଥାନୀୟ ମନ୍ଦିର ପଡ଼ା ଓ ଶ୍ରୀଚୈତନ୍ୟ କୀର୍ତ୍ତନ ଦଳ ସହଯୋଗ କରିଥିଲେ। ମୀନକେତନ ଛତର, ମକରଧଜ ପଟେଲ ରାମାୟଣ ଗାନ କରିଥିଲେ। ସେମାନଙ୍କୁ ଉଦ୍ୟୋକ୍ତା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଯୋଧ୍ୟା ପ୍ରଧାନ କାର୍ଯ୍ୟକ୍ରମର ଆବାହିକା ଥିଲେ।

# ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଁ ହେବ ବିଶାଳ ଶୋଭାଯାତ୍ରା

**ଦେବଗଡ,୧୦।୫ (ଶଶାଙ୍କ ଶେଖର ଝାଙ୍କର)**

ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଁ ଜିଲା ପ୍ରଶାସନ ପକ୍ଷରୁ ରବିବାର ସକାଳେ ଦେବଗଡ ସହରରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାରେ ଜିଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଏସଏଚଜି ଗୋଷ୍ଠୀ, ବସ ମାଲିକ ସଂଘ, ଚାଳକ ସଂଘ ସମେତ ବହୁ ସରକାରୀ, ଅଣ ସରକାରୀ ଓ ବେସରକାରୀ ଅନୁଷ୍ଠାନର ସଦସ୍ୟ ଓ କର୍ମକର୍ତ୍ତା, ଜନସାଧାରଣ ସାମିଲ ହେବେ। ତ୍ରିରଙ୍ଗା ପତାକା ଓ ସ୍ଲୋଗାନ ସହିତ ଏହି ବାଇକ ଶୋଭାଯାତ୍ରା ରବିବାର ସକାଳ ୮ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ଦେବଗଡ ସହରର ବିଭିନ୍ନ ସାହି ଗଳି ଓ ଛକ ଦେଇ ଜିଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଶନିବାର ସନ୍ଧ୍ୟାରେ ଦେବଗଡ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ କବିନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଏଥିସହ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଁ ଆୟୋଜିତ ହେବାକୁ ଥିବା ଏହି ଶୋଭାଯାତ୍ରାରେ ଅଧିକରୁ ଅଧିକ ଜନସାଧାରଣ ସାମିଲ ହେବା ପାଇଁ ସେ ନିବେଦନ କରିଛନ୍ତି।


## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-19: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୯।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

**ନିର୍ଦ୍ଦେଶକ**
**ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**OIPR-09014/11/0108/2526**

## ବିଜ୍ଞାପନ

No. C-301: ଏତଦ୍ୱାରା କଟକ ମହାନଗର ନିଗମ ଅଞ୍ଚଳରେ ହୋର୍ଡିଂ ବ୍ୟବସାୟ କରୁଥିବା ନିଗମ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସମସ୍ତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଯେଉଁ ସଂସ୍ଥା ବା ବ୍ୟକ୍ତିବିଶେଷ ସେମାନଙ୍କ ସପକ୍ଷରେ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଥିବା ବକେୟା ଅର୍ଥ ପୈଠ କରିନାହାନ୍ତି ସେମାନେ ଆସନ୍ତା ତା୧୬।୦୫।୨୫ରିଖ ସୁଦ୍ଧା ମହାନଗର ନିଗମ କାର୍ଯ୍ୟାଳୟ, ଚୌଧୁରୀ ବଜାର ଲାଇସେନ୍ସ ବିଭାଗରେ ସେମାନଙ୍କ ସପକ୍ଷରେ ଥିବା ଧାର୍ଯ୍ୟ ଅର୍ଥ ତୁରନ୍ତ ପୈଠ କରନ୍ତୁ। ଯେଉଁମାନେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବକେୟା ଅର୍ଥ ପୈଠ ନ କରିବେ ସେମାନଙ୍କ ହୋର୍ଡିଂ ଗୁଡ଼ିକ ଉଚ୍ଛେଦ କରିବା ସହିତ ବକେୟା ଅର୍ଥ ଫାଇନ ସହିତ ଆଦାୟ କରାଯିବ ଓ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତତ୍ ସହିତ ଯେଉଁ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ତାଙ୍କର ବକେୟା ଅର୍ଥ ପୈଠ ନ କରନ୍ତି ତେବେ ସେମାନଙ୍କୁ ଭବିଷ୍ୟତରେ ସି.ଏମ୍.ସି. ସହିତ କୌଣସି କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ କିମ୍ବା କୌଣସି ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଅନ୍ତର୍ଭୁକ୍ତ କରାଯିବ ନାହିଁ।

ସ୍ୱା./- ଉପ ଆୟୁକ୍ତ (ଲାଇସେନ୍ସ)
OIPR-13031/11/0180/2526 କଟକ ମହାନଗର ନିଗମ

**GOVERNMENT OF ODISHA** No.C-283
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**
Email ID : eephdsbp@gmail.com
**NOTICE INVITING TENDERS**
**National Competitive Bidding Through e-Procurement**
**Bid Identification No. SEPHSBP-01/2025-26 Dt.07.05.2025**

01. Name of the Work : 1 Nos Work
02. Type of Bid : Single Bid System
03. Estimated Cost : Rs.18.92 lakh
04. Period of Completion : 2 (Two) Calendar Months
05. Date & Time of availability of bid document in the portal : From 11.00 A.M. of dt.14.05.2025 to 5.00 P.M. of 28.05.2025
06. Last date / time of receipt of bids in the portal : 5.00 P.M. of 28.05.2025
07. Date & Time of opening of technical bids : At 11.30 A.M. of 29.05.2025
08. Name and Address of the Officer Inviting Bid : Superintending Engineer, P.H. Division, Sambalpur, Near V.S.S. Stadium, Brooks Hill, Dist.-Sambalpur-768 001

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur
OIPR-13026/11/0009/2526

**GOVERNMENT OF ODISHA** NO.A-140
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**BALANGIR IRRIGATION CIRCLE, BALANGIR**
E-mail : sebalangir@gmail.com
**"e-Procurement Notice"**
**Bid Identification No. : ACE, BOIC-01/2025-26**
**Procurement Details**

| Pkg. No. | Name of works | Approx. Tender Cost in lakh | Class of Contractor | Bid Security/EMD-(online)-(in INR) | Cost of tender document (online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Flood Protection works at the right bank of river Salki near daily market at Baghiapada GP of Boudh Block (working RD 00M to 135M.) | Rs.117.51 Lakh (excluding G.S.T) | 'A' & 'B' Class | Rs.1,17,520/- | Rs.10,000/- | 12(Twelve) Calendar Months |
| 2 | Construction of Flood Protection wall/stone patching in River Salki from the existing stone patching at Gupteswar mandir upto 500m in the U/S and 100M in the D/S in village Khaliapali under Brahmanipali G.P. of Boudh Block(working RD 00M to 140M U/S and RD 171M to 231M D/S) | Rs.154.25 Lakh (excluding G.S.T) | 'A' & 'B' Class | Rs.1,54,260/- | Rs.10,000/- | 12(Twelve) Calendar Months |
| 3 | Flood Protection work to right bank of river Mahanadi from RD 75.00M to 675.00M [D/S to ghat to muhana] near village Kodasingha of Harbhanga G.P of Harbhanga Block (working RD 75M to 358M.) | Rs.184.41 Lakh (excluding G.S.T) | 'A' & 'B' Class | Rs.1,84,420/- | Rs.10,000/- | 12(Twelve) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC - 01/2025-26 | Dt.13.05.2025 at 10.00 hours | Dt.02.06.2025 up to 17.30 hours | Dt.13.05.2025 to Dt.20.05.2025 At Office during office hours. (In working days) | Dt.03.06.2025 at 11.00 Hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in"

Sd./- Additional Chief Engineer
Balangir Irrigation Circle, Balangir
OIPR-32347/11/0003/2526

**GOVERNMENT OF ODISHA** NO.A-135
**DEPARTMENT OF WATER RESOURCES**
**Office of the Additional Chief Engineer, Drainage Circle, Balasore.**
Email ID: sedcbls@yahoo.com
**"e" PROCUREMENT NOTICE NO.- ACEDCBLS - 03/2025-26**

| Procurement Officer/ Name & address of the officer inviting Bids. | Name of work | Bid Identification Number | Tender Cost (in INR) (excluding G.S.T) of individual work | Bid Security/ EMD- (online)- (in INR) | Cost of tender document- (online)- (in INR) | Class of Contractor (Odisha PWD or equivalent class of other licensing authority) | Period of completion | Bid document available on-line for bidding From | To | Date of opening of the Technical Bid (Cover-I) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Additional Chief Engineer, Drainage Circle, Balasore. | Improvement to link drains of Nuanai Nalla including structure in Tihidi Block under Doab No. XII | ACEDCBLS/ DDBDK-01-03/2025-26 | Rs.2,34,42,985/- | Rs.2,34,430/- | Rs.10,000/- | "B" and "A" Calss Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |
| | Improvement to Kandia Drainage Channel from RD 00km to 27.00 km in Dhamnagar Block of Bhadrak District under Doab No. XIII. (Balance Work) | ACEDCBLS/ DDBDK-02-03/2025-26 | Rs.1,75,09,322/- | Rs.1,75,094/- | Rs.10,000/- | "B" and "A" Class Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |
| | Improvement to Parbati and its link drain, Kanti D.C., Gohira D.C., D.C. from Mubarakpur to Jawnai and D.C. from Kubergodia to Jawnai in Bhandaripokhari Block of Bhadrak District under Doab No-XIII | ACEDCBLS/ DDBDK-03-03/2025-26 | Rs.4,22,95,633/- | Rs.4,22,960/- | Rs.10,000/- | "A" Class Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |

Further details can be seen from the Govt. website www.tendersodisha.gov.in.

Sd./- Additional Chief Engineer,
Drainage Circle, Balasore
OIPR-32190/11/0016/2526

**झारखण्ड सरकार**
**पेयजल एवं स्वच्छता विभाग**
ई–प्रोक्योरमेन्ट सूचना
(द्वितीय आमंत्रण)
अति–अल्पकालिन निविदा सूचना संख्या – DHN-1/02/2025-26 दिनांक – 10.05.2025

| 1 | NAME OF WORK:- RELOCATION OF 125/115 MM DIA DEEP DRILLED TUBE WELL OF 75 MTRS DEPTH WITH INSTALLATION OF INDIA MARK -II (IS:15500 PART -2/2004) HAND PUMP WITH LOWERING OF 32 MM DIA MEDIUM QUALITY GI PIPE & CONSTRUCTION OF PLATFORM & DRAIN IN DIFFERENT VILLAGES ON TURN KEY BASIS UNDER D.W.&S. DIVISION NO.1, DHANBAD UNDER DMFT HEAD. FOR THE YEAR 2025-26 |
|---|---|

| ग्रुप संख्या | ड्रिल्ड न० की संख्या | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
|---|---|---|---|---|---|
| SR-KAN | 25 | 24.27350 | 0.50 | 5000.00 | 90 Days |
| SR-NIR | 25 | 24.27350 | 0.50 | 5000.00 | 90 Days |
| SR-KAL | 25 | 24.27350 | 0.50 | 5000.00 | 90 Days |
| SR-EGY | 25 | 24.27350 | 0.50 | 5000.00 | 90 Days |

| | | |
|---|---|---|
| 2 | वेबसाइट पर निविदा प्रकाशन की तिथि | 13.05.2025 समय 04.00 बजे अपराहन तक |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 20.05.2025 समय 05.00 बजे अपराहन् तक |
| 4 | सरकार के सचिव, सूचना प्रौद्योगिकी एवं ई– गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 20.05.2025 समय 05.00 बजे अपराहन् तक |
| 5 | तकनीकी बिड खोलने की तिथि एवं समय | 21.05.2025 समय 05.00 बजे अपराहन् |
| 6 | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद |
| 7 | निविदा आमंत्रित करने वाले पदाधिकारी का नाम/पदनाम :- रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबादं | |
| 8 | निविदा आमंत्रित करने वाले कार्यालय का टेलिफोन नं० : 0326-3148874 | |
| 9 | ई– प्रोक्यूरमेन्ट सेल का हेल्प लाईन सं० : 0651-2480345 | |

नोट – (1) केवल ई निविदा ही स्वीकार किये जायेंगे।
(2) प्राक्कलित राशि घट–बढ़ सकती है तदनुसार अग्रधन की राशि एवं परिमाण विपत्र का मूल्य भुगतेय होगी।
अधिक जानकारी के लिए वेवसाईट http://jharkhandtenders.gov.in पर देखा जा सकता है।

कार्यपालक अभियन्ता
पेयजल एवं स्वचछता प्रमंडल सं.1, धनबाद
PR 352163 Drinking Water and Sanitation(25-26).D

**ସଂକ୍ଷେପରେ**

## ନୂଆପଡ଼ାରୁ ନିଖୋଜ ଯୁବକଙ୍କ ମୃତଦେହ ଛତିଶଗଡ଼ରୁ ଜବତ

**ନୂଆପଡ଼ା,୧୦।୫ (ମକାରୁ ବେମାଲ):** ନୂଆପଡ଼ାରୁ ନିଖୋଜ ଯୁବକଙ୍କ ମୃତଦେହ ଛତିଶଗଡ କୋମାଖାନ ଥାନା ଅଞ୍ଚଳରୁ ଜବତ ହୋଇଛି। ସୂଚନା ମୁତାବକ ନୂଆପଡା ଜିଲା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ ୧୨ ସିରତୋଲ ଗ୍ରାମର ମାନସ ତ୍ରିପାଠୀ (୩୦) ନିଖୋଜ ଥିବା ନେଇ ତାଙ୍କ ବାପା ମନବୋଧ ତ୍ରିପାଠୀ ଶୁକ୍ରବାର ନୂଆପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ପଡୋଶୀ ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲା କୋମାଖାନ ଥାନା କସେଇକେରା ଗାଁ ନିକଟରୁ ଏକ ମୃତଦେହ ଜବତ ହୋଇଥିବା କୋମାଖାନ ପୋଲିସ ନୂଆପଡ଼ା ଥାନାକୁ ଜଣାଇଥିଲା। ନୂଆପଡା ପୋଲିସ ମୃତକଙ୍କ ଫଟୋ ଦେଖି ଏହା ନିଖୋଜ ମାନସଙ୍କର ବୋଲି ସ୍ପଷ୍ଟ କରିଥିଲା। ଖବରପାଇ ଶନିବାର ମାନସଙ୍କ ମାତାପିତା ଓ ତାଙ୍କ ସ୍ତ୍ରୀ କୋମାଖାନ ଯାଇ ମୃତଦେହ ଚିହ୍ନଟ କରିଥିଲେ। ବାଗବାହାରାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମାନସଙ୍କ ଦୁଇହାତ ବନ୍ଧାଯାଇଥିବାବେଳେ ତାଙ୍କ ମୁହଁକୁ ପଥରରେ ଛେଚି ଦିଆଯାଇଥିବାରୁ ନୂଆପଡ଼ା ଓ ଛତିଶଗଡ଼ ପୋଲିସ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅନୁମାନ କରୁଛି।

## ଡୁଡୁକା ଏସ୍‌ବିଆଇ ଶାଖାରୁ ଡକାୟତି ଉଦ୍ୟମ, ଯୁବକ ଗିରଫ

**ଲୋଇସିଂହା,୧୦।୫(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକାସ୍ଥିତ ଏସ୍‌ବିଆଇ ଶାଖାରୁ ଡକାୟତି ଉଦ୍ୟମ ଘଟଣାରେ ଆଗଲପୁର ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଡୁଡୁକା ଗ୍ରାମର ଅଜିତ ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଆଇନର ଦଫା ୩୩୧(୪), ୩୦୫/୬୨ରେ ମାମଲା (ନଂ ୭୬।୨୫) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଏସବିଆଇ ଶାଖା ମ୍ୟାନେଜର ଶ୍ରୀନିବାସ ପଟେଲଙ୍କ ଅଭିଯୋଗ ଅନୁସାରେ ଗତ ୭ ତାରିଖ ମଧ୍ୟରାତ୍ରିରେ ଜଣେ ଦୁର୍ବୃତ୍ତ ବ୍ୟାଙ୍କର ପ୍ରବେଶ ଦ୍ୱାର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ପରେ ସେ ବ୍ୟାଙ୍କର ଫାୟାର ଆଲାମ୍ ମୁଖ୍ୟ କଣ୍ଟ୍ରୋଲ ବୋର୍ଡ ଭାଙ୍ଗି ଦେଇଥିଲେ । ଏଥିଯୋଗୁ ପ୍ରାୟ ୨୧ ହଜାର ଟଙ୍କା ସମ୍ପତ୍ତି ନଷ୍ଟ ହୋଇଛି । ଏହାଛଡା ବ୍ୟାଙ୍କର ଛାତ ଗେଟ ଆଂଶିକ ଭାଙ୍ଗିବା ସହିତ ମୁଖ୍ୟ ଦ୍ୱାରରେ ପଥର ଓ ଲୁହାରଡ ପଡିଥିବାରୁ ସମ୍ପୃକ୍ତ ଦୁର୍ବୃତ୍ତ ଜଣକ ଡକାୟତି କରିବାକୁ ବ୍ୟାଙ୍କକୁ ପଶିଥିଲେ ବୋଲି ମ୍ୟାନେଜର ପଟେଲ ଆଗଲପୁର ଥାନାରେ ଲିଖିତ ଭାବେ ଜଣାଇ ଥିଲେ।

## ବ୍ୟାଙ୍କ ଜନିତ ମାମଲାରେ ୨୦ଲକ୍ଷ ଆଦାୟ

**କେସିଙ୍ଗା,୧୦।୫ (ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ତାଲୁକ ଆଇନସେବା ସମିତି ତରଫରୁ ଶନିବାର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ୩୮ଟି ପ୍ରାକ୍ ବ୍ୟାଙ୍କ ଋଣଜନିତ ମାମଲାରେ ମୋଟ ୨୦ ଲକ୍ଷ ୨୨ ହଜାର ୭୮୨ ଟଙ୍କା ଋଣ ଆଦାୟ ହୋଇଥିଲା। ସେହିପରି ଗୋଟିଏ ଚେକ୍ ବାଉନ୍ସ ମାମଲାର ବିଚାରକରି ୫୧ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦୨ଟି ରାଜସ୍ୱ ମାମଲାର ବିଚାର କରାଯାଇ ୮୨ ହଜାର ୯୧୭ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସରକାରୀ ଓକିଲ ପ୍ରକାଶ କୁମାର ଦାସ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ସନ୍ତୋଷ କୁମାର ଦାସ, ସନ୍ଦୀପ ବାନାର୍ଜୀ, ହରିପ୍ରସାଦ ତାଣ୍ଡି, ପ୍ରଭାକର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷକରେ ୨୮୪୮ ମାମଲା, ୨୦୧୧ ଗିରଫ

**କଳାହାଣ୍ଡି ଜିଲାରେ ଅବକାରୀ ଚଢାଉ**

**ଭବାନୀପାଟଣା,୧୦।୫ (ଉତ୍ତମ କୁମାର ଦାଶ)**




ଜିଲା ଅବକାରୀ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲାରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ଠିକ୍ ଭାବରେ ଚଢାଉ କରାଯାଉ ନ ଥିବାରୁ ଏହି ମାମଲା ବଢୁଥିବା କୁହାଯାଉଛି। ଜିଲା ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଚଢାଉ ସମୟରେ ୨୮୪୮ ମାମଲା ରୁଜୁ କରାଯାଇ ୨୦୧୧ ଜଣଙ୍କୁ ଗିରଫ କରାଯାଇଛି। ୭୩ ଲକ୍ଷ ୯୪ହଜାର ମହୁଲ ପୋଚ ଓ ହାତରନ୍ଧା ମଦ ୫୧ହଜାର ୬୧୬ ଲିଟର ଜବତ କରାଯାଇଛି। ସେହିପରି ପାଉଚ ମଦ ୧୦ ହଜାର ୧୬୨ ଲିଟର, ବିଦେଶୀ ମଦ ୩୮୮ (ଏଲ୍‌ପିଏଲ୍), ବିଅର ୨୪୫୩ (ବିଏଲ୍), ନକଲି ମଦ ୨୧୦ (ଏଲ୍‌ପିଏଲ୍), ଗଞ୍ଜେଇ ୯୨୩ କେଜି, ମହୁଲ ୫୯ କୁଇଣ୍ଟାଲ, ତାଡି ୭୨୫ ଲିଟର, ବାଇକ୍ ୧୭୬, ଅଟୋରିକ୍ସା ୧, ଚାରିଚକିଆ ୧୦ ଓ ଭାରିଯାନ ଗୋଟିଏ ବିଭାଗ ଜବତ କରିଛି। କଳାହାଣ୍ଡି ଜିଲାରେ ଏବେ ୬୭ଟି ଦେଶୀ ମଦଭାଟି ରହିଥିବାବେଳେ ୧୦ଟି ବ୍ରାଞ୍ଚ ରହିଛି। ଉପରୋକ୍ତ ଭାଟି ଓ ବ୍ରାଞ୍ଚରେ ୨୦୨୩-୨୪ ଆର୍ଥିକ ବର୍ଷରେ ଜିଲାରେ ୨କୋଟି ୪୯ ଲକ୍ଷ ୪୦୪୦ ଲିଟର ଦେଶୀ ମଦ ବିକ୍ରି ହୋଇଥିବାବେଳେ ଚଳିତବର୍ଷ ୨୦୨୪-୨୫ରେ ଅଢେଇ କୋଟି ୪୧ହଜାର ଶହେ ଲିଟର ମଦ ବିକ୍ରି ହୋଇଛି। ଗତବର୍ଷ ଅପେକ୍ଷା ଏହା ୧ଲକ୍ଷ ୩୭ହଜାର ୬୦ ଲିଟର ଅଧିକ ରହିଛି। ସରକାରୀ ହିସାବରେ ଏହା ଅଢେଇ କୋଟି ଲିଟର ହୋଇଥିବାବେଳେ ବେସରକାରୀ ହିସାବରେ ୪ଗୁଣରୁ ଅଧିକ ହେବ। ଜିଲାରେ ଚଳିତ ବର୍ଷ ରାଜସ୍ୱ ଟାର୍ଗେଟ ୭୪କୋଟି ୭୮ଲକ୍ଷ ଥିବାବେଳେ ୮୯ କୋଟି ୯୦ଲକ୍ଷ ଟଙ୍କା ସଂଗ୍ରହ ହୋଇଛି, ଯାହା ୧୫କୋଟିରୁ ଅଧିକ। ସେହିପରି ଜିଲାରେ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ବିଦେଶୀ ମଦ ୧୩ଲକ୍ଷ ୭୭ହଜାର ୫୦୩ ଏଲ୍‌ପିଏଲ୍ ବିକ୍ରି ହୋଇଥିବାବେଳେ ବିଅର ୬୬ଲକ୍ଷ ୪ହଜାର ୮୬୩ ବିଏଲ୍ ବିକ୍ରି ହୋଇଥିବା ଜଣାପଡିଛି। ତେବେ ୨୦୨୩-୨୪ ଆର୍ଥିକ ବର୍ଷରେ ବିଦେଶୀ ମଦ ୧୨ଲକ୍ଷ ୬୬ହଜାର ୫୮୯ ଏଲ୍‌ପିଏଲ୍ ରହିଥିବାବେଳେ ବିଅର ୫୮ଲକ୍ଷ ୨୮ହଜାର ୪୧୮ ବିଏଲ୍ ରହିଥିଲା। ଏହି ତଥ୍ୟକୁ ଦେଖିଲେ କଳାହାଣ୍ଡି ଜିଲାରେ ଉଭୟ ଦେଶୀ ଓ ବିଦେଶୀ ମଦ କାରବାର ଗତବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଏ ନେଇ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରୁ ବେଆଇନ ମଦ କାରବାରକୁ ରୋକିବା ପାଇଁ ବିଭିନ୍ନ ସମୟରେ ଚଢାଉ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ଲୋକଙ୍କୁ ଗିରଫ କରାଯାଉଛି ବୋଲି କହିଥିଲେ।

## କାଳବୈଶାଖୀରେ ବୃଦ୍ଧାଙ୍କ ଘର ଛପର ଉଡ଼ିଲା



ଭାଙ୍ଗିଯାଇଥିବା ଘର ଆଗରେ ଅସହାୟ ବୃଦ୍ଧା।

**ନୂଆପଡ଼ା,୧୦।୫ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ ଚୂଳାଭାଟ ପଞ୍ଚାୟତ ଗଙ୍ଗାଦିଗଡ଼ ଗାଁରେ ଶୁକ୍ରବାର କାଳବୈଶାଖୀରେ ଜଣେ ବୃଦ୍ଧାଙ୍କ ଘର ଛପର ଉଡ଼ିଯାଇଛି। ସୂଚନାକ୍ରମେ ଗାଁର ଶାନ୍ତିବାଈ ମାଝି (୭୦) ଘରେ ଏକାକୀ ରହନ୍ତି। ସେ ଦୀର୍ଘବର୍ଷ ହେବ ଆବାସ ଗୃହ ପାଇଁ ଆବେଦନ କରିଆସୁଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ତେଣୁ ସେ ବହୁ ପୁରୁଣା ଖପିମାଟି ଘରେ ରହିଆସୁଥିଲେ। ଏପରିସ୍ଥଳେ ଶୁକ୍ରବାର ରାତ୍ରିରେ ଖାଇ ଶୋଇଥିବା ସମୟରେ ହଠାତ୍ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଏଥିରେ ତାଙ୍କ ଘର ଛାତ ଉଡ଼ିଯାଇଥିବାବେଳେ କାନ୍ଥ ଭାଙ୍ଗିପଡ଼ିଛି। ସୌଭାଗ୍ୟବଶତଃ ଶାନ୍ତିବାଈ ବର୍ତ୍ତିଯାଇଛନ୍ତି। ଘର ଭାଙ୍ଗିଯିବା ପରେ ସେ ଖୋଲା ଆକାଶ ତଳେ ପଡ଼ିରହିଛନ୍ତି। ଗ୍ରାମବାସୀ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଲିଖିତ ଭାବରେ ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତକରି କ୍ଷୟକ୍ଷତିର ଆକଳନକରି ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି କହିଛନ୍ତି ।




ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

## ବିକାଶ ଆବାସିକ ବିଦ୍ୟାଳୟରେ ସମର କ୍ୟାମ୍ପ ଉଦ୍‌ଯାପିତ

**ଭବାନୀପାଟଣା,୧୦।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ୧୫ ଦିନ ଧରି ଚାଲିଥିବା ସମର କ୍ୟାମ୍ପ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି ରାମ କୁମାର ମୁଖ୍ୟ ଅତିଥି ଓ ଶିକ୍ଷା ପ୍ରଭାରି ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗାୟିକା ଲିପ୍‌ସା ପଟେଲ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କ୍ୟାମ୍ପରେ କ୍ରୀଡା, କଳାକୃତି, ନୃତ୍ୟ, ସଙ୍ଗୀତ, ଅଭିନୟ, ବାଦ୍ୟ, ଚିତ୍ର କଳା, ତୀରନ୍ଦାଜୀ ଆଦି ବିଷୟରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ବିକାଶ ସହ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ମଧ୍ୟ ଅଂଶଗ୍ରହଣ କରିଥିଲେ। କ୍ୟାମ୍ପରେ ଶିକ୍ଷାଲାଭ କରିଥିବା ଛାତ୍ରୀଛାତ୍ର ନିଜ କଳା କୌଶଳ ପ୍ରଦର୍ଶନ କରିଥିଲେ। ପରେ ପିଲାମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିବା ସହ ପ୍ରଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ସୁଖଜିତ କୌର ଧନ୍ୟବାଦ ଅର୍ପଣ କରିଥିଲେ।

## ଖଡ଼ିଆଳରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଖଡ଼ିଆଳ,୧୦।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ କୋର୍ଟ ପରିସରରେ ଶନିବାର ଚଳିତବର୍ଷ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକସ୍ତରୀୟ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ସିଭିଲ ଜଜ୍ ଈଶା ପତି ଅଧ୍ୟକ୍ଷତା କରିଥିବାବେଳେ ଖଡ଼ିଆଳ ପ୍ରଥମଶ୍ରେଣୀ ବିଚାରପତି ତଥା ସିଭିଲ ଜଜ୍ ଜୁନିୟର ଡିଭିଜନ ଜଜ୍ ସୁଶ୍ରୀ ସମୀକ୍ଷା ସା ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟାଙ୍କର ଋଣ ଖିଲାପକାରୀଙ୍କ ମାମଲାର ଫଇସଲା କରାଯାଇ ୬ ଲକ୍ଷ ୨୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏଥିସହ ଜେଏମ୍‌ଏଫ୍‌ସି କୋର୍ଟ ଗୋଟିଏ ପାରିବାରିକ ମାମଲା,୨ ଗୋଟି ସିଭିଲ କେସ୍ ସହ ୭ଗୋଟି କ୍ରିମିନାଲ ମାମଲାର ଫଇସଲା କରାଯାଇଥିଲା। ଲୋକ ଅଦାଲତ ଆୟୋଜନ କରିବାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଓକିଲ ବିରଜା ସିଂ ଦଳପତି, ସରକାରୀ ଓକିଲ ଆଦିତ୍ୟ ମହାପାତ୍ର ଓ ଆଇନଜୀବୀ ଅକ୍ଷୟ ମେହେର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ରକ୍ତଦାନ ଶିବିର

**ନୂଆପଡ଼ା,୧୦।୫ (ମକାରୁ ବେମାଲ):** ରକ୍ତ ଅଭାବ ଦୂରକରିବା ଲକ୍ଷ୍ୟରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଫେଡେରେଶନ ଅଫ୍ ବ୍ଲଡ୍ ଡୋନର ଅର୍ଗାନାଇଜେଶନ, ଓଡିଶାଙ୍କ ଆହ୍ୱାନକ୍ରମେ ଏହା ଆୟୋଜିତ ହୋଇଥିଲା। ଶିବିରରେ ଅନେକ ଯୁବ ସ୍ୱେଚ୍ଛାସେବୀ ଆଗକୁ ଆସି ରକ୍ତଦାନ କରିଛନ୍ତି। ଏହି ଅଭିଯାନ ଗ୍ରାମ ଓ ସହରାଞ୍ଚଳରେ ଥାଲାସେମିଆ ଓ ଗର୍ଭବତୀ ମହିଳାଙ୍କୁ ଆବଶ୍ୟକ ସ୍ଥଳେ ରକ୍ତ ଯୋଗାଇବାର ଏକ ପ୍ରଚେଷ୍ଟା। ଏହା ସେବା ଓ ସଚେତନତାର ଉଦାହରଣ ବୋଲି ପିପୁଲ୍ସ ହୋପେ ଫାଉଣ୍ଡେଶନର ସଂସ୍ଥାପକ ଶୁଭମ ତାଣ୍ଡି ଓ ନିୟମିତ ରକ୍ତଦାତା ଶିକ୍ଷକ କିଶୋର କୁମାର ପରିଡ଼ା କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଯଯାତିକେଶରୀ ମଲ୍ଲିକ, ଲାବ୍ ଟେକ୍‌ନିସିଆନ ଡି. ସୁମନ ସୌରଭ, ନର୍ସିଂ ଅଫିସର କାର୍ତ୍ତିକ ରଣା, ଭବାନୀ ଶଙ୍କର ସୁନାନୀ ପ୍ରମୁଖ ସହଯୋଗ କରିଥିଲେ।

## ସଭାରେ ତାଙ୍କ ଅବଦାନକୁ ମନେ ପକାଇଲେ



ସଭାରେ ଉପସ୍ଥିତ ଅଧ୍ୟାପକ, କର୍ମଚାରୀ ଓ ଅନ୍ୟମାନେ।

**ଅଧ୍ୟାପକଙ୍କ ଅକାଳ ବିୟୋଗ**

**କୋକସରା,୧୦।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଅଇରୀ ନାଶନ ଚିନ୍ଦା (୪୯)ଙ୍କ ଶୁକ୍ରବାର ଆକସ୍ମିକ ବିୟୋଗ ହୋଇଛି। ଗାଁର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ସେ ଅସୁସ୍ଥତା ଅନୁଭବ କରିଥିଲେ। ଏହାପରେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧ୍ୟାପକ ଚିନ୍ଦା ଏନ୍‌ଏସ୍‌ଏସ୍‌ର ପରାମର୍ଶଦାତା ଭାବେ ଜନ ସଚେତନତା କାର୍ଯ୍ୟକ୍ରମରେ ଜଡିତ ରହି ବିଭିନ୍ନ ବିଶ୍ୱବିଦ୍ୟାଳୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶବାଧାରରେ ପରିବାର ବର୍ଗ, ଆତ୍ମୀୟ ସ୍ୱଜନ, କଲେଜ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାନ ଭାଇ ଅଭୟ ନାଶନ ଚିନ୍ଦା ମୁଖାଗ୍ନି ଦେଇ ଥିବାବେଳେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଶନିବାର ଡିଗ୍ରୀ ମହାବିଦ୍ୟାଳୟରେ ଏକ ଶୋକସଭା କରାଯାଇ ଅଧ୍ୟାପକ ଚିନ୍ଦାଙ୍କ ଅବଦାନକୁ ମନେ ପକାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପିକା କନକ ମଞ୍ଜରି ବେହେରା, ଶୁଭଶ୍ରୀ ସାହୁ, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ହୃଦାନନ୍ଦ ଧ. ମାଝୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜଙ୍ଗଲ ଜମି ପଟ୍ଟା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା,୧୦।୫ (ମକାରୁ ବେମାଲ)**



ଜିଲାପାଳଙ୍କୁ ଅଭିଯୋଗ ପାଇଁ ଆସିଥିବା ପଡ଼ାବାସୀ।

ନୂଆପଡ଼ା ସଦର ବ୍ଲକ୍ ଆମାନାରା ପଞ୍ଚାୟତ ରାଜୁନଗର ପଡ଼ାବାସୀ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯଥାଶୀଘ୍ର ଜମି ମାପକରି ପଟ୍ଟା ପ୍ରଦାନ କରିବା ପାଇଁ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ରାଜୁନଗର ପଡ଼ାରେ ୮୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରି ବାପାଅଜା ଅମଳରୁ ଜଙ୍ଗଲ ଜମି ଚାଷକରି ପରିବାର ପ୍ରତିପୋଷଣ କରୁଛନ୍ତି। ଉକ୍ତ ଜମିର ଜବରଦଖଲ ଖଜଣା ମଧ୍ୟ ନିୟମିତ ରାଜସ୍ୱ ନିରୀକ୍ଷକଙ୍କଠାରେ ପଇଠ କରୁଛନ୍ତି। ସରକାରଙ୍କ ଆଦେଶକ୍ରମେ ଜଙ୍ଗଲ ଜମି ଯୋଜନାରେ ପଟ୍ଟା ପାଇବା ପାଇଁ ଦରଖାସ୍ତ ମଧ୍ୟ କରିଛନ୍ତି। ବର୍ତ୍ତମାନ ସେହି ଜମି ଉପରେ ବନ ବିଭାଗ ଚାରା ରୋପଣ ପାଇଁ କାମ ଆରମ୍ଭ କରିଦେଲାଣି। ହେଲେ ଏହାକୁ ପଡ଼ାବାସୀ ବିରୋଧକରି ଯଥାଶୀଘ୍ର ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ସମୟରେ ଜଳ ଜଙ୍ଗଲ ଜମିର ଜିଲା ସଭାପତି ଭକ୍ତବନ୍ଧୁ ଧରୁଆ, ଜଙ୍ଗଲ ଜମି ଅଧିକାର କମିଟି ଆମାନାରା ସଭାପତି ରାମସିଂ ମାଝି, ସମ୍ପାଦକ ଲକ୍ଷୁରାମ ମାଝି, ମୁକେଶ ମାଝି, ବସନ୍ତି ମାଝି, ମୀନା କୁମାରୀ ମାଝି, ଚୁମନ ମାଝି, ଭୁବନ ମାଝି, ସୁରଜ ବାଈ ମାଝି, ରାଜୁ ମାଝି, ଜିତେନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡ଼ାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୂଆପଡ଼ା,୧୦।୫(ମକାରୁ ବେମାଲ)**

ନୂଆପଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁନୀଲ କୁମାର ଦାସ, ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପାରମିତା ମହାପାତ୍ର,ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ (ମହିଳା କୋର୍ଟ) ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ (ଖଡ଼ିଆଳ) ଈଶା ପତି, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍‌ଡିଜେଏମ୍ ସ୍ୱାତକୀ ଦାଶ, ଜେଏମ୍‌ଏଫ୍‌ସି (କୋମନା) ବର୍ଷା ମହାନ୍ତି, ଜେଏମ୍‌ଏଫ୍‌ସି (ସିନାପାଲି) ପ୍ରଜ୍ଞା ପାରମିତା ମହାନ୍ତି,ଜେଏମ୍‌ଏଫ୍‌ସି (ଖରିଆର) ସମୀକ୍ଷା ସା,ଜେଏମ୍‌ଏଫ୍‌ସି (ବୋଡେନ) ପଲ୍ଲବୀ ଦାସ ଅଂଶଗ୍ରହଣ କରି ୩୩୬୭ ମାମଲାର ଆପୋସ ସମାଧାନ କରି ୧ କୋଟି ୩୪ ଲକ୍ଷ ୭୩ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟାଙ୍କ ଓ ବିଦ୍ୟୁତ୍ ବିଭାଗ ଅଂଶଗ୍ରହଣକରି ୨୯୩ଟି ବକେୟା ଋଣ ମାମଲାର ଆପୋସ ବୁଝାମଣା କରାଯାଇ ୪୭ ଲକ୍ଷ ୬୮ ହଜାର ୪୨୫ ଟଙ୍କା ଆଦାୟ ହୋଇଥିଲା।



ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା କରାଯାଉଛି।

## କଳାହାଣ୍ଡି ଜିଲା: ୨୬୨୦ ମାମଲାର ଫଇସଲା

**ଭବାନୀପାଟଣା,୧୦।୫(ଉତ୍ତମ କୁମାର ଦାଶ)**




ଜିଲା କୋର୍ଟରେ ବିଭିନ୍ନ ମାମଲାର ଫଇସଲା କରାଯାଉଛି।

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଶନିବାର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୨୬୨୦ ମାମଲାର ଫଇସଲା କରାଯାଇଥିଲା। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଅଦାଲତରେ ୧୧ ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୬୧ ଲକ୍ଷ ୨୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୭ ଦେୱାନୀ ମକଦ୍ଦମା ଓ ବିଚାରଯୋଗ୍ୟ ୨୩୦ ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ଏହାସହ ଏନ୍‌ଆଇ ଆକ୍ଟ ମାମଲା (ଦଫା-୧୩୮) ୮ଟି ଫଇସଲା କରାଯାଇ ୭୦ ହଜାର ୮ ଶହ ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୬ଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୨୦୩୫ଟି ଫଇସଲା କରାଯାଇ ୪ ଲକ୍ଷ ୬୪ ହଜାର ୭୬୧ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୩୦୩ଟି ପ୍ରାକ୍ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୭୪ ଲକ୍ଷ ୪ହଜାର ୮୭୫ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍ ସୁଦିପ୍ତା ଦେହୁରି, ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ (ମହିଳା ଅଦାଲତ) ରଶ୍ମିରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶାଳ ପ୍ରମୁଖ ଉପସ୍ଥିତ ରହି ନିଜ ଅଦାଲତ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଜଜ୍ (ଏଫ୍‌ଟିଏସ୍‌ସି) ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଚରଣଜିତ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭରୁ ଚାଷୀଙ୍କୁ ଘାରିଲାଣି ଟୋକନ ଚିନ୍ତା

ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଆଉ ୩ ଦିନ ପରେ ଧାନକିଣା ଆରମ୍ଭ ହେବ। ଏହି କ୍ରମରେ ଆସନ୍ତା ୧୪ ତାରିଖରୁ ଜିଲାର ଧାନମଣ୍ଡି ଅର୍ଥାତ୍ ଧାନକ୍ରୟ କେନ୍ଦ୍ରଗୁଡ଼ିକ ଖୋଲିବ। ଅନ୍ୟ ବର୍ଷ ଭଳି ଏଥର ମଧ୍ୟ ଟୋକନ କଟକଣା ବଡ଼ ସମସ୍ୟା ହେବ। ତାହା ଏବେ ଜଳଜଳ ହୋଇ ଦିଶୁଛି। ଜିଲାରେ ଧାନ ଅମଳ କରିଥିବା ଅନେକ ଚାଷୀଙ୍କ ପାଖକୁ ବର୍ତ୍ତମାନ ସୁଦ୍ଧା ଟୋକନ ପହଞ୍ଚି ପାରିନାହିଁ। ଯେଉଁମାନଙ୍କୁ ଟୋକନ ମିଳିଛି, ସେଥିରେ ଧାନବିକ୍ରି ଦିବସ ବିଳମ୍ବ ରହିଥିବା ଚାଷୀମାନେ କହିଛନ୍ତି। ସେହିପରି ଧାନ ଅମଳ କରି ନ ଥିବା ଚାଷୀଙ୍କୁ ଟୋକନ ମିଳିଛି, କିନ୍ତୁ ଅମଳ ନ ହୋଇଥିଲେ ମଧ୍ୟ ଟୋକନରେ ବିକ୍ରି ଦିବସ ଆଗୁଆ ରହିଛି। ଏଥିସହିତ ଜମି ପରିମାଣ ତୁଳନାରେ ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ମଧ୍ୟ ଯଥେଷ୍ଟ କମ୍ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ପଞ୍ଜୀକରଣ ସମୟରେ ଚାଷୀମାନେ ଉଦ୍ଦିଷ୍ଟ ଆବେଦନ ଫର୍ମରେ ସମ୍ଭାବ୍ୟ ବିକ୍ରି ଦିବସ ତାରିଖ ଉଲ୍ଲେଖ କରୁଛନ୍ତି। କିନ୍ତୁ ତାହାକୁ ଅଣଦେଖା କରାଯାଉଛି। ଫଳରେ ବିଭିନ୍ନ ସମୟରେ ଚାଷୀମାନେ ଟୋକନଜନିତ ସମସ୍ୟା ଯୋଗୁ ଧାନବିକ୍ରିରୁ ବଞ୍ଚିତ ରହୁଛନ୍ତି। ଯଦି ପଞ୍ଜୀକରଣ ସମୟରେ ଆବେଦନ ଫର୍ମରେ ଉଲ୍ଲେଖ କରୁଥିବା ବିକ୍ରି ଦିବସକୁ ଗୁରୁତ୍ୱ ଦିଆଯାଆନ୍ତା ତେବେ ଏଭଳି ସମସ୍ୟା ସୃଷ୍ଟିହୁଅନ୍ତା ନାହିଁ ବୋଲି ଚାଷୀମାନେ କହିଛନ୍ତି।

ଏଥର ଧାନ ସଂଗ୍ରହ ପାଇଁ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆର୍ଏମ୍ସି) ଅଧୀନରେ ୧୮୮ ମଣ୍ଡି ତଥା ଧାନକ୍ରୟ କେନ୍ଦ୍ର ଖୋଲିବ। ସେଥିମଧ୍ୟରୁ ଅତାବିରା ବ୍ଲକରେ ୨୭, ଭେଡ଼େନ ବ୍ଲକରେ ୩୨, ଅମ୍ବାଭୋନା ବ୍ଲକରେ ୩, ବରଗଡ଼ ବ୍ଲକରେ ୩୧, ବରପାଲି ବ୍ଲକରେ ୨୫, ଭଟଲି ବ୍ଲକରେ ୧୧, ବିଜେପୁର ବ୍ଲକରେ ୧୨, ଗାଇସିଲେଟ ବ୍ଲକରେ ୩, ଝାରବନ୍ଧ ବ୍ଲକରେ ୧୧, ରାଜବୋଡ଼ାସମ୍ବର(ପଦ୍ମପୁର) ବ୍ଲକରେ ୭, ପାଇକମାଲ ବ୍ଲକରେ ୧୦ ଏବଂ ସୋହେଲା ବ୍ଲକରେ ୧୬ ଧାନମଣ୍ଡି ରହିଛି। ଅନ୍ୟପଟେ ଚାଷୀମାନେ ଧାନ ଅମଳ କରିସାରିଲେଣି। ମାତ୍ର ମଣ୍ଡି ଖୋଲି ନ ଥିବାରୁ ଚାଷୀଙ୍କ ଅମଳ ଧାନ କ୍ଷେତ, ଖଳାରେ ପଡ଼ିଛି।


ବରଗଡ଼ ଆର୍‌ଏମ୍‌ସି ଅଧୀନ କଳାପାଣି ମଣ୍ଡିରେ ଚାଷୀମାନେ ଅମଳ ଧାନକୁ ଓହ୍ଲାଇ ରଖୁଛନ୍ତି।

**୩ ଦିନ ପରେ ଧାନକିଣା**

ଅନେକ ଚାଷୀ ରାସ୍ତାଘାଟରେ ମଧ୍ୟ ଧାନ ପକାଇ ଶୁଖାଉଥିବା ପରିଲକ୍ଷିତ ହୋଇଛି। ତେବେ ବରଗଡ଼ ଆର୍ଏମ୍ସି ଅଧୀନ କଳାପାଣି ଧାନକ୍ରୟ କେନ୍ଦ୍ରକୁ ଅଞ୍ଚଳର ୩ ଜଣ ଚାଷୀ ୩୬୦ ବସ୍ତା ଧାନ ନେଇ ସେଠାରେ ଗଦା କରି ସାରିଥିବା ସୂଚନା ମିଳିଛି।

ଜିଲାରେ ଧାନ ବିକ୍ରି ସମୟରେ ଏଭଳି ଟୋକନ ସମସ୍ୟା ନୁହେଁ। ପ୍ରତିବର୍ଷ ଏହି ସମସ୍ୟା ଲାଗିରହୁଛି ଏବଂ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଏହା ଅସମାହିତ ହୋଇ ରହିଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କଳାପାଣି ଗ୍ରାମର ଜଣେ ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ସେ ଧାନ ଅମଳ କରିସାରିଲେଣି। କିନ୍ତୁ ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆସନ୍ତା ୨୨ରୁ ଜୁନ୍ ୨୦ତାରିଖ ପର୍ଯ୍ୟନ୍ତ ରହିଛି। ସେହିପରି ତାଙ୍କ ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୧୨୦ କୁଇଣ୍ଟାଲ ରହିବା ବଦଳରେ ୬୪ କୁଇଣ୍ଟାଲ ୪୮ କି.ଗ୍ରା ଉଲ୍ଲେଖ ରହିଛି। ଅନ୍ୟପଟେ ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ରହିଥିବାରୁ ସେ ୪୪ ପ୍ୟାକେଟ୍ ଧାନ କଳାପାଣି ମଣ୍ଡିକୁ ନେଇ ବିକ୍ରି ପାଇଁ ଗଦାକରି ରଖିଛନ୍ତି। ସେହିପରି ୨ ଏକର ଜମିର ଅମଳ ଧାନକୁ ଖଳାରେ ଶୁଖାଇଥିବା ନେକାଣ୍ଡି କହିଛନ୍ତି।

ସେହିପରି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଧାନ ସଂଗ୍ରହ ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ଜିଲାର ୯୨ ହଜାର ୫୦୦ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୮୮ ହଜାର ୧୧୪ ଜଣଙ୍କ ପାଖକୁ ଟୋକନ ଆସିଛି। ଯାହାର ଧାନ ଅମଳ ହୋଇଛି, ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ବହୁପଛରେ ରହିଛି। ଅନ୍ୟପଟେ ଯାହାର ଧାନ ଅମଳ ହୋଇନାହିଁ, ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆଗୁଆ ରହିଛି। ଜମି ତୁଳନାରେ ବିକ୍ରିଯୋଗ୍ୟ ଧାନ ପରିମାଣ ମଧ୍ୟ କମ୍ ରହିଛି। ସେହିପରି ଧାନ ସଂଗ୍ରହ କମିଟି ବୈଠକ ନିଷ୍ପତ୍ତିରେ ଧାନକିଣା ପ୍ରକ୍ରିୟାକୁ ବିଳମ୍ବିତ କରାଯାଇଛି। ଏଭଳି ସ୍ଥଳେ ଚାଷୀମାନେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ବଦଳରେ ୨୨୦୦, ୨୩୦୦ ଟଙ୍କାରେ ବେପାରୀମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ୍ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ବରଗଡ଼ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ


ବରଗଡ଼ରେ ଅନୁଷ୍ଠିତ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ।

ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସିଭିଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ଲୁନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଏହା ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ତଥା ଦେୱାନୀ ଓ ଫୌଜଦାରୀ(ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ ହୋଇଥିଲା। ୨୮୦୫ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୫୦୬୨ ବିଚାରାଧୀନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମୋକଦ୍ଦମା ଗୁଡ଼ିକ ମଧ୍ୟରୁ ୬୩ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୩୩୬୨ଟି ବିଚାରାଧୀନ ମୋକଦ୍ଦମା ମାମଲାର ବିଚାର ହୋଇଥିଲା। ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୧୩ଲକ୍ଷ ୨୭ହଜାର ୭୨ ଏବଂ ବିଚାରାଧୀନ ମୋକଦ୍ଦମା ମାମଲା ବାବଦକୁ ୬୫ଲକ୍ଷ ୪୫ହଜାର ୬୭୬ଟଙ୍କା ୯୫ପଇସା ଆଦାୟ ହୋଇଥିଲା।

ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ମହାନ୍ତି ଏବଂ ସଚିବ କମଳାକାନ୍ତ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ମାନସ ରଞ୍ଜନ ରଥ, ଅତିରିକ୍ତ ଜିଲା ବିଚାରପତି ପ୍ରିୟରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ରେଜିଷ୍ଟ୍ରାର(ସିଭିଲ କୋର୍ଟ) ଦିଗବିଜୟ ଦାସ, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ଅଦାଲତ) ପ୍ରଜ୍ଞା ପୂଜାପ୍ରଦା, ବରିଷ୍ଠ ଦେବାନୀ ବିଚାରପତି(ଏଲଆର୍ ଏଣ୍ଡ ଏଲଟିଭି) ବର୍ଷା ଶର୍ମା, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେୱାନୀ ବିଚାରପତି ସୋନାଲି ମହାନ୍ତି, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଏଲଆର୍ ଏଣ୍ଡ ଏଲଟିଭି) ଚନ୍ଦନ ଦେହୁରୀ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦ୍ୱିତୀୟ ଶ୍ରେଣୀ ରତ୍ନପୂର୍ଣ୍ଣା ଦାସ ପ୍ରମୁଖ ବିଭିନ୍ନ ଅଦାଲତକୁ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ, ଯୁବ ଆଇନଜୀବୀ, ପୋଲିସ ଅଧିକାରୀ, ଆଇନ ସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀମାନେ ଉପରୋକ୍ତ ଲୋକ ଅଦାଲତରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ

ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ୧୦ ଦିନ ଧରି ଚାଲିଥିବା ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଡ. କେଶରଞ୍ଜନ ପ୍ରଧାନ ଯୋଗଦେଇ ଶିକ୍ଷା ହିଁ ଜୀବନର ବଡ଼ ସାହାଯ୍ୟ ବୋଲି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ପ୍ରାନ୍ତ ଯୁଗ୍ମ ସମ୍ପାଦକ ଖଗେଶ୍ୱର ଦାଶ ଯୋଗଦେଇ ଥିବାବେଳେ ମନୋଜ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଶ୍ଚିମ ସଂଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପଶ୍ଚିମ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁମା'ମାନଙ୍କ ଦ୍ୱାରା ସାମୂହିକ କଣ୍ଠ ସଙ୍ଗୀତ ସମସ୍ତଙ୍କୁ ମନମୁଗ୍ଧକର ଥିଲା। ବରଗଡ଼, ସମ୍ବଲପୁର ଓ ରାଉରକେଲା ବିଭାଗରୁ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ୧୩୨ଟି ଶିଶୁ ମନ୍ଦିରରୁ ୧୪୦ଜଣ ଗୁରୁଜୀ ଗୁରୁମା', ୧୫ ଜଣ ପ୍ରଶିକ୍ଷକ ପ୍ରଶିକ୍ଷିକା ଯୋଗଦେଇ ୪୮ଟି କାଳାଂଶରେ ଶିକ୍ଷା ଅର୍ଜନ କରିଥିଲେ। ପଶ୍ଚିମ ସମ୍ଭାଗ ପ୍ରଭାରୀ ଦେବେନ୍ଦ୍ର ପଟ୍ଟନାୟକ,ସମ୍ବଲପୁର ବିଭାଗ ନିରୀକ୍ଷକ ଜୟକିଶୋର ପଣ୍ଡା, ବରଗଡ଼ ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି, ରାଉରକେଲା ବିଭାଗ ନିରୀକ୍ଷକ ପ୍ରଦୀପ ମିଶ୍ର, ସଂକୁଳ ପ୍ରମୁଖ ଡ. ଦାଦଶ କୁମାର ପ୍ରଧାନ,ସମ୍ପାଦକ ଜନକଲାଲ ମେହେର, ଜିଲା ସଂଘ ଚାଳକ ରୋହିତ କୁମାର ମେହେର, ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଓ ସମସ୍ତ ଗୁରୁଜୀ ଗୁରୁମା' ଉପସ୍ଥିତ ଥିଲେ। ସଭାପତି ପୃଥ୍ୱୀରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ।


ମାଟ୍ରିକ ଟପ୍ପର ବବିତା ରଥଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଉଛି।

# ବୈଶାଖ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପାଇକମାଳ,୧୦।୫ (ବଡ ଶତପଥୀ )

ପାଇକମାଳ ଶ୍ରୀ ଶ୍ରୀ ନୃସିଂହନାଥ ପ୍ରସିଦ୍ଧ ବୈଶାଖ ମେଳାର ଚତୁର୍ଥ ଦିବସରେ ଶନିବାର ରାତି ୯ଟାରେ ସାଂସ୍କୃତିକ କର୍ଯ୍ୟକ୍ରମର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ଏମ୍‌ପି ପ୍ରତିନିଧି ଗୋବର୍ଦ୍ଧନ ଭୋଇ, ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିଂହା ଯୋଗ ଦେଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଶାଖ ମେଳା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମେଳା କମିଟିର ସଦସ୍ୟ ସୁଶାନ୍ତ ମିଶ୍ର ଉଦ୍‌ଘାଟନୀ ସଭାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମୁଷିକଦତ୍ୟ ଦରବାର ପରିବେଶିତ ହୋଇଥିଲା। ଏହା ପରେ ସମ୍ବଲପୁରୀ ଲୋକନୃତ୍ୟ ଢଲିଆ ଖୁସା କଳାପରିଷଦ ବରଗଡ, ଓଡ଼ିଶୀନୃତ୍ୟ ପ୍ରଜ୍ଞାନ ନୃତ୍ୟାଆନ ଖୋର୍ଦ୍ଧା, ଆଦିବାସୀ ନୃତ୍ୟ– ଯାତ୍ରୀ ଖଟଖଟିଆ ବୌଦ୍ଧ, ସମ୍ବଲପୁରୀ ନୃତ୍ୟ କେଜିଭିପି ମାଣ୍ଡ୍ରୋସିଲ, ସମ୍ବଲପୁରୀ ଲୋକ ନୃତ୍ୟ ଶତ୍ରୁଘ୍ନ ସୁଲହ ଭରନୀଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଅଭିନୟ ଦେଖି ସମଗ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମି ଉଠିଥିଲେ ଦର୍ଶକ। ଚଳିତ ବର୍ଷ ଓଡ଼ିଶା ମାଟ୍ରିକ ଟପ୍ପର ବବିତା ରଥ ଓ ପ୍ରକୃତି ବନ୍ଧୁ ମିନକେତନ ସାହୁଙ୍କୁ ଉପଢୌକନ ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ହନୁମାନ ବାଟିକା ନିକଟସ୍ଥ ଶ୍ରୀ ଶ୍ରୀ ନୃସିଂହନାଥ ମାର୍ଜାର କେଶରୀ ମଣ୍ଡପରେ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ଏଥିରେ ବଡ ଶତପଥୀ, ସୁରଥ ସାହୁ, ଧୀରେନ ମହାନ୍ତି, ବିନୋଦ କାଲିଆ, କୁସୁମ ରାଓ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଅନୁରୂପ ଭାବରେ ଯଜ୍ଞ ମଣ୍ଡପରେ ମଧ୍ୟ ନୀତି ନିଷ୍ଠାର ସହିତ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଯଜ୍ଞ ମଣ୍ଡପରେ ୧୨ଜଣ ଦକ୍ଷ ପଣ୍ଡିତଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ଚାଲିଛି ପୂଜା ପାଠ ସହ ହୋମ ଯଜ୍ଞ। ପଣ୍ଡିତମାନେ ୨୯୨୦୦ ନୃସିଂହବୀଜ ମନ୍ତ୍ର ଜପ ସହ ୩ଦିନ ଧରି ମୋଟ ୮୫୬୦୦ ନୃସିଂହବୀଜ ମନ୍ତ୍ର ଜପ କରିଛନ୍ତି । ଏଥିସହ ମଣ୍ଡପରେ ବ୍ରାହ୍ମଣ ପୂଜନ, ସୂର୍ଯ୍ୟ ପୂଜା, ତୋରଣ ପୂଜା, ବାସ୍ତୁ ପୂଜା ଆଦି ହୋଇଥିବା ବେଳେ ୩୬୦୦, ଆହୁତି ପ୍ରଦାନ କରାଯାଇଛି ବୋଲି ପଣ୍ଡିତ ଡ଼ିଗ୍ରୀଧର ଦେବତା ଜଣାଇଛନ୍ତି।

# ମହିଳାଙ୍କୁ ହତ୍ୟା ଅଭିଯୋଗ, ଯୁବକ ଗିରଫ

ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ଏକ ହତ୍ୟା ଅଭିଯୋଗରେ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ଉତ୍ତମ ପଞ୍ଚାୟତ ଲେଲେହର ଗ୍ରାମର ଅମିତ ବନଛୋର(୧୯)। ଜାମିନ ନାମଞ୍ଜୁର ହେବାରୁ ଅମିତଙ୍କୁ ବରଗଡ଼ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ଅମ୍ବାଭୋନା ଥାନା ପୋଲିସ ଏକ ମାମଲା(୮୨/୨୫) ରୁଜୁ କରିଛି। ପ୍ରକାଶ ଯେ, ଗତ ୩ଦିନ ତଳେ ଲେଲେହର ଗ୍ରାମରେ ଏକ ବାହାଘର ଚାଲିଥିଲା। ସେଠାକୁ କପାଶିରା ଗ୍ରାମର ସାଗରା ଜାଲ ତାଙ୍କ ସ୍ୱାମୀ ଶ୍ୟାମଲାଲଙ୍କ ସହିତ ଯାଇଥିଲେ। ସେମାନେ ଜ୍ୱାଇଁ ଦୟାନିଧିଙ୍କ ଘରେ ରହିଥିଲେ। ତେବେ ବାହାଘର ସରିବା ପରେ ଦୟାନିଧିଙ୍କ ଭାଇ ଅମିତ୍ ବାଇକ୍ ଚାବି ମାଗିଥିଲେ। ଘର ଲୋକ ବାଇକ୍ ଚାବି ନଦେବାରୁ ସେ ଘରେ ଝଗଡ଼ା କରିଥିଲେ। ରାତିରେ ଦୟାନିଧିଙ୍କ ଶାଶୁ ସାଗରା(୬୫) ଶୋଇଥିବାବେଳେ ଅମିତ ଏକ ସ୍କୃ ଡ୍ରାଇଭର ଯୋଗେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସାଗରାଙ୍କୁ ପ୍ରଥମେ ବରଗଡ଼ ସହର ଉପକଣ୍ଠ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ଭୀମସାର୍, ବୁର୍ଲାକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମୃତ ମହିଳାଙ୍କ ଝିଅ ସୁସ୍ମିତା ଥାନାରେ ଏତଲା ଦେବା ପରେ ପୋଲିସ ଅମିତଙ୍କୁ ଗିରଫ କରିଥିଲା।

**ବାଇକ୍ ଚାବି ନ ଦେବାରୁ ଗଣ୍ଡଗୋଳ**

# ମହାବିଦ୍ୟାଳୟରେ ସ୍ନାତକ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବରପାଲି ୧୦।୫(ଚିତ୍ତରଞ୍ଜନ ସାହୁ)

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଶନିବାର ପୂର୍ବାହ୍ନରେ ଛାତ୍ରୀମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ନାତକ କଳା ଅନ୍ତିମ ବର୍ଷରେ ଛାତ୍ରୀଙ୍କ ସଫଳତା ସବୁଠୁ ଆଗରେ ରହିଛି। ମହିଳା ମହାବିଦ୍ୟାଳୟର ୮ ଜଣ ଛାତ୍ରୀ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ଓଡ଼ିଆ ବିଭାଗରେ ଅର୍ଚ୍ଚନା ସାହୁ (୯.୦୮) ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ପ୍ରଥମ ହୋଇଥିବା ବେଳେ ହିନ୍ଦୀ ବିଭାଗରୁ ସୋନାଲି ମେହେର( ୮.୯୫) ତୃତୀୟ, ସିମ୍ପଲି ଶତପଥୀ (୮.୮୪)ଚତୁର୍ଥ, ଆଁଚଲ ମହତ୍ତମ (୮.୭୭) ସପ୍ତମ, ଶ୍ରାବଣୀ ଭୋଇ (୮.୭୪)ଅଷ୍ଟମ ହୋଇଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗରୁ ଲିପସା ବେହେରା (୮.୬୧) ଚତୁର୍ଥ,ସ୍ନେହା ବିଶି (୮.୬୦) ପଞ୍ଚମ, ପୁଷ୍ପାଞ୍ଜଳି ବନଛୋର (୮.୫୨)ନବମ ସ୍ଥାନରେ ଅଛନ୍ତି।



ସମ୍ବର୍ଦ୍ଧିତ ସ୍ନାତକ କଳା ଛାତ୍ରୀମାନେ।

## ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ

ବରଗଡ଼,୧୦।୫(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଜୀରାବ୍ରିଜ ରେଳ ଧାରଣା ଉପରୁ ଶନିବାର ଅପରାହ୍ନରେ ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନଥିବାବେଳେ ଟ୍ରେନ୍‌ରେ କଟି ତାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଜିଆର୍‌ପି ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି।

## ଶର୍ଟ ସର୍କିଟରୁ ଜଳିଗଲା କାର୍

ପଦ୍ମପୁର,୧୦।୫(ପ୍ରଦୀପ୍ତ ଦାଶ): ପଦ୍ମପୁର ଭେଉରିଆ ଛକ ପାଇକମାଲ ରାସ୍ତାରେ ଶନିବାର ଏକ କାର୍ ଜଳିଯାଇଛି। ଏଥିରେ କାର୍ ଚାଳକଙ୍କ ସହ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ପଦ୍ମପୁର ଅନ୍ତର୍ଗତ ବରିକେଲର ନରେଶ ଷଡ଼ଙ୍ଗୀ ଯାତ୍ରୀମାନଙ୍କୁ ନେଇ ପଦ୍ମପୁର ଆସୁଥିବା ବେଳେ ପାଇକମାଲ ରାସ୍ତାରେ ଇଞ୍ଜିନରେ ଶର୍ଟ ସର୍କିଟ ଯୋଗୁ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଫଳରେ ଚାଳକଙ୍କ ସମେତ ସମସ୍ତ ଯାତ୍ରୀ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇଥିଲେ ମଧ୍ୟ କାର୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।

# ଟାମ୍ପରସରା ପଞ୍ଚାୟତକୁ ରାସ୍ତା ସଂଯୋଗୀକରଣ ଦାବି

ଅତାବିରା, ୧୦।୫(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସ୍ଥିତ ଟାମ୍ପରସରା ଏକ ପୁରାତନ ଓ ବଡ଼ ଗ୍ରାମପଞ୍ଚାୟତ। ଏହା ଟାମ୍ପରସରା, ଛନ୍ଦପାଲି, ଗମ୍ଭାରିପାଲି, ପଲସାନାଲି, ଅନ୍ଧାରିପାଲି, ତଳିଟାମ୍ପରସରା, ଅଇଁଲାପାଲି ଗ୍ରାମକୁ ନେଇ ଗଠିତ। ଅନ୍ଧାରିପାଲି ଓ ତଳିଟାମ୍ପରସରା କୁଲେର ଯୋର ନିକଟରେ ଅବସ୍ଥିତ ଥିବାବେଳେ ଏହା ହେଉଛି ସମ୍ବଲପୁର ଓ ବରଗଡ଼ ଜିଲାର ସୀମାନ୍ତବର୍ତ୍ତୀ ଗାଁ। ଟାମ୍ପରସରାରେ ଇଂରେଜ ଅମଳର ଡାକଘର, ବିଦ୍ୟାଳୟ ସହ ଏଏନ୍‌ଏମ୍ ସେଣ୍ଟର, ପଶୁ ଡାକ୍ତରଖାନା, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ବିଦ୍ୟାଳୟଟିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବାରୁ ପଞ୍ଚାୟତ ଅଧୀନ ଗ୍ରାମ ସହ ନିକଟସ୍ଥ ବନ୍ଧପାଲି, ଭଲିଆପାଲି, ଖଡ଼ିଆପଡ଼ା, ମରାଙ୍ଗୋଲା, କୁଡ଼ାପାଲି ଆଦି ଗ୍ରାମର ଛାତ୍ରୀଛାତ୍ର ବିଦ୍ୟାଳୟକୁ ପାଠ ପଢ଼ି ଆସୁଛନ୍ତି। ଏ ଦୃଷ୍ଟିରୁ ବର୍ତ୍ତମାନ କୁଲେର ଯୋର ଉପରେ ଦୁଇଟି ପୋଲ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟ ଉପରେ ରହିଛି, ଯାହା ସମ୍ବଲପୁର ଜିଲା ସହ ଅତି ନିକଟତର ହେବ। ଏଥିସହ ଚାରପାଲି–ଅନ୍ଧାରିପାଲି– ତଳିଟାମ୍ପରସରା ଦେଇ କାଦୋବାହାଲ, ବନ୍ଧପାଲି, ଖଡ଼ିଆପଡ଼ା, ତୁଳଣ୍ଡି ଗ୍ରାମକୁ ରାସ୍ତା ସଂଯୋଗୀକରଣ କାମ ସମାପନ ଉପରେ ରହିଛି। ଫଳତଃ ଅଞ୍ଚଳର ଚାଷୀ, ବ୍ୟବସାୟୀ ଓ ଯାତ୍ରୀଙ୍କ ଅର୍ଥନୈତିକ ବିକାଶଧାରା ଉପରେ ଉନ୍ନତି ଆଣିପାରିବ। ସଂପ୍ରତି ଗମନାଗମନର ସୁବିଧା ନିମନ୍ତେ ସରକାର ରାସ୍ତା ନିର୍ମାଣର ଯୋଜନା କରୁଥିବା ବେଳେ ଏହି ପଞ୍ଚାୟତ ସ୍ଥିତ ଗମ୍ଭାରିପାଲି, ଅନ୍ଧାରିପାଲି ଓ ଅଇଁଲାପାଲି ଗ୍ରାମବାସୀ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଉକ୍ତ ଗ୍ରାମଗୁଡ଼ିକୁ ସହଜ ସୁବିଧାରେ ଯିବା ପାଇଁ ରାସ୍ତା ଥିଲେ ସୁଦ୍ଧା ସେହି ରାସ୍ତାଗୁଡିକ ଅତି ଶୋଚନୀୟ। ଫଳରେ ଲୋକେ ମୁଖ୍ୟରାସ୍ତା ଦେଇ ପ୍ରାୟ ୬ କି.ମି.ରୁ ଅଧିକ ରାସ୍ତା ଦେଇ ଆସୁଛନ୍ତି। ପଞ୍ଚାୟତକୁ ଚାଉଳ, ବିଭିନ୍ନ ଭତ୍ତା ନେଇ ଆସିବାରେ ମଧ୍ୟ ବହୁ ଅସୁବିଧା ହେଉଛି। ଏଥିପାଇଁ ସ୍ଥାନୀୟ ସରପଞ୍ଚ ରାଜକିଶୋର ଛନ୍ଦଙ୍କ ଅଧ୍ୟକ୍ଷତାରେ ସମସ୍ତ ୱାର୍ଡ ସଭ୍ୟସଭ୍ୟାଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଟାମ୍ପରସରାରୁ ଗମ୍ଭାରିପାଲି ମହାକୁରପଡା ଭାୟା ପର୍ଡିଆପଡା ତିନି କି.ମି ରାସ୍ତା, ଟାମ୍ପରସରା ରଥଦାଣ୍ଡରୁ ଅଇଁଲାପାଲି ସାଢ଼େ ତିନି କି.ମି.ରାସ୍ତା ଓ ରଥଦାଣ୍ଡରୁ ଉସ୍ତାଲି ନଳିଆ କଳାସୀ ଦରହ ଅନ୍ଧାରିପାଲି ଦେଢ଼ କି.ମି. ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏ ନେଇ ସ୍ଥାନୀୟ ବିଧାୟକ ଓ ବରଗଡ଼ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ବରଗଡ଼ଙ୍କୁ ଅବଗତ କରାଯାଇଛି। ରାସ୍ତା ନିର୍ମାଣ ପାଇଁ ସରକାର ଦୃଷ୍ଟିଦେଇ ଆର୍ଥିକ ଅନୁଦାନ ମଞ୍ଜୁର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ଅତାବିରା ବ୍ଲକ ଟାମ୍ପରସରାରୁ ଅଇଁଲାପାଲି ଓ ଟାମ୍ପରସରାରୁ ଗମ୍ଭାରିପାଲି ମହାକୁରପଡ଼ାକୁ ସଂଯୋଗ କରୁଥିବା ରାସ୍ତା।

**ମୌଳିକ ସୁବିଧାରୁ ବଞ୍ଚିତ ୩ ଗ୍ରାମବାସୀ**

# ସୁରକ୍ଷିତ ବିଲଡିଂ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଜରୁରୀ



ସମ୍ବଲପୁରରେ ଇଣ୍ଡିଆନ ବିଲଡିଂ କଂଗ୍ରେସର ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ସମ୍ବଲପୁର,୧୦।୫(ଭବାନୀ ଶଙ୍କର ଭୋଇ)**

**ସମ୍ବଲପୁରରେ ଇଣ୍ଡିଆନ ବିଲଡିଂ କଂଗ୍ରେସର ଆଲୋଚନାଚକ୍ର**

ପୂର୍ତ୍ତ ବିଭାଗ ସମ୍ବଲପୁର ଆନୁକୂଲ୍ୟରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲରେ ଶନିବାର ଇଣ୍ଡିଆନ ବିଲଡିଂ କଂଗ୍ରେସର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଯୁକ୍ତି ବିଦ୍ୟାର ଉନ୍ନତି ସହ ବିଲଡିଂ ନିର୍ମାଣ କ୍ଷେତ୍ରରେ କରାଯାଉଥିବା ଗବେଷଣାଗୁଡିକରୁ ମିଳୁଥିବା ତଥ୍ୟ ଉପରେ ତର୍ଜମା କରାଯାଇଥିଲା। ବୁର୍ଲା ଭିସୁଟର କୁଳପତି ପ୍ରଫେସର ଦୀପକ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଉଦ୍‌ଘାଟନୀ ଅଭିଭାଷଣରେ କହିଥିଲେ, ବିଲଡିଂ ନିର୍ମାଣରେ ଅଗ୍ନି ନିରାପତ୍ତା ଏବେ ଏକ ପ୍ରମୁଖ ବିଷୟ ହୋଇଛି। ନିର୍ମାଣରେ ଅଗ୍ନି ନିରାପତ୍ତା ପାଇଁ କିଛି ବର୍ଷରେ ଅନେକ ଗବେଷଣା କରାଯାଇ ନୂତନ ତଥ୍ୟ ମିଳିପାରିଥିବା ସେ କହିଥିଲେ। ପୂର୍ବରୁ କଲମ ନିର୍ମାଣରେ ଲୁହା ରଡଗୁଡିକୁ ୨୫ ମିଲିମିଟର କଂକ୍ରିଟର ବାହ୍ୟ ଆବରଣ ରଖାଯାଉଥିବା ବେଳେ ଏବେ ତାକୁ ୪୦ ମିଲିମିଟର କରିବାକୁ ପରାମର୍ଶ ଦିଆଯାଉଛି। ତେଣୁ ଦିନକୁ ଦିନ ବିଲଡିଂଗୁଡିକୁ ଅଧିକ ଦୀର୍ଘସ୍ଥାୟୀ ଏବଂ ସୁରକ୍ଷିତ କରିବା ଦିଗରୀ ନୂତନ ଉପଲବ୍ଧିଗୁଡିକ ବିଷୟରେ ଅବଗତ କରିବା ଦିଗରେ ଏଭଳି ବିଲଡିଂ କଂଗ୍ରେସର ଆବଶ୍ୟକତା ରହିଥିବା ସେ କହିଥିଲେ।

କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ.ମନୋରଞ୍ଜନ ମିଶ୍ର ବକ୍ତା ଭାବେ ଯୋଗ ଦେଇ ସୁରକ୍ଷିତ ବିଲଡିଂ ନିର୍ମାଣରେ ଆବଶ୍ୟକ ବିନ୍ଦୁଗୁଡିକ ଉପରେ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ, ସୁରକ୍ଷିତ ଏବଂ ସ୍ଥାୟୀ ବିଲଡିଂ ନିର୍ମାଣ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ସମସ୍ତେ ଅବଗତ ହେବା ଜରୁରି। ଏହି ଅବସରରେ ବିମ୍ ବିଶେଷଜ୍ଞ ଇଂ. ଶୁଭେନ୍ଦୁ ପଟ୍ଟନାୟକ ଏବଂ ଇଂ. ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଗୃହ ନିର୍ମାଣରେ ବିମର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ବିଭାଗୀୟ ଯନ୍ତ୍ରୀ ମାନେ ସାମିଲ ହୋଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଇଣ୍ଡିଆନ ବିଲଡିଂ କଂଗ୍ରେସର ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଇଂ. ବିଜୟ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶେଷରେ ସମ୍ବଲପୁରର ଅଧୀକ୍ଷଣ ଯନ୍ତ୍ରୀ ବିଭୁପ୍ରସାଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଇଣ୍ଡିଆନ ବିଲଡିଂ କଂଗ୍ରେସ ଓଡ଼ିଶା ଚାପ୍ଟର ଉପାଧ୍ୟକ୍ଷ ପ୍ରଫେସର ପିକେ ପାଢୀ, ସମ୍ପାଦକ ଇଂ. ତ୍ରିନାଥ ବେହେରା, ଉତରାଞ୍ଚଳ ସର୍କଲ ମୁଖ୍ୟ ଇଂ. ହେମନ୍ତ ନାଏକ ସହଯୋଗ କରିଥିଲେ।

# ଭାରତୀୟ ଯୋଦ୍ଧାଙ୍କ ପାଇଁ ହନୁମାନ ଚାଳିଶା ପାଠ

**ସମ୍ବଲପୁର,୧୦।୫(ବି.ଶଙ୍କର)**

ଭାରତ ପକ୍ଷରୁ ଆତଙ୍କବାଦ ଓ ପାକିସ୍ଥାନ ବିରୋଧରେ ଚାଲିଥିବା ଅପରେଶନ ସିନ୍ଦୂରରେ କାର୍ଯ୍ୟରତ ସମସ୍ତ ସାମରିକ ଓ ଅର୍ଦ୍ଧସାମରିକ ବାହିନୀର ଜୱାନଙ୍କ ପରାକ୍ରମ ପ୍ରସଂସନୀୟ। ତେଣୁ ଭାରତୀୟ ଯୋଦ୍ଧାଙ୍କ ମଙ୍ଗଳ ମନାସୀ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଶନିବାର ରାତି ୭ଟାରେ ସାମୂହିକ ହନୁମାନ ଚାଳିଶା ପାଠ ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମାଞ୍ଚଳ ଏକତା ମଞ୍ଚ ମୁଖ୍ୟ ସଂଯୋଜନ ମାନସ ବକ୍ସିଙ୍କ ପରିଚାଳନାରେ ସମ୍ବଲପୁର ବୁଢ଼୍ହିଲ ସ୍ଥିତ ଶ୍ରୀରାମ ମନ୍ଦିରରେ ପ୍ରଥମେ ଆଳତୀ ପରେ ଦୀପଦାନ କରାଯାଇଥିଲା । ଏହାପରେ ହନୁମାନ ମନ୍ଦିର ସମ୍ମୁଖରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏଥିରେ ସମ୍ବଲପୁର ସହର ସ୍ଥିତ ବିଭିନ୍ନ ସଙ୍ଗଠନ ସଦସ୍ୟ ସାମିଲ ହୋଇଥିଲେ । ଏଥିରେ ବରିଷ୍ଠ ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ପର୍ଶୁରାମ ଜୟନ୍ତୀ କମିଟି ରାମେଶ୍ୱର ପୁରୋହିତ, ସମ୍ବଳ ଅନୁଷ୍ଠାନ ମୁଖ୍ୟ ରାମଦାସ ପଣ୍ଡା, ଭାଜପା ନେତା ସୁଧିର ବହିଦାର, ବିଶ୍ୱରଞ୍ଜନ ଜେନା, ସଂଗୀତଜ୍ଞ ମୋତି ଲାଲ ଦୋରା, ନିମେଶ ପଣ୍ଡା, ନିଶିକାନ୍ତ ବିଶ୍ୱାଲ, ଅପର୍ଣ୍ଣା ପାଢ଼ୀ, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା, କାନ୍ତି ମେହେର, ପଙ୍କଜିନୀ ମେହେର, ଝୁନୁ ତ୍ରିପାଠୀ, ସବ୍ୟସାଚୀ ମିଶ୍ର, ଛବି ପତି, ସୁଜାତା ଗୁରୁ, ଲଳିତା ଭୋଇ, ଭୂମିସୁତା ମେହେର, ତୃପ୍ତି ପଣ୍ଡା, ଅନୁପମା ବିଶ୍ୱାଳ, ସଂଘମିତ୍ରା ପଣ୍ଡା, ଅଞ୍ଜଳି ଘୋଷ, ରିଙ୍କି ମହାରଣା, ଶ୍ରୀଧର ଦାସ, ସାନ୍ତାନୁ ପାଢ଼ୀ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସଭ୍ୟାସଭ୍ୟ ସାମିଲ ହୋଇଥିଲେ।



ସମ୍ବଲପୁର ବୁଢ଼୍ହିଲ ସ୍ଥିତ ହନୁମାନ ମନ୍ଦିରରେ ଦୀପଦାନ କରାଯାଉଛି।

# କିଷାନ ସମାଜର ଅଷ୍ଟପ୍ରହର ନାମଯଜ୍ଞ

**କୁଚିଣ୍ଡା,୧୦।୫(ବିରଞ୍ଚି ଦର୍ବା)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଡୁରେଇନିକ୍ରିମାଲରେ କିଷାନ ସମାଜ ପକ୍ଷରୁ ଅଷ୍ଟ ପ୍ରହର ଅଖଣ୍ଡ ନାମଯଜ୍ଞ ଶନିବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞରେ କୁଚିଣ୍ଡା ଅଞ୍ଚଳର ଦୁଃଖୁଝାରମୁଣ୍ଡା, କୁକମ, କର୍ଡାଖମନ, ଡୁରେଇନିକ୍ରିମାଲ ଏବଂ ଝାରସୁଗୁଡା ଜିଲାର ସାହ୍ଲେଟିକ୍ରା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ପ୍ରଭୁ ଶ୍ରୀଚୈତନ୍ୟଙ୍କ ନାମକୀର୍ତ୍ତନ ଗାନ କରିଥିଲେ। ଗୁରୁବାର କଳସଯାତ୍ରା ଓ ଅଧିବାସ, ଶୁକ୍ରବାର ନାମାରମ୍ଭ ଏବଂ ଶନିବାର ପୂର୍ଣ୍ଣାହୁତି, ଦଧିଭାଣ୍ଡ ଭଞ୍ଜନ ସହ ନଗର ପରିକ୍ରମା ହୋଇଥିଲା। ଯଜ୍ଞରେ ସପ୍ନେଶ୍ୱର କିଷାନ ଓ ତାଙ୍କ ସ୍ତ୍ରୀ ଜନନୀ କର୍ତ୍ତା ହୋଇଥିଲେ। ନାମଯଜ୍ଞ କମିଟି ସଭାପତି ତରଣୀ ମାଝି, ଉପସଭାପତି ଉମାକାନ୍ତ ମାଝି, ସମ୍ପାଦକ ମନବୋଧ କିଷାନଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅଚ୍ୟୁତ କିଷାନ, ଦଶମଣୀ କିଷାନ, ସୁଦର୍ଶନ କିଷାନ, ଶ୍ରୀକାନ୍ତ କିଷାନ, ରଞ୍ଜନ କିଷାନ, ପ୍ରଫୁଲ୍ଲ କିଷାନ, ସୋଭାଗ୍ୟ କିଷାନ, ଦେବାନନ୍ଦ ମାଝି, ରବି ବର, ହରି ବର ପ୍ରମୁଖ ସହଯୋଗ କରିଥିଲେ।



ପୂର୍ଣ୍ଣାହୁତି ପରେ କର୍ତ୍ତାଯୋଡି ନଗର ପରିକ୍ରମାରେ ସାମିଲ ହୋଇଛନ୍ତି।



ବୀର ଯବାନଙ୍କ ପାଇଁ ଶନିବାର ସମ୍ବଲପୁର ଗୋପାଳଜୀ ମନ୍ଦିରରେ ବିଷ୍ଣୁସହସ୍ର ନାମ, ହନୁମାନ ଚାଳିଶା ପାଠ କରାଯାଉଛି।

# ୧୫ରୁ ଗ୍ରୀଷ୍ମକାଳୀନ ଆତ୍ମରକ୍ଷାର ତାଲିମ ଶିବିର

**ସମ୍ବଲପୁର,୮।୫(ବି.ଶଙ୍କର)**

ସମ୍ବଲପୁର ବିନାଖିଣ୍ଡି ସ୍ଥିତ ସାଓଲିନ କୁଙ୍ଗ୍ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଅଗାମୀ ୧୫ ତାରିଖରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ତାଲମ ଶିବିର ଆରମ୍ଭ ହେବ। ଏଥିରେ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ। ଶନିବାର ରାତି ୮ଟାରେ କଚେରିସ୍ଥିତ ଜିଲା ଜୁଡୋ ହଲରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ବୈଠକ ହୋଇଥିଲା । ଶିବିରରେ ୫ରୁ ୨୫ ବର୍ଷର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯିବ। ଭଲ ପ୍ରଦର୍ଶନ ଛାତ୍ରୀଛାତ୍ରଙ୍କୁ ଆଗାମୀ ରାଜ୍ୟ, ଜାତୀୟ, ଓ ଅନ୍ତର୍ଜାତୀୟ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସୁଯୋଗ ପ୍ରଦାନ ଦିଆଯିବ ଏବଂ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ମୁଖ୍ୟ ପ୍ରଶିକ୍ଷକ ବେହେରା କହିଛନ୍ତି।

# ବୃଦ୍ଧାଶ୍ରମ ନୂତନ କୋଠା ଉଦ୍‌ଘାଟିତ



ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ନୂତନ କୋଠା ଉଦ୍‌ଘାଟନରେ ଯୋଗଦେଇଥିବା ଅତିଥିମାନେ।

**ସମ୍ବଲପୁର,୧୦।୫(ବି.ଶଙ୍କର)**

ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁର ଜିଲା ରେଙ୍ଗାଲି ଗ୍ରାମ ପଞ୍ଚାୟତ ସ୍ଥିତ ସହାୟତା ବୃଦ୍ଧାଶ୍ରମରେ ନୂତନ କୋଠା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆକାଂକ୍ଷା ଲେଡିଜ କ୍ଲବର ସଭାନେତ୍ରୀ ନୀଲମ ସିଂହ, ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ ସିଏସଆର ମୁଖ୍ୟ ବିଶାଳ ରାଜ ଯୋଗଦେଇ ନୂତନ ଭିତ୍ତିଭୂମିର ଉଦ୍‌ଘାଟନ କରିଥିଲେ। ସହାୟତା ବୃଦ୍ଧାଶ୍ରମ ସଭାପତି ହିମାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ। ବୃଦ୍ଧାଶ୍ରମ ତତ୍ତ୍ୱାବଧାରକ ଶଶୀଭୂଷଣ ସାହୁଙ୍କୁ କୋଠା ହସ୍ତାନ୍ତର କରାଯାଇଥିଲା । ଯଦ୍ୱାରା ବୃଦ୍ଧାଶ୍ରମର ଦୀର୍ଘକାଳୀନ ଲାଭ ସୁନିଶ୍ଚିତ କରିବା ପାଇଁ ନୂତନ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ତଦାରଖ କରିବେ। ବାସିନ୍ଦାଙ୍କ ଅନୁରୋଧକୁ ଗ୍ରହଣ କରି, ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ୪ଟି କୋଠରି ଏବଂ ତିନୋଟି ମିଳିତ ଶୌଚଳୟ ସହ ବାଥରୁମ ନିର୍ମାଣ କରିଛି।

# ୧୩ରୁ କୃତ୍ରିମ ଅଙ୍ଗଦାନ ଶିବିର

**ସମ୍ବଲପୁର,୧୦।୫(ଭବାନୀ ଶଙ୍କର ଭୋଇ)**

ମାରୱାଡି ଯୁବମଞ୍ଚ ପକ୍ଷରୁ ଆସନ୍ତା ୧୩ତାରିଖରୁ ଦୁଇଦିନିଆ କୃତ୍ରିମ ଅଙ୍ଗଦାନ ଶିବିର ଆରମ୍ଭ ହେବ। ଶିବିର ଆୟୋଜନ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଶନିବାର ସୂଚନା ପ୍ରଦାନ କରାଯାଇଛି। ମାରୱାଡି ଯୁବମଞ୍ଚ କ୍ଷେତରାଜପୁର, ନବଚେତନା ଏବଂ ସମ୍ବଲପୁର ଉଦୟ ଷ୍ଟାର୍ସର ମିଳତ ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯିବ। କୌଣସି ବାହ୍ୟ ଅଙ୍ଗ ନଥିବା ଯୋଗୁ ସାମାନ୍ୟ ଜୀବନ ବିତାଇବାରେ ଅସୁବିଧା ଭୋଗୁଥିବା ଲୋକଙ୍କୁ ଏହି ଶିବିର ଜରିଆରେ ସହଯୋଗ କରିବା ଲକ୍ଷ୍ୟ ରଖା ଯାଇଛି। କ୍ଷେତରାଜପୁର ମୁଙ୍ଗାପଡ଼ାସ୍ଥିତ ମାରୱାଡି ସେବା ସଦନଠାରେ ଏହି ଶିବିର ଆୟୋଜନ କରାଯିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜସ୍ଥାନ ଜୟପୁରସ୍ଥିତ ବିଜ୍ଜୁ ମହାବୀର କୃତିମ ଅଙ୍ଗ କେନ୍ଦ୍ରର ବିଶେଷଜ୍ଞମାନଙ୍କ ଉପସ୍ଥିତିରେ ପ୍ରଥମ ଦିନ ହାତ ଗୋଡ କିମ୍ବା ଆଙ୍ଗୁଠି ଆଦି ନ ଥିବା ଲୋକଙ୍କ ଶାରୀରିକ ପରୀକ୍ଷା କରାଯାଇ ମାପ ନିଆଯିବ। ଏହାପରେ ମାପ ଅନୁସାରେ ଆବଶ୍ୟକ କୃତ୍ରିମ ଅଙ୍ଗ ତିଆରି କରାଯାଇ ଦ୍ୱିତୀୟ ଦନ ଲୋକଙ୍କୁ ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶିବିରକୁ ଆସିବାକୁ ଥିବା ରୋଗୀ ଏବଂ ସେମାନଙ୍କ ଜଣେ ସହଯୋଗୀଙ୍କ ପାଇଁ ଦୁଇ ଦିନ ମାଗଣାରେ ରହିବା ଏବଂ ଖାଇବା ବ୍ୟବସ୍ଥା ମାରୱାଡି ଯୁବାମଞ୍ଚ ପକ୍ଷରୁ କରାଯାଇଛି। ତେଣୁ କୃତିମ ଅଙ୍ଗ ଆବଶ୍ୟକ କରୁଥିବା ଅସହାୟ ବ୍ୟକ୍ତିମାନେ ଏହି ଶିବିରରେ ସାମିଲ ହେବାକୁ ମାରୱାଡି ସମାଜରର ସଦସ୍ୟମାନେ ଆହ୍ୱାନ କରିଛନ୍ତି। ସମ୍ବଲପୁରରେ ମାରୱାଡି ଯୁବାମଞ୍ଚ ପକ୍ଷରୁ ଷଷ୍ଠଥର ପାଇଁ ଏହି ଭଳି ଶିବିର ଆୟୋଜନ କରାଯାଉଥିବା ବେଳେ ବିଗତ ଶିବିରଗୁଡିକରେ ଶତାଧିକ ଲୋକେ ଉପକୃତ ହୋଇଥିବା ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ମାରୱାଡି ଯୁବାମଞ୍ଚ କ୍ଷେତରାଜପୁର ଶାଖା ସଭାପତି ସଚିନ ଅଗ୍ରୱାଲ, ନବଚେତନା ଶାଖା ସଭାପତି ରୀନା ଭାଲୋଟିଆ, ପୂର୍ବତନ ସଭାପତି ସୋନଲ ତାୟଲ, ସମ୍ବଲପୁର ଉଦୟ ଷ୍ଟାର୍ସ ସଭାପତି ଶିବ ଅଗ୍ରୱାଲ ଏବଂ ପରାଗ ଅଗ୍ରୱାଲ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବୁର୍ଲା ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବିଲି ଉତ୍ସବର ସମୀକ୍ଷା

**ସମ୍ବଲପୁର,୧୦।୫(ପ୍ରମୋଦ ବହିଦାର)**

**ଦିବଂଗତ ପୁରାତନ ଛାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ**

ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୨୦୨୪ ଡିସେମ୍ବରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲି ଉତ୍ସବର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶବିବାର ପୂର୍ବାହ୍ନରେ ପୁରାତନ ଛାତ୍ରସଂଘ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜୁବୁଲି କମିଟିର କର୍ମକର୍ତ୍ତାଙ୍କ ସହିତ ପରାତନ ଛାତ୍ରମନେ ଯୋଗ ଦେଇଥିଲେ। ଏଥିର ଉତ୍ସବ ଅୟୋଜନର ସଫଳତା ସହିତ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସେହିପରି ଉତ୍ସବ ବାବଦକୁ ହୋଇଥିବା ଆୟବ୍ୟୟର ହିସାବ କରାଯାଇଥିଲା। ଏହି ଅବସରରେ ଜୁବୁଲି କମିଟି ଅଧ୍ୟକ୍ଷ ରାଜକିଶୋର ଜାଜୋଡିଆ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ସମୀକ୍ଷା ବୈଠକରେ ପୂରାତନ ଛାତ୍ରସଂଘ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ସୁରେଶ ପଣ୍ଡା, ସମ୍ପାଦକ ଦେବାଶିଷ ନନ୍ଦ, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ, କୋଷାଧ୍ୟକ୍ଷ ନୟନ କୁମାର ନାୟକ, କାର୍ଯ୍ୟାଳୟ ସମ୍ପାଦକ ଅନୁପ ପଣ୍ଡା, କାର୍ଯ୍ୟନିର୍ବାହୀ ସଭାପତି ସୁରିନ୍ଦର ସିଂହ କାବଲି, ଉପଦେଷ୍ଟା ଡ. ବିଜୟ କୃଷ୍ଣ ତ୍ରିପାଠୀ, ଦେବେନ୍ଦ୍ର କପାନୀ, ପ୍ରଦ୍ୟୁମ୍ନ ମିଶ୍ର, ଲକ୍ଷ୍ମୀ ମହାନ୍ତି, ଦିପ୍ତୀକାନ୍ତ ଠାକୁର୍, ସୁଶାନ୍ତ ଗୁରୁ, ପ୍ରଦୀପ ମିଶ୍ର, ଦୀପେନ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ ପ୍ରମୁଖଙ୍କ ସମେତ ପୂରାତନ ଛାତ୍ରସଂଘର ବହୁ ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ଉପଦେଷ୍ଟା ତଥା କାର୍ଯ୍ୟନିର୍ବାହୀ ସଭାପତି ସୁରିନ୍ଦର ସିଂହ କାବଲି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ପୁରାତନ ଛାତ୍ରମାନଙ୍କ ସ୍ମୃତିରେ ୧ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।



ସମୀକ୍ଷା ବୈଠକରେ ଉପସ୍ଥିତ ପୁରାତନ ଛାତ୍ରସଂଘ ଓ ଜୁବୁଲି କମିଟି କର୍ମକର୍ତ୍ତା।

# ୫୫୬ ଫୌଜଦାରି ମାମଲାର ଫଇସଲା

**ସମ୍ବଲପୁର,୧୦।୫(ପ୍ରମୋଦ ବହିଦାର)**



ଅନୁଷ୍ଠିତ ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତି ଶୁଣାଣି କରୁଛନ୍ତି।

**ସମ୍ବଲପୁରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

**ମୋଟରଯାନ ଦୁର୍ଘଟଣା ମାମଲାରେ ୨୯ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଲୋକ ଅଦାଲତରେ ୩ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲାର ସମାଧାନ ହୋଇଥିଲା। ଏବାବଦକୁ ମୋଟ ୨୯ ଲକ୍ଷ ୮୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦିଆଯାଇଛି। ସେହିପରି୧୫ଟି ପରିବାର ସଂକ୍ରାନ୍ତୀୟ ମାମଲା ଏବଂ ୪୦ଟି ଦେୱାନୀ ମକଦ୍ଦମାର ଫଇସଲା କରାଯାଇ ମୋଟ ୨ କୋଟି ୯୮ ଲକ୍ଷ ୪୬ ହଜାର ୫୫୩ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ୫୫୬ଟି ଫୌଜଦାରୀ ମକଦ୍ଦମାର ଫଇସଲା ହୋଇଥିଲା। ସେହିପରି ୬୭ଟି ଏନ୍‌ଆଇ ଆକ୍ଟର ଅଧୀନ ମାମଲାର ଫଇସଲା କରାଯାଇ ମୋଟ ୩କୋଟି ୪୦ ଲକ୍ଷ ୩୬ ହଜାର ୪୪୩ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟ ସହିତ ଅନ୍ୟାନ୍ୟ ବ୍ୟାଙ୍କ ଯୋଗଦେଇ ୭୫ଟି ପ୍ରି-ଲିଟିଗେସନ କେଶର ଫଇସଲା କରି ୧୭ ଲକ୍ଷ ୬ ହଜାର ୩୮ ଟଙ୍କା ଆଦାୟ ହୋଇଛି। ରାଜସ୍ୱ ବିଭାଗ ୮୦୫୭ଟି ମାମଲାର ଫଇସଲା କରାଯାଇ ମୋଟ ୪ ଲକ୍ଷ ୪୨ ହଜାର ୧୩୩ ଟଙ୍କା ଆଦାୟ କରାଯାଇଛି। ଅନୁରୂପଭାବେ ଲୋକ ଉପଯୋଗୀ ସେବା ବିବାଦ ଜନିତ ୫ଟି ମାମଲାର ସମାଧାନ କରାଯାଇ ଉପଭୋକ୍ତାମାନଙ୍କୁ ୧ ଲକ୍ଷ ୧୩ ହଜାର ୮୮୦ ଟଙ୍କାର ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବଲପୁର ଜିଲା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ପ୍ରଜ୍ଞା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦୋଲତରେ ଦ୍ୱିତୀୟ ଏମଏସିଟି ଜଜ ଦୀପ୍ତି ରଞ୍ଜନ କାନୁନଗୋ, ପ୍ରଥମ ଅତିରିକ୍ତ ଜିଲା ଜଜ ଶିବପ୍ରସାଦ ମିଶ୍ର ପ୍ରମୁଖ ବିଭିନ୍ନ ମୋଟର ଦୁର୍ଘଟଣା ଜନିତ ମକଦ୍ଦମାଗୁଡିକର ସମାଧାନ କରିଥିଲେ। ପରିବାର ଅଦାଲତ ଜଜ ରୀନା ଚୌଧୁରୀ ପରିବାର ସମ୍ପର୍କୀୟ ମକଦ୍ଦମାଗୁଡିକର ସମାଧାନ କରିଥିଲେ। ସିଭିଲ ଜଜ ସମାପିକା ମହାନ୍ତି, ସୋମାଲିନା ମିଶ୍ର, ମାନସ ରଞ୍ଜନ ପଧାନ ପ୍ରମୁଖଙ୍କ ସହିତ ଅନ୍ୟାନ ସିଭିଲ ଜଜ ବିଭିନ୍ନ ଦେୱାନୀ ମକଦ୍ଦମାଗୁଡ଼ିକର ଫଇସଲା କରିଥିଲେ। ଏସ୍‌ଡିଜେଏମ୍ ଶୁଭଙ୍କର ମହାପାତ୍ରଙ୍କ ସହିତ ଅନ୍ୟାନ୍ୟ ପ୍ରଥମ ଶ୍ରେଣୀ ଜଜମାନଙ୍କ ଦ୍ୱାରା ବିଭିନ୍ନ ଫୌଜଦାରୀ ମକଦ୍ଦମାଗୁଡିକର ଫଇସଲା କରିଥିଲେ। ସେହିପରି କୁଚିଣ୍ଡା ଓ ରେଢ଼ାଖୋଲରେ ତାଲୁକସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡାଠାରେ ଅତିରିକ୍ତ ଜିଲା ଜଜ ରାଜ କିଶୋର ଲେଙ୍କା ଓ ରେଢ଼ାଖୋଲଠାରେ ଅତିରିକ୍ତ ଜିଲା ଜଜ ପାର୍ଥସାରଥୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ତାଲୁକସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲା ଆଇନ ସେବା ପ୍ରାକରଣ ସମ୍ବଲପୁରର ସଚିବ ସୌମ୍ୟା ପ୍ରଧାନ ଓ ରେଜିଷ୍ଟ୍ରାର ନିହାର ରଞ୍ଜନ ଲେଙ୍କା ରାଷ୍ଟ୍ରୀୟ ଲୋକ ଅଦାଲତକୁ ପରିଚାଳନା କରିଥିଲେ।

# ବାଣ ଗୋଦାମରେ ବିସ୍ଫୋରଣ ଘଟଣା | ଆଖିବୁଜିଲେ ୩ ଗୁରୁତର

ଭଦ୍ରକ,୧୦।୫(ସନାତନ ରାଉତ): ଭଦ୍ରକ ପୌରପାଳିକା ଅଧୀନ ୨୫ ନଂ. ୱାର୍ଡର ହଳଦୀଡିହ ବାଇପାସ୍‌ଠାରେ ବାଣ ଗୋଦାମରେ ବିସ୍ଫୋରଣ ଘଟଣାରେ ଚିକିତ୍ସାଧୀନ ଥିବା ୩ ଗୁରୁତରଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଗୁରୁତର ରଶ୍ମିତା ସେଠୀ(୨୪)ଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ପୂର୍ବାହ୍ନରେ ସୁଲତାନା ବିବି(୪୦) ଓ ଅଫିଆ ବିବି(୩୦) ଆଖି ବୁଜିଛନ୍ତି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ସକାଳେ କୌଣସି କାରଣରୁ ବାଣ ବିସ୍ଫୋରଣ ଘଟି ଗୋଦାମରେ ନିଆଁ ଲାଗିଯାଇଥିଲା। ଗୋଦାମରେ ବାଣ ଭିଡୁଥିବା ଜଣେ ନାବାଳକ ଓ ୪ ମହିଳାଙ୍କ ସମେତ ମୋଟ ୫ ଶ୍ରମିକ ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଥିଲେ। ହଳଦୀଡିହ ଅଞ୍ଚଳର ଏହି ୩ ଜଣଙ୍କ ସମେତ ସେକ୍ ମୁସାରଫ୍(୧୨) ଓ ରହିମୁନ ବିବି ଗୁରୁତର ହୋଇଥିଲେ। ସେହିଦିନ ସନ୍ଧ୍ୟାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେକ୍ ମୁସାରଫ୍ ଓ ରହିମୁନଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଗୁରୁତରଙ୍କୁ ଆଇସିୟୁରେ ରଖାଯାଇଥିଲା।

# ସାନଭାଇ ଠେଙ୍ଗା ମାଡ଼ରେ ବଡ଼ ମୃତ

ନୂଆପଡ଼ା,୧୦।୫ (ମକାରୁ ବେମାଲ)

ନୂଆପଡ଼ା ସଦର ଥାନା ଟାନୱାଟ ଗାଁରେ ଶନିବାର ସାନ ଭାଇ ଠେଙ୍ଗାମାଡରେ ବଡଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁନିଚନ ବିଶ୍ୱାଳ (୪୮)। ଏ ନେଇ ମୃତକଙ୍କ ପତ୍ନୀ କମଲି ବିଶ୍ୱାଳ ନୂଆପଡା ସଦର ଥାନାରେ ସାନଭାଇ ନିମିଚନ ବିଶ୍ୱାଳ (୩୫)ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଟାନୱାଟ ଗାଁର ବଡବନ୍ଧ (ପୋଖରୀ)ର ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି। ପୋଖରୀରୁ ବାହାରୁଥିବା ପଙ୍କକୁ ଟ୍ରାକ୍ଟର ସାହାଯ୍ୟରେ ଅନ୍ୟତ୍ର ପିଙ୍ଗା ଯାଉଛି। ପୁନିଚନ ଟ୍ରାକ୍ଟରରେ ପଙ୍କ ଲୋଡ କରି ଗାଁ ଭିତରେ ନେଉଥିଲେ। ସେହି ସମୟରେ ନିମିଚନଙ୍କ ଘର ଛାତରେ ଟ୍ରାକ୍ଟର ଲାଗି ଯାଇ କେତୋଟି ମାଟି ଖପର ତଳେ ପଡି ଯାଇଥିଲା। ସେଥିରେ ନିମିଚନ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗା ସାହାଯ୍ୟରେ ବଡଭାଇଙ୍କୁ ମାଡ ମାରିବା ସହ ଗାମୁଛା ବେକରେ ଗୁଡାଇ ଘୋଷାରି ନେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଦଳ ଛାନଭିନ କରୁଛନ୍ତି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଘରର ମୁଖିଆ ଚାଲିଯିବା ପରେ ତାଙ୍କ ୨ ଝିଅ,୨ ପୁଅ ଓ ସ୍ତ୍ରୀ କମଲି ଦୁଃଖରେ ଭାଙ୍ଗିପଡିଛନ୍ତି।


## Government of Odisha
## Office of the Chief Construction Engineer
## Rural Works Circle, Bhawanipatna
### NOTICE
**NOTICE INVITING TENDERS FOR REPAIR AND MAINTENANCE OF RURAL ROADS UNDER PMGSY & OTHER SCHEME**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-04/2025-26**

**No.O-127 : The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites** the percentage rate bids in electronic tendering system for construction of roads & bridges under Pradhan Mantri Gram Sadak Yojana in the districts of **Nuapada for 03 (Three)** number of package with estimated cost totalling to **Rs.2.38 Cr (Approximate)** including their maintenance for five years from the eligible contractors registered with **State PWD/ CPWD/MES/ Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement dtd. **15.05.2025.**

**Availability of Bid Documents and mode of submission :** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format, (c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with C.C.E., **R. W. Circle, Bhawanipatna/** Concerned Executive Engineers/ Superintending Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement: 30.05.2025 upto 5.00 P.M.**

For further details please log on to www.pmgsytenders.gov.in

**Sd./- Chief Construction Engineer**
**Rural Works Circle,**
**Bhawanipatna**

**OIPR-25102/11/0018/2526**

## OFFICE OF THE MUNICIPAL COUNCIL: BALANGIR
**Address:- Office of the Balangir Municipal Council, Balangir**
**Opp. of Rajendra Park, Balangir**
**Pin:-767001, Ph.No.:-06652-232720, Email Id:bgrmc1972@gmail.com**
**Letter No.2179** **Date:9.5.25**

**Expression of Interest (EOI) for selection of Mission Shakti Groups for O & M of AAHAAR Kendra & Kitchen of Balangir Municipality**

**No.C-297:** Balangir Municipality invites Expression of Interest (EOI) in the Prescribed Formats (Annexure-I, II & III) in sealed cover from the intending Mission Shakti Groups having the credibility and experience for O & M of Aahaar Kendra & Aahaar Kitchen and Overall management of Aahaar Centre including cooking of meal and the entire responsibilities of Aahaar Programme and bring in better accountability towards the public. The applicants should be under Balangir Municipality Jurisdiction only.

| | | |
|---|---|---|
| 01 | Available of EOI documents in website | 09.05.2025 |
| 02 | Last date and time of submission of EOI | 26.05.2025 (By 1.00 PM) |
| 03 | Date and time of Opening of EOI | 28.05.2025 (10.00 AM) |
| 04 | For downloading the EOI documents and term and Condition of assignment, Please visit the Balangir District Website | https://balangir.odisha.gov.in/ |

The authority reserves right to reject any or all the EOIs without assigning any reason thereof. Any Change/ Correction/ Corrigendum in respect the above shall be placed in Balangir District website.

**Sd./- Executive Officer**
**Balangir Municipality**

**OIPR-13169/11/0055/2526**

## GOVERNMENT OF ODISHA
**No.C-290**
## OFFICE OF THE ADDITIONAL CHIEF ENGINEER, P.H. DIVISION, BALANGIR
Email ID - eephbgr@yahoo.co.in , Ph. No. - (06652-234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACE PH BGR 02/2025-26 Dt. 02.05.2025**

| | | |
|---|---|---|
| 01 | Name of the Work | : 01 Nos. |
| 02 | Estimated Cost | : Rs. 651.36 Lakhs |
| 03 | Period of Completion | : 08 Months |
| 04 | Date & Time of availability of bid document in the portal | : From 11.00 A.M. of dt. 13.05.2025 to 5.00 P.M. of dt. 28.05.2025 |
| 05 | Last date / time of receipt of bids in the portal | : 5 P.M. of dt. 28.05.2025 |
| 06 | Date & Time of opening of Bids | : At 11.00 A.M. of dt. 29.05.2025 |
| 07 | Name and Address of the Officer Inviting Bid | : Addl. Chief Engineer, P.H. Division, Balangir, At - Tulsinagar, Dist. - Balangir-767001 |

**Further details can be seen from the website https://tenders.ori.nic.in or www.tendersodisha.gov.in**

**Sd./- Addl. Chief Engineer**
**P.H. Division, Balangir**

**OIPR-13005/11/0032/2526**

## ZILLA SWASTHYA SAMITI, NAYAGARH
## OFFICE OF THE CDM & PHO-CUM-DISTRICT MISSION DIRECTOR, NAYAGARH
**TENDER CALL NOTICE**
**Adv. No. : 02/2025-26** **Date : 08.05.2025**

**No.E-78** : Sealed tenders are invited from interested & eligible Firm/ Agency for providing Housekeeping Services & Security Services under NIRMAL Scheme on outsource basis at different Govt. Health Institutions in the District Nayagarh. The eligible bidders are requested to submit their documents to the office of the undersigned in the prescribed formats on or before 16th June,2025, by 05.30 P.M. through Regd. Post, Speed post & Courier only. The technical bid of bidders applied for providing House Keeping Services & Security Services will be opened on dated 17/06/2025 at 11.00 A.M. & Dated 17/06/2025 at 12.00 P.M. respectively in the DTU-I, O/O the CDM & PHO, Nayagarh. The details regarding the RFPs are available & downloaded from the district website i.e. http://nayagarh.odisha.gov.in. The undersigned reserves the right to accept or reject any or all the quotations without assigning any reason thereof.

**Sd./- CDM & PHO-cum-District**
**Mission Director, Nayagarh**

**OIPR-10050/11/0005/2526**

## GOVERNMENT OF ODISHA
## e-Procurement Notice, ANGUL (R&B) DIVISION
## Bid Identification No. 05 of 2025-26
**No.B-102**
**e-mail ID - angulrbdivision@yahoo.co.in**

| | | |
|---|---|---|
| 1 | Number of Works | : 02 (Two) number of Electrical works |
| 2 | Approximate estimated cost | : Varies from 6.60 lakh to 44.61 lakh |
| 3 | Period of completion | : 02 (Two) to 03 (Three) Calendar months |
| 4 | Date & Time of availability of bid document in the portal | : **Dt.13.05.2025 at 10.00 A.M.** |
| 5 | Last date / time for receipt of bid in the portal | : **Dt.22.05.2025 up to 5.00 P.M.** |
| 6 | Date of opening Bid | : **Dt.23.05.2025 at 11.00 A.M.** |
| 7 | Name and address of the Office Inviting Bid | : Superintending Engineer, Angul (R&B) Division, Angul |
| 8 | The bidders have to participate in **ONLINE** bidding only. Further details can be seen from the e-procurement portal https:/ tendersodisha.gov.in | |

**Sd./- Superintending Engineer,**
**Angul (R&B) Division**

**OIPR-34074/11/0029/2526**

## OFFICE OF THE MUNICIPAL COUNCIL, DHENKANAL
**DHENKANAL (ODISHA), PIN-759001**
**TEL. NO. 06762-224401 (O), FAX NO.06762-223355**
**E-mail : dhenkanalm.hud@gmail.com**
**No.1719** **Date : 07.05.2025**

### QUOTATION CALL NOTICE
**No.C-282** : Sealed Quotation in plain paper are invited from intending reputed suppliers/firms/Agency from local market, Dhenkanal having valid GST in Registration certificate and PAN number for supply of chairs and tables for the year 2025-26. The quotationer should quote their rates for the following items including cost, conveyance, delivery charges with all taxes etc. The quotation shall be received by Hand/speed post only up to Dt.15.05.2025 upto 12.00 Noon during the office hours. The quotation will be opened on Dt. 16.05.2025 at 10.00 AM in the office of the Undersigned in presence of the quotationers or their authorized agent. In absence of the both quotation can be opened.

The Authority reserves the right to accept or reject the quotation without assigning any reason thereof. The quotationers should mention on the envelop **"Quotation for Supply of Chairs and Table."**

| Sl. No. | Description of the Items | Unit | Price per each including GST |
|---|---|---|---|
| 1. | Supreme Ornate Chair | 1 No. | |
| 2. | Center Table (6' x 3') (Smart Wood) | 1 No. | |
| 3. | Supreme Dream Chair | 1 No. | |
| 4. | Stage dias | 1 No. | |
| 5. | VIP Chairs | 1 No. | |

**Sd./- Executive Officer**
**Dhenkanal Municipality**

**OIPR-13146/11/0031/2526**

## କଟକ ଉନ୍ନୟନ କର୍ତ୍ତୃପକ୍ଷ
**CDA**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
### ସୂଚନା

No.CAD-363:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ପେରିଫେରି ମାର୍କେଟ କଂପ୍ଲେକ୍ସ, ବକ୍ସିବଜାର ସ୍ଥିତ ଦୋକାନ ଘର ନଂ. D/29 (ପ୍ରଥମ ମହଲା) ଟିକୁ ଡକ୍ଟର ସିଦ୍ଧାର୍ଥ ଦାସ (HUF), ପିତା-ସ୍ୱର୍ଗତ ବିକ୍ରମ ଦାସ, ସା-ଦାସ ଭିଲା (ମେନ୍ ରୋଡ), ପୋ/ଥାନା-ଦରଘା ବଜାର, ଜିଲ୍ଲା-କଟକ, ରାଜ୍ୟ-ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ବର୍ତ୍ତମାନ ଉକ୍ତ ଦୋକାନ ଗୃହକୁ ଡକ୍ଟର ସିଦ୍ଧାର୍ଥ ଦାସ (HUF) ତୃତୀୟପକ୍ଷ ପରିବର୍ତ୍ତନ ସୂତ୍ରରେ ଭବାନୀ ଶଙ୍କର ସାହୁ, ପିତା-ସ୍ୱର୍ଗତ ସୁରେନ୍ଦ୍ର କୁମାର ସାହୁ, ଚାଉଳିଆଗଞ୍ଜ, ପୋଷ୍ଟ-ନୟାବଜାର, ଥାନା-ଚାଉଳିଆଗଞ୍ଜ, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**OIPR-13037/11/0251/2526** ସ୍ୱା./-ସଚିବ

## GOVERNMENT OF ODISHA
## STEEL & MINES DEPARTMENT
## DIRECTORATE OF MINES & GEOLOGY
Heads of Department Building, Unit-V, Bhubaneswar-751001
**Tel. No.: 0674-2391537, Fax: 0674-2391684,**
**E-mail ID : dir.mines@orissaminerals.gov.in**
### TENDER CALL NOTICE
**No.G-16** : The Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001, invites Sealed Tender on behalf of the Governor of Odisha, in two bid system (Technical bid and Price bid) from reputed Firms/ Agencies, fulfilling the eligibility criteria to take up mineral exploration for **"Core Drilling & Allied Exploration Work in Kalychochra Bauxite Block in Rayagada district of Odisha" during the year 2024-2025** which is an approved project of NMET, Govt. of India.

The detail Tender Document shall be available in the Departmental Website **http://www.odishaminerals.gov.in**. There will be no manual sale of Tender document. Interested Firms/ Agencies are requested to download the Tender Document from the website.

A Pre Bid meeting shall be conducted on **17.05.2025 at 11.00 A.M.** in the Conference Hall of this Directorate of Mines & Geology, Odisha, Bhubaneswar, to clear up any confusion regarding tender details, scope of participation, solicitation of documents and any other specific matter if any.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**

The Director of Mines & Geology, Odisha, reserves the right to accept / reject any/all EOIs / Cancel the entire selection process at any stage without assigning any reason thereof.

| The Important dates | | |
|---|---|---|
| 1. | Date of Commencement of Process | : 10.05.2025 / 10.00 A.M. |
| 2. | Pre-Bid Conference | : 17.05.2025 / 11.00 A.M. |
| 3. | Closing date of Submission of EOI | : 31.05.2025 / 5.30 P.M. |
| 4. | Date of Opening of Tender | : 02.06.2025 / 11.00 A.M. |

**Sd./ Director of Mines & Geology,**
**Odisha**

**OIPR-30028/11/0014/2526**

## GOVERNMENT OF ODISHA
## OFFICE OF THE EXECUTIVE ENGINEER, NATIONAL HIGHWAY DIVISION, KESINGA
At/Po-Kesinga, Dist.-Kalahandi (Odisha), Pin-7660012, E-mail-eenh.ksng@gmail.com
**BID IDENTIFICATION No. EENHKSNG-Online-02/2025-26**
**No.1091/Dated 07.05.2025**
**No.b-03**
### E-procurement notice

| | | | |
|---|---|---|---|
| 1. | The Executive Engineer, National Highway Division, Kesinga on behalf of Governor of Odisha, invites Percentage Rate bids in **Double cover System** in ONLINE MODE | | |
| 2. | No. of works | : | **01 (One) No** |
| 3. | Tender Cost | : | Rs. 10,000/- Each paper |
| 4. | Class of Contractor | : | **'B' Class Contractor** |
| 5. | Availability of bid document in the website | : | **11:00 Hours 17.05.2025 to of 17:00 Hours of 06.06.2025** |
| 6. | Date of Opening of Tenders | : | **09.06.2025 11:30 Hours** on dated |
| 7. | The Bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only. Any Corrigendum/ Addendum/cancellation of tender will be displayed in the website said only. | | |
| 8. | **Authority reserves the right to reject any or all the tenders without assigning any reason thereof.** | | |
| 9. | **Any Changes of rule or addition by the Govt. time to time will be inplementation as per Govt. Notification.** | | |

**Sd./- Superintending Engineer**
**N.H. Division, Kesinga**

**OIPR-34018/11/0003/2526**

**idco | ODISHA NEW OPPORTUNITIES**

File No. HO/P&C/EST/E-2903/01/2025/13109 **Date : 05.05.2025**

### BID IDENTIFICATION NO - P&C / EST/E -11/ 2025-26
**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

**No.CAD-342** : Odisha Industrial Infrastructure Development Corporation (IDCO) invites technical and financial proposals from reputed Facility Management Services/ Operation & Maintenance agencies having experience in comprehensive facility and mess management/ operation & maintenance for **"Selection of Agency for Providing Comprehensive Facility and Mess Management Services for Workers' Hostels at various locations under IDCO"**. The detailed Request for Proposal (RFP) document can be downloaded from e-procurement portal of Govt. of Odisha from **5 P.M. of dt. 13/05/2025 to 5 P.M. of dt.31/05/2025**. A pre bid meeting shall be held on **dt 20/05/2025 at 11:30 A.M. in Board Room, IDCO Tower, Janpath, Bhubaneswar**. Interested applicants are requested to send their queries by **dt.19/05/2025 by 4 P.M.** in the email id (cgmpc@idco.in / pmu@idco.in ). The last date of receipt of technical bids through e-procurement portal of Govt. of Odisha is **dt.31/05/2025 till 5 P.M.**

The cost of bid document is **Rs. 11,800/- and EMD amount is Rs.10,00,000.00**. The technical bids will be opened online on **dt.02/06/2025 at 11.30 A.M.** IDCO has the right to accept or reject the Notice / RFP without assigning any reasons thereof.

**OIPR-14003/11/0150/2526** **Sd./- Chief General Manager (P&C)**

## ODISHA HYDRO POWER CORPORATION LTD.
**OHPC**
CIN: U40101OR1995SGC003963
(A Govt. of Odisha Undertaking)
## OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, BARINIPUT
P.O.-BARINIPUT, PIN-764006, DIST-KORAPUT (ODISHA)
WEB:www.ohpcltd.com, PHONE:(06854)242001, Email:sgmel_ukhep@ohpcltd.com
No.OHPC/UKHEP/SGM/HR/2213 Date:08.05.2025

### ADVERTISEMENT
**ENGAGEMENT OF ASSISTANT TEACHERS(MCT)/ ASSISTANT TEACHERS(TGT) ARTS/ SCIENCE AND PET ON CONTRACTUAL BASIS**

**No.CAD-368:**Applications are invited from the intending eligible candidates for engagement as Assistant Teachers (MCT)/ (TGT) Science/Arts and PET purely on contractual basis in Project High School, Bariniput and Kabi Surya M.E. School, Mundiguda, Koraput functioning under Odisha Hydro Power Corporation as follows.

| Name of Post | Nos. of Post | Consolidated Remuneration | Last Date of Receipt of Application |
|---|---|---|---|
| Asst.Teacher(TGT) Arts | 02 | Rs.26400/- | 30.05.2025 |
| Asst.Teacher(TGT) Science-CBZ | 01 | Rs.26400/- | |
| Asst. Teacher (MCT) | 06 | Rs.21300/- | |
| PET | 01 | Rs.21300/- | |

For further details please visit our website www.ohpcltd.com

**OIPR-04002/11/0083/2526** **Sd./- Unit Head, UKHEP, Bariniput**

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
E-mail ID : cebuildings_orissa@yahoo.co.in, cebuildings@rediffmail.com,
Tel. - (0674)-2391523
**No.B-110**
### INVITATION FOR BIDS (IFB)
**File No. B-IV-(F/D)-01/2016 Lr. No. 18609 /Bhubaneswar, dtd. 8th May, 2025**
**Invitations for Bids**
**1st Corrigendum**
### Bid Identification No. C.E.(B) - 04/2025-26

Name of the Work - Construction of New Banijyakar Bhawan at Chandrasekharpur, Bhubaneswar on Turnkey Basis in the state of Odisha.

The following changes have been made in Bid Identification No. C.E. (B) - 04/2025-26

Bid documents can be seen / downloaded from the Govt. Website i.e. www.tendersorissa.gov.in, during the period dt.22.05.2025 to 17.30 hours of dt.12.06.2025 instead of dt.08.05.2025 to 17.30 Hours of dt.29.05.2025 for ONLINE BIDDING respectively.

1. A pre-bid meeting shall be held on dt.02.06.2025 at 11:30 AM at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of dt.19.05.2025
2. Online bids shall be received till 17.30 Hours of dt.12.06.2025 instead of dt.29.05.2025.
3. Hardcopy shall be received on or before dt.19.06.2025 up to 17.30 Hours by this office instead of dt.05.06.2025.
4. The technical bids will be opened at 11.30 A.M. of dt.20.06.2025 instead of dt.06.06.2025. All other terms and conditions remain unchanged.

**Sd./- Chief Engineer-cum-Addl.**
**Secretary to Govt.,**
**Works Department, Odisha**

**OIPR-34117/11/0092/2526**

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION: RAYAGADA
e-mail ID:rw_rayagada@yahoo.co.in
**Letter No.1830, Date:08.05.2025**
**1st Corrigendum**

No.O-144:In continuation to this office Bid Identification No. EERWRGD-Online-11/2024-25 this office letter No.1013, dated 01.03.2025 partial modification of TCN has been made as follows.

| Sl.No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 11.03.2025 at 11.00 AM to 25.03.2025 upto 5.00 PM | 09.05.2025 at 11.00 AM to 23.05.2025 upto 5.00 PM |
| 2 | Date & Time of Opening Tender | 25.03.2025 at 5.30 PM | 23.05.2025 at 5.30 PM |

| Sl. No. | Sl.No. work | Estimated Cost as per original TCN (Rs. in Lakh) | Revised Estimated cost as per corrigendum notice (Rs. in Lakh) | EMD Cost as per Original TCN | Required EMD cost as per corrigendum Notice |
|---|---|---|---|---|---|
| 1 | 5 | 58.83 | 56.92 | Rs.58,830/- | Rs.56,920/- |

**Sl.No. of Work 1 to 4 is hereby cancelled due to unavoidable circumstances.**
**All other terms and conditions remain unchanged.**

**Sd./- Executive Engineer**
**Rural Works Division, Rayagada**

**OIPR-25072/11/0021/2526**

## GOVERNMENT OF ODISHA
**No.O-140:**
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
**No.2385 , Date 07.05.2025**
### Corrigendum
**1st Corrigendum to Bid Identification No. Tender-Online-C.C.10 of 2025, Dated 28.04.2025 invited vide this office Lr.No. 2153, dated 28.04.2025**

The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C-10 of 2025 Dt.28.04.2025 issued vide this office Lr.No.2153, Dt.28.04.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | Date & Time of opening of Tender | |
|---|---|---|---|---|
| | | Upto | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online- C.C. 10 of 2025 | 13.05.2025 upto 5.00 PM | 14.05.2025 at 11.00 A.M. | To be intimated later on |

**All other conditions remain unaltered.**

**OIPR-25194/11/0043/2526** **Sd./- Chief Construction Engineer, Central Rural Works Circle, Bhubaneswar**

**idco | ODISHA NEW OPPORTUNITIES**

**No. HO/P&C/EST/E-2859/01/2025/12669** **Date : 02.05.2025**

### Invitation for Bids
### BID IDENTIFICATION NO - P&C / EST/E -09/ 2025-26

**No.CAD-374** : Odisha Industrial Infrastructure Development Corporation (IDCO) invites Proposals from reputed and experienced Agencies/Firms/ Companies for the work "Site investigation, Concept Development based on statutory norms, Architectural Drawings, Technical Drawings (Structural, PH, MEP, HVAC), Site Development, Procurement and Execution of 4000 bedded Workers' Hostel at Kalibeti, Khordha. (on Turnkey basis)" till handover of the project"*

| Sl. No. | Name of Work | Processing Fee | Period of completion | Class of contractor |
|---|---|---|---|---|
| 1 | 2 | 3 | 4 | 5 |
| 1. | "Site Investigation, Concept Development based on statutory norms, Architectural Drawings, Technical Drawings (Structural, PH, MEP, HVAC), Site Development, Procurement and Execution of 4000 bedded Workers' Hostel at Kalibeti, Khordha. (on Turnkey basis)" till handover of the project"* | Rs.11,800/- (On-Line) | 24 (Twenty Four) Calendar Months | "Super" Class Contractors of PWD & Equivalent Class of other Departments |

*Note-I : Earnest Money Deposit will be applicable as per prevailing circular of Govt. of Odisha at the time of bidding.

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the web-site www.tendersodisha.gov.in from **5 P.M. of Dt.14.05.2025 to Dt.16.06.2025**

**OIPR-14003/11/0152/2526** **Sd./- Chief General Manager (P&C)**

## ODISHA CONSTRUCTION CORPORATION LIMITED, BHUBANESWAR,ODISHA
**PIN:751012, Tel No.(0674) 2562020, e-Mail:theoccltd@odishaconstruction.com**
**GSTIN:21AAACO2571K2ZM**
### "e"-Procurement Notice No.-06/OCCL/2025-26 (on-line)
**No.CAD-344:On-line tender is invited for the following consultancy work from the prospective bidders.**

| Sl. No. | Name of Work | Bid Identification No. | Approx. value of work (Rs. in Cr.) | Bid Security (through on-line transfer/ as per DTCN) (in Rs.) | Period of Completion | Availability & Submission of tender of Tender (on-line) |
|---|---|---|---|---|---|---|
| 1 | Preparation of Detailed Project Report (DPR) basing on the approved conceptual drawings & designs which includes LS, CS of river, soil report, detail architectual & structural drawings of each component including cost estimates as per Govt. of Odisha S/R, preparation of tender documents for invitation of online tender and provide consultancy services during execution from time to time. | OCCL-SMP/01/ 25-26 | NA | Rs.3,00,000/- | 06 (Six) Calendar Months (for DPR) | From 15.05.2025, 03.30 PM to 13.06.2025, 5.30 PM |

Procurement Officer: Managing Director, OCCL
Date of Opening of the Tender : **16.06.2025, 12.00 Noon onwards**
Further details can be seen from the e-Procurement Portal:https://www.tendersodisha.gov.in

**OIPR-34176/11/0029/2526** **Sd./- Managing Director**

## GOVERNMENT OF ODISHA
e-mail:serw_ctc@yahoo.com
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK
### No.Tender Online RWC-07/2025 Letter No.1662, Date:02.05.25
### e-Procurement Notice

**No.O-137:**1.Name of the Work: Construction of Road Works. 2. Class of Contractor: c) Estimated cost more than Rs.6.00 Crore & upto Rs.50.00 Crore: Special Class (of Odisha PWD) & relevant class of other licensing authorities. d) Estimated cost more than Rs.1.00 Crore & upto Rs.20.00 Crore: A Class (of Odisha PWD) & relevant class of other licensing authorities. c) Estimated cost more than Rs.20.00 Lakh & upto Rs.3.00 Crore: B Class (of Odisha PWD) & relevant class of other licensing authorities. 3. Time for completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC- 07/25 | 17.05.2025 at 11.30 A.M. | 06.06.2025 upto 5.00 P.M. | 06.06.2025 upto 02.00 P.M. | 09.06.2025 at 11.30 A.M. | Will be intimated later |

Further details can be seen from the website: **www.tendersodisha.gov.in.**

**Sd./- Chief Construction Engineer,**
**Rural Works Circle, Cuttack**

**OIPR-25097/11/0019/2526**

## ODISHA CONSTRUCTION CORPORATION LIMITED
**BHUBANESWAR, ODISHA, PIN-751012, Tel.No.(0674) 2562020**
**No.CAD-345:** **e-Mail:theoccltd@odishaconstruction.com, GSTIN-21AAACO2571K2ZM**
### "e"-Procurement Notice No.05/OCCL/2025-26 (online)

Online tenders are invited from eligible ORSAC empanelled UAV/Drone Survey Agencies for undertaking LIDAR Survey of Minor Irrigation Tanks under OIIPCRA through ORSAC empanelled Agencies following Standard Operating Procedure for execution of the following works:

| Sl. No. | Name of Work | Block/ District | Bid Identification No. | Bid Security (through online transfer only (in Rs.) | Period of Completion | Availability & Submission of tender of Tender (On-line) |
|---|---|---|---|---|---|---|
| 01 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-I) | Khallikote, Polasara, Kodala, Chatrapur and Ganjam blocks of Ganjam District | OCCL-LIDAR_10/ 2025-26 | Rs.45,000/- | 01 (One) Year | From 09.05.2025 10.00 AM to 09.06.2025, 3.00 PM |
| 02 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-II) | Digapahandi, Sanakhemundi, Seragada, Hinjili, Kukudakhandi, Kabisuryanagar, Purushottampur Block of Ganjam District and Mohana Block of Gajapati District | OCCL-LIDAR_11/ 2025-26 | Rs.40,000/- | 01 (One) Year | |
| 03 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-III) | Dharakote, Sorada, Bhanjanagar, Belaguntha, Aska, Jagannathprasad and Buguda Block of Ganjam District | OCCL-LIDAR_12/ 2025-26 | Rs.45,000/- | 01 (One) Year | |
| 04 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-IV) | Bangiriposhi, Barasahi, Baripada, Betnoti, Bisoi, Gopabandhunagar, Kaptipada, Morada, Somakhunta, Saraskana, Udala of Mayurbhanj District and Nilagiri block of Balasore District | OCCL-LIDAR_13/ 2025-26 | Rs.30,000/- | 01 (One) Year | |
| 05 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-V) | Bijatala, Jashipur, Karanjia, Rairangpur, Raruan, Sukruli, Thakurmunda and Kuliana block of Mayurbhanj District | OCCL-LIDAR_14/ 2025-26 | Rs.20,000/- | 01 (One) Year | |
| 06 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-VI) | Bhawanipatna, Golamunda, Junagarh, Kesinga, Narla blocks of Kalahandi district and Chandahandi, Umerkote and Raighar blocks of Nabarangpur District | OCCL-LIDAR_15/ 2025-26 | Rs.15,000/- | 01 (One) Year | |
| 07 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-VII) | Ambabhona, Ghaisilet, Padampur and Paikamal blocks of Baragarh District | OCCL-LIDAR_16/ 2025-26 | Rs.10,000/- | 01 (One) Year | |
| 08 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-VIII) | Anandpur, Bansapal, Champua, Jashipur, Ghatagaon, Harichandanpur, Hatadihi, Jhumpura, Joda and Patna blocks of Keonjhar district | OCCL-LIDAR_17/ 2025-26 | Rs.20,000/- | 01 (One) Year | |
| 09 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-IX) | Bongamunda, Belpara, Gudvela, Khaprakhol, Lohisinga, Patnagarh,Puintala, Titilagarh blocks of Balangir District and Tarabha of Subarnapur district and Kantamal block of Boudh District. | OCCL-LIDAR_18/ 2025-26 | Rs.20,000/- | 01 (One) Year | |

Procurement Officer : Managing Director, OCCL, Unit-VIII, Gopabandhunagar
Date of Opening of the Tender: **09.06.2025, 03.30 onwards**
Further details can be seen from the e-Procurement portal: https://dowrodisha.gov.in, https://octdms.in, https://odishaconstruction.com

**OIPR-34176/11/0030/2526** **Sd./- Managing Director**

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ଓଡିଟିଇପି ଯୋଜନା ସମ୍ପ୍ରସାରଣକୁ ଫିକିର ଅନୁରୋଧ

**ଭୁବନେଶ୍ୱର,୧୦।୫ (ଅଭୟ ଦାଶ)**

ବର୍ତ୍ତମାନ ସମୟରେ ରପ୍ତାନୀ ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆର୍‌ଓଡିଟିଇପି) ଯୋଜନା ସମ୍ପ୍ରସାରଣକୁ ବଢ଼ାଇବା ପାଇଁ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସରକାରଙ୍କୁ ଅନୁରୋଧ କରିଛି। ଏପରିକି ଫିକି ଆନୁଷ୍ଠାନିକ ଭାବେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟକୁ ଚିଠି ଲେଖି ଅଗ୍ରିମ ପ୍ରାଧିକରଣ (ଏଏ), ରପ୍ତାନୀଭିତ୍ତିକ ୟୁନିଟ୍ (ଇଓୟୁଏସ୍) ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସ୍‌ଇଜେଡ୍) ଅଧୀନରେ କାର୍ଯ୍ୟ କରୁଥିବା ୟୁନିଟ୍‌ଗୁଡ଼ିକ ପାଇଁ ରପ୍ତାନୀ ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆର୍‌ଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବା ପାଇଁ ଆବେଦନ କରିଛି। ବାଣିଜ୍ୟ ମନ୍ତ୍ରଣାଳୟକୁ ଲେଖିଥିବା ଏକ ଚିଠିରେ ଫିକି ଏହି ରପ୍ତାନୀମୁଖୀ ଜୋନ୍‌ଗୁଡ଼ିକରେ ଆଧାରିତ ୟୁନିଟ୍ ପାଇଁ ୨୦୨୫ ଫେବୃଆରୀ ୫ପରେ ଆର୍‌ଓଡିଟିଇପି ଲାଭ ବନ୍ଦ ହେବା ଉପରେ ଚିନ୍ତା ପ୍ରକଟ କରିଛି ଏବଂ ମନ୍ତ୍ରଣାଳୟକୁ ଅତି କମ୍‌ରେ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏକ ବୃଦ୍ଧି ବିଜ୍ଞପ୍ତିକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛି। ପ୍ରଚଳିତ ବିଶ୍ୱ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଫିକି ଭାରତୀୟ ଉତ୍ପାଦନର ମୂଲ୍ୟ ପ୍ରତିଯୋଗିତା ବଜାୟ ରଖିବା ଏବଂ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସମାନ କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଯୋଜନା ଅଧୀନରେ ଏଏ/ଇଓୟୁ/ଏସ୍‌ଇଜେଡ୍ ୟୁନିଟ୍‌ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଜାରି ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ଫିକିର ପ୍ରତିନିଧିତ୍ୱ ଭାରତୀୟ ଖଣିଜ ଶିଳ୍ପ ଫେଡେରେଶନ (ଫିମି) ଏବଂ ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ (ଏଏଆଇ) ଭଳି ଶୀର୍ଷ ଶିଳ୍ପ ସଂସ୍ଥା ଦ୍ୱାରା ସମ୍ପ୍ରତି କରାଯାଇଥିବା ସମାନ ଉପସ୍ଥାପନା ପରେ ଆସିଛି, ଯାହା ବିଶ୍ୱ ବାଣିଜ୍ୟ ବିଷୟରେ ବ୍ୟାପକ ଶିଳ୍ପ ଆଶଙ୍କାକୁ ପ୍ରତିଫଳିତ କରିଥାଏ। ୨୦ବିଲିୟନ ଡଲାରରୁ ଅଧିକ ନିବେଶ ସହ ଆଲୁମିନିୟମ ଭାରତର ଶିଳ୍ପ ଦୃଶ୍ୟପଟରେ ଏକ ପ୍ରମୁଖ ଶିଳ୍ପ ପାଲଟିଛି, ଯାହା ଭାରତକୁ ବିଶ୍ୱର ଦ୍ୱିତୀୟ ବୃହତ୍ ଆଲୁମିନିୟମ ଉତ୍ପାଦକ କରିଥାଏ। ପୂର୍ବରୁ ଫିମି ଏହାର ପ୍ରତିନିଧିତ୍ୱରେ ଉଲ୍ଲେଖ କରିଥିଲା। ଭାରତର ପ୍ରାୟ ୪୫% ଆଲୁମିନିୟମ ରପ୍ତାନି ଏଏ/ଇଓୟୁ/ଏସ୍‌ଇଜେଡ୍‌ସ୍ଥାନଗୁଡ଼ିକରେ ଅବସ୍ଥିତ ୟୁନିଟ୍‌ଗୁଡ଼ିକରୁ ଆସିଥାଏ। ଆର୍‌ଓଡିଟିଇପି ସମର୍ଥନ ପ୍ରତ୍ୟାହାର କରିବା ଭାରତୀୟ ନିର୍ମାତାମାନଙ୍କର ସେମାନଙ୍କର ବିଶ୍ୱସ୍ତରୀୟ ସାଥୀମାନଙ୍କ ସହ ପ୍ରତିଯୋଗିତା କରିବାର କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦୁର୍ବଳ କରିଥାଏ। କାରଣ ଏମ୍ବେଡେଡ୍ କର ଏବଂ ଶୁଳ୍କ, ଯାହା ଆଲୁମିନିୟମ ଉତ୍ପାଦନ ଖର୍ଚ୍ଚର ୧୦% ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ, ଅକ୍ଷୁଣ୍ଣ ଏବଂ ସମାଧାନ ହେବ ନାହିଁ।

# ୟୁବିଆଇର ମେଗା କୃଷି ଆଉଟ୍‌ରିଚ୍ ପ୍ରୋଗ୍ରାମ

**ଭୁବନେଶ୍ୱର,୧୦।୫**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ ପ୍ରୋଗ୍ରାମର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁବିଆଇ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏକ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ ପ୍ରୋଗ୍ରାମ କେନ୍ଦ୍ରାପଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ରେଡିଟ୍ ମୁଖ୍ୟ ହରେକୃଷ୍ଣ ସାହୁ, କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଶାଖାଗୁଡ଼ିକର ଶାଖା ମୁଖ୍ୟଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ନେଇ ଷଡ଼ଙ୍ଗୀ ଏବଂ ସାହୁ ବ୍ୟାଙ୍କର କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ ପ୍ରୋଗ୍ରାମ ବିଷୟରେ ସୂଚନା ପ୍ରଦାନ କରିବା ସହ ବର୍ତ୍ତମାନ ଓ ଆଗ୍ରହୀ ଗ୍ରାହକମାନଙ୍କ ନିକଟରେ ପହଞ୍ଚି ବିଭିନ୍ନ ସରକାରୀ ପ୍ରାୟୋଜିତ ଯୋଜନା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ସେହିଭଳି ୟୁବିଆଇର ଅଧିକାରୀମାନେ ବିଭିନ୍ନ କୃଷି ଅଭିବୃଦ୍ଧି ଯୋଜନା ଏବଂ ଏହାର ସୁବିଧା ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ପରିଶେଷରେ ୩୨ଟି ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗଦେଇଥିଲେ।

# ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ରୂପାନ୍ତରଣ

**ଭୁବନେଶ୍ୱର,୧୦।୫**

ଓଡ଼ିଶା ବିଧାନସଭା ଦ୍ୱାରା ଗଠିତ ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି-ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଲକ୍ଷ୍ୟ ହେଉଛି, ଓଡ଼ିଶା ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା। ଷ୍ଟାଣ୍ଡିଂ କମିଟି-ଏକ୍ସ (୨୦୨୫-୨୬)ର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧିଦଳରେ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ ଦିବ୍ୟଶଙ୍କର ମିଶ୍ର ଏବଂ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲ୍‌ର ନେତୃତ୍ୱ ଦଳ ମଧ୍ୟ ଉପସ୍ଥିତ ଥିଲେ।

ଟିପିସିଓଡିଏଲ୍ ଅଧିକାରୀମାନେ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଣ୍ଟ୍ରୋଲ ଓ ଡାଟା ଆକ୍ୱିଜିସନ୍ (ସ୍କାଡା) ପ୍ଲାଟ୍‌ଫର୍ମ କିଭଳି ବିଦ୍ୟୁତ୍ ନେଟ୍‌ୱର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହ ବୁଦ୍ଧିମତ୍ତାର ସହ ତ୍ରୁଟିକୁ ଅଲଗା ଏବଂ ଗ୍ରୀଡ୍ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛି, ତାହା ବୁଲି ଦେଖାଇଥିଲେ।

# ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏସ୍‌ଏଲ୍‌ଡିସି ପରିଦର୍ଶନ



ଏସ୍‌ଏଲ୍‌ଡିସି ପରିଦର୍ଶନରେ ଆସିଥିବା ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୦।୫**

ଓଡ଼ିଶା ବିଧାନସଭା ଦ୍ୱାରା ଗଠିତ ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି -ଏକ୍ସର ପ୍ରତିନିଧି ଦଳ ଶନିବାର ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରାଜ୍ୟ ଭାର ପ୍ରେରଣ କେନ୍ଦ୍ର (ଏସ୍‌ଏଲ୍‌ଡିସି) ପରିଦର୍ଶନ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ବିଧାୟକ ସରୋଜ କୁମାର ପ୍ରଧାନ ଓ ବିଧାୟକ ରମେଶ ଚନ୍ଦ୍ର ବେହେରା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ଏବଂ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ, ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର ନିର୍ଦ୍ଦେଶକ,ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର ନିର୍ଦ୍ଦେଶକ କମିଟି ସଦସ୍ୟମାନଙ୍କୁ ଜରୁରିକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିରେ ମୁକାବିଲା କରିବାକୁ ଏହି କେନ୍ଦ୍ରରେ କିପରି ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ବିଧାୟକ ସ୍ୱାଇଁ ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର କାର୍ଯ୍ୟକୁଶଳତାକୁ ଉଚ୍ଚ ପ୍ରଶଂସା କରିଥିଲେ।

# ବାର୍ଷିକ ୧୮.୮୨% ଅଭିବୃଦ୍ଧି

**ଭୁବନେଶ୍ୱର,୧୦।୫**

କ୍ରମାଗତ ଭାବେ ଏଚ୍‌ଡିଏଫ୍‌ସି ଫ୍ଲେକ୍ସି କ୍ୟାପ୍ ଫଣ୍ଡର କାରବାର ବୃଦ୍ଧି ପାଉଥିଲାବେଳେ ଏହାର ଅତୁଳନୀୟ ପ୍ରଦର୍ଶନୀ ମଧ୍ୟ ଜାରି ରହିଛି। ଏପରିକି ଏହା ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ଫଣ୍ଡ ହୋଇଥିଲାବେଳେ ନିବେଶକମାନଙ୍କୁ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟିରେ ବେଶ୍ ସହାୟକ ହୋଇଛି। ଲାର୍ଜ କ୍ୟାପ୍, ମିଡ୍ କ୍ୟାପ ଓ ସ୍ମଲ କ୍ୟାପ ଷ୍ଟକ୍‌ରେ ନିବେଶ ଜାରି ରହିଛି। ୧୯୯୧ ଜାନୁଆରୀ ୧ରେ ଏହାର ଶୁଭାରମ୍ଭ ହୋଇଥିଲା। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଏହା ଚକ୍ରବୃଦ୍ଧି ହାରରେ ବାର୍ଷିକ ୧୮.୮୨% ଅଭିବୃଦ୍ଧି ପ୍ରଦାନ କରିଛି। ଶୁଭାରମ୍ଭରେ ନିବେଶ ହୋଇଥିବା ୧ଲକ୍ଷ ଟଙ୍କା ବର୍ତ୍ତମାନ ୧.୮୪ କୋଟି ଟଙ୍କାରେ ପରିଣତ ହୋଇଛି, ଯାହା ନିଫ୍ଟି ୫୦୦ ଟିଆର୍‌ଆଇ ସମାନ ନିବେଶ ଉପରେ ପ୍ରଦାନ କରିଥିବା ୧.୫୧କୋଟି ଟଙ୍କାର ରିଟର୍ନ ତୁଳନାରେ ଅଧିକ ବୋଲି କୁହାଯାଉଛି। ଏଚ୍‌ଡିଏଫ୍‌ସି ଏଏମ୍‌ସିର ଏମ୍‌ଡି ତଥା ସିଇଓ ନବନୀତ ମୁନୋଟ କହିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ଏଚ୍‌ଡିଏଫ୍‌ସି ଫ୍ଲେକ୍ସି କ୍ୟାପର ଯାତ୍ରା ଶୃଙ୍ଖଳିତ ନିବେଶ ଦର୍ଶନ ଏବଂ ନିବେଶକ ସମ୍ପତ୍ତି ସୃଷ୍ଟିକରିବା ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରମାଣ ପାଲଟିଛି।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିଧି ମହାନନ୍ଦ**
ଆବିର୍ଭାବ: ୦୧।୦୧।୧୯୫୫
ତିରୋଧାନ: ୩୦।୦୪।୨୦୨୫
ନୂଆପଡ଼ା, ତୁଷରା, ଜିଲ୍ଲା: ବଲାଙ୍ଗୀର

ହେ ପୂଜ୍ୟ, ଆଜି (୧୧।୦୫।୨୦୨୫) ପବିତ୍ର ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ। ଆପଣଙ୍କ ଅନାବିଳ ଶ୍ରଦ୍ଧା, ସସ୍ନେହ, ଭଲପାଇବା ଓ ଆଶୀର୍ବାଦ ଥିଲା, ଅଛି ଓ ସବୁଦିନ ରହିଥିବ। ଆପଣଙ୍କୁ କୋଟି ପ୍ରଣାମ।

ଶୋକସନ୍ତପ୍ତ:- ସ୍ତ୍ରୀ: ବନିତା, ପୁଅ: ସରୋଜ ମହାନନ୍ଦ, ମନୋଜ ମହାନନ୍ଦ (କେନ୍ଦ୍ରୀୟ ରାସ୍ତା ଓ କୋଠା ସର୍କଲ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଭୁବନେଶ୍ୱର), ନରେଶ ମହାନନ୍ଦ, ବୋହୂ, ଝିଅ ସସ୍ମିତା, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୪୯୪



# Classified Everyday
0674-2580101, 9692975378



**MATRIMONIAL**

**BRIDE WANTD**

Brahmin Boy 1993, 5'11", MBA Serving Bhubaneswar, Monthly 60,000/- "Sunasansar"-9937512659. D-76267

Teli Boy 1992, 5'5", +2, dving Business Monthly 30,000/- "Sunasansar"-9937512659. D-76268

**GROOM WANTED**

47 ବର୍ଷ SBI BANK ରେ କାର୍ଯ୍ୟରତ, ବିବାହଯୋଗ୍ୟ ବ୍ୟକ୍ତି ଯୋଗାଯୋଗ କରନ୍ତୁ- 8455853154. D-491



**REAL ESTATE SALE**

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

3BHK flat with 3 Bathrooms, SBA (1750sqft.) 2nd floor, Eastfacing, near Basudev Wood, Saheed Nagar, Bhubaneswar, @price: 1.79Cr. Contact: 9937936471, 9938849650. D-76056

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

Lodge/ Resort/ Cottage at Puri @ 15Lakhs & Sandalwood Farming Project @3Lakhs. 8917622925. D-482



**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**GENERAL SALE**

**Whole sale paper plate & danna For Buffet, Phulanankhara, Cuttack. 7809525452.** D-74651




Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

**1000sqft. Office on rent at Jayadev Vihar Square @35000/-, Marketing Office not allowed. +91 6371-084018 Sohan.** D-499




Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by experience therapist with homely atmosphere. 8658088274. D-447

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 9 May 2025, I, Thomas Das Paltasingh, residing at Plot No.- SE-19/3, Satyanagar, P.O.- Saheednagar, P.S.- Kharvelanagar, Bhubaneswar- 751007, Dist.- Khurda, Odisha, declare that I have changed my name from Thomas Das to Thomas Das Paltasingh. Henceforth, I shall be known as Thomas Das Paltasingh for all purposes.
Thomas Das Paltasingh D-488

I, Rambhabati Nayak (new name), Rambha Nayak (old name), W/o- Late Nakul Chandra Nayak, R/o. Village- Phulpatharkhol, P.O.- Jharagogua, P.S.- Laimura, Dist.- Deogarh, PIN- 768108 declare by this affidavit No.-261 dated 8.5.2025 sworn before the Executive Magistrate, Deogarh, I have changed my name from Rambha Nayak to Rambhabati Nayak. Henceforth, I shall be known as Rambhabati Nayak for all purposes. D-493

I, P.Ramesh Patra, S/o- Late P.Shyam Sundar Patra, resident of Plot No.- 166/2574, Ekamra Vihar, Ebaranga, Sundarpada, P.O.- Sundarpada, Ps-Air field, Bhubaneswar-751002, Dist.- Khordha, Odisha, declare by this affidavit No.- 435 dtd.- 07.05.2025, that now onwards, I shall be known as P.Ramesh Kumar Patra for all future purposes. D-501

By virtue of an affidavit sworn before the Executive Magistrate, Dharmasala, dated 07.05.2025, I, Bulu Malik, Address: At- Bandhadiha, P.O.- Bandhadiha, P.S.- Dharmasala, Dist.- Jajpur, Odisha- 755005 declare that I have changed my daughter's name from Roji Malik to Lozy Malik. Henceforth, She shall be known as Lozy Malik for all purposes. D-489

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଣାସ, ଜି- ପୁରୀଙ୍କ ପାଖରେ ଶପଥ କରୁଅଛି କି, ମୁଁ ମୀରା ମହାପାତ୍ର, ସ୍ୱା- ପ୍ରମୋଦ ମହାପାତ୍ର, ଗ୍ରା/ପୋ- ଓହ୍ଲାଣ, ଥା- ଗଡ଼ଶାଗୋଦା, ମୋର ଆଧାର ନମ୍ବର XXXX XXXX ୫୨୧୧ ମୋର ଆଗ ନାମକୁ ବଦଳାଇ ନିରୁପମା ମହାପାତ୍ର କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୫୦୦

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

I, SAMIRA KUMAR SAHOO, S/o- Late Dhaneswar Sahoo, resident of At- Chanchapada, P.O.- Damodarpur, P.S.- Kishannagar, Dist.- Cuttack-754130, Odisha declare by this affidavit No.- 5451, dated 10.05.2025 that now onwards I shall be known as SAMIR KUMAR SAHOO for all future purposes. D-497

I, Madhumita Mishra, W/o- Sibanjan Mishra, resident of flat No. TP206, Imarat Trinath Plaza, near Mahalaxmi Cold Storage, Patrapada, P.S.- Khandagiri, Bhubaneswar, Dist.- Khordha, PIN- 751019, Odisha declare by this affidavit No. 6005, dtd- 08.05.2025 that now onwards I shall be known as Madhumita Ray for all future purposes. D-492

By virtue of an affidavit sworn before Executive Magistrate, Bhubaneswar, dated 11.04.2025, I, Surath Mukhi, S/o- DAMA MUKHI, Address: Resident of Plot No.-183, Kapilaprasad, Talsahi, near Trinatha Temple, Old Town, Bhubaneswar, Dist.- Khordha, Odisha-751002 declare that I have changed my name from Surendra Mukhi to Surath Mukhi. Henceforth, I shall be known as Surath Mukhi for all purposes.
Surath Mukhi D- 503

**LEGAL NOTICE**

BEFORE THE DISTRICT CONSUMER DISPUTES REDRESSAL COMMISSION, PURI (ODISHA)
C.C.EXECUTION CASE NO.- 4 of 2025 (Arising out of C.C. Case No.- 155 of 2014)

Sunita Mohapatra, aged about 47 years, W/o- Ashutosh Mohapatra, At- Nua Sahi, Nabakalebar Road, P.O.- Puri-2, P.S.- Kumbharapada, Dist.- Puri.
.....Decree Holder
-Versus-
The Proprietor-cum-Manager, Swapna Motors Private Limited, At- Plot No.- 156, 157 & 158, Sector-A, Zone-A, Mancheswar Industrial Estate, Bhubaneswar-751010, Dist.- Khurdha
.......Judgment Debtor

NOTICE

Where as in the aforementioned Case, the notices issued could not be served on the Judgment Debtor in the ordinary process.

Therefore the JDR is directed to appear before this Commission in person or through Advocate on 29.05.2025 at 11.30 AM failing which the case will be decided in your absence in merit.

Sd./- President
District C.D.R. Commission, Puri
D-498

# ପ୍ରଥମ ଉପହାର ମା' ପାଇଁ



ମା' ଏମିତି ଏକ ମଣିଷ, ଯାହାର ତୁଳନା ନାହିଁ। ସନ୍ତାନକୁ ସେ ଜନ୍ମ ଦେଇଛି, ନିଜ କ୍ଷୀର ଖୁଆଇଛି, ଭଲ ମଣିଷ କରି ଗଢ଼ିବାକୁ ପ୍ରଥମ ଗୁରୁ ବି ସାଜିଛି, ଆଉ ଆଗକୁ ବଢ଼ି ସଫଳ ହେବା ଲାଗି ପ୍ରେରଣା ଓ ମାର୍ଗଦର୍ଶନ ବି ଦେଇଛି। ତେବେ ପ୍ରତିବଦଳରେ କିଛି ଆଶା ନ ରଖି ଜୀବନସାରା ନିଃସ୍ୱାର୍ଥ ଭାବେ କେବଳ ଦେଇ ଚାଲିଥିବା ମା'କୁ ନିଜ ପ୍ରଥମ ରୋଜଗାରରେ କିଛି ଉପହାର ଦେବାର ଅନୁଭୂତି ସତରେ ଅନନ୍ୟ ଓ ଅପୂର୍ବ। ଆଜି ମଦର୍ସ ଡେ' (ମେ ୨ୟ ରବିବାର) ଅବସରରେ କେତେଜଣଙ୍କ ଏଭଳି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...

–ପୌର୍ଣ୍ଣମାସୀ

## ବୋଉ ଆଖିରେ ଖୁସି ଆଉ ଲୁହ ଥିଲା



**ଲଳିତ କୁମାର ସ୍ୱାଇଁ** (ସାହିତ୍ୟିକ, ନନ୍ଦଳା, ପୁରୀ)– ବୋଉ ପାଇଁ ପ୍ରଥମ ରୋଜଗାରରେ କିଣିଥିବା ଉପହାରର ଅନୁଭୂତି ସବୁବେଳେ ସତେଜ ହୋଇ ରୁହେ। ଜୀବନସାରା ଛୋଟ ଛୋଟ ଜିନିଷ ପାଇଁ ବୋଉକୁ ହାତ ପତାଉ ଥିବା ମଣିଷଟିଏ ମୁଁ। ଗାଁ ସ୍କୁଲରେ ବେସରକାରୀ ଭାବେ ଶିକ୍ଷକତା କରୁଥାଏ। ୨୦୦୮, ଅଗଷ୍ଟ ମାସରେ ମୋର ପ୍ରଥମ ରୋଜଗାର ଥିଲା ୭୦୦ ଟଙ୍କା। ଆଉ ସେହି ରୋଜଗାର ଅନୁସାରେ ତା' ପାଇଁ ହଳେ ଚପଲ, ଚୁଡ଼ି ଆଉ ଗୋଟେ ଶାଢ଼ି କିଣି ନେଇଥିଲି। ଏସବୁ ଦେଖି ସେ ଆଶ୍ଚର୍ଯ୍ୟ ଓ ସ୍ତବ୍ଧ ହୋଇଗଲା। ମୁଁ ସ୍ପଷ୍ଟ ଦେଖିପାରୁଥାଏ ତା' ଆଖିର ଖୁସି ଆଉ ଲୁହକୁ। ବୋଉକୁ ଦେଖିବା ପରଠୁ ସେ ସୂତା ଲୁଗା ପିନ୍ଧି ଆସୁଥିଲା। ଭାବିଲି ଭଲ ଶାଢ଼ି ଗୋଟେ ନେଇଗଲେ ସେ ବୋଧେ ବେଶି ଖୁସି ହେବ। ତା' ପରେ ଅବଶ୍ୟ ଗାଳି ଶୁଣିଲି, "ତତେ ଜିନିଷ କିଣି ଆସେନି, ତତେ କିଏ କହିଲା ଏସବୁ କିଣିବାକୁ, ତତେ ଠକିଦେଲା, ଏମିତି ଡିଜାଇନ ଭଲ ହୋଇନି, ମୋର ଏସବୁ କ'ଣ ହେବ, ଏମିତି କେତେ କ'ଣ।" ପୁଅର କାହିଁ ଅଯଥା ଟଙ୍କା ସରିବ ବୋଲି ବୋଉ ସିନା ମୋତେ ଏମିତି କହିଥିଲା, କିନ୍ତୁ ବାକି ସମସ୍ତଙ୍କୁ ଖୁସିରେ କହିଛି, ମୋ ପୁଅ ମୋ ପାଇଁ ଏସବୁ ଆଣିଛି। ଗାଁମାନଙ୍କରେ ବିଶେଷକରି ଏସବୁ ଅନାବିଳ ସ୍ନେହ, ଭଲପାଇବା ଆଉ ଆବେଗକୁ ସାମ୍ନା ଲୋକ ଆଗରେ ଏତେଟା କୁହାଯାଉ ନ ଥିଲା। ଦଶମରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ପୁଅକୁ ମଧ୍ୟ ଗାଁରେ ଲାଜ କରିବାକୁ ପଡୁଥିଲା। ମୋ କ୍ଷେତ୍ରରେ ବି ସେଇଆ ହୋଇଥିଲା। ଜୀବନର ସବୁକିଛି ଦେଇ ମତେ ତିଆରି କରିଥିବା ବୋଉକୁ ଉପହାର ଦେବାର ଧୃଷ୍ଟତା କରିଥିଲି, ଆଉ ତାହା ପାଇଁ ସେ ବହୁତ ଖୁସି ହୋଇଥିଲା, ତାହା ହିଁ ଆନନ୍ଦ।

## ମମି ପାଖରେ ଥିଲେ ମୁଁ ହିରୋ



**ମୁକେଶ** (ଆଙ୍କର)– ମମି (ସୁଚିତ୍ରା ବରିଶଲ୍) ପାଖରେ ଥିଲେ ମୋ ପାଇଁ ସବୁଦିନ ସ୍ପେଶାଲ। କାରଣ ମମି ବିନା ମୁଁ ଜିରୋ, ଆଉ ସେ ଥିଲେ ମୁଁ ହିରୋ। ପିଲାବେଳୁ ଏପର୍ଯ୍ୟନ୍ତ ସେ ଯେଉଁ ଆଦର ଯତ୍ନରେ ମୋତେ ବଢ଼ାଇଛନ୍ତି, ସେଥିପାଇଁ ସଦାସର୍ବଦା ତାଙ୍କ ପାଖରେ ଋଣୀ। କେବଳ ଖୁଆଇବା, ପାଠ ପଢ଼ାଇବା, ଗାଇଡ୍ କରିବା ନୁହେଁ ବରଂ ଆଜିର ଗ୍ଲାମର ଦୁନିଆରେ ନିଜର ପରିଚୟ ସୃଷ୍ଟି କରିବାରେ ବି ତାଙ୍କର ହାତ ଅଛି। କାରଣ ଆଜି ପର୍ଯ୍ୟନ୍ତ ଚୁଟି କାଟିବା ଲାଗି ହେଉ କିମ୍ବା ଫେସ୍ କେୟାର୍ ପାଇଁ କେବେ ପାର୍ଲର ଯାଇନି, ସେ ହିଁ ପିଲାବେଳୁ ମୋ ବ୍ୟୁଟିସିଆନ୍। ତାଙ୍କର ମୋର ପସନ୍ଦ ବି ସମାନ। ତାଙ୍କୁ ବ୍ଲାକ୍ କଲର ବହୁତ ପସନ୍ଦ। ତେଣୁ ୨୦୧୫ରେ ଯେଉଁଦିନ ମୋ ପ୍ରଥମ ରୋଜଗାର ଟଙ୍କା ପାଇଥିଲି, ତାଙ୍କ ପାଇଁ ନାଇଟି ଟିଏ କିଣି ଆଣିଥିଲି। ସେ ତା'କୁ ଧରି ଯେତିକି ଖୁସି ହୋଇଥିଲେ, ତା' ଆଗରେ ଯେମିତି କୋଟିଏ ଟଙ୍କାର ଉପହାର ବି ତୁଚ୍ଛ। ତାଙ୍କୁ ଦେଖି ମୋତେ ଯେଉଁ ଆନନ୍ଦ ମିଳିଥିଲା ତାହା ଅବର୍ଣ୍ଣନୀୟ। ସେହିବର୍ଷ ମଦର୍ସ ଡେ'ରେ ତାଙ୍କୁ ଦୁଇ ହଳ ଇୟରରିଙ୍ଗ୍ସ ଏବଂ ହଳେ ପାଉଁଜି ବି ଦେଇଥିଲି। ଆଜି ଏହି ଶୁଭ ଅବସରରେ ମମି ସୁସ୍ଥ ରୁହନ୍ତୁ ଏବଂ ସବୁବେଳେ ମୋ ପାଖରେ ରୁହନ୍ତୁ ଏତିକି ଈଶ୍ୱରଙ୍କ ନିକଟରେ କାମନା କରିବି।

## ଫେସିଆଲ୍ ଏକ୍ସପ୍ରେଶନ୍‌ରେ ପ୍ରସ୍ଫୁଟିତ ହେଉଥିଲା ମା'ଙ୍କ ଖୁସି



**ଜ୍ୟୋତି** (ଅଭିନେତା)– ପିଲାବେଳୁ ଅଭିନୟ ପ୍ରତି ମୋର ଆଗ୍ରହ। ଏ କ୍ଷେତ୍ରରେ ଆଗକୁ ବଢ଼ିବା ଓ ଜଣେ ଅଭିନେତା ଭାବେ ନିଜର ପରିଚୟ ସୃଷ୍ଟି କରିବା ଲାଗି ଯିଏ ସାଜିଥିଲେ ମୋର ପ୍ରଥମ ଗୁରୁ, ସେ ହେଉଛନ୍ତି ମୋ ମା' (ଚନ୍ଦ୍ରକାନ୍ତି ପଣ୍ଡା)। ସେ ଜଣେ କଣ୍ଠଶିଳ୍ପୀ। ତେଣୁ ପିଲାଦିନୁ ସେ ମୋ ରୁଚିକୁ ସଫଳ କରିବା ଦିଗରେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ ଏବଂ ସଦାସର୍ବଦା ଉତ୍ସାହିତ କରିଥିଲେ। ଅଭିନୟରେ କ୍ୟାରିୟର ଆରମ୍ଭ କରିବା ପରେ ମୋ ପ୍ରଥମ ରୋଜଗାର ଟଙ୍କାରେ ତାଙ୍କ ପାଇଁ ଗୋଟିଏ ଶାଢ଼ି ଆଣିଥିଲି। ମା'ଙ୍କୁ ଜୀବନରେ ପ୍ରଥମଥର ଉପହାର ଦେବାକୁ ଯାଉଥିବାରୁ ମୋ ମନରେ ଉତ୍କଣ୍ଠା ଭରି ରହିଥିଲା। ଆଉ ଯେତେବେଳେ ତାଙ୍କ ହାତକୁ ପ୍ୟାକେଟ୍‌ଟି ବଢ଼ାଇଦେଇଥିଲି, ସେ ଶାଢ଼ିଟିକୁ ଦେଖି ଖୁବ୍ ସୁନ୍ଦର ହୋଇଛି, କିନ୍ତୁ କାହିଁକି ଆଣୁଥିଲୁ ବୋଲି କହିଥିଲେ। ହେଲେ ବାସ୍ତବରେ ଅନ୍ତରର ଖୁସି ତାଙ୍କ ଫେସିଆଲ୍ ଏକ୍ସପ୍ରେଶନ୍‌ରେ ପ୍ରସ୍ଫୁଟିତ ହେଉଥିଲା। ସତ କହିବି ସେହି ମୁହୂର୍ତ୍ତଟି ମୋତେ ଏତେ ଖୁସି ଦେଇଥିଲା ଯେ ସାରା ଜୀବନ ଏ ଅନୁଭୂତି ମୋ ମନରେ ସାଇତା ହୋଇ ରହିବ।

## ମା'କୁ କିଛି ଦେଇପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି

**ଦ୍ୟୁତୀ ଚାନ୍ଦ** (କ୍ରୀଡ଼ାବିତ୍)– ପିଲାବେଳ ଅଭାବରେ କଟିଛି। ପିଲାଙ୍କୁ ଭଲକରି ଟିକେ ଖୁଆଇବା ପାଇଁ ଅଭିଭାବକଙ୍କ କଷ୍ଟକୁ ଅନୁଭବ କରିଛି। ଆମକୁ ମଣିଷ କରିବା ଲାଗି ମା'(ଅଖୋଜି ଚାନ୍ଦ) ଯେବେ ନିଜ ପାଖରେ ଥିବା ଅଳ୍ପ କେତୋଟି ଗହଣାକୁ ବି ବିନା ଲୋଭରେ ବିକି ଦେଇଛି ତାହା ବି ଦେଖିଛି। ଏମିତିରେ ଭବିଷ୍ୟତରେ ନିଶ୍ଚୟ ସଫଳ ହୋଇ ତା'ଙ୍କ ମନରେ ଖୁସି ଭରିଦେବା ମୋର ସବୁଠୁ ବଡ଼ ଲକ୍ଷ୍ୟ ଥିଲା। ମା'କୁ ନିଜ ପ୍ରଥମ ରୋଜଗାରରେ ସମ୍ବଲପୁରୀ ଶାଢ଼ିଟିଏ ଉପହାର ଦେଇଥିଲି। ଆଉ ଖୁସିରେ ତା' ପାଟିରୁ ଯେଉଁ ଆଶୀର୍ବାଦ ବାହାରିଥିଲା, ତାହା ମୋତେ କେତେ ଆନନ୍ଦ ଦେଇଥିଲା ପ୍ରକାଶ କରିବାକୁ ମୋ ପାଖେ ଭାଷା ନିଅଣ୍ଟ। ପରେ ସୁନାଗହଣା ଦେଇଛି, ରହିବା ପାଇଁ ଭଲ ଘରଟିଏ ଦେଇପାରିଛି। ଯଦିଓ ମା' କେବେ ଉପହାର ଆଶା କରେନି, ତାକୁ ଯାହାଦେଲେ କାହିଁକି ଆଣୁଛୁ କହି ମନା କରେ; ତଥାପି ଜଣେ ଝିଅ ହୋଇ ବି ମା'କୁ କିଛି ଦେଇପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି।



## ବୋଉ ଆଦରରେ ସାଇତି ରଖିଛି

**ସୂର୍ଯ୍ୟକାନ୍ତ ସାମଲ** (ଅଭିନେତା, ପ୍ରଯୋଜକ)– ବୋଉ (ବାସନ୍ତି ସାମଲ)ଠାରୁ ମଧୁର ଶବ୍ଦ ଏ ଦୁନିଆରେ ଆଉ କିଛି ନାହିଁ। ତା' ନାଁ ଧରିଲେ ଯେମିତି ସବୁ କଷ୍ଟ ଦୂରେଇଯାଏ। ତେଣୁ ତା' ପାଇଁ ଗୋଟିଏ ଦିନ ନୁହେଁ ସାରା ଜୀବନ ଉତ୍ସର୍ଗୀକୃତ। ତଥାପି ଏହି ମଦର୍ସ ଡେ'ରେ ମା'କୁ କିଛି ଉପହାର ଦେଇ ଏହି ସ୍ପେଶାଲ ଦିନକୁ ଭଲ ଭାବେ ସେଲିବ୍ରେଟ୍ କରିବାକୁ ହୃଦୟର ସହ ସ୍ୱାଗତ କରୁଛି। ତେବେ ମୋ ମତରେ ଜୀବନରେ ଯେବେ ସୁଯୋଗ ମିଳୁଛି ତା'କୁ କିଛି ଦେବା ନିହାତି ଦରକାର।





କାରଣ ଯିଏ ଆମକୁ ଜନ୍ମ ଦେଇଛି, ସବୁ ଅଳି ଅଝଟ ସହି କୋଳେଇ କାଖେଇ ମଣିଷ କରିଛି ତା'କୁ ଖୁସିରେ ରଖିବା ଆମର ପ୍ରଥମ କର୍ତ୍ତବ୍ୟ। ମୁଁ ଯେବେ ପ୍ରଥମ ଥର ରୋଜଗାର କରିଥିଲି ବୋଉ ପାଇଁ ଗୋଟିଏ ସାଲ୍ ଆଣିଥିଲି। ତା'କୁ ଦେଖି ସେ ଏତେ ଖୁସି ହୋଇଯାଇଥିଲା କହିଲେ ନ ସରେ। ଏବେବି ସେ ତା'କୁ ବଡ ଆଦରର ସହ ସାଇତି ରଖିଛି। ଆଉ ତା'ପରେ ମୁଁ ବୋଉ ପାଇଁ ଅନେକ ଜିନିଷ ଆଣିଛି ସତ, ହେଲେ ଯେବେବି ସେହି ସାଲ୍‌ଟି ସେ ଦେହରେ ପକାଏ ମୋତେ କାହିଁକି ସବୁଠୁ ଅଧିକ ଖୁସି ମିଳେ।



## ଏକ୍ସାଇଟ୍‌ମେଣ୍ଟ ବହୁତ ବଢ଼ିଯାଇଥିଲା

**ଅର୍ପିତା** (କଣ୍ଠଶିଳ୍ପୀ)– ପ୍ରତ୍ୟେକ ସନ୍ତାନ ଜୀବନରେ ମା'ର ଭୂମିକା ଅତୁଳନୀୟ। ତେଣୁ ମା'କୁ ଉପହାରରେ ଯାହା ବି ଦେଲେ ସବୁ କମ୍। ତଥାପି ସବୁବେଳେ ଯାହାଠାରୁ କେବଳ ପାଇଛେ ତାଙ୍କୁ ନିଜ ପ୍ରଥମ ରୋଜଗାରରେ କିଛି ଗିଫ୍ଟ ଦେବାରେ ଯେଉଁ ଅପୂର୍ବ ଆନନ୍ଦ ମିଳେ ତାହା ଅବର୍ଣ୍ଣନୀୟ। ମନେପଡୁଛି, ଯଦିଓ ଶିଶୁ କଣ୍ଠଶିଳ୍ପୀ ଭାବେ ଷ୍ଟାଣ୍ଡାର୍ଡ ୩ରୁ ସ୍କଲାରଶିପ୍ ପାଇବା ଆରମ୍ଭ ହୋଇଯାଇଥିଲା, ହେଲେ ଯେବେ ପ୍ରଥମଥର ଏଥିରେ କ୍ୟାରିୟର ଆରମ୍ଭ କରି ଟଙ୍କା ପାଇଲି, ମାମା (ରମା ରେଣୁ ମହାପାତ୍ର)ଙ୍କ ପାଇଁ ଗୋଟିଏ ସୁନ୍ଦର ଶାଢ଼ି ଆଣିଥିଲି। ପ୍ରଥମଥର ଝିଅ ନିଜ ରୋଜଗାରରେ ଗିଫ୍ଟ ଦେଉଥିବା ବେଳେ ତାଙ୍କ ପ୍ରତିକ୍ରିୟା କେମିତି ରହିବ ଦେଖିବା ପାଇଁ ମୋ ଭିତରେ ଏକ୍ସାଇଟ୍‌ମେଣ୍ଟ ବହୁତ ବଢିଯାଇଥିଲା। ଆଉ ଯେତେବେଳେ ତାଙ୍କ ହାତକୁ ଶାଢ଼ିଟି ବଢ଼ାଇଦେଲି ଖୁସିରେ ତାଙ୍କ ଆଖି ଝରଝର ହୋଇଗଲା ଓ ସେ ମୋତେ କୁଣ୍ଢାଇ ପକାଇଲେ। ଆଜି ମୁଁ ମା'ଙ୍କୁ କିଛି ଦେବା ପାଇଁ ସକ୍ଷମ ହୋଇପାରିଛି ଭାବି ବେଶ୍ ଆତ୍ମସନ୍ତୋଷ ମିଳିଥିଲା ଏବଂ ଆଗକୁ ଅଧିକରୁ ଅଧିକ ରୋଜଗାର କରି ମାମାବାପାଙ୍କ ପାଦତଳେ ସବୁ ଖୁସି ଅଜାଡି ଦେବାକୁ ଆହୁରି ଆଗ୍ରହ ବଢିଥିଲା। ସେବେଠୁ ତାଙ୍କ ପାଇଁ କିଛି ନା କିଛି ଉପହାର ନିଶ୍ଚୟ ନିଏ। ଆଜି ମଦର୍ସ ଡେ' ଅବସରରେ ମାମା ସବୁବେଳେ ହସ ଖୁସିରେ ରୁହନ୍ତୁ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।



## ଏ ସପ୍ତାହର ପ୍ରଶ୍ନ

୧– ବିରୂପାକ୍ଷ ମନ୍ଦିର.......... ରାଜ୍ୟରେ ଅବସ୍ଥିତ ?
୨– ଏନ୍‌ଆଇଏଲ୍‌ପିର ଫୁଲ୍‌ଫର୍ମ ................ ?
୩– ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ................. ?
୪– ନ୍ୟାଶନାଲ ସ୍ପୋର୍ଟ୍ସ ଡେ' ........ ତାରିଖରେ ପାଳନ କରାଯାଏ ?
୫– ବୁଦ୍ଧ ସମ୍ୟକ୍ ଦର୍ଶନ ସଂଗ୍ରହାଳୟ ........... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଏପ୍ରିଲ୍ ୧୮ ତାରିଖ
୨ ମହାରାଷ୍ଟ୍ର
୩ ଆୱାର ପାୱାର, ଆୱାର ଆର୍ଥ– ଆମ ଶକ୍ତି ଆମ ପୃଥିବୀ
୪ ଉତ୍ତରାଖଣ୍ଡ
୫ ସାଉଥ୍ ଆଫ୍ରିକା

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ମାନସ ରଞ୍ଜନ ପଟ୍ଟନାୟକ ଭୁବନେଶ୍ୱର



ଶକ୍ତି ପ୍ରସାଦ ସିଂ ଭୁବନେଶ୍ୱର

## ଟପ୍ ୧୦

### ଲୋକପ୍ରିୟ କଫି ବ୍ରାଣ୍ଡ



୧.......................................................ଷ୍ଟାରବକ୍ସ
୨....................................... କିଉରିଗ୍ ଡ. ପିପର୍
୩................................................ ନେସ୍କାଫେ
୪................................................. ପିଟ୍ସ କଫି
୫.................................... ଗ୍ଲୋରିଆ ଜିନ୍ସ କଫିଜ୍
୬................................................ ଟିମ୍ ହର୍ଟନ୍ସ
୭............................................... କୋଷ୍ଟା କଫି
୮................................................. ଫଲ୍‌ଗର୍ସ
୯.................................................. ଲାଭାଜା
୧୦.................................................. ଡଙ୍କିନ୍

**ୟୁଥ୍ ଫ୍ୟାଶନ୍**

## ଇଣ୍ଡୋ-ୱେଷ୍ଟର୍ନ ଫ୍ୟାଶନ୍ ଟ୍ରେଣ୍ଡ

ବର୍ତ୍ତମାନ ଟ୍ରାଡିସିନାଲ ୱେର ସହିତ ବିଭିନ୍ନ ୱେଷ୍ଟର୍ନ ଡ୍ରେସ୍‌ର ଫ୍ୟୁଜନ୍ ଏବେ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ତେବେ ଏହି ଇଣ୍ଡୋ–ୱେଷ୍ଟର୍ନ ଆଉଟ୍‌ଫିଟ୍ ଯୁବପିଢ଼ିଙ୍କୁ ସର୍ବାଧିକ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି ...

▶▶ ବର୍ତ୍ତମାନ ଫେଷ୍ଟିଭ୍ ଲୁକ୍‌ରେ ଯୁବତୀ ହୁଅନ୍ତୁ ଅବା ଯୁବକ, ବିଭିନ୍ନ ଟ୍ରାଡିସିନାଲ କୁର୍ତ୍ତା ସହିତ ଜିନ୍ସର କମ୍ବିନେଶନ୍‌କୁ ଅଧିକ ପସନ୍ଦ କରୁଛନ୍ତି। ଅନେକ ଯୁବତୀ ଆଙ୍କେଲ୍ ଲେନ୍ଥ ଜିନ୍ସ ସହ ଶାଢ଼ି, ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ପିନ୍ଧି ମଧ୍ୟ ଟ୍ରେଣ୍ଡି ଓ ଆଇକ୍ୟାଚି ଲୁକ୍ ପାଇପାରୁଛନ୍ତି।

▶▶ ସିଲ୍କ ଶାର୍ଟ ସହିତ ଷ୍ଟ୍ରେଟ୍ ପ୍ୟାଣ୍ଟର କମ୍ବିନେଶନ ଖୁବ୍ ମଡର୍ନ ଲୁକ୍ ଦେଇଥାଏ। ଏହି ୟୁନିସେକ୍ସ ଇଣ୍ଡୋ–ୱେଷ୍ଟର୍ନ ଫ୍ୟାଶନ ଏବେ ଅନେକଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏହା ସହ ମ୍ୟାଚିଂ ଆସେସରିଜ୍ ଅଧିକ ଫ୍ୟାଶନେବଲ୍ ଲାଗିଥାଏ।

▶▶ କେବଳ ବିଭିନ୍ନ ଟ୍ରାଡିସିନାଲ୍ ଶାର୍ଟ ନୁହେଁ, ବରଂ ସିଲ୍କ ଏବଂ ସମ୍ବଲପୁରୀ ଇକତ୍ ଭଳି ଟ୍ରାଡିସିନାଲ୍ କ୍ଲଥ୍‌ରେ ପ୍ରସ୍ତୁତ ବ୍ଲେଜରର ମଧ୍ୟ ଡିମାଣ୍ଡ ବଢୁଛି। ଏହା ସିଙ୍ଗଲ୍ କଲରର ଷ୍ଟ୍ରେଟ୍ ପ୍ୟାଣ୍ଟ ହେଉ କିମ୍ବା ଜିନ୍ସ ସହିତ ରେଡ୍, ବ୍ଲୁ, ଅରେଞ୍ଜ ଭଳି କଲରର ବ୍ଲେଜରକୁ ଅନେକେ ପସନ୍ଦ କରୁଛନ୍ତି। ଏହା ମଡର୍ନ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଉଛି।

▶▶ ବର୍ତ୍ତମାନ ପ୍ଲେନ୍ ବା ସିଙ୍ଗଲ୍ କଲର ଧୋତି ପ୍ୟାଣ୍ଟ ସହିତ ଟ୍ରାଡିସିନାଲ୍ ଶାର୍ଟ, କୁର୍ତ୍ତା ଆଦିକୁ ଯୁବପିଢ଼ି ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ଭାବେ ବାଛୁଥିବା ଦେଖିବାକୁ ମିଳୁଛି। ଏହା ଟ୍ରେଣ୍ଡି ଏବଂ କ୍ଲାସି ଲୁକ୍ ଦେଉଛି। ଏଥିରେ ଅନେକେ ଓଭରକୋଟ୍ ଆଡ୍ କରି ଅଧିକ ଷ୍ଟାଇଲିଶ୍ ଲୁକ୍ ପାଇପାରୁଛନ୍ତି।

▶▶ ବିଭିନ୍ନ ବନାରସୀ କୁର୍ତ୍ତା କିମ୍ବା ସେର୍‌ୱାନିର ସହ ବି ଜିନ୍ସର କମ୍ବିନେଶନ୍ ଅନେକଙ୍କୁ ଖୁବ୍ ପସନ୍ଦ ଆସୁଛି।



# ଜାତୀୟ ରେକର୍ଡ ଭାଙ୍ଗିଲେ ହର୍ଷବର୍ଦ୍ଧନ

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

## ଜ୍ୟୋତ୍ସ୍ନା ଶବରଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ବିହାରର ରାଜଗିରଠାରେ ଚାଲିଥିବା ୭ମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଶନିବାର ଓଡ଼ିଶା ଭାରୋତ୍ତୋଳକମାନେ ଚମକ ସୃଷ୍ଟି କରିଛନ୍ତି। ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହର୍ଷବର୍ଦ୍ଧନ ୨ଟି ଜାତୀୟ ୟୁଥ୍ ରେକର୍ଡ ସହ ୪୯ କିଗ୍ରା ବର୍ଗରେ ମୋଟ ୨୦୩ କେଜି ଉତ୍ତୋଳନ କରି ଐତିହାସିକ ସଫଳତା ପାଇଛନ୍ତି। ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସ୍ନାଚ୍‌ରେ ସେ ୮୮ କେଜି ଭାର ଉଠାଇଥିଲେ। ଗତବର୍ଷ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ଥିଲେ। ସେହିପରି ୪୦ କେଜି ବର୍ଗରେ ସମୁଦାୟ ୧୨୨ କେଜି ଓଜନ ଉଠାଇ ଜ୍ୟୋତ୍ସ୍ନା ରାଜ୍ୟକୁ ଗର୍ବିତ କରିଛନ୍ତି।

ହର୍ଷବର୍ଦ୍ଧନ ପଟିଆସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ନିକଟରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ‘‘ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜାତୀୟ ରେକର୍ଡ ସୃଷ୍ଟି କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। ପେରୁରେ ବ୍ରୋଞ୍ଜ ପଦକ ଜିତିବାପରେ ମୁଁ ଟ୍ରେନିଂ ପାଇଁ ଅଧିକ ସମୟ ପାଇ ନ ଥିଲି। ଏହା ସତ୍ତ୍ୱେ ପୂରା ଫୋକସ ରଖି ମୁଁ ଏହି ସଫଳତା ପାଇଛି। ଭାରତ ସରକାର, ସାଇ ଓ କୋଚ୍ ଆକାଶଙ୍କଠାରୁ ଭରପୂର ସମର୍ଥନ ପାଇଥିବାରୁ ଏପରି ସଫଳତା ସମ୍ଭବ ହୋଇପାରିଛି’’ ବୋଲି ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ୧୮ ବର୍ଷୀୟ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ।

ହର୍ଷବର୍ଦ୍ଧନଙ୍କ ପରି ଜ୍ୟୋତ୍ସ୍ନା ମଧ୍ୟ ପେରୁରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ଏବେ ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୭ କେଜି ଉତ୍ତୋଳନ କରିଛନ୍ତି। ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ସେ ମୋଟ ୧୨୯ (୫୭+୭୨) କେଜି ଉତ୍ତୋଳନ କରିଥିଲେ। ଜ୍ୟୋତ୍ସ୍ନା ଏବେ ଭୁବନେଶ୍ୱରରେ ଥିବା ଭାରୋତ୍ତୋଳନ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ହଙ୍ଗେରୀ କୋଚ୍ ଜୋଲଟାନ ବାଟୋର୍ଫଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଗଜପତି ଜିଲା ପେକଟା ଗ୍ରାମରେ ଏକ କୃଷକ ପରିବାରରୁ ଆସିଥିବା ଜ୍ୟୋତ୍ସ୍ନା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାରଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରୁ ଆସିଥିଲେ। ଏବେ ମଧ୍ୟ ରବି କୁମାର ତାଙ୍କୁ ଟ୍ରେନିଂ ଦେଉଛନ୍ତି। ଜ୍ୟୋତ୍ସ୍ନା ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇଛନ୍ତି। ‘‘ସ୍ୱର୍ଣ୍ଣ ଜିତିଥିବାରୁ ବହୁତ ଖୁସି। ମୁଁ ଏପରି ସଫଳତା ପାଇବି ବୋଲି ଭାବିପାରି ନ ଥିଲି। କାରଣ ମାତ୍ର ୨-୩ ଦିନ ଟ୍ରେନିଂ ନେଇଥିଲି। ତେବେ କେବେହେଲେ ଫୋକସ ନ ହଟାଇବା ପାଇଁ ମୋ କୋଚ୍ ପରାମର୍ଶ ଦେଇଥିଲେ। ମୁଁ ଏବେ ଯେଉଁଠି ବି ପହଞ୍ଚିଛି ପରିବାର ଓ କୋଚ୍‌ଙ୍କ ପାଇଁ’’ ବୋଲି ଜ୍ୟୋତ୍ସ୍ନା ପ୍ରକାଶ କରିଛନ୍ତି।



ହର୍ଷବର୍ଦ୍ଧନ ସାହୁ



ଜ୍ୟୋତ୍ସ୍ନା ଶବର

### ସେମିଫାଇନାଲରେ ଓଡ଼ିଶା

ଓଡ଼ିଶା ପୁରୁଷ ଫୁଟବଲ୍ ଦଳ ଉନ୍ନତ ପ୍ରଦର୍ଶନ ଜାରିରଖି ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚଣ୍ଡିଗଡ଼କୁ ୧-୦ରେ ପରାସ୍ତ କରି ଟେବୁଲ ଟପ୍ପର ହୋଇଛି। ଏଥିସହ ଓଡ଼ିଶା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ୩୪ତମ ମିନିଟରେ ଭେଙ୍କଟେଶ୍ୱର ଓରାମ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଓସିଏ ପକ୍ଷରୁ କୋଚ୍, ସପୋର୍ଟ ଷ୍ଟାଫ୍ ନିଯୁକ୍ତି

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ସିଜନ ୨୦୨୫-୨୬ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବିଭିନ୍ନ ଦଳର କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ସିଜନ ଲାଗି ନିଜ ପଦ ବଜାୟ ରଖିଥିବା କୋଚ୍‌ମାନେ ହେଲେ ସିନିୟର ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ଜିଲା ଓ ରାଜ୍ୟ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମ ଓ ସିନିୟର ମହିଳା ଦଳର ମୁଖ୍ୟ କୋଚ୍ ସୁଷମା ଶର୍ମା। ସୌରଜିତ୍ ମହାପାତ୍ର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ରହିଥିବାବେଳେ ଅବକାଶ ଖଟୁଆ ଓ ଶୁଭ୍ରଜିତ୍ ସାହୁ ସଦସ୍ୟ, ଜୁନିୟର ପୁରୁଷ ଚୟନ କମିଟିରେ ନଟରାଜ ବେହେରା ଅଧ୍ୟକ୍ଷ ଏବଂ ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାସ ସଦସ୍ୟ ରହିଛନ୍ତି। ସେହିପରି ସସ୍ମିତା ପଟ୍ଟନାୟକ ମହିଳା ଚୟନ କମିଟି ଅଧ୍ୟକ୍ଷା ଏବଂ ଗଙ୍ଗୋତ୍ରୀ ବେହେରା, ଶୁଭ୍ରାଂଶୁବାଳା ଭୂୟାଁ, ଓ ତିଳୋତ୍ତମା ସାହୁ ସଦସ୍ୟା ଅଛନ୍ତି। କୋଚ୍‌ଭାବେ ପୁରୁଷ ୱିଙ୍ଗ୍‌ରେ ସୌରଭ ସେହଗଲ, ବସନ୍ତ ମହାନ୍ତି, ଶୁବିତ ବିଶ୍ୱା, ରଶ୍ମି ରଞ୍ଜନ ଦାସ, ପ୍ରଭଞ୍ଜନ ମଲିକ, ପ୍ରୀତମ୍‌ଜିତ ଦାସ, ସୁରେଶ କୁମାର, ଅସଜିତ୍ ଜୟପ୍ରକାଶମ, ବିଭୁଦତ୍ତ ପଣ୍ଡା, ସଞ୍ଜୟ ଶତପଥୀ, ଦୀପକ ମଙ୍ଗରାଜ, ସଞ୍ଜୀବ ପ୍ରସାଦ, କେ.ଭି. ପ୍ରସାଦ, ପ୍ରଭାତ ନାୟକ, ଶୋଭନ ଦେବ ଓ ଦେବଦତ୍ତ ଲେଙ୍କା ସ୍ଥାନ ପାଇଛନ୍ତି।

# ଆଜି ଭାରତ-ଶ୍ରୀଲଙ୍କା ଫାଇନାଲ



ଟ୍ରଫି ସହ ଦୁଇ ଦଳର ଅଧିନାୟିକା।

## ମହିଳା ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ

**କଲମ୍ବୋ, ୧୦।୫ (ପି.ଟି.)**

ଭାରତ ଦୃଢ଼ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହ ଏଠାରେ ରବିବାର ଖେଳାଯିବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ମହିଳା ଅନ୍ତର୍ଜାତୀୟ ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ ଫାଇନାଲ ଜିତିବା ଲାଗି ଆଶା ପୋଷଣ କରିଛି। ଇଭେଣ୍ଟରେ ଭାରତ ଥରେ ମାତ୍ର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ପରାଜିତ ହୋଇଛି। କିନ୍ତୁ ହରମନପ୍ରୀତ କୌରଙ୍କ ଦଳ ଏହି ଟୁର୍ନାମେଣ୍ଟରେ ସବୁଠାରୁ ପ୍ରାଧାନ୍ୟବିସ୍ତାର କରି ଖେଳିଥିବା ଦଳ। ଦଳ ୪ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଶ୍ରୀଲଙ୍କା ଦୁଇଟି ବିଜୟ ଏବଂ ସମାନ ସଂଖ୍ୟକ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୪ଟି ଗେମ୍‌ରୁ ମାତ୍ର ଗୋଟିଏ ବିଜୟ ସହ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ମୁକାବିଲା ଜିତିବା ଉଭୟ ଦଳ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏଠାରେ ଭାରତର ଭଲ ପ୍ରଦର୍ଶନ ପଛରେ ମୁଖ୍ୟ କାରଣ ହେଉଛି ଚମତ୍କାର ବ୍ୟାଟିଂ ପ୍ରଦର୍ଶନ। ଭାରତର ଶ୍ରେଷ୍ଠ ବ୍ୟାଟର ଜେମିମା ରୋଡ୍ରିଗ୍ସ ୬୭ ଆଭରେଜରେ ମୋଟ ୨୦୧ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ଏକ ଶତକ (୧୨୩) ରହିଛି। ଅନ୍ୟ ସଫଳ ବ୍ୟାଟରଙ୍କ ମଧ୍ୟରେ ରହିଛନ୍ତି ପ୍ରତୀକା ରାୱଲ (୧୬୪), ସ୍ମୃତି ମନ୍ଧାନା (୧୪୮) ଓ ଦୀପ୍ତି ଶର୍ମା (୧୨୬)। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୀପ୍ତି ୯୩ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ହରମନପ୍ରୀତ ଇଭେଣ୍ଟରେ ଯଦିଓ ଏକ ବଡ଼ ସ୍କୋର କରିପାରି ନାହାନ୍ତି। ସେ ଗତ ତିନୋଟି ମ୍ୟାଚରେ ୪୧*, ୩୦ ଓ ୨୮ ରନ କରିଛନ୍ତି।

# ରାଜ୍ୟ କରାଟେ: ବିଶ୍ୱଦୀପଙ୍କୁ ଡବଲ ସ୍ୱର୍ଣ୍ଣ



ପଦକ ବିଜେତା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ୧୦, ୧୧ ଓ ୧୨ ବର୍ଷ ବୟସ ବର୍ଗ ବାଳିକା ଓ ବାଳକ ବିଭାଗର କାଟା ଓ ଫାଇଟିଂ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଓ ଅମିତ କୁମାର ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କରାଟେକାଙ୍କ ମଧ୍ୟରୁ ବିଶ୍ୱଦୀପ ବେହେରା ଡବଲ ସ୍ୱର୍ଣ୍ଣ ଜିତିଥିବାବେଳେ ବୈଶାଳୀ ପାତ୍ର, ଅଭିଜ୍ଞାନ ଦାଶ, ପ୍ରଣୀତ ଜେନା, ତୁଷାର ପତି, ଭି. ପ୍ରଜ୍ଞାନ, ବୈଷ୍ଣବୀ ବେହେରା, ଅନର୍ଦିତ୍ୟ ସ୍ୱାଇଁ, ଈଶାନି ପଣ୍ଡା, ସମୟ ଶତପଥୀ, ଏମ. ଇଭା, କୈଭବ ପଟ୍ଟନାୟକ, ଶ୍ରେୟା କାନୁନ୍‌ଗୋ, ଆଶୁତୋଷ ପୃଷ୍ଟି, ପ୍ରସ୍ମିତ ମହାନ୍ତି, ଶଶାଙ୍କ ମହାରଣା, ଏମ. ସାଇ ହେମକେଶ, ଆୟୁଷ ଚର୍ଚ୍ଚା, ଦିବ୍ୟାଙ୍ଗନା ସାମନ୍ତରା, ସିଦ୍ଧେଶ୍ୱରୀ ମଲିକ, ଦିବ୍ୟାଂଶୀ ଘଡ଼େଇ ଓ ରାଜେଶ୍ୱରୀ ସିଂ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ମାଧୁରାଙ୍କୁ ବ୍ୟକ୍ତିଗତ ସ୍ୱର୍ଣ୍ଣ

**ଶାଂଘାଇ, ୧୦।୫(ପି.ଟି.)**

ଭାରତୀୟ ତୀରନ୍ଦାଜ୍ ମାଧୁରା ଧମନଗାଁକାର ପ୍ରଥମ ଥର ଏକ ବିଶ୍ୱକପ୍‌ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତଛନ୍ତି। ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୨ରେ ସେ ଏହି ସଫଳତା ହାସଲ କରିଛନ୍ତି। କମ୍ପାଉଣ୍ଡ ବିଭାଗରେ ଭାରତ ଦୁଇ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ ପଦକ ପାଇଛି। ଅଣର୍‌ୟାଙ୍କିଙ୍ଗ୍‌ପ୍ରାପ୍ତ ମାଧୁରା ଗତ ୩ ବର୍ଷ ହେଲା ଉପେକ୍ଷିତ ହୋଇଆସୁଥିଲେ। ମାଧୁରା ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ର କାର୍ସନ କ୍ରାହେଙ୍କୁ ୧୩୯-୧୩୮ରେ ପରାସ୍ତକରି ପୋଡିୟମରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମହାରାଷ୍ଟ୍ର ରାଜ୍ୟର ଅମରାବତୀର ୨୪ ବର୍ଷୀୟ ଏହି ତୀରନ୍ଦାଜ୍ ପୂର୍ବରୁ ଏକ ଟିମ୍ ରୌପ୍ୟ ଓ ଏକ ମିକ୍ସଡ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ ପାଇଁ ବୁଝାମଣା

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ। ଏନେଇ ଶୁକ୍ରବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବ। କ୍ରୀଡ଼ା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଥିବା କିଟ୍ ଓ କିସ୍ ସହ ଲିଆଣ୍ଡର ସହବନ୍ଧିତ ହୋଇ କ୍ରୀଡ଼ାକୁ ଆହୁରି ଆଗକୁ ନେବା ପାଇଁ ଆଗଭର ହୋଇଛନ୍ତି। ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲିମ୍ପିଆନ, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତର ପ୍ରଥମ ଏସୀୟ ପୁରୁଷ ଖେଳାଳି, ଯିଏ କି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ସେ ୮ଟି ପୁରୁଷ ଡବଲ୍ସ ଏବଂ ୧୦ଟି ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି।



ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଅଚ୍ୟୁତ ସାମନ୍ତ, ଲିଆଣ୍ଡର ପେସ୍ ଓ ଅନ୍ୟମାନେ।

ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି କହିଛନ୍ତ। ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର କ୍ରୀଡ଼ାବିତ୍‌ଙ୍କୁ ଆଣି ଏହି ଏକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ। କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମୀ କରିବାକୁ ଯାଉଥିବାରୁ ବହୁତ ଖୁସି ବୋଲି ଲିଆଣ୍ଡର କହିଛନ୍ତି। ଅନ୍ୟ ପକ୍ଷରେ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି। ପଦ୍ମଭୂଷଣ ଲିଆଣ୍ଡରଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ଆଇପିଏଲ୍ ବିଦେଶୀ ଖେଳାଳିଙ୍କ ଘରବାହୁଡ଼ା

**ନୂଆଦିଲ୍ଲୀ, ୧୦।୫ (ପି.ଟି.):** ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ହାଇ-ପ୍ରୋଫାଇଲ ଟି୨୦ ଲିଗ୍ ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯିବା ପରେ ବିଭିନ୍ନ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରୁଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱଦେଶ ଫେରିଛନ୍ତି। ପଡ଼ୋଶୀ ଜମ୍ମୁ ଓ ପଠାନ୍‌କୋଟ ସହରରେ ବିମାନ ଆକ୍ରମଣର ଚେତାବନୀ ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଧର୍ମଶାଳାରେ ଗତ ଗୁରୁବାର ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌କୁ ଅଧାରୁ ବାତିଲ କରିଦିଆଯାଇଥିଲା। ଏହାର ପରଦିନ ଶୁକ୍ରବାର ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଗଲା। ଟୁର୍ନାମେଣ୍ଟ ସସ୍‌ପେଣ୍ଡ ପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକର ଖେଳାଳିମାନେ ଘରବାହୁଡ଼ା ଆରମ୍ଭ କରିଦେଇଥିଲେ। ବିଦେଶୀ ଖେଳାଳିମାନେ ମଧ୍ୟ ସେମାନଙ୍କ ଦେଶକୁ ଫେରିଯାଉଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) କହିଛି, ଏହାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ସୁରକ୍ଷିତ ଭାବେ ବେଙ୍ଗାଲୁରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଘରମୁହାଁ ହୋଇଛନ୍ତି। ଆର୍‌ସିବିର ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଟିମ୍ ଡେଭିଡ, ଲିଆମ ଲିଭିଂଷ୍ଟୋନ, ଜାକବ ବେଥେଲ, ରୋମାରିଓ ଶେଫର୍ଡ, ଫିଲିପ ସଲ୍ଟ, ଜୋଶ ହାଜେଲଉଡ୍, ଲୁଙ୍ଗି ଏନ୍‌ଗିଡ଼ି ଓ ନୁୱାନ ଧୁଶାରା। ଦଳର ବିଦେଶୀ ଷ୍ଟାଫ୍‌ଙ୍କ ମଧ୍ୟରେ ରହିଛନ୍ତି ମୁଖ୍ୟ କୋଚ୍ ଆଣ୍ଡି ଫ୍ଲାୱାର, ବୋଲିଂ କୋଚ୍ ଆଡାମ ଗ୍ରିଫିଥ୍, କ୍ରିକେଟ ଅପରେଶନ ଡାଇରେକ୍ଟର ମୋ ବୋବାଟ୍, ଟିମ୍ ଫିଜିଓ ଇଭାନ ସ୍ପିଚ୍‌ଲି ଓ ଆନାଲିଷ୍ଟ ଫ୍ରିଦି ୱାଇଲ୍ଡ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଜଣେ ଅଫିସିଆଲ ସୂଚନା ଦେଇ କହିଛନ୍ତି, ସେମାନଙ୍କର କିଛି ବିଦେଶୀ ଖେଳାଳି ଶନିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅନ୍ୟମାନେ ଭାରତରେ ରହିବାକୁ ପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସମ୍ପୃକ୍ତ କର୍ତ୍ତୃପକ୍ଷ ଏବଂ ଅଂଶୀଦାରଙ୍କ ସହ ପରାମର୍ଶ ସହ ପରିସ୍ଥିତିର ଅନୁଧ୍ୟାନ ପରେ ଠିକଣା ସମୟରେ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ, କାର୍ଯ୍ୟସୂଚୀ ଓ ଭେନ୍ୟୁ ସମ୍ପର୍କରେ ଜଣାଇ ଦିଆଯିବ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଜାତୀୟ ରେକର୍ଡ ଭାଙ୍ଗିଲେ ହର୍ଷବର୍ଦ୍ଧନ

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

## ଜ୍ୟୋସ୍ନା ଶବରଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ବିହାରର ରାଜଗିରଠାରେ ଚାଲିଥିବା ୭ମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଶନିବାର ଓଡ଼ିଶା ଭାରୋତ୍ତୋଳକମାନେ ଚମକ ସୃଷ୍ଟି କରିଛନ୍ତି। ଜ୍ୟୋସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହର୍ଷବର୍ଦ୍ଧନ ୨ଟି ଜାତୀୟ ୟୁଥ୍ ରେକର୍ଡ ସହ ୪୯ କିଗ୍ରା ବର୍ଗରେ ମୋଟ ୨୦୩ କେଜି ଉତ୍ତୋଳନ କରି ଐତିହାସିକ ସଫଳତା ପାଇଛନ୍ତି। ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସ୍ନାଚ୍‌ରେ ସେ ୮୮ କେଜି ଭାର ଉଠାଇଥିଲେ। ଗତବର୍ଷ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ଥିଲେ। ସେହିପରି ୪୦ କେଜି ବର୍ଗରେ ସମୁଦାୟ ୧୨୨ କେଜି ଓଜନ ଉଠାଇ ଜ୍ୟୋସ୍ନା ରାଜ୍ୟକୁ ଗର୍ବିତ କରିଛନ୍ତି।

ହର୍ଷବର୍ଦ୍ଧନ ପଟିଆସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ନିକଟରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ‘‘ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜାତୀୟ ରେକର୍ଡ ସୃଷ୍ଟି କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। ପେରୁରେ ବ୍ରୋଞ୍ଜ ପଦକ ଜିତିବାପରେ ମୁଁ ଟ୍ରେନିଂ ପାଇଁ ଅଧିକ ସମୟ ପାଇ ନ ଥିଲି। ଏହା ସତ୍ତ୍ୱେ ପୂରା ଫୋକସ ରଖି ମୁଁ ଏହି ସଫଳତା ପାଇଛି। ଭାରତ ସରକାର, ସାଇ ଓ କୋଚ୍ ଆକାଶଙ୍କଠାରୁ ଭରପୂର ସମର୍ଥନ ପାଇଥିବାରୁ ଏପରି ସଫଳତା ସମ୍ଭବ ହୋଇପାରିଛି’’ ବୋଲି ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ୧୮ ବର୍ଷୀୟ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ।



ହର୍ଷବର୍ଦ୍ଧନ ସାହୁ



ଜ୍ୟୋସ୍ନା ଶବର

ହର୍ଷବର୍ଦ୍ଧନଙ୍କ ପରି ଜ୍ୟୋସ୍ନା ମଧ ପେରୁରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ଏବେ ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୭ କେଜି ଉତ୍ତୋଳନ କରିଛନ୍ତି। ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ସେ ମୋଟ ୧୨୯ (୫୭+୭୨) କେଜି ଉତ୍ତୋଳନ କରିଥିଲେ। ଜ୍ୟୋସ୍ନା ଏବେ ଭୁବନେଶ୍ୱରରେ ଥିବା ଭାରୋତ୍ତୋଳନ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ହଙ୍ଗେରୀ କୋଚ୍ ଜୋଲଟାନ ବାଟୋର୍ଫଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଗଡପତି ଜିଲା ପେକଟା ଗ୍ରାମରେ ଏକ କୃଷକ ପରିବାରରୁ ଆସିଥିବା ଜ୍ୟୋସ୍ନା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାରଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରୁ ଆସିଥିଲେ। ଏବେ ମଧ ରବି କୁମାର ତାଙ୍କୁ ଟ୍ରେନିଂ ଦେଉଛନ୍ତି। ଜ୍ୟୋସ୍ନା ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇଛନ୍ତି। ‘‘ସ୍ୱର୍ଣ୍ଣ ଜିତିଥିବାରୁ ବହୁତ ଖୁସି। ମୁଁ ଏପରି ସଫଳତା ପାଇବି ବୋଲି ଭାବିପାରି ନ ଥିଲି। କାରଣ ମାତ୍ର ୨-୩ ଦିନ ଟ୍ରେନିଂ ନେଇଥିଲି। ତେବେ କେବେହେଲେ ଫୋକସ ନ ହଟାଇବା ପାଇଁ ମୋ କୋଚ୍ ପରାମର୍ଶ ଦେଇଥିଲେ। ମୁଁ ଏବେ ଯେଉଁଠି ବି ପହଞ୍ଚିଛି ପରିବାର ଓ କୋଚ୍‌ଙ୍କ ପାଇଁ’’ ବୋଲି ଜ୍ୟୋସ୍ନା ପ୍ରକାଶ କରିଛନ୍ତି।

### ସେମିଫାଇନାଲରେ ଓଡ଼ିଶା

ଓଡ଼ିଶା ପୁରୁଷ ଫୁଟବଲ୍ ଦଳ ଉନ୍ନତ ପ୍ରଦର୍ଶନ ଜାରିରଖି ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚଣ୍ଡିଗଡ଼କୁ ୧-୦ରେ ପରାସ୍ତ କରି ଟେବୁଲ ଟପ୍ପର ହୋଇଛି। ଏଥିସହ ଓଡ଼ିଶା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ୩୪ତମ ମିନିଟରେ ଭେଙ୍କଟେଶ୍ୱର ଓରାମ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଓସିଏ ପକ୍ଷରୁ କୋଚ୍, ସପୋର୍ଟ ଷ୍ଟାଫ୍ ନିଯୁକ୍ତି

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ସିଜନ ୨୦୨୫-୨୬ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବିଭିନ୍ନ ଦଳର କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ସିଜନ ଲାଗି ନିଜ ପଦ ବଜାୟ ରଖିଥିବା କୋଚ୍‌ମାନେ ହେଲେ ସିନିୟର ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ଜିଲା ଓ ରାଜ୍ୟ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମ ଓ ସିନିୟର ମହିଳା ଦଳର ମୁଖ୍ୟ କୋଚ୍ ସୁଷମା ଶର୍ମା। ସୌରଜିତ୍ ମହାପାତ୍ର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ରହିଥିବାବେଳେ ଅବକାଶ ଖଟୁଆ ଓ ଶୁଭ୍ରଜିତ୍ ସାହୁ ସଦସ୍ୟ, ଜୁନିୟର ପୁରୁଷ ଚୟନ କମିଟିରେ ନଟରାଜ ବେହେରା ଅଧ୍ୟକ୍ଷ ଏବଂ ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାସ ସଦସ୍ୟ ରହିଛନ୍ତି। ସେହିପରି ସସ୍ମିତା ପଟ୍ଟନାୟକ ମହିଳା ଚୟନ କମିଟି ଅଧ୍ୟକ୍ଷା ଏବଂ ଗଙ୍ଗୋତ୍ରୀ ବେହେରା, ଶୁଭ୍ରାଂଶୁବାଳା ଭୂୟାଁ, ଓ ତିଲୋତ୍ତମା ସାହୁ ସଦସ୍ୟା ଅଛନ୍ତି। କୋଚ୍‌ଭାବେ ପୁରୁଷ ୱିଙ୍ଗରେ ସୌରଭ ସେହଗଲ, ବସନ୍ତ ମହାନ୍ତି, ଶୁବିତ ବିଶ୍ୱା, ରଶ୍ମି ରଞ୍ଜନ ଦାସ, ପ୍ରଭଞ୍ଜନ ମଲିକ, ପ୍ରୀତମ୍‌ଜିତ ଦାସ, ସୁରେଶ କୁମାର, ଅସଜିତ୍ ଜୟପ୍ରକାଶମ, ବିଭୁଦତ୍ତ ପଣ୍ଡା, ସଞ୍ଜୟ ଶତପଥୀ, ଦୀପକ ମଙ୍ଗରାଜ, ସଞ୍ଜୀବ ପ୍ରସାଦ, କେ.ଭି. ପ୍ରସାଦ, ପ୍ରଭାତ ନାୟକ, ଶୋଭନ ଦେବ ଓ ଦେବଦତ୍ତ ଲେଙ୍କା ସ୍ଥାନ ପାଇଛନ୍ତି।

# ଆଜି ଭାରତ-ଶ୍ରୀଲଙ୍କା ଫାଇନାଲ



ଟ୍ରଫି ସହ ଦୁଇ ଦଳର ଅଧିନାୟିକା।

## ମହିଳା ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ

**କଲମ୍ବୋ, ୧୦।୫ (ପି.ଟି.)**

ଭାରତ ଦୃଢ଼ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହ ଏଠାରେ ରବିବାର ଖେଳାଯିବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ମହିଳା ଅନ୍ତର୍ଜାତୀୟ ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ ସରିଜ ଫାଇନାଲ ଜିତିବା ଲାଗି ଆଶା ପୋଷଣ କରିଛି। ଇଭେଣ୍ଟରେ ଭାରତ ଥରେ ମାତ୍ର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ପରାଜିତ ହୋଇଛି। କିନ୍ତୁ ହରମନପ୍ରୀତ କୌରଙ୍କ ଦଳ ଏହି ଟୁର୍ନାମେଣ୍ଟରେ ସବୁଠାରୁ ପ୍ରାଧାନ୍ୟବିସ୍ତାର କରି ଖେଳିଥିବା ଦଳ। ଦଳ ୪ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଶ୍ରୀଲଙ୍କା ଦୁଇଟି ବିଜୟ ଏବଂ ସମାନ ସଂଖ୍ୟକ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୪ଟି ଗେମ୍‌ରୁ ମାତ୍ର ଗୋଟିଏ ବିଜୟ ସହ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ମୁକାବିଲା ଜିତିବା ଉଭୟ ଦଳ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏଠାରେ ଭାରତର ଭଲ ପ୍ରଦର୍ଶନ ପଛରେ ମୁଖ୍ୟ କାରଣ ହେଉଛି ଚମତ୍କାର ବ୍ୟାଟିଂ ପ୍ରଦର୍ଶନ। ଭାରତର ଶ୍ରେଷ୍ଠ ବ୍ୟାଟର ଜେମିମା ରୋଡ୍ରିଗ୍ସ ୬୭ ଆଭରେଜରେ ମୋଟ ୨୦୧ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ଏକ ଶତକ (୧୨୩) ରହିଛି। ଅନ୍ୟ ସଫଳ ବ୍ୟାଟରଙ୍କ ମଧ୍ୟରେ ରହିଛନ୍ତି ପ୍ରତୀକା ରାୱଲ (୧୬୪), ସ୍ମୃତି ମନ୍ଧାନା (୧୪୮) ଓ ଦୀପ୍ତି ଶର୍ମା (୧୨୬)। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୀପ୍ତି ୯୩ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ହରମନପ୍ରୀତ ଇଭେଣ୍ଟରେ ଯଦିଓ ଏକ ବଡ଼ ସ୍କୋର କରିପାରି ନାହାନ୍ତି। ସେ ଗତ ତିନୋଟି ମ୍ୟାଚରେ ୪୧*, ୩୦ ଓ ୨୮ ରନ କରିଛନ୍ତି।

# ରାଜ୍ୟ କରାଟେ: ବିଶ୍ୱଦୀପଙ୍କୁ ଡବଲ ସ୍ୱର୍ଣ୍ଣ



ପଦକ ବିଜେତା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ୧୦, ୧୧ ଓ ୧୨ ବର୍ଷ ବୟସ ବର୍ଗ ବାଳିକା ଓ ବାଳକ ବିଭାଗର କାଟା ଓ ଫାଇଟିଂ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଓ ଅମିତ କୁମାର ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କରାଟେକାଙ୍କ ମଧ୍ୟରୁ ବିଶ୍ୱଦୀପ ବେହେରା ଡବଲ ସ୍ୱର୍ଣ୍ଣ ଜିତିଥିବାବେଳେ ବୈଶାଳୀ ପାତ୍ର, ଅଭିଜ୍ଞାନ ଦାଶ, ପ୍ରଣୀତ ଜେନା, ତୁଷାର ପତି, ଭି. ପ୍ରଜ୍ଞାନ, ବୈଷ୍ଣବୀ ବେହେରା, ଅନର୍ଦିତ୍ୟ ସ୍ୱାଇଁ, ଈଶାନି ପଣ୍ଡା, ସମୟ ଶତପଥୀ, ଏମ. ଇଭା, କୈଭବ ପଟ୍ଟନାୟକ, ଶ୍ରେୟା କାନୁନ୍‌ଗୋ, ଆଶୁତୋଷ ପୃଷ୍ଟି, ପ୍ରସ୍ମିତ ମହାନ୍ତି, ଶଶାଙ୍କ ମହାରଣା, ଏମ. ସାଇ ହେମକେଶ, ଆୟୁଷ ଚର୍ଚ୍ଚା, ଦିବ୍ୟାଙ୍ଗନା ସାମନ୍ତରା, ସିଦ୍ଧେଶ୍ୱରୀ ମଲିକ, ଦିବ୍ୟାଂଶୀ ଘଡ଼େଇ ଓ ରାଜେଶ୍ୱରୀ ସିଂ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ମାଧୁରାଙ୍କୁ ବ୍ୟକ୍ତିଗତ ସ୍ୱର୍ଣ୍ଣ

**ଶାଂଘାଇ, ୧୦।୫(ପି.ଟି.)**

ଭାରତୀୟ ତୀରନ୍ଦାଜ୍ ମାଧୁରା ଧମନଗାଁକାର ପ୍ରଥମ ଥର ଏକ ବିଶ୍ୱକପ୍‌ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତଛନ୍ତି। ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୨ରେ ସେ ଏହି ସଫଳତା ହାସଲ କରିଛନ୍ତି। କମ୍ପାଉଣ୍ଡ ବିଭାଗରେ ଭାରତ ଦୁଇ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ ପଦକ ପାଇଛି। ଅଣର୍ୟାଙ୍କିଙ୍ଗ୍‌ପ୍ରାପ୍ତ ମାଧୁରା ଗତ ୩ ବର୍ଷ ହେଲା ଉପେକ୍ଷିତ ହୋଇଆସୁଥିଲେ। ମାଧୁରା ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ)ର କାର୍ସନ କ୍ରାହେଙ୍କୁ ୧୩୯-୧୩୮ରେ ପରାସ୍ତକରି ପୋଡିୟମରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମହାରାଷ୍ଟ୍ର ରାଜ୍ୟର ଅମରାବତୀର ୨୪ ବର୍ଷୀୟ ଏହି ତୀରନ୍ଦାଜ୍ ପୂର୍ବରୁ ଏକ ଟିମ୍ ରୌପ୍ୟ ଓ ଏକ ମିକ୍ସଡ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ ପାଇଁ ବୁଝାମଣା

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ। ଏନେଇ ଶୁକ୍ରବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବ। କ୍ରୀଡ଼ା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଥିବା କିଟ୍ ଓ କିସ୍ ସହ ଲିଆଣ୍ଡର ସହବନ୍ଧିତ ହୋଇ କ୍ରୀଡ଼ାକୁ ଆହୁରି ଆଗକୁ ନେବା ପାଇଁ ଆଗଭର ହୋଇଛନ୍ତି। ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲିମ୍ପିଆନ, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତର ପ୍ରଥମ ଏସୀୟ ପୁରୁଷ ଖେଳାଳି, ଯିଏ କି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ସେ ୮ଟି ପୁରୁଷ ଡବଲ୍ସ ଏବଂ ୧୦ଟି ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି।



ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଅଚ୍ୟୁତ ସାମନ୍ତ, ଲିଆଣ୍ଡର ପେସ୍ ଓ ଅନ୍ୟମାନେ।

ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି କହିଛନ୍ତ। ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର କ୍ରୀଡ଼ାବିତ୍‌ଙ୍କୁ ଆଣି ଏହି ଏକାଡେମୀ ମାଧମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ। କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମୀ କରିବାକୁ ଯାଉଥିବାରୁ ବହୁତ ଖୁସି ବୋଲି ଲିଆଣ୍ଡର କହିଛନ୍ତି। ଅନ୍ୟ ପକ୍ଷରେ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି। ପଦ୍ମଭୂଷଣ ଲିଆଣ୍ଡରଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ଆଇପିଏଲ୍ ବିଦେଶୀ ଖେଳାଳିଙ୍କ ଘରବାହୁଡ଼ା

**ନୂଆଦିଲ୍ଲୀ, ୧୦।୫ (ପି.ଟି.):** ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ହାଇ-ପ୍ରୋଫାଇଲ ଟି୨୦ ଲିଗ୍ ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯିବା ପରେ ବିଭିନ୍ନ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରୁଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱଦେଶ ଫେରିଛନ୍ତି। ପଡ଼ୋଶୀ ଜମ୍ମୁ ଓ ପଠାନ୍‌କୋଟ ସହରରେ ବିମାନ ଆକ୍ରମଣର ଚେତାବନୀ ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଧର୍ମଶାଳାରେ ଗତ ଗୁରୁବାର ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌କୁ ଅଧାରୁ ବାତିଲ କରିଦିଆଯାଇଥିଲା। ଏହାର ପରଦିନ ଶୁକ୍ରବାର ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଗଲା। ଟୁର୍ନାମେଣ୍ଟ ସସ୍‌ପେଣ୍ଡ ପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକର ଖେଳାଳିମାନେ ଘରବାହୁଡ଼ା ଆରମ୍ଭ କରିଦେଇଥିଲେ। ବିଦେଶୀ ଖେଳାଳିମାନେ ମଧ ସେମାନଙ୍କ ଦେଶକୁ ଫେରିଯାଉଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) କହିଛି, ଏହାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ସୁରକ୍ଷିତ ଭାବେ ବେଙ୍ଗାଲୁରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଘରମୁହାଁ ହୋଇଛନ୍ତି। ଆର୍‌ସିବିର ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଟିମ୍ ଡେଭିଡ, ଲିଆମ ଲିଭିଂଷ୍ଟୋନ, ଜାକବ ବେଥେଲ, ରୋମାରିଓ ଶେଫର୍ଡ, ଫିଲିପ ସଲ୍ଟ, ଜୋଶ ହାଜେଲଉଡ୍, ଲୁଙ୍ଗି ଏନ୍‌ଗିଡ଼ି ଓ ନୁୱାନ ଧୁଶାରା। ଦଳର ବିଦେଶୀ ଷ୍ଟାଫ୍‌ଙ୍କ ମଧ୍ୟରେ ରହିଛନ୍ତି ମୁଖ୍ୟ କୋଚ୍ ଆଣ୍ଡି ଫ୍ଲାୱାର, ବୋଲିଂ କୋଚ୍ ଆଡାମ ଗ୍ରିଫିଥ୍, କ୍ରିକେଟ ଅପରେଶନ ଡାଇରେକ୍ଟର ମୋ ବୋବାଟ୍, ଟିମ୍ ଫିଜିଓ ଇଭାନ ସ୍ପିଚ୍‌ଲି ଓ ଆନାଲିଷ୍ଟ ଫ୍ରିଦି ୱାଇଲ୍ଡ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଜଣେ ଅଫିସିଆଲ ସୂଚନା ଦେଇ କହିଛନ୍ତି, ସେମାନଙ୍କର କିଛି ବିଦେଶୀ ଖେଳାଳି ଶନିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅନ୍ୟମାନେ ଭାରତରେ ରହିବାକୁ ପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସମ୍ପୃକ୍ତ କର୍ତ୍ତୃପକ୍ଷ ଏବଂ ଅଂଶୀଦାରଙ୍କ ସହ ପରାମର୍ଶ ସହ ପରିସ୍ଥିତିର ଅନୁଧ୍ୟାନ ପରେ ଠିକଣା ସମୟରେ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ, କାର୍ଯ୍ୟସୂଚୀ ଓ ଭେନ୍ୟୁ ସମ୍ପର୍କରେ ଜଣାଇ ଦିଆଯିବ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ